# ଧରିତ୍ରୀ DHARITRI

ଢେଙ୍କାନାଳ, ରବିବାର, ୧୬ ଫେବୃୟାରୀ, ୨୦୨୦ (୨୦ ପୃଷ୍ଠା + ଛୁଟିଦିନ) Dhenkanal, Sunday, 16 February, 2020 ★★★★★

୧୬ଶ ଭାଗ ୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ୟୁଟ୍ୟୁବ୍ ଚ୍ୟାନେଲ ଲଞ୍ଚ କଲେ ଗୋବିନ୍ଦା**

ବଲିଉଡ୍‌ରେ ଦର୍ଶକଙ୍କ ମନୋରଞ୍ଜନ କରିଆସୁଥିବା ଗୋବିନ୍ଦା ନିଜର ଏକ ୟୁଟ୍ୟୁବ୍ ଚ୍ୟାନେଲ ଲଞ୍ଚ କରିଛନ୍ତି। ସମୟ ସହିତ ତାଳ ଦେଇ ନିଜକୁ ଡିଜିଟାଲ କରିଛନ୍ତି ସେ।

୦୨

୧୮

**ଭାୱାନାଙ୍କୁ ଅଲିମ୍ପିକ ଯୋଗ୍ୟତା**

ଭାୱାନା ଜାଟ୍ ୨୦ କିଲୋମିଟର ଚାଲି ଇଭେଣ୍ଟରେ ଜାତୀୟ ରେକର୍ଡ ଭଙ୍ଗ କରିବା ସହ ୨୦୨୦ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି।



# ଅନୁପଙ୍କ ଡ୍ରାଇଭର ଗିରଫ

## କଳ୍ପନା, ବବ୍‌ଲି ହତ୍ୟା ଘଟଣା

- ଗୁପ୍ତସ୍ଥାନରେ ରଖି ପୋଲିସର ପଚରାଉଚରା
- ବର୍ଦ୍ଧନ ନିର୍ଦ୍ଦୋଷ କହିଲେ ସ୍ତ୍ରୀ, ଝିଅ
- ସୁନ୍ଦରଗଡ଼ର ମୂଳ ବାସିନ୍ଦା ବର୍ଦ୍ଧନ
- ୧୪ବର୍ଷ ହେବ ଅନୁପଙ୍କ ଗାଡ଼ି ଚାଳକ ଥିଲେ



ଗିରଫ ଡ୍ରାଇଭର ବର୍ଦ୍ଧନ ଟପ୍ପୋ।

ଝାରସୁଗୁଡ଼ା ଅଫିସ, ୧୫।୨

ଛତିଶଗଡ଼ର ହମିରପୁର ଜଙ୍ଗଲରେ ଓଡ଼ିଶାର କଳ୍ପନା ଦାଶ (୩୨) ଓ ତାଙ୍କ ଝିଅ ବବ୍‌ଲି (୧୩) ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରାଯାଇଛି। ସେ ହେଲେ ଏହି ଡବଲ ମର୍ଡର ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋ। ହତ୍ୟା ଘଟଣାରେ ଅନୁପଙ୍କ ସହିତ ବର୍ଦ୍ଧନ ସମ୍ପୃକ୍ତ ଥିବା ସ୍ପଷ୍ଟ ହେବା ପରେ ଛତିଶଗଡ଼ର ରାୟଗଡ଼ ଜିଲା ଚକ୍ରଧରନଗର ଥାନା ପୋଲିସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୁନ୍ଦରଗଡ଼ ଜିଲାର ମୂଳ ବାସିନ୍ଦା ବର୍ଦ୍ଧନ ଗତ ୧୪ ବର୍ଷ ହେବ ଅନୁପଙ୍କ ଗାଡ଼ି ଚାଳକ ଭାବେ କାମ କରୁଥିଲେ।

ଅନୁପଙ୍କୁ ଚକ୍ରଧରନଗର ଥାନା ପୋଲିସ ବୁଧବାର ରାତିରେ ଝାରସୁଗୁଡ଼ାରୁ ଉଠାଇ ନେଇଥିଲା। ଏହି ଡବଲ ମର୍ଡର ଘଟଣାରେ ସେ ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡିବା ପରେ ପୋଲିସ ଗୁରୁବାର ରାତିରେ ତାଙ୍କୁ ଗିରଫ କରିଥିଲା। ଗୁରୁବାର ଦିନ ତମାମ ତାଙ୍କୁ ଏନେଇ ପୋଲିସ ପଚରାଉଚରା ପରେ ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଥିଲା। ହତ୍ୟାକାଣ୍ଡର କାରଣ କ'ଣ ଓ କିଭଳି ଭାବେ ଅନୁପ ଏହି ନାରକୀୟକାଣ୍ଡ ଘଟାଇଥିଲେ ସେ ସମ୍ପର୍କରେ ସେ ପୋଲିସକୁ ସୂଚନା ଦେଇଥିଲେ। ଏଥିରେ ତାଙ୍କୁ ତାଙ୍କ ଡ୍ରାଇଭର ବର୍ଦ୍ଧନ ସହଯୋଗ କରିଥିଲେ ବୋଲି ଅନୁପ ପୋଲିସ ଆଗରେ ସ୍ପଷ୍ଟ କରିଥିଲେ। ଏହାପରେ ପୋଲିସ ଡ୍ରାଇଭର ବର୍ଦ୍ଧନଙ୍କୁ ତାଙ୍କ ବ୍ରଜରାଜନଗର ରାଜପୁର ପଞ୍ଚାୟତ ଅନ୍ତର୍ଗତ ବଘରାଚକାସ୍ଥିତ ଘରୁ ଶୁକ୍ରବାର ରାତିରେ ଉଠାଇ ନେଇଥିଲା। ପଚରା ଉଚୁରା ପରେ ପୋଲିସ ତାଙ୍କୁ ଗିରଫ କରିଛି। ଜେରା ବେଳେ ଅନୁପ କେବଳ ବର୍ଦ୍ଧନଙ୍କ ନାଁ ନେଇଥିଲେ। ପୋଲିସ କିନ୍ତୁ ଏହି ଘଟଣାରେ ଏକାଧିକ ବ୍ୟକ୍ତି ସାମିଲ ଥିବା ସନ୍ଦେହ କରୁଛି। ସେଥିପାଇଁ ଶନିବାର ଦିନସାରା ପୋଲିସ ବର୍ଦ୍ଧନଙ୍କୁ କୌଣସି ଏକ ଗୁପ୍ତସ୍ଥାନରେ ରଖି ପଚରା ଉଚରା କରୁଛି। ତେବେ ବର୍ଦ୍ଧନଙ୍କଠାରୁ ପୋଲିସ କ'ଣ ତଥ୍ୟ ପାଇଛି ସେ ନେଇ କିଛି ଜଣାପଡି ନାହିଁ। ଅନ୍ୟପକ୍ଷେ ବର୍ଦ୍ଧନଙ୍କ ସ୍ତ୍ରୀ ଓ ଝିଅ ଏ ନେଇ ଭାଙ୍ଗି ପଡିଛନ୍ତି। ବର୍ଦ୍ଧନ ନିର୍ଦ୍ଦୋଷ ବୋଲି ସେମାନେ କହିବା ସହ ପୋଲିସ ଠିକ ଭାବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୬ ମେ ୭ରେ ଚକ୍ରଧରନଗର ☞ପୃଷ୍ଠା-୪

**ତଦନ୍ତ ପାଇଁ ଆସିବ ଛତିଶଗଡ଼ ପୋଲିସ** ପୃଷ୍ଠା-୩

# ଟ୍ରମ୍ପଙ୍କ ୩ ଘଣ୍ଟା ପାଇଁ ଖର୍ଚ୍ଚ ହେବ ୧୦୦ କୋଟି

ନୂଆଦିଲ୍ଲୀ, ୧୫।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆସନ୍ତା ୨୪ରୁ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି। ଏହି ହାଇପ୍ରୋଫାଇଲ ଗସ୍ତ ପାଇଁ ସରକାର ବିପୁଳ ଅର୍ଥ ବ୍ୟୟ କରୁଥିବା ଜଣାପଡିଛି। ରିପୋର୍ଟ ଅନୁଯାୟୀ ୨୪ରେ ଟ୍ରମ୍ପ୍ ଅହମଦାବାଦ ଗସ୍ତରେ ଯାଇ ସେଠାରେ ୩ ଘଣ୍ଟା ବିତାଇବେ। ତାଙ୍କୁ ସ୍ୱାଗତ କରିବା ପାଇଁ ଗୁଜରାଟ ସରକାର ୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିବାକୁ ଯାଉଛନ୍ତି। ଏଥିପାଇଁ ପ୍ରସ୍ତୁତି ପୂରାଦମ୍‌ରେ ଚାଲିଛି। ଟ୍ରମ୍ପଙ୍କ ସ୍ୱାଗତ କାର୍ଯ୍ୟକ୍ରମରେ ଅର୍ଥ ବାଧକ ହେବା ଉଚିତ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ ବିଜୟ ରୁପାନି କହିଛନ୍ତି। ଅହମଦାବାଦରେ ରାସ୍ତା ମରାମତି ଓ ସହର ସୌନ୍ଦର୍ଯ୍ୟକରଣ ଦାୟିତ୍ୱ ମ୍ୟୁନିସିପାଲ କର୍ପୋରେଶନ ଏବଂ ଅହମଦାବାଦ ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ (ଏୟୁଡିଏ)କୁ ଦିଆଯାଇଛି। ୧୭ଟି ରାସ୍ତାର ମରାମତି ଓ ବିମାନବନ୍ଦରରୁ ମୋଟେରା ଷ୍ଟାଡିୟମ୍ ୧.୫ କିଲୋମିଟର ରାସ୍ତା ସୌନ୍ଦର୍ଯ୍ୟକରଣ ପାଇଁ ୬୦ କୋଟି ମଞ୍ଜୁର ହୋଇଛି। ଏହାବ୍ୟତୀତ ଅନ୍ୟ ରାସ୍ତା ପାଇଁ ୨୬ କୋଟି ବ୍ୟୟ ହେବ। ସବୁ ବିଭାଗକୁ ଠିକ୍ ସମୟରେ ପ୍ରସ୍ତୁତି ଶେଷ କରିବାକୁ କୁହାଯାଇଛି।

# ବାଚସ୍ପତିଙ୍କ ରୁଲିଂକୁ ନେଇ ଝଡ଼

- ବିରୋଧୀଙ୍କ ହଙ୍ଗାମା, ଗୃହ କାର୍ଯ୍ୟ ବରବାଦ
- ବାଚସ୍ପତି ଡାକିଲେ ସର୍ବଦଳୀୟ ବୈଠକ
- ମାରାଥନ ଆଲୋଚନା ପରେ ସ୍ୱାଭାବିକ ହେଲା ସ୍ଥିତି
- ୯ ଥର ଗୃହ ମୁଲତବୀ



ଭୁବନେଶ୍ୱର, ୧୫।୨ (ବ୍ୟୁରୋ)

ବିରୋଧୀଙ୍କ ପ୍ରଚଣ୍ଡ ଆକ୍ରମଣରେ ଶନିବାର ପ୍ରଶ୍ନକାଳ, ମୁଲତବୀ, ଧନ୍ୟବାଦ ପ୍ରସ୍ତାବ ଆଲୋଚନା ସବୁକିଛି ବାଏଁ ବାଏଁ ଉଡିଯାଇଛି। ଦିନ ତମାମ ବିରୋଧୀ ଦଳ ସଦସ୍ୟମାନେ ଗୃହକୁ ନିଜ କବ୍‌ଜାକୁ ନେଇ ଯାଇଥିଲେ। ହଇଗୋଳ ଓ ନାରାବାଜିରେ ବିଧାନସଭା ଫାଟି ପଡିଥିଲା। ଗୃହର ମଧ୍ୟଭାଗରେ ବିରୋଧୀ ଦଳ ହଙ୍ଗାମା କଲେ ତାହା ଗଣମାଧ୍ୟମରେ ପ୍ରକାଶ ପାଇବ ନାହିଁ। ଶୁକ୍ରବାର ବାଚସ୍ପତି ଦେଇଥିବା ଏଭଳି ରୁଲିଂକୁ ନେଇ ବିଧାନସଭାରେ ଝଡ଼ ସୃଷ୍ଟି ହୋଇଛି। ବିରୋଧୀ ଦଳ ସଦସ୍ୟମାନେ ରୁଲିଂକୁ ବିରୋଧ କରି ଗୃହକୁ ସମ୍ପୂର୍ଣ୍ଣ ଅଚଳ କରି ଦେଇଛନ୍ତି। ଶନିବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉଭୟ ଭାଜପା ଓ କଂଗ୍ରେସର ସଦସ୍ୟମାନେ ଏହି ପ୍ରସଙ୍ଗକୁ ନେଇ ବିଧାନସଭାରେ ତୁମ୍ବିତୋଫାନ କରିଛନ୍ତି। ବାଚସ୍ପତି ତୁରନ୍ତ ଏଭଳି ରୁଲିଂକୁ ପ୍ରତ୍ୟାହାର କରନ୍ତୁ ବୋଲି ସେମାନେ ଦାବି କରିଥିଲେ। ରୁଲିଂ ପ୍ରତ୍ୟାହାର ନ ହେବା ଯାଏ ଗୃହ ଚଳାଇ ଦେବୁ ନାହିଁ। ଏଭଳି ରୁଲିଂ ଅଗଣତାନ୍ତ୍ରିକ ଏବଂ ବିରୋଧୀଙ୍କ କଣ୍ଠରୋଧ କରିବାର ଏକ ପ୍ରୟାସ ବୋଲି ଉଭୟ ଦଳର ସଦସ୍ୟମାନେ ଅଭିଯୋଗ କରିଥିଲେ। ଏହି ପ୍ରସଙ୍ଗକୁ ନେଇ ବିଧାନସଭାରେ ବିରୋଧୀ ସଦସ୍ୟମାନେ ହଙ୍ଗାମା କରିବାରୁ ଦିନତମାମ ଗୃହକାର୍ଯ୍ୟ ବରବାଦ ହୋଇଯାଇଛି। ବାଧହୋଇ ବାଚସ୍ପତି ବିଭିନ୍ନ ପର୍ଯ୍ୟାୟରେ ସନ୍ଧ୍ୟା ୬ଟା ୫୦ ଯାଏ ମୁଲତବୀ ଘୋଷଣା କରିଥିଲେ। ଗୃହ କାର୍ଯ୍ୟକୁ ସ୍ୱାଭାବିକ କରିବାକୁ ଅପରାହ୍ନରେ ସର୍ବଦଳୀୟ ବୈଠକ ଡାକିଥିଲେ। ମାରାଥନ ଆଲୋଚନା ପରେ ବାଚସ୍ପତି ବିରୋଧୀଙ୍କ ଦାବି ନିକଟରେ ହାର ମାନିଛନ୍ତି। ରୁଲିଂ କେବଳ ଗୋଟିଏ ଦିନ ପାଇଁ ଥିଲା ବୋଲି ବାଚସ୍ପତି ଘୋଷଣା ☞ପୃଷ୍ଠା-୪

# ବାଙ୍କୀରେ ଡବଲ ମର୍ଡର

## ସରପଞ୍ଚଙ୍କ ସ୍ୱାମୀ, ଖବରଦାତାଙ୍କୁ ଗୋଡ଼େଇ ହାଣିଲେ ଦୁର୍ବୃତ୍ତ



ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ପୋଲିସ ହତ୍ୟାକାଣ୍ଡର ତଦନ୍ତ କରୁଛି।

ବାଙ୍କୀ, ୧୫।୨ (ସ୍ୱ.ପ୍ର.)

କଟକ ଜିଲାର ବାଙ୍କୀରେ ଘଟିଛି ଡବଲ ମର୍ଡର। ବରପୁଟ ପଞ୍ଚାୟତର ଜୋକଲାଣ୍ଡି ପ୍ରକଳ୍ପ ନିକଟରେ ଖଜୁରିପଦା ନୂଆଗାଁ ପଞ୍ଚାୟତ ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସ୍ୱାଇଁ ଓ ଖବରଦାତା ଆଦିତ୍ୟ ରଣସିଂହଙ୍କୁ ଶନିବାର ଅପରାହ୍ନରେ ଗୋଡାଇ ଗୋଡାଇ ହତ୍ୟା କରାଯାଇଛି। ଆଦିତ୍ୟଙ୍କ ଘର ଖଜୁରିପଦା ଗ୍ରାମରେ ହୋଇଥିବାବେଳେ ସେ ଏକ ୱେବ ପୋର୍ଟାଲରେ ଖବରଦାତା ଭାବେ କାର୍ଯ୍ୟ କରୁଥିଲେ। ଅପରାହ୍ନରେ ଉଭୟେ ଏକ ବାଇକ୍‌ରେ ବାଙ୍କୀ ଟାଉନ୍‌ରୁ ଗାଁକୁ ଫେରୁଥିଲେ। ଏହି ସମୟରେ ଜୋକଲାଣ୍ଡି ପ୍ରକଳ୍ପ ନିକଟରେ ପୂର୍ବରୁ କେତେଜଣ ଦୁର୍ବୃତ୍ତ ଲୁଚି ରହିଥିଲେ। ଭଗବାନ ଓ ଆଦିତ୍ୟ ପ୍ରକଳ୍ପ ନିକଟରେ ପହଞ୍ଚିବା କ୍ଷଣି ଦୁର୍ବୃତ୍ତମାନେ ବିଭିନ୍ନ ମାରଣାସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଆକ୍ରମଣରେ ଉଭୟ ଗୁରୁତର ହୋଇଥିବାବେଳେ ଆଦିତ୍ୟଙ୍କ ଡାହାଣ ଗୋଡ଼ କଟିଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଏକ ବୋଲେରୋରେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଆଦିତ୍ୟଙ୍କୁ ମୃତ ଘୋଷଣା କରିଥିଲେ। ଭଗବାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲା। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଖବରପାଇ ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ ଓ ବାଙ୍କୀ ଥାନା ଅଧିକାରୀ ସମୀର କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଚଳାଇଛନ୍ତି। ଏନେଇ ଥାନାରେ ମାମଲା (ନଂ.୩୭/୨୦) ରୁଜୁ କରାଯାଇଛି। ଆଦିତ୍ୟଙ୍କ ମୃତଦେହ ଜବତ କରି ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି। ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଥିବାବେଳେ ଏହି ଘଟଣା ବାଙ୍କୀରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଆଇଆଇସି ପଣ୍ଡା କହିଛନ୍ତି, ତଦନ୍ତ ଆରମ୍ଭ ହୋଇଛି। ଫେରାର୍ ଅଭିଯୁକ୍ତଙ୍କୁ ଧରିବା ନିମନ୍ତେ ଉଦ୍ୟମ ଜାରି ରହିଛି।







**ଆଜିର ସମ୍ପାଦକୀୟ**

ବିଫଳ ଯୋଜନା

**ଆଜିର ମନ୍ତବ୍ୟ**

"ଜ୍ୟୋତିରାଦିତ୍ୟ ସିନ୍ଧିଆ ରାସ୍ତାକୁ ଓହ୍ଲାଇଲେ ବି କିଛି ଫରକ ପଡ଼ିବ ନାହିଁ।

-କମଲନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

ଭାରତ ପ୍ରାୟ ୪୦% ଅର୍ଗାନିକ କେମିକାଲ ଚାଇନାରୁ ଆମଦାନୀ କରୁଛି।

– ବାଣିଜ୍ୟ ମନ୍ତ୍ରଣାଳୟ


Vencobb Fresh Chicken

15.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 50 | 93 | 103 |
| CTC | 51 | 94 | 104 |
| DKL | 52 | 96 | 106 |
| BDK | 55 | 100 | 110 |
| BLS | 57 | 102 | 112 |
| ANG | 52 | 96 | 106 |
| BHM | 50 | 93 | 103 |

*Conditions Apply

Issued in the Interest of Consumers


# ଛାତ୍ରୀଙ୍କ ପ୍ୟାଣ୍ଟ ଖୋଲିଲେ ଶିକ୍ଷୟିତ୍ରୀ

## ଥାନାରେ ଦୋଷ ସ୍ୱୀକାର ପରେ ସମାଧାନ

ବ୍ରହ୍ମପୁର ଅଫିସ, ୧୫।୨

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଏକ ଘରୋଇ ସ୍କୁଲରେ ଶନିବାର ଅଭାବନୀୟ ଘଟଣା ଘଟିଛି। ଶ୍ରେଣୀ ଗୃହରେ ଜଣେ ଛାତ୍ରୀଙ୍କ ପ୍ୟାଣ୍ଟ(ଲେଗିଙ୍ଗସ୍) ଶିକ୍ଷୟିତ୍ରୀ ଖୋଲି ଦେବାରୁ ମାମଲା ଥାନାକୁ ଯାଇଛି। ଏହାକୁ ନେଇ ଛାତ୍ରୀଙ୍କ ବାପା ସ୍କୁଲରେ ପହଞ୍ଚି ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସ୍କୁଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ପୋଲିସ ପହଞ୍ଚି ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଥାନାକୁ ଆଣିଥିଲା।

ଘଟଣାରୁ ପ୍ରକାଶ, ବ୍ରହ୍ମପୁରର ଏକ ଘରୋଇ ସ୍କୁଲ ୟୁନିଫର୍ମ ଶନିବାର ଧଳା ଥିବାବେଳେ ଜଣେ ଛାତ୍ରୀ ଧଳା ଫ୍ରକ୍ ଓ କଳାରଙ୍ଗର ପ୍ୟାଣ୍ଟ(ଲେଗିଙ୍ଗସ୍) ପିନ୍ଧିଥିଲେ। କ୍ଲାସ ଆରମ୍ଭ ବେଳେ ଛାତ୍ରୀ ପିନ୍ଧିଥିବା କଳା ରଙ୍ଗର ପ୍ୟାଣ୍ଟକୁ ଏହା ସ୍କୁଲ ୟୁନିଫର୍ମ ନୁହେଁ ବୋଲି କହି ଜଣେ ଶିକ୍ଷୟିତ୍ରୀ ତାକୁ ଖୋଲି ଦେଇଥିଲେ। ଭୟରେ ଛାତ୍ରୀ ଜଣଙ୍କ କାହାକୁ କିଛି ନ କହି ଚୁପ ହୋଇ କ୍ଲାସରେ ବସିଥିଲେ। ସ୍କୁଲରୁ ଫେରିବା ବେଳେ ସେ ତାଙ୍କ ବାପାଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଛାତ୍ରୀଙ୍କ ବାପା ଜଣେ ଆଇନଜୀବୀ ହୋଇଥିବାରୁ ସେ ଅଧ୍ୟକ୍ଷଙ୍କୁ ଘଟଣା ବିଷୟରେ ପଚାରିଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଜଣକ ଥାନାରେ ଲିଖିତ ଆକାରରେ ଦୋଷ ସ୍ୱୀକାର କରିବା ସହ ଭବିଷ୍ୟତରେ ଏଭଳି ଭୁଲ କରିବେ ନାହିଁ ବୋଲି କହିଥିଲେ। ଶେଷରେ ଏହାର ଆପୋସ ବୁଝାମଣାରେ ସମାଧାନ ହୋଇଥିବା ପୋଲିସ କହିଛି।

**ମଧ୍ୟପ୍ରଦେଶ କଂଗ୍ରେସରେ ଫାଟ** ........୯........

**ସ୍କୁଲ ଭ୍ୟାନ୍‌ରେ ନିଆଁ: ଜଳିଗଲେ ୪ ଶିଶୁ** ........୩........

## ପ୍ରେମ ସପ୍ତାହ ପରେ ଆଣ୍ଟି ଭାଲେଣ୍ଟାଇନ ୱିକ୍

ଫେବୃୟାରୀ ୭ରୁ ୧୪ ମଧ୍ୟରେ ଭାଲେଣ୍ଟାଇନ ୱିକ୍ ବା ପ୍ରେମ ସପ୍ତାହ ପାଳିତ ହୋଇଥାଏ। ତେବେ ଏହାପରେ ଫେବୃୟାରୀ ୧୫ରୁ ୨୧ ପର୍ଯ୍ୟନ୍ତ ଆଣ୍ଟି ଭାଲେଣ୍ଟାଇନ ୱିକ୍ ପାଳିତ ହୋଇଥାଏ। କେତେକ ଏହାକୁ ବିଶେଷ ଗୁରୁତ୍ୱ ଦେଇ ନ ଥାନ୍ତି। କ୍ରମାନ୍ୱୟରେ ଫେବୃୟାରୀ ୧୫ରେ ସ୍ଲାପ୍ ଡେ, ୧୬ରେ କିକ୍ ଡେ, ୧୭ରେ ପର୍‌ଫ୍ୟୁମ ଡେ, ୧୮ରେ ଫ୍ଲିଟିଙ୍ଗ ଡେ, ୧୯ରେ କନ୍‌ଫେସନ ଡେ, ୨୦ରେ ମିସିଙ୍ଗ ଡେ ଏବଂ ୨୧ରେ ବ୍ରେକ୍ ଅପ ଡେ ପାଳନ କରାଯାଇଥାଏ।

# ୧୪ ବର୍ଷ ଜେଲରେ କାଟିଥିବା ବ୍ୟକ୍ତି ଏବେ ଏମ୍‌ବିବିଏସ୍



**କାଲାବୁରାଗି:** କର୍ନାଟକ କାଲାବୁରାଗି ଅଫଜଲପୁରାର ସୁଭାଷ ପାଟିଲ(୪୦) ନାମକ ଜଣେ ବ୍ୟକ୍ତି ଜେଲରେ ୧୪ ବର୍ଷ ରହିବା ପରେ ବି ନିଜ ସ୍ୱପ୍ନକୁ ସାକାର କରିପାରିଛନ୍ତି। ପିଲାଟି ଦିନରୁ ଡାକ୍ତର ହେବାର ସ୍ୱପ୍ନ ଦେଖିଥିବା ସୁଭାଷ ଜେଲରୁ ଫେରିବା ପରେ ଏବେ ଏମ୍‌ବିବିଏସ ଶିକ୍ଷା ସମାପ୍ତ କରିଛନ୍ତି। ସୂଚନାଯୋଗ୍ୟ, ୧୯୯୭ରେ ସେ ଏମ୍‌ବିବିଏସ ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ହେଲେ ୨୦୦୨ରେ ଏକ ହତ୍ୟା ମାମଲାରେ ତାଙ୍କୁ ଜେଲ ଯିବାକୁ ପଡିଥିଲା। ସେଠାରେ ଥିବା ସମୟରେ ସେ ଜେଲ ଓପିଡିରେ କାମ କରିଥିଲେ। ତାଙ୍କର ଭଲ ବ୍ୟବହାର ପାଇଁ ୨୦୧୬ରେ ସେ ଜେଲରୁ ମୁକୁଳିଥିଲେ। ଆଉ ୨୦୧୯ରେ ସେ ଏମ୍‌ବିବିଏସ ଶେଷ କରିଥିବା କହିଛନ୍ତି। ଚଳିତ ମାସରେ ଏମ୍‌ବିବିଏସ ଡିଗ୍ରୀ ପାଇଁ ଆବଶ୍ୟକ ଥିବା ଗୋଟିଏ ବର୍ଷର ବାଧ୍ୟତାମୂଳକ ଇର୍ଣ୍ଣସିପ ସମାପ୍ତ କରିଛନ୍ତି ସୁଭାଷ। ସୂଚନାଯୋଗ୍ୟ, ୨୦୦୨ରେ ସୁଭାଷଙ୍କୁ ଏକ ହତ୍ୟା ମାମଲାରେ ଗିରଫ କରାଯାଇଥିବା ବେଳେ ୨୦୦୬ରେ ତାଙ୍କୁ ଆଜୀବନ କାରାଦଣ୍ଡ ନିର୍ଦ୍ଦେଶ ଦେଇଥିଲେ କୋର୍ଟ। ୨୦୧୬ ସ୍ୱାଧିନତା ଦିବସରେ ତାଙ୍କୁ ଜେଲରୁ ମୁକ୍ତ କରିଦିଆଯାଇଥିଲା।

# ୨୪ ଘଣ୍ଟା ପର୍ଯ୍ୟନ୍ତ ଶରୀର ବାହାରେ ସୁରକ୍ଷିତ ରହିପାରିବ ମାନବ ହୃଦୟ



**ଲଣ୍ଡନ:** ଏବେ ହାର୍ଟ ଟ୍ରାନ୍ସପ୍ଲାଣ୍ଟ କରିବା ସହଜ ହୋଇପାରିବ। ଶରୀର ବାହାରେ ନୂତନ ଜ୍ଞାନକୌଶଳ ଦ୍ୱାର ୨୪ ଘଣ୍ଟା ସୁରକ୍ଷିତ ରଖାଯାଇପାରିବ। କେତେକ କୃତ୍ରିମ ଉପକରଣ ସହାୟତାରେ ଏଭଳି କରାଯାଇପାରିବ। ପରୀକ୍ଷାମୂଳକ ଭାବେ ଘୁଷୁରିର ହୃଦୟକୁ ୨୪ ଘଣ୍ଟା ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇପାରିଛି। ଉତ୍ତର କୋରୋଲିନାର ଡୁରହାମ୍‌ରେ ଥିବା ଡ୍ୟୁକ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଏଭଳି ଗବେଷଣା କରି ବେଶ ସଫଳ ରହିଛନ୍ତି। ଏସମ୍ପର୍କିତ ୧୮ ସେକେଣ୍ଡର ଏକ ଭିଡ଼ିଓ ମଧ୍ୟ ସୋସିଆଲ ମିଡ଼ିଆରେ ଶେୟାର କରାଯାଇଛି।

# ୟୁଟ୍ୟୁବ୍ ଚ୍ୟାନେଲ୍ ଲଞ୍ଚ୍ କଲେ ଗୋବିନ୍ଦା

**ମୁମ୍ବାଇ:** ୮୦ ଦଶକରୁ ବହୁମୁଖୀ ପ୍ରତିଭା ଯୋଗେ ଦର୍ଶକଙ୍କ ମନୋରଞ୍ଜନ କରିଆସୁଥିବା ଗୋବିନ୍ଦା ନିଜର ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ଲଞ୍ଚ କରିଛନ୍ତି। ସମୟ ସହିତ ତାଳ ଦେଇ ନିଜକୁ ଡିଜିଟାଲ କରିଛନ୍ତି ଗୋବିନ୍ଦା। ବର୍ତ୍ତମାନ ତାଙ୍କ ହାତରେ କୌଣସି ଫିଲ୍ମ ନ ଥିବାରୁ ସମୟର ସଦୁପଯୋଗ କରିବାକୁ ଆଗେଇ ଆସିଛନ୍ତି। ଦର୍ଶକଙ୍କ ସହିତ ସିଧାସଳଖ ଯୋଡ଼ି ହେବାକୁ 'ଗୋବିନ୍ଦା ନଂ-୧' ନାମରେ ଏକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲିଛନ୍ତି। ଏହି ଚ୍ୟାନେଲ ଜରିଆରେ ଗୋବିନ୍ଦା ନିଜେ ଗାଇଥିବା କିଛି ଗୀତ ଏବଂ ଅନ୍ୟାନ୍ୟ ପ୍ରତିଭା ପ୍ରଦର୍ଶିତ କରିବେ। ଭାଲେଣ୍ଟାଇନ୍ସ ଡେ'ରେ ନିଜେ ଗାଇଥିବା ଗୀତ 'ଚଲ୍‌ନା ରୋମାନ୍ସ କରେ' ଏବଂ 'ତୁ ମେରୀ ଡ୍ରିମ୍ କମ୍ ଟ୍ରୁ ହେଁ' ପୋଷ୍ଟ କରିଛନ୍ତି। ନିଜର ନୂତନ କ୍ୟାରିୟର ନେଇ ଗୋବିନ୍ଦା କୁହନ୍ତି, ଏହି ୟୁଟ୍ୟୁବ୍ ଚ୍ୟାନେଲ ଜରିଆରେ ଦର୍ଶକଙ୍କୁ ନିୟମିତ ମନୋରଞ୍ଜନର ଖୋରାକ ଯୋଗାଇବେ। ମୋ'ର ବିଶ୍ୱାସ ମୋତେ ଦର୍ଶକଙ୍କ ଢେରସାରା ଭଲପାଇବା ଏବଂ ଆଶୀର୍ବାଦ ମିଳିବ। ଗୋବିନ୍ଦାଙ୍କ ପୂର୍ବରୁ ଆଲିଆ ଭଟ୍ଟ, ପ୍ରିୟଙ୍କା ଚୋପ୍ରା, ଜ୍ୟାକ୍‌ଲିନ ଫର୍ନାଡିସ୍, କାର୍ତ୍ତିକ ଆର୍ଯ୍ୟନ, ଅଜୟ ଦେବଗନ, ମାଧୁରୀ ଦୀକ୍ଷିତ୍, ଅର୍ଜୁନ କପୁର ଏବଂ ଅନ୍ୟ ସେଲିବ୍ରିଟିମାନେ ମଧ୍ୟ ନିଜ ନିଜର ୟୁଟ୍ୟୁବ୍ ଚ୍ୟାନେଲ୍ ମାଧ୍ୟମରେ ଦର୍ଶକଙ୍କ ମନୋରଞ୍ଜନ କରିଆସୁଛନ୍ତି।



# ଦ୍ୱିତୀୟ ଥର ମା' ହେଲେ ଲିଜା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଲିଜା ହେଡେନ୍‌ଙ୍କ ଘରକୁ ଖୁସି ଖବର ଆସିଛି। ସେ ଦ୍ୱିତୀୟ ଥର ମା' ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେ ଏକ ପୁତ୍ରସନ୍ତାନକୁ ଜନ୍ମ ଦେଇଛନ୍ତି। ତା'ର ନାଁ ରଖିଛନ୍ତି ଲିଓ। ପ୍ରଶଂସକଙ୍କୁ ଏହି ଖୁସି ଜଣାଇବା ପାଇଁ ଲିଜା ସୋସିଆଲ ମିଡିଆରେ କିଛି ଫଟୋ ଶେୟାର କରିଛନ୍ତି। ଫଟୋଟିରେ ତାଙ୍କ ଦୁଇ ପୁଅ ରହିଥିବା ଦେଖିବାକୁ ମିଳିଛି। ଦୁହେଁ ଦୁହିଁଙ୍କୁ ବେଶ୍ ଖୁସି ମନରେ ଚାହିଁଛନ୍ତି। ଏଥିରେ ଲିଜା କ୍ୟାପଶନ ଲେଖିଛନ୍ତି, ଏହି ଛୋଟମାନଙ୍କ ଆଶୀର୍ବାଦ ମୋ' ହୃଦୟକୁ ଛୁଇଁଗଲା। ଯାହା କି ପ୍ରଥମରୁ କେବେ ହୋଇ ନ ଥିଲା। ମୁଁ ପୂରା ନିଶବ୍ଦ ହୋଇଗଲି। ତୁମ ଦୁଇଜଣଙ୍କୁ ଦେଖିବାଠାରୁ ମୋ' ପାଇଁ ଦୁନିଆରେ ଆଉ କିଛି ଭଲନାହିଁ। ମୋର ବିଶ୍ୱାସ ଆସୁନି ମୁଁ ଦୁଇଜଣଙ୍କ ମା'ବୋଲି। 'ଲିଓ' ଏବଂ 'ଜ୍ୟାକ୍'। ୧୩ ତାରିଖଠାରୁ ମୋ' ଜୀବନ ସବୁଦିନ ପାଇଁ ବଦଳି ଯାଇଛି। ସେ ତାଙ୍କ ସ୍ୱାମୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

ଫିଲ୍ମ 'ଆୟଶା' ଜରିଆରେ ଲିଜା ବଲିଉଡ୍‌ରେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ 'ହାଉସ୍‌ଫୁଲ - ୩', 'ଦ ସୌକୀନ୍‌ସ କ୍ୱିନ୍', 'ୟେ ଦିଲ୍ ହେ ମୁସ୍କିଲ୍' ଆଦି ଫିଲ୍ମରେ ଅଭିନୟ କରିଥିଲେ। ଏହା ସହିତ କେତେକ ଜଣାଶୁଣା ମ୍ୟାଗାଜିନ୍‌ରେ ତାଙ୍କର କଭର ଫଟୋ ମଧ୍ୟ ପ୍ରକାଶ ପାଇଥିଲା।


# ଓଦା ହୋଇଗଲେ ଜଣାଇଦେବ ସ୍ମାର୍ଟ ଡାଇପର

**ନ୍ୟୁୟର୍କ:** ମାସାଚ୍ୟୁସେଟସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି (ଏମଆଇଟି)ର ଭାରତୀୟ ବଂଶୋଦ୍ଭବ ଗବେଷକମାନେ ବିକାଶ କରିଛନ୍ତି ଏକ ସ୍ମାର୍ଟ ଡାଇପର । ଏହି ଡାଇପର ସାମାନ୍ୟ ଓଦା ହୋଇଗଲେ କେୟାରଗିଭରଙ୍କୁ ସତର୍କ କରିଦେବ। ରାତିରେ ଶିଶୁଙ୍କ ଡାଏପର ଓଦା ହୋଇଗଲେ ବଦଳାଇବା ପାଇଁ ମାତାପିତାଙ୍କୁ ବି ଚିନ୍ତା କରିବାକୁ ପଡିବନି। ସ୍ମାର୍ଟ ଡାଏପର ଉପରେ ଏକ ମଏଶ୍ଚର ସେନ୍‌ସର ରହିଛି। ଏହା ଓଦା ହେବା କ୍ଷଣି ନିକଟରେ ଥିବା ରିସିଭରକୁ ସଂକେତ ପଠାଇବ। କମ୍ପ୍ୟୁଟର କିମ୍ବା ସ୍ମାର୍ଟଫୋନକୁ ଏହା ଜଣାଇ ଦେବ । ଡାଇପରରେ ଲଗାଯାଇଥିବା ସେନ୍‌ସର ବି ବୟସ୍କଙ୍କ ଡାଏପରରେ ଲଗାଯାଇପାରିବ। ଏଣୁ ଯେଉଁ ରୋଗୀମାନେ ଡାଇପର ବଦଳାଇବା ପାଇଁ ଜଣାଇବାରେ ଅକ୍ଷମ ହୋଇଥାନ୍ତି ସେ କ୍ଷେତ୍ରରେ ଏହି ସେନ୍‌ସର ଜଣାଇଦେବ ବୋଲି କୁହନ୍ତି ଏମ୍‌ଆଇଟିର ଅଟୋ ଆଇଡି ଲାବୋରେଟୋରିର ଗବେଷକ ପଙ୍ଖୁରୀ ସେନ୍। ପାଶିଭ ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେଶନ(ଆର୍‌ଏଫ୍‌ଆଇଡି) ଟ୍ୟାଗ ଦ୍ୱାରା ଗଠିତ ଏହି ସେନସରକୁ ଡାଏପରରେ ତରଳ ଶୋଷି ନେବା ପାଇଁ ବ୍ୟବହୃତ ଉତ୍କୃଷ୍ଟ ଶୋଷକ ପଲିମର ( ଏକ ପ୍ରକାର ହାଇଡ୍ରୋ ଜେଲ୍)ତଳେ ଖଞ୍ଜାଯାଇଛି। ଟ୍ୟାଗ୍‌ରେ ରେଡିଓ ତରଙ୍ଗ ପଠାଇବା ଲାଗି ଗୋଟିଏ ଆଣ୍ଟିନା ଏବଂ ତଥ୍ୟ ଷ୍ଟୋର କରିବା ପାଇଁ ଏକ ଚିପ୍ ମଧ୍ୟ ଲଗାଯାଇଛି। ଆର୍‌ଏଫ୍‌ଆଇଡିକୁ ଚାର୍ଜ କରିବା ପାଇଁ ବ୍ୟାଟେରି ଆବଶ୍ୟକତା ପଡିବ ନାହିଁ । ଏହା ରିଡରରୁ ନିର୍ଗତ ରେଡିଓ ୱେଭ୍‌ରୁ ଶକ୍ତି ସଂଗ୍ରହ କରି ଚାର୍ଜ ହୋଇପାରିବ। ଡାଇପର୍‌ରେ ହାଇଡ୍ରୋଜେଲ ଓଦା ହୋଇଗଲେ ଏହା ସମ୍ପ୍ରସାରିତ ହୋଇ ସମାନ୍ୟ ସୁପରିବାହୀ ଗୁଣ ପ୍ରକାଶ କରେ । ଏହାଦ୍ୱାରା ଆର୍‌ଏଫ୍‌ଆଇଡି ଟ୍ୟାଗ ସକ୍ରିୟ ହୋଇଥାଏ ଓ ୧ ମିଟର ଦୂରରେ ଥିବା ଆରଏଫ୍‌ଆଇଡି ରିଡର୍‌କୁ ସଂକେତ ପଠାଇଥାଏ। ଏହାକୁ ତିଆରି କରିବାରେ କମ୍ ଖର୍ଚ୍ଚ ହେଉଥିବାରୁ ବଜାରରେ ଏହାର ଦାମ୍ ମଧ୍ୟ କମ୍ ରହିବ ବୋଲି କୁହନ୍ତି ଗବେଷକ। ମୂତ୍ର ରୋକିବାରେ ଅକ୍ଷମତା କିମ୍ବା କୋଷ୍ଠକାଠିନ୍ୟ ଭଳି ସମସ୍ୟାକୁ ଏହା ମଧ୍ୟ ଠାବ କରି ତା'ର ରେକର୍ଡ ରଖିପାରିବ। ଏହି ଡାଏପର ଶିଶୁ ଓ ବୟସ୍କଙ୍କ ମୂତ୍ରନଳୀ ସଂକ୍ରମଣ ରୋକିବାରେ ସହାୟ୍ୟ କରିବ ବୋଲି ସହ ଗବେଷକ ନୀତିନ ଆର୍ କାଣ୍ଟାରେଡ୍ଡୀ କହିଛନ୍ତି। ମୁଖ୍ୟତଃ ଏକାବେଳକେ ଅଧିକ ଶିଶୁଙ୍କ ଯତ୍ନ ନେଉଥିବା ନର୍ସମାନଙ୍କ ଲାଗି ଏହା ବେଶି କାମରେ ଆସିବ। କେଉଁ ଶିଶୁର ଡାଇପର ବଦଳାଇବା ଦରକାର ତାହା ସେମାନେ ସହଜରେ ଜାଣିପାରିବେ।



# ଶୁଭଫଳ ଆଣିଦିଏ କଳସ

**ନୂଆଦିଲ୍ଲୀ:** ଗୃହପ୍ରବେଶ, ନବରାତ୍ରି ପୂଜା, ଦୀପାବଳି, ଲକ୍ଷ୍ମୀପୂଜା, ଯଜ୍ଞ ଅନୁଷ୍ଠାନ, ବିବାହ ଆଦି ଯେକୌଣସି ମାଙ୍ଗଳିକ କାର୍ଯ୍ୟରେ ପ୍ରଥମେ କଳସ ସ୍ଥାପନ କରାଯାଇଥାଏ। ଧର୍ମଶାସ୍ତ୍ରରେ ଲିଖିତ ଅଛି, ଏହି ମଙ୍ଗଳ କଳସ ସମୁଦ୍ର ମନ୍ଥନ ସମୟର ପ୍ରତୀକ। ସୁଖ ଏବଂ ସମୃଦ୍ଧି ପାଇଁ ପ୍ରତୀକ କଳସ ସ୍ଥାପନ କରାଯାଇଥାଏ। ବାସ୍ତୁଶାସ୍ତ୍ର ଅନୁସାରେ, ଇଶାନ କୋଣରେ ଜଳପୂର୍ଣ୍ଣ କଳସ ସ୍ଥାପନ କଲେ ଶୁଭଫଳ ମିଳିଥାଏ। ଘରେ ସୁଖ ସମୃଦ୍ଧି ବୃଦ୍ଧି ହୋଇଥାଏ। ତମ୍ବାଧାତୁରେ ତିଆରି କଳସକୁ ଦ୍ୱାର ସମ୍ମୁଖରେ ରଖିଲେ ମନରେ ସକାରାତ୍ମକ ଭାବନା ଜାଗ୍ରତ ହୋଇଥାଏ। ଘରେ ଶାନ୍ତି ବିରାଜ କରେ। ଘରର ଇଶାନ କୋଣରେ ତମ୍ବା କିମ୍ବା ମାଟି କଳସରେ ଜଳ ପୂର୍ଣ୍ଣ କରି ଏହା ଉପରେ ଆମ୍ବଡାଳ ଏବଂ ନଡ଼ିଆ ରଖନ୍ତୁ। କଳସ ଉପରେ ସ୍ୱସ୍ତିକ୍ ଚିହ୍ନ ଆଙ୍କି ଏହା ଉପରେ ଏକ ଲାଲ୍ ରଙ୍ଗର କପଡ଼ା ଘୋଡ଼ାନ୍ତୁ। ଏପରି କଲେ ଘରୁ ନକରାତ୍ମକ ଶକ୍ତି ଦୂରେଇଯାଇ ପରିବାରରେ ସୁଖ ଶାନ୍ତି ବଜାୟ ରହେ।



# ପେଚା ସହିତ ଟିକ୍‌ଟକ୍ ଭିଡିଓ କରିବା ମହଙ୍ଗା ପଡ଼ିଲା

**ଅହମଦାବାଦ:** ବନ୍ୟପ୍ରାଣୀଙ୍କ ସହିତ ଟିକ ଟିକ ଭିଡ଼ିଓ କରିବା ଜଣେ ଯୁବତୀଙ୍କୁ ମହଙ୍ଗା ପଡ଼ିଛି। ଗୁଜରାଟର ସୁରଟରେ ବାସ କରୁଥିବା ଟିକ୍‌ଟକ ଷ୍ଟାର କୀର୍ତ୍ତି ପଟେଲ ଏକ ପେଚା ସହିତ ଭିଡ଼ିଓ କରି ଏହାକୁ ସୋସିଆଲ ମିଡ଼ିଆରେ ଶେୟାର କରିଥିଲେ। ଏହାକୁ ଦେଖିବା ପରେ ବନ ବିଭାଗ ପକ୍ଷରୁ ତାଙ୍କ ଉପରେ ୨୫ ହଜାର ଟଙ୍କାର ଜରିମାନା ନୋଟିସ ଜାରି ହୋଇଛି। ଏହା ସହିତ କୀର୍ତ୍ତିଙ୍କୁ ପେଚା ଯୋଗାଇଥିବା ବ୍ୟକ୍ତିଙ୍କୁ ୧୦ ହଜାର ଟଙ୍କାର ଜରିମାନା ଦଣ୍ଡାଦେଶ ହୋଇଛି। ୧୯୭୨ ବନ୍ୟପ୍ରାଣୀ ସୁରକ୍ଷା ଅଧିନିୟମ ଅନ୍ତର୍ଗତ ଏଭଳି କରାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଅଭିଯୋଗ ମିଳିବା ପରେ ଏହାର ତଦନ୍ତ କରାଯାଇ ଏଭଳି ଦଣ୍ଡାଦେଶ କରାଯାଇଛି।



# ରାଜା-ରାଣୀଙ୍କ ବାହାଘର

**ବେଙ୍ଗାଲୁରୁ:** କର୍ନାଟକ ରାଜଧାନୀ ବେଙ୍ଗାଲୁରୁର କୁବନ ପାର୍କରେ ଏକ ଘୋଡ଼ା(ରାଜା) ଏବଂ ଘୋଡ଼ୀ(ରାଣୀ)ର ବିବାହ ଭାଲେଣ୍ଟାଇନ୍ସ ଡେ'ରେ ସମ୍ପନ୍ନ ହୋଇଛି। ଏହି ବିବାହ ପାରମ୍ପରିକ ରୀତିନୀତିରେ ହୋଇଥିଲା। ଘୋଡ଼ା ଧୋତି ଏବଂ ଶାର୍ଟ ପିନ୍ଧିଥିବା ବେଳେ ଘୋଡ଼ୀ ଶାଢ଼ି ସହିତ ମଙ୍ଗଳସୂତ୍ର ମଧ୍ୟ ପିନ୍ଧିଥିଲା। ଏହି ବିବାହ ପାଇଁ କେନ୍ଦ୍ର ସରକାର ୧ ଲକ୍ଷ ଏବଂ ରାଜ୍ୟ ସରକାର ୫୦ ହଜାର ଟଙ୍କା ଦେବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏହି ଟଙ୍କାରେ ବିବାହ ଉତ୍ସବରେ ଯୋଗ ଦେଇଥିବା ଅତିଥିଙ୍କୁ ମିଷ୍ଟାନ୍ନ ଖାଇବାକୁ ଦିଆଯାଇଥିଲା। ବିବାହ ସମ୍ପନ୍ନ ନ ହେଉଣୁ ଏହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପରେ ଲୋକେ ବେଶ୍ ମଜାଳିଆ କମେଣ୍ଟ ସବୁ ଦେଇଛନ୍ତି। କିଛି ୟୁଜର କହିଛନ୍ତି, ବ୍ୟାଚଲର ଥାଇ ଘୋଡ଼ା ଭଲରେ ଥିଲା। ବିଚରା ! ଆଉ କିଛି ୟୁଜର ବିବାହ ନେଇ ଶୁଭକାମନା ଜଣାଇଛନ୍ତି। ସେହିପରି ଆଉ ଜଣେ ୟୁଜର ଲେଖିଛନ୍ତି, କାହିଁକି ତାଙ୍କ ଜୀବନକୁ ନଷ୍ଟ କଲ ? ବିବାହ କରି କିଏବା ଖୁସିରେ ଅଛି ! ଏପରି ଅନେକ କୌତୂହଳପୂର୍ଣ୍ଣ କମେଣ୍ଟ ସବୁ ଦେଇଛନ୍ତି ୟୁଜର।

## ଫଟୋ ଭାଇରାଲ



## ପୁଣି ଗଣିତ ପ୍ରଶ୍ନପତ୍ର ଲିକ୍ ଗୁଜବ

**ସମ୍ବଲପୁର,୧୫।୨(ବ୍ୟୁରୋ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଯୁକ୍ତ ୩ ତୃତୀୟ ବର୍ଷ କେମେଷ୍ଟ୍ରି ଓ ଜୁଲୋଜି ଦ୍ୱିତୀୟ ସେମିଷ୍ଟାର ପ୍ରଶ୍ନପତ୍ର ବୁଧବାର ଲିକ୍ ହୋଇଥିଲା। ପୁଣି ଗଣିତ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଶନିବାର ଗୁଜବ ସୃଷ୍ଟି ହୋଇଛି। ଏହା ଜାଣିବା ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶେଷ ସମୟରେ ପ୍ରଶ୍ନପତ୍ର ପରିବର୍ତ୍ତନ କରାଯାଇଛି। ଛାତ୍ରୀଛାତ୍ର ଅନ୍ୟ ଏକ ପ୍ରଶ୍ନପତ୍ର ସେଟ୍‌ରେ ପରୀକ୍ଷା ଦେଇଛନ୍ତି। ହେଲେ ଏହି ଘଟଣାକୁ ପରୀକ୍ଷା ନିୟନ୍ତ୍ରକ ସୂର୍ଯ୍ୟ ନାଏକ ଖଣ୍ଡନ କରିଛନ୍ତି। କୌଣସି ପ୍ରଶ୍ନପତ୍ର ଲିକ୍ ହୋଇ ନାହିଁ । ବୁଧବାର ପ୍ରଶ୍ନପତ୍ର ଲିକ୍ ହୋଇଥିବାରୁ ପରୀକ୍ଷାରେ ସ୍ୱଚ୍ଛତା ଓ ସୁରକ୍ଷା ଦୃଷ୍ଟିରୁ ଶନିବାର ଗଣିତ ପ୍ରଶ୍ନପତ୍ର ପରିବର୍ତ୍ତନ କରାଯାଇଛି ବୋଲି କହିଛନ୍ତି। ଏଣୁ ସତରେ ପ୍ରଶ୍ନପତ୍ର ଲିକ୍ ହୋଇଛି ନା ଘଟଣାକୁ ଲଚାଇବାକୁ ପରୀକ୍ଷା ନିୟନ୍ତ୍ରକ ଏଭଳି ସଫେଇ ଦେଇଛନ୍ତି ତାହା ସନ୍ଦେହ ସୃଷ୍ଟି କରିଛି। ଏଣୁ ଏ ନେଇ ତଦନ୍ତ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ଦାବି କରିଛନ୍ତି।




## ସ୍କୁଲ୍ ଭ୍ୟାନ୍‌ରେ ନିଆଁ : ଜଳିଗଲେ ୪ ଶିଶୁ

**ଚଣ୍ଡିଗଡ଼,୧୫।୨(ପି.ଟି.)**

ପଞ୍ଜାବର ସଙ୍ଗରୁର୍ ଜିଲାରେ ଶନିବାର ଏକ ସ୍କୁଲ୍ ଭ୍ୟାନ୍‌ରେ ନିଆଁ ଲାଗିଯିବାରୁ ୪ ଶିଶୁ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଏକ ଘରୋଇ ସ୍କୁଲ୍‌ର ପିଲାମାନଙ୍କୁ ନେଇ ମିନିଭ୍ୟାନ୍‌ଟି ଯାଉଥିବାବେଳେ ଲଙ୍ଗୋୱାଲ-ସିଦ୍‌ସମାଚାର ରୋଡ୍‌ରେ ଏହି ଦୁର୍ଘଟଣା ଘଟିଥିଲା । ସେତେବେଳେ ଭ୍ୟାନ୍‌ରେ ୧୨ ଜଣ ପିଲା ଥିଲେ। ପାଖ କ୍ଷେତରେ କାମ କରୁଥିବା ଲୋକେ ୮ ଜଣଙ୍କୁ ଉଦ୍ଧାର କରିଥିଲେ। ଭ୍ୟାନ୍ ଭିତରେ ଜଳିଯାଇଥିବା ପିଲାଙ୍କ ବୟସ ୧୦ରୁ ୧୨ ବର୍ଷ ମଧ୍ୟରେ ବୋଲି ପୋଲିସ କହିଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ଅଗ୍ନିକାଣ୍ଡର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ନିର୍ଦ୍ଦେଶ ଦେବା ସହ ଏଥିପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ସ୍କୁଲ ଛୁଟି ହେବା ପରେ ପିଲାମାନଙ୍କୁ ଧରି ଭ୍ୟାନ୍‌ଟି ଫେରୁଥିଲା। ସ୍କୁଲ୍‌ଠାରୁ ଅଳ୍ପ ଦୂରରେ ହୋଇଥିବାବେଳେ ନିଆଁ ଲାଗିଥିବା ଦେଖି ଜଣେ ବ୍ୟକ୍ତି ଡ୍ରାଇଭରଙ୍କୁ ଜଣାଇବା ସହ ଭ୍ୟାନ ଅଟକାଇବାକୁ କହିଥିଲେ। ଡ୍ରାଇଭର ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଓ ପାଖ ଜମିରେ କାମ କରୁଥିବା କେତେଜଣ ଧାଇଁ ଆସି କୌଣସି ପ୍ରକାରେ ୮ ଜଣ ପିଲାଙ୍କୁ ଉଦ୍ଧାର କରିପାରିଥିଲେ। ତେବେ ଭ୍ୟାନ୍‌ର ଗୋଟିଏ ଡୋର୍ ଜାମ୍ ହୋଇଯାଇଥିବାରୁ ଅନ୍ୟ ୪ ଜଣଙ୍କୁ ବାହାର କରିବା ସମ୍ଭବ ହୋଇପାରି ନ ଥିଲା। ମୃତ ୪ ଶିଶୁଙ୍କ ମଧ୍ୟରୁ ୨ ଜଣ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ସ୍କୁଲ୍ ପ୍ରଶାସନ ଶୁକ୍ରବାର ରାତିରେ ଉକ୍ତ ଭ୍ୟାନ୍ କିଣିଥିଲେ। ମାତ୍ର ୮ ଜଣ ପିଲାଙ୍କୁ ନେବା ସାମର୍ଥ୍ୟ ଉକ୍ତ ଭ୍ୟାନ୍‌ର ରହିଥିବା କୁହାଯାଉଛି।


ନିଆଁ ଲାଗି ଯାଇଥିବା ସ୍କୁଲ୍ ଭ୍ୟାନ ।

# ‘ଆଗକୁ ବଢ଼ିବା ପାଇଁ ଶକ୍ତି ଦିଏ ଶିକ୍ଷା’

### ବଲାଙ୍ଗୀର କିସ୍ ଶାଖାକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ବଲାଙ୍ଗୀର କିସ୍ ଆବାସିକ ସ୍କୁଲ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ ।

**ବଲାଙ୍ଗୀର ଅଫିସ, ୧୫।୨**

ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍‌ସେସ୍ (କିସ୍)ର ବଲାଙ୍ଗୀର ଶାଖା ମୋତିଲାଲ ଓସ୍ୱାଲ-କିସ୍ ଜନଜାତି ଆବାସିକ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଉଦ୍‌ଘାଟନ କରିଛନ୍ତି । ଏହି ଉଦ୍‌ଘାଟନୀ ସମାରୋହରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଥିଲେ ଯେ, ଶିକ୍ଷା ଆଗକୁ ବଢ଼ିବା ପାଇଁ ଶକ୍ତି ଦିଏ । ଶିକ୍ଷା ସାମାଜରେ ପରିବର୍ତ୍ତନ ଆଣିଥାଏ। ବଲାଙ୍ଗୀର କିସ୍‌କୁ ଉଦ୍‌ଘାଟନ କରି ସେ ଖୁସି । ବଲାଙ୍ଗୀର ପରି ପଛୁଆ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଏହି ଅନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ । ବଲାଙ୍ଗୀରରେ ଏହି ଅନୁଷ୍ଠାନ ପ୍ରତିଷ୍ଠା କରିଥିବାରୁ କିସ୍ ପ୍ରତିଷ୍ଠାତା ଡ ଅଚ୍ୟୁତ ସାମନ୍ତ ଓ ମୋତିଲାଲ ଓସ୍ୱାଲ ଗ୍ରୁପ୍‌କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ଶିକ୍ଷାର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ସାରା ରାଜ୍ୟରେ ୬୫୦୦ ହଷ୍ଟେଲ କରାଯାଇଛି। ଏଥିରେ ୬ ଲକ୍ଷରୁ ଊର୍ଦ୍ଧ୍ୱ ପିଲା ପଢୁଛନ୍ତି। ଏହି ସବୁ ହଷ୍ଟେଲରେ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ସହିତ ସହରାଞ୍ଚଳ ହଷ୍ଟେଲରେ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ଇଂଲିଶ ମିଡିୟମରେ ଶିକ୍ଷା ଦିଆଯାଉଛି। ସବୁ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲାଯାଉଛି। ରାଜ୍ୟର ୩୦ଟି ଜିଲାର ୧୦୧ ସ୍କୁଲକୁ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ଗଢ଼ିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ସୂଚନା ଦେଇଥିଲେ । ପିଲାଙ୍କ ପାଖରେ ଶିକ୍ଷାର ଆଲୋକ ପହଞ୍ଚାଇବା ଲାଗି କାମ କରିବାକୁ ସେ ଆହ୍ୱାନ ଦେଇଥିଲେ ।

ଉଦ୍‌ଘାଟନ ସମାରୋହରେ ଅନ୍ୟତମ ଅତିଥି ଭାବେ ରାଜ୍ୟ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ବଲାଙ୍ଗୀର ଏମପି ସଙ୍ଗୀତା କୁମାରୀ ସିଂଦେଓ, ବିଧାୟକ ନରସିଂହ ମିଶ୍ର, କିଟ୍-କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ଏମପି ଅଚ୍ୟୁତ ସାମନ୍ତ, ଜିଲାପାଳ ଅରିନ୍ଦମ ଡାକୁଆ, ମୋତିଲାଲ ଓସ୍ୱାଲ ଗ୍ରୁପ୍ ଅଧ୍ୟକ୍ଷ ମୋତିଲାଲ ଓସ୍ୱାଲ, ସୁନୀତା ଅଗ୍ରୱାଲ, ରାମଦେଓ ଅଗ୍ରୱାଲ ଓ ବିମଳା ଓସ୍ୱାଲ ମଞ୍ଚାସୀନ ଥିଲେ । ଜିଲାପାଳ ଅରିନ୍ଦମ ଡାକୁଆ ସ୍ୱାଗତ ଭାଷଣ ଦେଇଥିଲେ। କିସ୍ ପ୍ରତିଷ୍ଠାତା ଡ ସାମନ୍ତ ବକ୍ତବ୍ୟ ରଖି କିସ୍ ବିଶ୍ୱବିଦ୍ୟାଳୟର ପରିକଳ୍ପନା, ବଲାଙ୍ଗୀର କିସ୍ ଶାଖାର ଉପଯୋଗିତା ଓ ଜନଜାତି ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାର ସଂକଳ୍ପ ଉପରେ କହିଥିଲେ। ଏହି ଅନୁଷ୍ଠାନ ଗଢ଼ିବା ଦିଗରେ ଆର୍ଥିକ ସହାୟତା ଯୋଗାଇ ଦେଇଥିବାରୁ ମୁମ୍ବାଇର ମୋତିଲାଲ ଓସ୍ୱାଲ ଫାଇନାନ୍ସିଆଲ ଗ୍ରୁପ୍‌କୁ ଧନ୍ୟବାଦ୍ ଜଣାଇଥିଲେ। ଏହି ଆବାସିକ ବିଦ୍ୟାଳୟରେ ସମ୍ପୂର୍ଣ୍ଣ ମାଗଣାରେ ବଲାଙ୍ଗୀର ଜିଲାର ଜନଜାତି ଛାତ୍ରୀଛାତ୍ରମାନେ ନିଶୁଳ୍କ ଗୁଣାତ୍ମକ ଶିକ୍ଷା ପାଇପାରିବେ ବୋଲି ସୂଚନା ଦେଇଥିଲେ। ଆଗାମୀ ଦିନରେ ରାଜ୍ୟର ୩୦ଟି ଜିଲାରେ ଏଭଳି କିସ୍ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ସେ କହିଥିଲେ। ବିଧାୟକ ନରସିଂହ ମିଶ୍ର ବକ୍ତବ୍ୟ ରଖି ବିଧାନସଭା ଚାଲୁଥିବାବେଳେ ସମୟ ଦେଇ ବଲାଙ୍ଗୀର କିସ୍ ଆବାସିକ ସ୍କୁଲକୁ ଉଦ୍‌ଘାଟନ କରିବା ପାଇଁ ଆସିଥିବାରୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ ସେ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଓସ୍ୱାଲ ଗ୍ରୁପ୍‌ର ସୁନୀତା ଅଗ୍ରୱାଲ ଓ ବିମଳା ଅଗ୍ରୱାଲ କିସ୍ କ୍ୟାମ୍ପସରେ ୫୦ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲ ମଧ୍ୟ ଉଦ୍‌ଘାଟନ କରିଥିଲେ।

## ରାଜ୍ୟରେ ଖାଲି ପଡ଼ିଛି ୬୦% ଇଞ୍ଜିନିୟରିଂ ସିଟ୍

**ଭୁବନେଶ୍ୱର, ୧୫।୨(ବ୍ୟୁରୋ)**

ରାଜ୍ୟରେ ଏବେ ସଙ୍କଟଜନକ ପରିସ୍ଥିତି ଦେଇ ଗତି କରୁଛି ଇଞ୍ଜିନିୟରିଂ କଲେଜ। ଦିନକୁ ଦିନ ଇଞ୍ଜିନିୟରିଂ ଶିକ୍ଷା ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ କମୁଛି। ଫଳରେ ରାଜ୍ୟରେ ୬୦%ରୁ ଅଧିକ ଇଞ୍ଜିନିୟରିଂ ସିଟ୍ ଖାଲି ପଡ଼ିଛି। ୨୦୧୯-୨୦ ଶିକ୍ଷାବର୍ଷରେ ମାତ୍ର ୧୧,୭୪୫ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଚଳିତବର୍ଷ ମୋଟ ୩୧,୧୭୪ ସିଟ୍‌ରୁ ୧୯,୪୨୯ଟି ଖାଲି ପଡ଼ିଛି। ଇଞ୍ଜିନିୟରିଂ ପଢ଼ା ସରିବା ପରେ ଛାତ୍ରୀଛାତ୍ର ଚାକିରି ନ ପାଇ ବେକାର ରହୁଛନ୍ତି। ଏପରି କି ରାଜ୍ୟରେ ଥିବା ଘରୋଇ ଶିଳ୍ପ ସଂସ୍ଥାରେ ନିଯୁକ୍ତି ଦେବା ପାଇଁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯାଉ ନ ଥିବାରୁ ଇଞ୍ଜିନିୟରିଂ ଶିକ୍ଷାଠାରୁ ପିଲାମାନେ ଦୂରେଇ ଯାଉଛନ୍ତି। ଶନିବାର ବିଧାନସଭାରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତର ରଖି ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ ଏହି ସୂଚନା ପ୍ରଦାନ କରିଛନ୍ତି। ରାଜ୍ୟରେ ବର୍ତ୍ତମାନ ୯୩ ଇଞ୍ଜିନିୟରିଂ କଲେଜ ଓ ୧୬୩ ଡିପ୍ଲୋମା କଲେଜ ରହିଛି। ଇତିମଧ୍ୟରେ ୩ ଇଞ୍ଜିନିୟରିଂ କଲେଜ ବନ୍ଦ କରିବାକୁ ଅନୁମତି ଦିଆଯାଇଛି। ଅନ୍ୟପକ୍ଷରେ ଉତ୍ତମ ପ୍ରଦର୍ଶନ କରୁ ନ ଥିବା ତଥା ରୁଗ୍‌ଣ ଅନୁଷ୍ଠାନକୁ ସରକାର କୌଣସି ସାହାଯ୍ୟ କରିବେ ନାହିଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

**ରୁଗ୍‌ଣ କଲେଜକୁ ସହଯୋଗ କରିବେନି ସରକାର: ମନ୍ତ୍ରୀ**

## ବସ ଓଲଟି ୩ ମୃତ, ୩୬ ଆହତ

**ନବରଙ୍ଗପୁର,୧୫।୨(ବି.ପ୍ର.)**

ନବରଙ୍ଗପୁର-ପାପଡାହାଣ୍ଡି ୨୬ ନମ୍ବର ଜାତୀୟ ରାଜପଥ ତଥା ଡିୟରପାର୍କ ଠାରୁ କିଛି ଦୂରରେ ଜଗାକାଳିଆ ନାମକ ଏକ ଘରୋଇ ବସ (ନଂ. ଓଡି଼୧୦ସି-୧୧୧୪) ଶନିବାର ଓଲଟି ପଡିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ଦୁଇ ଜଣ ବସ ତଳେ ଚାପି ହୋଇ ଏବଂ ଜଣେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଏଥିସହ ୩୬ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ତେବେ ମୃତକଙ୍କ ପରିଚୟ ମିଳି ପାରି ନାହିଁ। ଜଗାକାଳିଆ ବସ୍ ଜୟପୁରରୁ ଚନ୍ଦାହାଣ୍ଡି ଯାଉଥିଲା। ନବରଙ୍ଗପୁରରୁ ମଧ୍ୟାହ୍ନ ୨ଟା ୪୦ରେ ଚନ୍ଦାହାଣ୍ଡି ଅଭିମୁଖେ ବାହାରିଥିଲା । ବସରେ ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ପାପଡାହାଣ୍ଡି - ଡିୟର ପାର୍କ ମଝି ୨୬ ନମ୍ବର ଜାତୀୟ ରାଜପଥ ଉପରେ ଗୋଟିଏ ଗାଈ ହଠାତ ବସ ସାମ୍ନାକୁ ଚାଲି ଆସିଥିଲା । ବସ ଦ୍ରୁତ ଗତିରେ ଥିବାରୁ ଗାଈକୁ ବଞ୍ଚାଇବାକୁ ଯାଇ ଡ୍ରାଇଭର ହଠାତ ବ୍ରେକ ଦେଇଥିଲେ । ବସ୍ ଗାଈ ଉପରେ ମାଡିଯାଇ ରାସ୍ତା କଡକୁ ଓଲଟି ପଡିଥିଲା।

## ରାଜ୍ୟରେ ୫,୯୫୦ ଭିକାରି

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

- କଟକରେ ସର୍ବାଧିକ ୧,୦୬୦; ଦେବଗଡ଼ରେ ୩
- ପୁନର୍ବାସ ପାଇଁ ‘ସହାୟ’ ଯୋଜନା

ରାଜ୍ୟରେ ୫,୯୫୦ ଜଣ ଭିକାରି ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କଟକ ଜିଲାରେ ସର୍ବାଧିକ ୧,୦୬୦ଜଣ ଭିକାରି ଅଛନ୍ତି। ସେହିପରି ଗଞ୍ଜାମରେ ୫୪୫, ପୁରୀ ୩୬୬, ମୟୂରଭଞ୍ଜ ୪୮୫, ସମ୍ବଲପୁର ୩୦୩, ସୁନ୍ଦରଗଡ଼ ୪୨୩, ଅନୁଗୋଳ ୨୦୫, ବାଲେଶ୍ୱର ୧୩୧, ଭଦ୍ରକ ୧୨୮, ବଲାଙ୍ଗୀର ୩୪୪, ଢେଙ୍କାନାଳ ୧୩୨, କେନ୍ଦୁଝର ୧୮୯, ଖୋର୍ଦ୍ଧା ୧୯୭, କୋରାପୁଟ ୨୪୯, ନବରଙ୍ଗପୁର ୧୮୩, ରାୟଗଡ଼ା ୧୭୬ ଏବଂ ସୋନପୁରରେ ସର୍ବାଧିକ ୨୮୩ ଜଣ ଭିକାରି ରହିଛନ୍ତି। ଶନିବାର ବିଧାନସଭାରେ ବିଜେଡି ସଭ୍ୟ ସୌଭିକ ବିଶ୍ୱାଳଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନାନୁଯାୟୀ ଦେବଗଡ଼ ଜିଲାରେ ସର୍ବନିମ୍ନ ୩ଜଣ ଭିକାରି ଥିବା ବେଳେ ବୌଦ୍ଧରେ ୬, ଗଜପତି ୫୮, ଜଗତ୍‌ସିଂହପୁର ୬୧, ଯାଜପୁର ୬୯, ଝାରସୁଗୁଡ଼ା ୩୮, କଳାହାଣ୍ଡି ୭୪, କନ୍ଧମାଳ ୭୩, କେନ୍ଦ୍ରାପଡ଼ା ୨୨, ମାଲକାନଗିରି ୨୮, ନୟାଗଡ଼ ୬୫ ଏବଂ ନୂଆପଡ଼ାରେ ସର୍ବନିମ୍ନ ୩୧ଜଣ ଭିକାରି ଅଛନ୍ତି। ଭିକାରିଙ୍କ ପୁନର୍ବାସ ବ୍ୟବସ୍ଥା କରିବା ଲାଗି ରାଜ୍ୟ ସରକାର ‘ସହାୟ’ ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଚଳିତ ବର୍ଷ ପୁରୀ ଜିଲାରେ ଭିକ୍ଷୁକଙ୍କ ପାଇଁ ୫ଟି ପୁନର୍ବାସ ଗୃହ ପ୍ରତିଷ୍ଠା କରାଯାଇଥିବା ବେଳେ ଭୁବନେଶ୍ୱରଠାରେ ମଧ୍ୟ ଏଭଳି ପୁନର୍ବାସ ଗୃହ ସ୍ଥାପନ କରାଯିବ ବୋଲି ଗୃହରେ ସୂଚନା ଦେଇଛନ୍ତି।

### ବିଧାନସଭା ପ୍ରଶ୍ନୋତ୍ତର



## ରାଜ୍ୟରେ ୧୨.୪୪ ଲକ୍ଷ ଭିନ୍ନକ୍ଷମ

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

**୨୧ ଶ୍ରେଣୀରେ ଚିହ୍ନଟ କରାଯାଇଛି**

୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ୧୨ ଲକ୍ଷ ୪୪ ହଜାର ୪୦୨ଜଣ ଭିନ୍ନକ୍ଷମ ଅଛନ୍ତି। ସେମାନଙ୍କୁ ୨୧ଟି ଭାଗରେ ଶ୍ରେଣୀଭୁକ୍ତ କରାଯାଇଛି। ସେମାନଙ୍କ ଶିକ୍ଷା ଲାଗି ୧୦୨ଟି ସ୍ୱତନ୍ତ୍ର ବିଦ୍ୟାଳୟ ଓ ୧ଟି ମହାବିଦ୍ୟାଳୟ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛି। ୪୮ଟି ସ୍ୱତନ୍ତ୍ର ବିଦ୍ୟାଳୟ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛି। ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ୧୯ଟି ବେସରକାରୀ ସଂସ୍ଥାକୁ ଧନ୍ଦାମୂଳକ ତାଲିମ ପ୍ରଦାନ ନିମିତ୍ତ ନିୟୋଜିତ କରାଯାଇଛି। ନିଯୁକ୍ତି କ୍ଷେତ୍ରରେ ସରକାରୀସ୍ତରରେ ୪ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ସେମାନଙ୍କ ଆୟ ବୃଦ୍ଧି ଲାଗି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ରିହାତି ଶୁଳ୍କ ହାରରେ ଋଣ ପ୍ରଦାନ କରାଯାଉଛି। ବିଜେଡି ସଭ୍ୟ ଉମାକାନ୍ତ ସାମନ୍ତରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସାମାଜିକ ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି।

## ମହିଳା କମିଶନରେ ୧୦ ହଜାର ମାମଲା

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

ରାଜ୍ୟ ମହିଳା କମିଶନଙ୍କ ନିକଟରେ ୧୦,୧୩୦ଟି ମାମଲା ବିଚାରାଧୀନ ରହିଛି। ସେଥିରୁ ୨,୭୨୯ ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୨,୦୫୧ ମାମଲାର ଶୁଣାଣି ଶେଷ ହୋଇଛି । ଏହି ମାମଲାଗୁଡ଼ିକ ମଧ୍ୟରୁ ଯୌତୁକ ନିର୍ଯାତନା ପାଇଁ ୭୭୦, ଘରୋଇ ହିଂସା ପାଇଁ ୧,୮୭୮, ମିଥ୍ୟା ବିବାହ ପ୍ରତିଶ୍ରୁତି ୧୦୩, ଯୌତୁକଜନିତ ମୃତ୍ୟୁ ୪୩, ଅପହରଣ ୭୮, ଯୌନ ନିର୍ଯାତନା ୮, କାର୍ଯ୍ୟସ୍ଥଳରେ ଅସଦାଚରଣ ୬୦, ମହିଳା ଅଧିକାର ଉଲ୍ଲଂଘନ ୨୯୬ ଏବଂ ଅସଦାଚରଣ ୧୩୨ଟି ମାମଲା ରୁଜୁ ହୋଇଛି। ବିଜେଡି ସଭ୍ୟ ଉମାକାନ୍ତ ସାମନ୍ତରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶନିବାର ବିଧାନସଭାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଏହି ସୂଚନା ଦେଇଛନ୍ତି।

# ତଦନ୍ତ ପାଇଁ ଆସିବ ଛତିଶଗଡ଼ ପୋଲିସ

**ଭୁବନେଶ୍ୱର, ୧୫।୨(ବ୍ୟୁରେ)**

ଝାରସୁଗୁଡା ଜିଲା ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏଙ୍କ ପରକୀୟା ପାପର ପେଡ଼ି ଖୋଲିବାକୁ ଓଡ଼ିଶା ଆସିବ ଛତିଶଗଡ଼ ପୋଲିସ। ଛତିଶଗଡ଼ରେ ମା’ ଓ ଝିଅଙ୍କୁ ହତ୍ୟା ପାଇଁ ଓଡ଼ିଶାରେ ହୋଇଥିବା ବ୍ଲୁ-ପ୍ରିଣ୍ଟ ପଛରେ ଲୁଚି ରହିଥିବା ଆଉ କିଛି ରହସ୍ୟ ଖୋଜିବ ପୋଲିସ ଟିମ୍। ଏଥିସହ ହତ୍ୟାକାଣ୍ଡ ସହ ଜଡିତ ସମସ୍ତ ଘଟଣା ଓ ସ୍ଥାନକୁ ନେଇ ମଧ୍ୟ ଖୋଳତାଡ଼ ହେବ। ତଦନ୍ତ ପାଇଁ ପର୍ଯ୍ୟାୟକ୍ରମେ ୩ ସ୍ୱତନ୍ତ୍ର ଟିମ୍ ଓଡ଼ିଶା ଆସି ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବ। ରାୟଗଡ଼ ଏସ୍‌ପି ସନ୍ତୋଷ ସିଂଙ୍କ ସୂଚନା ମୁତାବକ, ଭୁବନେଶ୍ୱର ସୁନ୍ଦରପଦାରେ ଥିବା ଅନୁପଙ୍କ ଫ୍ଲାଟରେ ମଧ୍ୟ ଛାନ୍‌ଭିନ୍ କରିବ ଛତିଶଗଡ଼ ପୋଲିସ। ମୃତ ମହିଳା ବ୍ରଜରାଜନଗରର କଳ୍ପନା ଦାଶ (୩୨)ଙ୍କୁ ରଖିବା ପାଇଁ ୨୦୧୧ରେ ଅନୁପ ଉକ୍ତ ଜମିକୁ ନିଜ ସ୍ତ୍ରୀଙ୍କ ନାମରେ କିଣି ସେଠାରେ ଫ୍ଲାଟ ତିଆରି କରିଥିଲେ। ପରବର୍ତ୍ତୀ ସମୟରେ ସେ ଫ୍ଲାଟରେ କଳ୍ପନାଙ୍କ ସହ ସମୟ ବିତାଉଥିଲେ। ଏପରି କି ବିଧାୟକ ଥିବାବେଳେ ସେ ଅଧିକାଂଶ ସମୟରେ ସେହି ଘରେ ରହୁଥିଲେ। ନିକଟରେ ଥିବା ଏକ ସ୍କୁଲରେ କଳ୍ପନାଙ୍କ ଝିଅ ବବ୍‌ଲିର ନାମ ଲେଖାଇବାବେଳେ ଅନୁପ ଅଭିଭାବକ ଭାବେ ଉଲ୍ଲେଖ କରିଥିଲେ। ହେଲେ କଳ୍ପନା ତାଙ୍କୁ ବିବାହ କରିବା ସହ ଉକ୍ତ ଫ୍ଲାଟକୁ ତାଙ୍କ ନାମରେ କରିବା ପାଇଁ ଅନୁପଙ୍କୁ କହିଥିଲେ। ନିଜର ସ୍ତ୍ରୀ ଓ ପିଲା ଥିବାରୁ ଅନୁପ ଏଥିରେ ରାଜି ହୋଇ ନ ଥିଲେ। ଏହା ଆଗକୁ ତାଙ୍କ ରାଜନୈତିକ କ୍ୟାରିୟର ପାଇଁ ବିପଦ ଆଣିବ ବୋଲି ଆଶଙ୍କା କରି ଅନୁପ ଉଭୟ ମା’ ଓ ଝିଅଙ୍କୁ ରାସ୍ତାରୁ ହଟାଇବା ପାଇଁ ଉକ୍ତ ଫ୍ଲାଟରୁ ହିଁ ଯୋଜନା କରିଥିଲେ। ତେଣୁ ଛତିଶଗଡ଼ ପୋଲିସ ଭୁବନେଶ୍ୱର ଆସି ଉକ୍ତ ଫ୍ଲାଟକୁ ଯିବ। ଆଖପାଖରେ ରହୁଥିବା ଲୋକଙ୍କୁ ପଚରାଉଚରା କରିବ। ଝିଅ ପଢୁଥିବା ସ୍କୁଲକୁ ଯାଇ ମଧ୍ୟ ଖୋଳତାଡ଼ କରିବ। ତେବେ ଛତିଶଗଡ଼ ପୋଲିସ ଟିମ୍‌କୁ କମିଶନରେଟ ପୋଲିସ ସମସ୍ତ ସହଯୋଗ କରିବ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ ଏହି ପରକୀୟା ପ୍ରୀତିକୁ ଲୁଚାଇବାକୁ ଯାଇ ଅନୁପ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟାଇଥିଲେ। କଳ୍ପନା ଓ ତାଙ୍କ ନାବାଳିକା ଝିଅଙ୍କୁ ଲୁହାରଡ଼ରେ ନିର୍ମମଭାବେ ହତ୍ୟାକରିବା ପରେ ଛତିଶଗଡ଼ର ରାୟଗଡ଼ ଜିଲା ଚକ୍ରଧରନଗର ଥାନା ଅନ୍ତର୍ଗତ ହମିରପୁର ଜଙ୍ଗଲ ରାସ୍ତାରେ ପକାଇ ଦେଇଥିଲେ। ଏହାପରେ ପରିଚୟ ଜଣା ନ ପଡ଼ିବା ପାଇଁ ଅନୁପଙ୍କ ନିର୍ଦ୍ଦେଶରେ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋ ଦୁଇ ମୃତଦେହ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ଶନିବାର ଡ୍ରାଇଭର ଟପ୍ପୋଙ୍କୁ ଗିରଫ କରିବା ପରେ ହତ୍ୟାରେ ବ୍ୟବହୃତ ଗାଡ଼ି ଓ ଲୁହାରଡ୍ ଜବତ ପାଇଁ ଛତିଶଗଡ଼ ପୋଲିସ ଉଦ୍ୟମ ଆରମ୍ଭ କରିଛି। ଏଥିସହ ଦୁଇ ଅଭିଯୁକ୍ତଙ୍କୁ ଯେପରି ଉପଯୁକ୍ତ ଦଣ୍ଡ ମିଳିବ ସେଥିପାଇଁ ଆଉକିଛି ପ୍ରମାଣ ନିହାତି ଆବଶ୍ୟକ। ଓଡ଼ିଶା ଆସିଲେ ଏସବୁ ପ୍ରମାଣ ପାଇବାକୁ ଲକ୍ଷ୍ୟ ରଖିଛି ଛତିଶଗଡ଼ ପୋଲିସ ଟିମ୍।

**ମା’ ଝିଅଙ୍କୁ ହତ୍ୟା ମାମଲା**



- ଆସିବେ ୩ ସ୍ୱତନ୍ତ୍ର ଟିମ୍
- ରାଜଧାନୀରେ ଥିବା ଫ୍ଲାଟ୍ ସହ ବିଭିନ୍ନ ଘଟଣାର ଖୋଳତାଡ଼ କରିବେ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରୁଦ୍ରାକ୍ଷୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୧ କେ.ଭି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାଇଓ୍ୱା ଡ୍ରାଇଭର ମୃତ

**ମହାକାଳପଡା, ୧୫।୨ (ଡି.ଏନ.ଏ.)**



କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ତରପଦା ଗ୍ରାମରେ ଶନିବାର ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ବାଲି ବୋଝେଇ ହାଇଓ୍ୱା ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାମନଗର ପଞ୍ଚାୟତ ବରଜ ଗ୍ରାମର ପ୍ରଭାତ ସେଠୀ (୩୦)।

ପ୍ରକାଶ ଯେ, ପ୍ରଭାତ ସକାଳ ପ୍ରାୟ ୯ଟାରେ ତଣ୍ଡିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ତରପଦା ଗ୍ରାମର ଜଣେ ବ୍ୟକ୍ତିଙ୍କ କୋଠାଘର କାମ ପାଇଁ ଏକ ହାଇଓ୍ୱାରେ ବାଲି ନେଇ ଯାଉଥିଲେ। ଗାଁ ରାସ୍ତାରେ ଯିବା ସମୟରେ ଟଣା ଯାଇଥିବା ଟିଭି କେବୁଲ ତାର ହାଇଓ୍ୱାରେ ଲାଗି ଯାଇଥିଲା। ଫଳରେ ସେ ଗାଡ଼ି ଉପରେ ଚଢି କେବୁଲ ତାର ଟେକିବା ସମୟରେ ଅଳ୍ପ ଉଚ୍ଚରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପୋଡି ହୋଇଯାଇଥିଲ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଜଣାପଡିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ପ୍ରଭାତ ବରଜ ଗ୍ରାମର ଗୋପୀ ସେଠୀଙ୍କ ପୁଅ। ପୋଲିସ ଏହି ଘଟଣାରେ ଓଆର୦୪ ଏମ୍ ୧୮୧୫ ନଂ ହାଇଓ୍ୱାକୁ ଜବତ କରିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମାଞ୍ଚଳରେ କମ୍ ଉଚ୍ଚତାରେ ବିଦ୍ୟୁତ ତାର ଯାଇଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ ଯେ, ଗଞ୍ଜାମ ବସ୍ ଟ୍ରାଜେଡି ପରେ ଭବିଷ୍ୟତରେ ଯେପରି ଏଭଳି ଦୁର୍ଘଟଣା ନ ଘଟିବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଯେଉଁଠି ବିଦ୍ୟୁତ ଖୁଣ୍ଟ, ତାର ଓ ଟ୍ରାନ୍ସଫର୍ମର ବିପଦଶଙ୍କୁଳ ଅବସ୍ଥାରେ ଅଛି ତାହା ଚିହ୍ନଟ କରି ବିହିତ ପଦକ୍ଷେପ ନିଆଯିବାକୁ ବ୍ୟବସ୍ଥା ହୋଇଛି। ଏହାସତ୍ତ୍ୱେ ଏଭଳି ଅଭାବନୀୟ ଘଟଣା ବିଦ୍ୟୁତ୍ ବିଭାଗର ଅପାରଗତାକୁ ପଦାରେ ପକାଇ ଦେଇଛି।

# ୩ ଖଣି ଲିଜ୍‌ଧାରୀଙ୍କ ସମ୍ପତ୍ତି ଜବତ ନିର୍ଦ୍ଦେଶ

**କେନ୍ଦୁଝର, ୧୫।୨(ଡି.ଏନ୍.ଏ.)**

ଜରିମାନା ଖିଲାପି ୩୧ଟି ଖଣିର ୨୩ ଲିଜ୍‌ଧାରୀଙ୍କ ନାମରେ ଓପିଡିଆର୍ ସାର୍ଟିଫିକେଟ ମାମଲା ଦାଏର ହୋଇ ୬୩୫୦କୋଟି ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିଲା। ଇତିମଧ୍ୟରେ କେତେ ଲିଜ୍‌ଧାରୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେଇ ସମ୍ପତ୍ତି ଜବତ ପାଇଁ ପ୍ରକ୍ରିୟା ଜାରି ରହିଛି। କେନ୍ଦୁଝର ଜିଲାପାଳଙ୍କ କୋର୍ଟରେ ଶନିବାର ୫ଟି ଖଣିର ଶୁଣାଣି ଥିବାବେଳେ ୩ଟି ଖଣି ଲିଜ୍‌ଧାରୀଙ୍କ ସମ୍ପତ୍ତି ଜବତ କରି ଜରିମାନା ଅର୍ଥ ଆଦାୟ କରିବାକୁ ଜିଲାପାଳଙ୍କ କୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଶନିବାର ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଏସ୍‌ଡି ଶର୍ମା, ଅର୍ଜ୍ଜୁନ ଲୋଧା, ମିଡ୍‌ଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ ଲିଃ, ମିଡଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ ବଡବିଲ ଏବଂ କେନ୍ଦୁଝର ଖଣି କାର୍ଯ୍ୟାଳୟ ଅନ୍ତର୍ଗତ ମେସର୍ସ ଗନ୍ଧମାର୍ଦ୍ଦନ ସ୍ପଞ୍ଜ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିଃର ଶୁଣାଣି ଥିଲା। ଏହି ଶୁଣାଣିରେ ଜିଲାପାଳଙ୍କ କୋର୍ଟ ସାର୍ଟିଫିକେଟ ମାମଲା (ନଂ.୨୮/୨୦୧୮)କୁ ବିଚାର କରି ଏସ୍‌ଡି ଶର୍ମା ଖଣି ଲିଜ୍‌ଧାରୀଙ୍କ ଗାଡିମୋଟର, ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଜବତ କରିବା ପାଇଁ ୱାରେଣ୍ଟ ଜାରି କରିଛନ୍ତି। ସେହିପରି ଓପିଡିଆର୍ ମାମଲା (ନଂ. ୩୩/୨୦୧୮)ର ମେସର୍ସ ଗନ୍ଧମାର୍ଦ୍ଦନ ସ୍ପଞ୍ଜ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିଃ ଉପରେ ୨୯୫, ୭୫, ୩୦୫୦୧ ଟଙ୍କା ଜରିମାନା ହୋଇଥିବାବେଳେ ଖଣି କର୍ତ୍ତୃପକ୍ଷ ଉତ୍ତରାଧିକାରୀ ଦର୍ଶାଉ ନ ଥିବା ଏବଂ ଜରିମାନା ଅର୍ଥ ଦାଖଲ ନ କରିବା କାରଣରୁ ସଂପୃକ୍ତ ଖଣି କର୍ତ୍ତୃପକ୍ଷଙ୍କ ସମ୍ପତ୍ତି ଜବତ କରିବାକୁ ୱାରେଣ୍ଟ ଜାରି କରିଛନ୍ତି। ଏଥିସହ ଓପିଡିଆର୍ ମାମଲା (ନଂ.୪୦/୨୦୧୮)ର ଅର୍ଜ୍ଜୁନ ଲୋଧା ଲିଜ୍‌ଧାରୀଙ୍କ ମାମଲା ବିଚାର କରି ଲିଜ୍‌ଧାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ଜବତ ସହ ତାଙ୍କର ସଂପତ୍ତି ଜବତ କରି ଜରିମାନା ଅର୍ଥ ଆଦାୟ ପାଇଁ ୱାରେଣ୍ଟ ଜାରି କରିଛନ୍ତି। ଅପରପକ୍ଷେ ସାର୍ଟିଫିକେଟ ମାମଲା (ନଂ ୪୮/୨୦୧୮) ର ମିଡ୍‌ଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ ଲିଃର ବିଚାର କରି କେନ୍ଦ୍ରୀୟ ଖଣି ଟ୍ରିବ୍ୟୁନାଲ ନିର୍ଦ୍ଦେଶ ମୁତାବକ ଜରିମାନା ଅର୍ଥ ପଇଠ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହାବାଦ୍ ମାମଲା (ନଂ.୬୪/୨୦୧୮)ର ମିଡଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ ବଡବିଲର ବିଚାର କରାଯାଇଥିବାବେଳେ ଖଣି କମ୍ପାନୀ ତରଫରୁ ଆଗାମୀ ୭ଦିନ ମଧ୍ୟରେ ଦୁଇଟି କିସ୍ତିରେ ବକେୟା ଜରିମାନା ଅର୍ଥ ପଇଠ କରିବାକୁ ଜିଲାପାଳଙ୍କ କୋର୍ଟ ନିର୍ଦ୍ଦେଶ ଜାରି କରିଥିବା ଜଣାପଡିଛି।

# ଏନ୍‌ଏଚ୍‌ରେ ଛିଣ୍ଡି ପଡ଼ିଲା ୧୩୩ କେ.ଭି. ବିଦ୍ୟୁତ୍ ତାର

**ଝାରସୁଗୁଡ଼ା ଅଫିସ, ୧୫।୨**

ଝାରସୁଗୁଡ଼ା ଜିଲା ବୁଡିପଥର ଗ୍ରୀଡ୍‌ରୁ ଧୁତ୍ରା ଅଲ୍‌ଟ୍ରାଟେକ୍ ସିମେଣ୍ଟ କାରଖାନାକୁ ଯାଇଥିବା ୧୩୩ କେଭି ବିଶିଷ୍ଟ ବିଦ୍ୟୁତ ତାର ଶନିବାର ଅପରାହ୍ଣରେ ହଠାତ ଛିଣ୍ଡି ଯାଇ ବିଟିଏମ୍ ଛକ (ଜାତୀୟ ରାଜପଥ-୪୯)ରେ ପଡିଥିଲା। ହେଲେ ସୌଭାଗ୍ୟ ବଶତଃ ଏଥିଯୋଗୁ କୌଣସି ଦୁର୍ଘଟଣା ଘଟି ନାହିଁ। ଜାତୀୟ ରାଜପଥ ଉପରେ ଏହି ତାର ପଡି ରହିବାରୁ ପ୍ରାୟ ୨ଘଣ୍ଟା ଯାତାୟାତ ବନ୍ଦ ରହିଥିଲା। ଖବର ପାଇ ବୁଡିପଥର ଗ୍ରୀଡର କର୍ମଚାରୀ ପହଞ୍ଚି ବିଦ୍ୟୁତ ପ୍ରବାହ ବନ୍ଦ କରି ମରାମତି କରିଥିଲେ। ତେବେ ସେଠାରେ ଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ, ଏହି ତାର ଛିଣ୍ଡି ତଳେ ପଡିବା ପରେ ନିଆଁ ବାହାରିଥିଲା। ତାର ଛିଣ୍ଡିଲା ସମୟରେ ଘଟଣା ସ୍ଥଳରୁ ଅଳ୍ପ ଦୂରରେ ଏକ ଯାତ୍ରୀବାହୀ ବସ୍ ଥିଲା। ଆଖପାଖରେ ଲୋକେ ମଧ୍ୟ ଚଳପ୍ରଚଳ କରୁଥିଲେ। ଦିନ ହୋଇଥିବାରୁ ଏବଂ ସେଠାରେ ଲୋକେ ଉପସ୍ଥିତ ଥିବାରୁ ଗାଡିମୋଟର ଅଟକାଇ କାହାରିକୁ ଯିବାକୁ ଦେଇ ନ ଥିଲେ। ଏଣୁ ଏକ ବଡ ଧରଣର ଦୁର୍ଘଟଣା ଟଳିଛି। ଭବିଷ୍ୟତରେ ଯେଭଳି ଏପରି ନ ଘଟେ ସେଥିପ୍ରତି ବିଦ୍ୟୁତ୍ ବିଭାଗ ଧ୍ୟାନ ଦେଉ ବୋଲି ଲୋକେ କହିଛନ୍ତି । ଅନ୍ୟପଟେ ଏହି ତାର କିପରି ଛିଣ୍ଡିଲା ତାହା ବିଦ୍ୟୁତ ବିଭାଗ ଅଧିକାରୀ ତଦାରଖ କରୁଛନ୍ତି। ଏ ସମ୍ପର୍କରେ ଓପିଟିସିଏଲ୍ ଡିଜିଏମ୍ ଟିକନାଥ ହରିଜନଙ୍କ ସହ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ ।

ପ୍ରଥମ ପୃଷ୍ଠାରୁ...

## ବାଚସ୍ପତିଙ୍କ...

କରିବା ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

ପୂର୍ବାହ୍ଣ ୧୦ଟା ୩୦ ମିନିଟରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାକାର୍ଯ୍ୟ ଚଳାଇବା ଲାଗି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ପ୍ରବେଶ କରିଥିଲେ। ସଦସ୍ୟମାନେ ଛିଡ଼ା ହୋଇ ବାଚସ୍ପତିଙ୍କୁ ନମସ୍କାର ଜଣାଇ ସ୍ୱାଗତ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯିବା ପୂର୍ବରୁ କଂଗ୍ରେସ ଦଳର ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି ଗୃହର ମଧ୍ୟଭାଗକୁ ଆସି ବାଚସ୍ପତି ଦେଇଥିବା ରୁଲିଂକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଏହି ସମୟରେ କଂଗ୍ରେସର ଅନ୍ୟ ସଦସ୍ୟ ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ, ସନ୍ତୋଷ ସିଂ ସାଲୁଜା, ରମେଶ ଜେନା ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଭାଜପା ସଦସ୍ୟମାନେ ମଧ୍ୟ ଏହି ପ୍ରସଙ୍ଗରେ କଂଗ୍ରେସ ସଦସ୍ୟମାନଙ୍କୁ ସମର୍ଥନ କରି ହୋ-ହଲ୍ଲା କରିଥିଲେ। ପ୍ରବଳ ହଟ୍ଟଗୋଳକୁ ଦେଖି ବାଚସ୍ପତି ମାତ୍ର ଅଧ ମିନିଟ ପରେ ଗୃହକୁ ୧୧ ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ପୁଣି ୧୧ ଟା ୩୦ରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ପୂର୍ବଭଳି ତାରା ଗୃହର ମଧ୍ୟଭାଗକୁ ଆସି ରୁଲିଂ ପ୍ରତ୍ୟାହାର କରିବାକୁ ବାଚସ୍ପତିଙ୍କ ନିକଟରେ ଦାବି କରିଥିଲେ। ବାଚସ୍ପତିଙ୍କ ମନମୁଖୀ ଶାସନ ଚଳିବ ନାହିଁ, ଚଳିବ ନାହିଁ...ସ୍ଲୋଗାନ ଦେଇଥିଲେ। କଂଗ୍ରେସ ଓ ଭାଜପା ସଦସ୍ୟମାନେ ମଧ୍ୟ ତାଙ୍କ ସହ ତାଳ ଦେଇଥିଲେ। ବାଚସ୍ପତି ଉଭୟ ଦଳର ସଦସ୍ୟମାନଙ୍କୁ ସିଟ୍‌ରେ ବସିବା ଲାଗି ଅନୁରୋଧ କରିଥିଲେ। ମାତ୍ର ଏହି ଅନୁରୋଧ ବିରୋଧୀଙ୍କ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା। ରୁଲିଂ ପ୍ରତ୍ୟାହାର ନ କରିବା ଯାଏ ସିଟ୍‌କୁ ଯିବେ ନାହିଁ ବୋଲି ସେମାନେ ଅଡ଼ି ବସିଥିଲେ। ୪ ମିନିଟ୍ କାଳ ବାଚସ୍ପତି ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ସେ କହିଥିଲେ ଯେ, ଏକ ଗୁରୁତ୍ୱପୂର୍ଣ୍ଣ ମୁଲତବୀ ଆଲୋଚନା ପାଇଁ ପ୍ରସ୍ତାବ ଦିଆଯାଇଛି। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ହେବାର ଅଛି। ଆପଣମାନେ ନିଜ ସିଟ୍‌କୁ ଯାଆନ୍ତୁ। ତା'ପରେ ବିଚାର କରାଯିବ। ମାତ୍ର ବାଚସ୍ପତିଙ୍କ ପରାମର୍ଶକୁ ସଦସ୍ୟମାନେ ଗ୍ରହଣ ନ କରି ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ଗୃହରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। କୌଣସି ଉପାୟ ନ ପାଇ ବାଚସ୍ପତି ଗୃହକୁ ୧୧ ଟା ୩୪ ମିନିଟରେ ଅପରାହ୍ଣ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ଅପରାହ୍ଣରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ବିରୋଧୀ ଦଳ ସଦସ୍ୟମାନେ ରୁଲିଂକୁ ନେଇ ହଟ୍ଟଗୋଳ କରିଥିଲେ। ବାଚସ୍ପତି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ ମଧ୍ୟ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ବାଚସ୍ପତି ପୁଣି ଗୃହକୁ ୧୫ ମିନିଟ ପାଇଁ ମୁଲତବୀ ଘୋଷଣା କରିଦେଇଥିଲେ। ୩ଟା ୧୮ରୁ ପୁଣି ଅଧଘଣ୍ଟା ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ୩ଟା ୫୦ ମିନିଟରେ ବାଚସ୍ପତି ଗୃହରେ ଦେଖା ଦେଇଥିବା ଅଚଳାବସ୍ଥାକୁ ଏଡାଇବା ପାଇଁ ସର୍ବଦଳୀୟ ବୈଠକ ଡାକିଥିଲେ। ଅପରାହ୍ଣ ୫ଟାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, କଂଗ୍ରେସ ଦଳ ନେତା ନରସିଂହ ମିଶ୍ର, ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ତାରା ପ୍ରସାଦ ବାହିନୀପତି, ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାଶ ଏବଂ ସିପିଆଇଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡାଙ୍କୁ ଯୋଗ ଦେବାକୁ ବାଚସ୍ପତି ଅନୁରୋଧ କରିଥିଲେ। ଗୃହକୁ ଅପରାହ୍ଣ ୩ଟା ୫୧ରୁ ଅପରାହ୍ଣ ୫ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ସର୍ବଦଳୀୟ ବୈଠକରେ କୌଣସି ନିର୍ଯ୍ୟାସ ବାହାରି ନ ପାରିବାରୁ ଗୃହକୁ ସନ୍ଧ୍ୟା ୬ଟା ୫୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ଦୀର୍ଘ ଆଲୋଚନା ପରେ ବିରୋଧୀଙ୍କ ଦାବିକୁ ବାଚସ୍ପତି ଗ୍ରହଣ କରି ରୁଲିଂ ଗୋଟିଏ ଦିନ ପାଇଁ ଥିଲା ବୋଲି ଘୋଷଣା କରିବା ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନାକେଇ ନାକରେ ଗୁଣା,**
**ପାକେଇ ଖାଉଛି ଚଣା,**
**କୁମ୍ଭାର ଉହାରେ ଚାନ୍ଦୁଆ ଟଣା,**
**ଏସବୁ ବିଡ଼ମ୍ବନା ।**

ଯାହାର ନାକ ଅସୁନ୍ଦର ତା'ପାଇଁ ନାକଗୁଣା ସେତେ ଗୁରୁତ୍ୱ ରଖି ନ ଥାଏ। ଚଣା ଭଳି ଟାଣ ଜିନିଷ ଖାଇବା ପାଇଁ ମଜଭୁତ ଦାନ୍ତର ଆବଶ୍ୟକତା ପଡ଼ିଥାଏ। ବିନା ଦାନ୍ତରେ ଚଣା ଖାଇବା ନିହାତି କଷ୍ଟକର ହୋଇଯାଇଥାଏ। କୁମ୍ଭାର ଯାହାର ମାଟି କାଦୁଅରେ କାମ ତା' ଦୁଆରେ ଚାନ୍ଦୁଆ ଟଣାଯିବା ମୂଲ୍ୟହୀନ ହୋଇଯାଏ। ଏସବୁ ଅକାରଣ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନୂଆ ଯୋଗୀ ଭିକେ ବାଇ,**
**ପାଉ କି ନ ପାଉ ବୁଲୁଥାଇ ।**

ଯୋଗୀ ଭିକ୍ଷା କରି ପେଟ ପୋଷିଥାଏ। ଯିଏ ନୂଆ ନୂଆ ଯୋଗୀ ହୋଇଥାଏ ତା'ର ସେତେ ଚିହ୍ନାଜଣା ନ ଥିବାରୁ ଭିକ ମିଳିବା କଷ୍ଟକର ହୋଇଯାଇଥାଏ। ପରୋକ୍ଷରେ ନୂଆ କରି କାମ ଆରମ୍ଭ କରୁଥିବା ବ୍ୟକ୍ତି ପକ୍ଷେ ଅଭିଜ୍ଞତା ଅଭାବରୁ ସେଥିରେ ସଫଳ ହେବା ନିମନ୍ତେ ସମୟ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ପ୍ରଥମ ପୃଷ୍ଠାରୁ...

## ଅନୁପଙ୍କ...

ଥାନା ଅଧୀନ ହମିରପୁର ଜଙ୍ଗଲ ରାସ୍ତାରେ ଜଣେ ମହିଳା ଓ ତାଙ୍କ ଶିଶୁ କନ୍ୟାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପ୍ରାଥମିକ ତଦନ୍ତ ବେଳେ ଏହା ଦୁର୍ଘଟଣାଜନିତ ମୃତ୍ୟୁ ଭଳି ଲାଗୁଥିଲା। ହେଲେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଇଥିଲା। ସେତେବେଳେ ଦୁଇ ମୃତଦେହର ପରିଚୟ ମିଳି ନ ଥିଲା। ଉଭୟ ମୃତଦେହ ଡିଏନଏ ଟେଷ୍ଟ କରାଯାଇଥିଲା। ଶେଷରେ ଏକ ହତ୍ୟା ମାମଲା (ନଂ.୧୫୮/୧୬)ରୁଜୁ କରି ଉଭୟ ମୃତଦେହର ଫଟୋକୁ ଓଡିଶା, ପଶ୍ଚିମବଙ୍ଗ, ବିହାର, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡର ବିଭିନ୍ନ ଥାନାକୁ ପଠାଯାଇଥିଲା। ଏହି ଘଟଣାର ତଦନ୍ତ କରିବା ପାଇଁ ଏକ ପୋଲିସ ଟିମ୍ ବି ଗଠନ କରାଯାଇଥିଲା। ପ୍ରାୟ ୧ ବର୍ଷ ପରେ ମୃତ ମା'ଝିଅଙ୍କ ପରିଚୟ ମିଳିଥିଲା। ଓଡିଶା ପୋଲିସରେ କାର୍ଯ୍ୟରତ ଜଣେ କନ୍‌ଷ୍ଟେବଲ ସେହି ମା'ଝିଅଙ୍କ ସମ୍ପର୍କରେ ତଥ୍ୟ ଦେଇଥିଲେ। ଘଟଣାସ୍ଥଳରୁ ମହିଳାଙ୍କ ମୋବାଇଲ ଫୋନ ମିଳି ନ ଥିଲା। ପରେ ତାଙ୍କ ମୋବାଇଲ ଫୋନ ନମ୍ବର ଆଣିବା ପରେ କଲ୍ ଡିଟେଲ୍ସ ଅଣାଯାଇଥିଲା। ସେଥିରୁ ପୂର୍ବତନ ବିଧାୟକ ଅନୁପ ସାଏଙ୍କ ସହିତ ତାଙ୍କର ଲିଙ୍କ୍ ଥିବା ଜଣାପଡିଥିଲା।

୨୦୧୧ରେ କଳ୍ପନାଙ୍କ ସହିତ ତାଙ୍କ ସ୍ୱାମୀ ସୁନୀଲ ଶ୍ରୀବାସ୍ତବଙ୍କ ବିବାହ ବିଚ୍ଛେଦ ହୋଇଥିଲା। ଏହାପରେ କଳ୍ପନାଙ୍କ ସହିତ ଅନୁପଙ୍କ ସମ୍ପର୍କ ବଢ଼ିଥିଲା। ସେହିବର୍ଷ ଅନୁପ ଭୁବନେଶ୍ୱର ସୁନ୍ଦରପଦାରେ ଏକ ୩ ମହଲାର ଫ୍ଲାଟ୍ କିଣି କଳ୍ପନାଙ୍କୁ ସେଠାରେ ରଖିଥିଲେ। ଏମିତି ଦୀର୍ଘଦିନ ଧରି ଏକା ସଙ୍ଗେ ରହିବାରୁ କଳ୍ପନା ସ୍ତ୍ରୀର ମର୍ଯ୍ୟାଦା ଦାବି କରିବା ସହିତ ସମ୍ପତ୍ତିର ଭାଗ ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଅଧିକାଂଶ ସମୟରେ ପାଟିତୁଣ୍ଡ ହେଉଥିଲା। ଏହାପରେ କଳ୍ପନାଙ୍କୁ ରାସ୍ତାରୁ ହଟାଇବାକୁ ଅନୁପ ଯୋଜନା କରିଥିଲେ। ରାୟଗଡ ଯାଇ ଏକ ମନ୍ଦିରରେ ବିବାହ କରିବାକୁ କଳ୍ପନାଙ୍କୁ ରାଜି କରାଇଥିଲେ ଅନୁପ। କଳ୍ପନା ରାଜି ହେବା ପରେ ଅନୁପ ଏଥିପାଇଁ ସମସ୍ତ ଯୋଜନା ପ୍ରସ୍ତୁତ କରିଥିଲେ। ଅନୁପ ୨୦୧୬ ମେ' ୬ ତାରିଖ ରାତି ପ୍ରାୟ ୯ଟାରେ କଳ୍ପନା ଓ ବବ୍‌ଲିଙ୍କୁ ନେଇ ନିଜ ଗାଡିରେ ରାୟଗଡ ଅଭିମୁଖେ ବାହାରିଥିଲେ। ବର୍ଦ୍ଧନ ଗାଡ଼ି ଚଳାଇଥିଲେ। ରାତିର ଅନ୍ଧକାର ଓ ଜଙ୍ଗଲ ରାସ୍ତାରେ ଅନୁପ ଗାଡିରେ ଥିବା ଏକ ଲୁହା ରଡରେ କଳ୍ପନା ଓ ବବଲିଙ୍କ ମୁଣ୍ଡକୁ ପିଟି ହତ୍ୟା କରିଥିଲେ। ଶେଷରେ ଉଭୟଙ୍କ ମୃତଦେହକୁ ରାସ୍ତା ଉପରେ ପକାଇ ତାଙ୍କ ଉପରେ ଗାଡି ମଡ଼ାଇ ଦୁର୍ଘଟଣାର ରୂପ ଦିଆଯାଇଥିଲା।

# ମୃତକଙ୍କ ପରିଚୟ ପାଇବା ଚ୍ୟାଲେଞ୍ଜ ଥିଲା

ହତ୍ୟା ଘଟଣାରେ ଅଜଣା ମୃତଦେହକୁ ଚିହ୍ନଟ କରି ଅପରାଧୀଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ଥାଏ। ଏଭଳି ଏକ ଘଟଣାରେ ଅଭିଯୁକ୍ତଙ୍କୁ ଧରିଥିଲେ ବାରଙ୍ଗ ଥାନାର ଭାରପ୍ରାପ୍ତ ଅଧିକାରୀ ଶଶିକାନ୍ତ ରାଉତ। ବର୍ଷାରେ ସବୁ ପ୍ରମାଣ ନଷ୍ଟ ହୋଇଯାଇଥିଲେ ମଧ୍ୟ ୮ ଦିନ ଭିତରେ ସେ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲେ। ଏନେଇ ପାଇଥିବା ଅନୁଭୂତି ସମ୍ପର୍କରେ ସେ ଯାହା କୁହନ୍ତି...

**ଥାନା ଅଧିକାରୀଙ୍କ ଅନୁଭୂତି**



୨୦୧୯ ସେପ୍ଟେମ୍ବର ୧୧ ସକାଳେ ପ୍ରବଳ ବର୍ଷା ହେଉଥିଲା। ଏହି ସମୟରେ ଥାନାକୁ ଫୋନ ଆସିଲା ଯେ, ପଞ୍ଚୁପାଳ ଗ୍ରାମ କେନାଲ ନିକଟ ତାରିଣୀ ମନ୍ଦିର ସମ୍ମୁଖରେ ଜଣେ ବ୍ୟକ୍ତିଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଛି। ସଙ୍ଗେ ସଙ୍ଗେ ମୁଁ ମୋର ଟିମ୍‌କୁ ନେଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କଲି। ଏକ ଧାରୁଆ ଅସ୍ତ୍ରରେ ଉକ୍ତ ବ୍ୟକ୍ତିଙ୍କ ବେକ ଓ ମୁହ କଟାଯିବା ସହ ଛେଚା ଯାଇଥିଲା। ଏନେଇ ଫୋରେନସିକ ଟିମ୍ ଓ ଡଗ୍ ସ୍କ୍ୱାଡ୍‌କୁ ଖବର ଦିଆଗଲା। ସେମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୂର୍ବଦିନ ରାତିରୁ ପ୍ରବଳ ବର୍ଷା ହେଉଥିବାରୁ ହତ୍ୟାକାରୀଙ୍କ ପ୍ରମାଣ ମିଳିବା ଟିମ୍ ପାଇଁ କଷ୍ଟସାଧ୍ୟ ଥିଲା। ପାଖରେ ଥିବା ଏକ ମଣ୍ଡପ ଉପରେ ଏକ ମୋଟା ବାଉଁଶରେ କିଛି ରକ୍ତ ଲାଗିଥିବା ଦେଖି ଏହା ସାହାଯ୍ୟରେ ହତ୍ୟା କରାଯାଇଥିବା ଆଶଙ୍କା କରାଯାଉଥିଲା। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ରିପୋର୍ଟକୁ ଅପେକ୍ଷା କରିଥିଲୁ। ଅପରପକ୍ଷେ ମୃତକଙ୍କ କୌଣସି ପରିଚୟ ନ ମିଳିବା ଆମ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଥିଲା। ମୃତକଙ୍କ ଫଟୋକୁ ବିଭିନ୍ନ ଥାନାକୁ ପଠାଯିବା ସହ ସୋସିଆଲ ମିଡିଆରେ ସେୟାର କରାଯାଇଥିଲା। ଘଟଣା ଘଟିଥିବା ଗାଁ ପାଖରେ ଏକ ବିଶେଷସୂତ୍ରରୁ ଖବରମିଳିଲା ଯେ, ମୃତକଙ୍କ ସହ ଆଗରୁ ସେହି ଗ୍ରାମର ଶୁଭେନ୍ଦୁ ରଥ କାମ କରିବା ସହ ମିଳାମିଶା କରୁଥିଲେ। ମାତ୍ର ଘଟଣା ଘଟିବା ପରଠାରୁ ସେ ଫେରାର ଥିଲେ। ଏନେଇ ଆମେ ଶୁଭେନ୍ଦୁଙ୍କୁ ଖୋଜିଥିଲୁ। ଧରିବା ପରେ ତାଙ୍କୁ ଏବିଷୟରେ ପଚରାଉଚରା କରିଥିଲୁ। ମାତ୍ର ସେ କିଛି ମାନି ନ ଥିଲେ। ଏନେଇ ତାଙ୍କୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଥାନାରେ ବସାଇ ସିସିଟିଭିରେ ତାଙ୍କ ଗତିବିଧି ଲକ୍ଷ୍ୟ କରିଥିଲୁ। ସେଥିରେ ତାଙ୍କ ମାନସିକ ଅବସ୍ଥା ଦେଖି ସନ୍ଦେହ ଅଧିକ ବଢ଼ିବାରୁ ମାମଲାର ତଦନ୍ତ ଚାଲିବା ପର୍ଯ୍ୟନ୍ତ ସବୁଦିନ ଥାନାକୁ ଆସିବା ପାଇଁ କହିଥିଲି। ମାତ୍ର ସେ ୨ ଦିନ ଥାନାକୁ ଆସିବା ପରେ ଫେରାର ହୋଇଯାଇଥିଲେ। କୌଣସି ସୂତ୍ରରୁ ମୃତକଙ୍କ ଫଟୋ ମୋବାଇଲ ଫୋନରେ ଦେଖି ତାଙ୍କ ସ୍ତ୍ରୀ ସେପ୍ଟେମ୍ବର ୧୪ରେ ବାରଙ୍ଗ ଥାନାକୁ ଆସିଥିଲେ। ଏହି ସମୟରେ ମୃତକଙ୍କ ପରିଚୟ ମଣ୍ଟୁ ବୋଲି ଜଣାପଡିଥିଲା। ତାଙ୍କ ଘର ଚନ୍ଦକା ଥାନା ଅନ୍ତର୍ଗତ ଚୁଡ଼ଙ୍ଗଗଡ଼ରେ ବୋଲି ସ୍ତ୍ରୀ କହିଥିଲେ। ଏହାପରେ ତଦନ୍ତରେ ଅସୁବିଧା ହୋଇ ନ ଥିଲା। ସେପଟେ ରକ୍ତ ନମୁନା ରିପୋର୍ଟରେ ମଣ୍ଟୁ ମଦ ପିଇଥିବା ବାହାରିବାରୁ ବାରଙ୍ଗ ଅଞ୍ଚଳର ବିଭିନ୍ନ ମଦଦୋକାନୀଙ୍କୁ ପଚରାଉଚରା କରାଯାଇଥିଲା। ଘଟଣାଦିନ ରାତିରେ ମଣ୍ଟୁ ଓ ଶୁଭେନ୍ଦୁ ବାରଙ୍ଗ ପରିବାମାର୍କେଟ ପାଖ ମଦଦୋକନରୁ ମଦଆଣି ପିଇଥିବା ଜଣାପଡ଼ିଥିଲା। ସେହି ତଥ୍ୟକୁ ଆଧାରକରି ପୁନର୍ବାର ଶୁଭେନ୍ଦୁଙ୍କୁ ଧରି ପଚାରଉଚୁରା କରିଥିଲୁ। ଏଥର ସେ ସତକଥା ମାନିଯିବା ସହ ନିଜ ଦୋଷ ସ୍ୱୀକାର କରିଥିଲେ। ଶୁଭେନ୍ଦୁଙ୍କ କହିବାନୁଯାୟୀ ସେମାନେ ମଦ ଆଣି ମନ୍ଦିର ପାଖ କେନାଲ କଡ଼ରେ ବସି ପିଇଥିଲେ। ଏହି ସମୟରେ ମଣ୍ଟୁଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ଶୁଭେନ୍ଦୁ ରାଗିଯାଇ ମଣ୍ଟୁଙ୍କ ମୁଣ୍ଡକୁ ପାଖରେ ପଡ଼ିଥିବା ଏକ ବାଉଁଶରେ ବାଡ଼େଇ ଦେଇଥିଲେ। ଫଳରେ ସେ ସେଠାରେ ପଡ଼ିଯାଇଥିଲେ। ଏହାପରେ ଶୁଭେନ୍ଦୁ ପାଖରେ ଥିବା ଘାସକଟା ଖଣ୍ଡାରେ ମଣ୍ଟୁଙ୍କ ବେକ ଓ ମୁହଁକୁ ହାଣିଦେଇଥିଲେ। ଉକ୍ତ ଖଣ୍ଡାକୁ କେନାଲ ପାଖ ବୁଦାକୁ ଫୋପାଡି ଚାଲିଯାଇଥିଲେ। ଦୋଷ ସ୍ୱୀକାର କରିବା ପରେ ଶୁଭେନ୍ଦୁଙ୍କୁ ଗିରଫ କରାଯାଇଥିଲା।

ରିପୋର୍ଟ- ମନୋଜ ସ୍ୱାଇଁ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କେତୁଙ୍କ ନକ୍ଷତ୍ରରେ ରହି କେତୁଯୁକ୍ତ କାରଣରୁ ସାଧାରଣ କଥାରେ ବେଶି ବିବ୍ରତ ହେବା ନିଜ ପାଇଁ କ୍ଷତିର କାରଣ ହୋଇପାରେ। ଶନି ଦୃଷ୍ଟିରେ ଚନ୍ଦ୍ର ରହିଥିବାରୁ ସାମାଜିକ ସ୍ତରରେ ଅନ୍ୟମନସ୍କ ଓ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ ।

**ବୃଷ**
ଅଷ୍ଟମସ୍ଥ ତିନୋଟି ଗ୍ରହ ଆପଣଙ୍କୁ ଅର୍ଥ ସମ୍ପର୍କୀୟ କିମ୍ବା ମତ ମନ୍ତବ୍ୟ ସକାଶେ ସମସ୍ୟା ସୃଷ୍ଟି କରିବେ। ଶୁକ୍ର ଉଚ୍ଚ ରାଶିରେ ଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ, କିନ୍ତୁ ବିଶେଷ କିଛି ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ର କିମ୍ବା ପାରିବାରିକ ସମସ୍ୟା ସୁଧାରିବାରେ ଅସଫଳତାକୁ ନେଇ ବନ୍ଧୁ କିମ୍ବା ପାଖ ପଡ଼ୋଶୀଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**ମିଥୁନ**
ଅଭାବ ନ ଥିଲେ ମଧ୍ୟ ଚନ୍ଦ୍ରଙ୍କ ଅଶୁଭ ସମ୍ପର୍କରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଫାଇଦା ହାସଲ ପାଇଁ ସମ୍ପର୍କୀୟମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ବନ୍ଧୁଙ୍କ ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ, କିନ୍ତୁ ସୁବିଧାରେ କାମ ହାସଲ କରିବା କଷ୍ଟକର ହେବ। ସଭା ସମିତିରେ ପ୍ରଶଂସା, ମନୋରଞ୍ଜନରେ ରୁଚିଯୁକ୍ତ ହୋଇପାରନ୍ତି।

**କର୍କଟ**
ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଇନ, ଅଦାଲତ, ଲୋକସମ୍ପର୍କ କ୍ଷେତ୍ରରେ ଆଶାନୁଯାୟୀ ସୁଫଳ ପାଇବେ। କିନ୍ତୁ ପୁଷ୍ୟା ନକ୍ଷତ୍ରଜାତ ବ୍ୟକ୍ତିମାନେ କଠୋର ପରିଶ୍ରମ ଜନିତ ଦୈହିକ ଦୁର୍ବଳତା ଯୋଗୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଆର୍ଥିକ ଅବନତିର ସମୀକ୍ଷା କରି ଚିନ୍ତିତ ରହିପାରନ୍ତି। ବ୍ୟବସାୟ, ପ୍ରଶାସନ ଓ ଆଇନ କ୍ଷେତ୍ର ପୂର୍ବବତ୍ ରହିବ।

**ସିଂହ**
ରାଶି ପ୍ରତି ରବି ଓ ବୁଧଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ଯୋଗୁ ଶାରୀରିକ ସୁସ୍ଥତା, ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା, ଅର୍ଥଲାଭ ସହ କାର୍ଯ୍ୟ ସିଦ୍ଧି ଅବଶ୍ୟମ୍ଭାବୀ। ଗ୍ରହଗୁଡ଼ିକ ଅନୁକୂଳତାରୁ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇଲେ ମଧ୍ୟ ଆବଶ୍ୟକତା ଅପୂରଣ ରହିବ ନାହିଁ। କଚେରି ମାମଲା କିମ୍ବା ଜମିଜମା କ୍ଷେତ୍ରରେ ମାନସିକ ଅବସାଦ କାରଣରୁ କୌଣସି କାମ ଉତ୍ସାହପ୍ରଦ ହୋଇନପାରେ।

**କନ୍ୟା**
ଆଜିର ପ୍ରତ୍ୟୁଷ ଯାତ୍ରାରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ। କିନ୍ତୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଭାଇଙ୍କ ସମସ୍ୟାର ସମାଧାନ ଏବଂ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଯୋଗୁ ଚିନ୍ତା କରିପାରନ୍ତି। ପ୍ରଶାସନିକ ସ୍ତରରେ ସମସ୍ୟାର ଅନ୍ତ ଘଟିବା ସାଙ୍ଗକୁ ଅର୍ଥ ସଂକଟର ସମାଧାନ କରିବାରେ ସଫଳ ହେବେ।

**ତୁଳା**
ଶନିଙ୍କ ପ୍ରଭାବରେ ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବ, କିନ୍ତୁ କୌଣସି ଅସୁବିଧା ହେବନାହିଁ। କିନ୍ତୁ ଛୋଟ ଛୋଟ ଘଟଣାକୁ କେନ୍ଦ୍ରକରି ପରିବାରରେ ମନାନ୍ତର ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା କାରଣରୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନ ସକାଶେ ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ।

**ବିଛା**
ଶତ୍ରୁଗୃହୀ କର୍ମାଧିପ ଯୋଗୁ ଆକସ୍ମିକ ସମସ୍ୟା କାରଣରୁ ଚେଷ୍ଟା କରୁଥିବା କାର୍ଯ୍ୟରେ ଗତି ମନ୍ଥର ହେବ। ଯାତ୍ରା ସମୟରେ ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ ହୋଇପାରେ। ସଭାସମିତି, ପ୍ରଶାସନ, ପ୍ରକାଶନ, ଆଇନ ଓ ଅଦାଲତ କ୍ଷେତ୍ରରେ ଆଶ୍ୱସ୍ତି ଲାଭ କରିବେ। ସାମୟିକ କ୍ରନିକ୍ ରୋଗଜନିତ ସ୍ୱାସ୍ଥ୍ୟ ସମସ୍ୟା ସାମୟିକ ମନକୁ ଭାରାକ୍ରାନ୍ତ କରିପାରେ।

**ଧନୁ**
ଅଧୈର୍ଯ୍ୟ ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ସଫଳତା ପାଇବାରେ ଅସୁବିଧା ହେବନାହିଁ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଏଣୁ ଅନ୍ୟର କଥାକୁ ସତ ମନେକରି କାମ କଲେ ଅପଦସ୍ଥ ହେବାକୁ ପଡ଼ିପାରନ୍ତି। ଆଲୋଚନାରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ବହୁତ ସମ୍ଭାବନା ରହିଛି ।

**ମକର**
ଅନୁକୂଳ ଗ୍ରହ ପ୍ରଭାବରୁ ଯେମିତି ଯାହା ଚାହିଁବେ, ସବୁଥିରେ ସଫଳତା ହାସଲ କରି ଖୁସୀ ହେବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କମିବ। ସାମୟିକ ସମ୍ପର୍କ ରହିଥିବା ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଗୃହସୀମା, ନିର୍ମାଣ, ଜମିଜମା କାରବାରରେ ସମସ୍ୟାମୁକ୍ତ ରହିବା ସହ ଆର୍ଥିକ ସ୍ଥିତି ପୂର୍ବପରି ରହିବ।

**କୁମ୍ଭ**
ବିଭିନ୍ନ ପୁରାତନ ସମସ୍ୟାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖି ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଯାତ୍ରା ସମୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହୋଇପାରନ୍ତି।

**ମୀନ**
ଷଷ୍ଠାଧିପ ଯୁକ୍ତ ବୁଧଙ୍କ କୁପ୍ରଭାବରେ ସକାଳୁ ସକାଳୁ ପାରିବାରିକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। କିନ୍ତୁ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ କର୍ମକ୍ଷେତ୍ରରେ ଚେଷ୍ଟା ଅବ୍ୟାହତ ରଖନ୍ତୁ, ନିଶ୍ଚିତ ଉପକୃତ ହେବେ। ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ମଧ୍ୟ ସୁଫଳ ମିଳିବାର ଆଶା ରହିଛି ।

ଆଜି ଫାଲ୍‌ଗୁନ୍ କୃଷ୍ଣ ଅଷ୍ଟମୀ ରବିବାର, ଫେବୃୟାରୀ ୧୬ ତାରିଖ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ମେଷ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ୭।୦୪ମି. ଗତେ ଘ୧୦।୦୬ମି. ମଧ୍ୟେ ଅମୃତବେଳା। ଦିବା ଘ୯।୦୯ମି. ଗତେ ଘ୧୦।୩୫ମି. ମଧ୍ୟେ, ଘ୧।୨୪ମି. ଗତେ ଘ୨।୫୦ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ଣ ଘ୪।୧୬ମି. ଗତେ ଘ୫।୦୪ ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ବିଧାନସଭା ବିବରଣୀ କମ୍ପ୍ୟୁଟରୀକୃତ ହେବ

ଭୁବନେଶ୍ୱର,୧୫।୨(ବ୍ୟୁରୋ): ପୂର୍ବରୁ ଓଡ଼ିଶା ବିଧାନସଭାର ବିବରଣୀ ହାତରେ ଲେଖା ଯାଉଥିଲା। କିନ୍ତୁ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏଣିକି ହାତଲେଖା ପରିବର୍ତ୍ତେ ବିଧାନସଭା ବିବରଣୀ କମ୍ପ୍ୟୁଟର ଦ୍ୱାରା ପ୍ରସ୍ତୁତ କରାଯାଇ ଗୃହର ମାନ୍ୟବର ବିଧାୟକ,ବିଧାୟିକାମାନଙ୍କ ନିକଟକୁ ସଦସ୍ୟ ସ୍ୱାକ୍ଷର/ସଂଶୋଧନ ନିମନ୍ତେ ପଠାଯିବ। ଷୋଡ଼ଶ ବିଧାନସଭାର ତୃତୀୟ ଅଧିବେଶନଠାରୁ ଏହା କାର୍ଯ୍ୟକାରୀ କରାଯିବ ବୋଲି ବାଚସ୍ପତି ଡ. ପାତ୍ର ପ୍ରକାଶ କରିଛନ୍ତି। ଶନିବାର ବାଚସ୍ପତି ଡ. ପାତ୍ର ଏହି କାର୍ଯ୍ୟର ତଦାରଖ କରିବା ପାଇଁ ରିପୋର୍ଟିଂସ ଶାଖା ପରିଦର୍ଶନ କରି ସଂପୃକ୍ତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ଉପସଚିବ (ରିପୋର୍ଟ) ଦେବାନନ୍ଦ ବୋରା ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ସ୍ୱାଭିମାନ ଅଞ୍ଚଳରେ ମାଓବାଦୀଙ୍କ ଲ୍ୟାଣ୍ଡ ମାଇନ ବିସ୍ଫୋରଣ

ମାଲକାନଗିରି,୧୫।୨(ସ୍.ପ୍ର.): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ହାନ୍ତାଲଗୁଡାରେ ମାଓବାଦୀ ମାନେ ଶନିବାର ଲ୍ୟାଣ୍ଡ ମାଇନ ବିସ୍ଫୋରଣ କରିଛନ୍ତି। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡିଛି। ଗତ କିଛି ଦିନ ହେଲା ମାଓବାଦୀ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଛକାପଞ୍ଝା ଲାଗି ରହିଛି। ଏହି ଅଞ୍ଚଳରେ ରାସ୍ତା କାମ ଚାଲିଥିବା ବେଳେ କିଛି ଦୂରରେ ସେମାନେ ବିସ୍ଫୋରଣ କରିଛନ୍ତି। ଏହି ସମୟରେ ପୋଲିସ ମଧ୍ୟ ଅଳ୍ପ ଦୂରରେ ଥିଲେ। ମାଓବାଦୀମାନେ ନିଜ ସ୍ଥିତି ଜାହିର କରିବାକୁ ଏଭଳି ଘଟାଉଥିବା ଅନୁମାନ କରାଯାଉଛି। ଏନେଇ ଏସପି ଋଷିକେଶ ଡି. ଖିଲାରୀଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିଛନ୍ତି। ତେବେ ମାଓବାଦୀମାନେ ଯେଉଁ ଉଦ୍ଦେଶ୍ୟ ନେଇ ବିସ୍ଫୋରଣ ଘଟାଇଥିଲେ ତାହା ଫେଲ୍ ମାରିଛି। ଏଥିରେ କାହାର କିଛି କ୍ଷତି ହୋଇନାହିଁ ବୋଲି ସେ କହିଛନ୍ତି।

# ଟ୍ରକରୁ ୧.୮୧କୋଟିର ଗଞ୍ଜେଇ ଜବତ

ନୟାଗଡ ଅଫିସ,୧୫।୨

ନୟାଗଡ ଜିଲା ଦଶପଲ୍ଲା ବ୍ଲକ ଗୁଣ୍ଡୁଡ଼ି ପଞ୍ଚାୟତ ରଙ୍ଗମାଟିଆ ଗ୍ରାମ ନିକଟ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ ଜାତୀୟ ରାଜପଥ କଡରେ ଥିବା ଏକ ଢାବା ନିକଟରୁ ଶୁକ୍ରବାର ରାତିରେ ଏକ ଟ୍ରକରୁ ୧୨୦୬ କେଜି ୭୨୫ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୧ କୋଟି ୮୧ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। କେନ୍ଦ୍ରୀୟ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ ଭୁବନେଶ୍ୱର ପକ୍ଷରୁ ଉକ୍ତ ଗଞ୍ଜେଇକୁ ଜବତ କରାଯାଇ ଟ୍ରକ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ତେବେ ତଦନ୍ତ ଚାଲିଥିବା ଓ କୋର୍ଟ ଚାଲାଣ କରାଯାଇ ନ ଥିବାରୁ ଡ୍ରାଇଭରଙ୍କ ନାଁ ମିଳିପାରି ନାହିଁ। ଅନ୍ୟପକ୍ଷେ ତଳେ ଗଞ୍ଜେଇ ଓ ଉପରେ ବହ୍ଲା କାଠ ରଖାଯାଇ ଟ୍ରକ ଯୋଗେ ରାୟଗଡ଼ାରୁ ଭୁବନେଶ୍ୱରକୁ ଗଞ୍ଜେଇ ଚୋରା ଚାଲାଣ କରାଯାଉଥିଲା। ଜବତ କାଠର ମୂଲ୍ୟ ୫୧ହଜାର ୪୪୮ଟଙ୍କା ହେବ। ପ୍ରାପ୍ତ ସୂଚନା ଅନୁସାରେ, ଓଆର୧୧ ଇ ୮୧୯୯ ନଂ ବିଶିଷ୍ଟ ଟ୍ରକରେ ୧୨୦୬ କେଜି ୭୨୫ ଗ୍ରାମର ୩୯ ବସ୍ତା ଗଞ୍ଜେଇ ରହିଥିଲା। ଗୋଟିଏ ବସ୍ତା ଭିତରେ ୩ କେଜିଆ ପ୍ୟାକେଟ ୮ରୁ ୧୦ଟା ରହିଥିଲା। ଗଞ୍ଜେଇ ଚାଲାଣ ସମ୍ପର୍କରେ ଜଣା ନ ପଡିବା ପାଇଁ ଉପରେ ବହ୍ଲା କାଠ ରଖାଯାଇଥିଲା। ଗଞ୍ଜେଇ ଚାଲାଣ ନେଇ ସୂଚନା ପାଇବା ପରେ ଗୁରୁବାର ରାତିଠାରୁ ନୟାଗଡ ପୋଲିସର ସହାୟତା ନେଇଥିଲେ କେନ୍ଦ୍ରୀୟ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ। କେନ୍ଦ୍ରୀୟ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟର ୭ ଜଣିଆ ଦଳ ଓ ନୟାଗଡ ପୋଲିସ ଫୋର୍ସ ମିଳିତ ଭାବେ ରାୟଗଡ଼ାରୁ ଆସୁଥିବା ଗଞ୍ଜେଇ ଟ୍ରକକୁ ଧରିବାକୁ ପ୍ରସ୍ତୁତି ଜାରି ରଖିଥିଲେ। ଏପରିସ୍ଥଳେ ଟ୍ରକକୁ ଆଗ ଓ ପଛରୁ ଏସକର୍ଟ କରି ଗଞ୍ଜେଇ ଚାଲାଣ ହେଉଥିଲା। କିନ୍ତୁ ବାଣିଗୋଛା ଢାବା ନିକଟରେ ପାଇଲଟିଂ ଦଳ ଅଦୃଶ୍ୟ ହୋଇ ଯାଇଥିଲେ। ସେହି ସମୟରେ କେନ୍ଦ୍ରୀୟ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟର ୭ ଜଣିଆ ଦଳ ଗଞ୍ଜେଇ ଟ୍ରକ ଜବତ କରିବା ସହ ଡ୍ରାଇଭରଙ୍କୁ କାବୁ କରିଥିଲେ। ଶନିବାର ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଜବତ ଗଞ୍ଜେଇକୁ ଓଜନ କରାଯାଇଛି।



**ଉପରେ ବହ୍ଲା କାଠ ତଳେ ଗଞ୍ଜେଇ**


## ଜୀବାଣୁ ପ୍ରତିରୋଧର ମୂଳମନ୍ତ୍ର

Brought to you by:
Apollo HOSPITALS BHUBANESWAR

ପ୍ରଶ୍ନ: ଜୀବାଣୁର ସଞ୍ଚାରକୁ ନିମିଷକ ମଧ୍ୟରେ କିପରି ରୋକିବେ?

କ. କାଶିବା ଓ ଛିଙ୍କିବା ସମୟରେ ନିଜର ମୁହଁ ଓ ନାକକୁ ଘୋଡ଼ାଇଦିଅନ୍ତୁ।

ଖ. ନିଜ ହାତକୁ ସଫା ରଖନ୍ତୁ।

ଏକ ଆଲ୍‌କହଲ୍ ଭିତ୍ତିକ ହ୍ୟାଣ୍ଡ କ୍ଲିନର୍ ବ୍ୟବହାର କରି କିମ୍ବା ଆଣ୍ଟିମାଇକ୍ରୋବିଆଲ୍ ସାବୁନ ଓ ଉଷୁମ ପାଣିରେ ଧୋଇ ନିଜ ହାତକୁ ସଫା କରନ୍ତୁ।



ଡା. ସୁନୀତା ସାହୁ, ଏମ୍‌ଡି (ମାଇକ୍ରୋବାୟୋଲୋଜି)
ଭାରପ୍ରାପ୍ତ ବରିଷ୍ଠ ପରାମର୍ଶଦାତା - ମାଇକ୍ରୋବାୟୋଲୋଜି ଏବଂ ହସ୍ପିଟାଲ ଇନ୍‌ଫେକ୍ସନ୍ କଣ୍ଟ୍ରୋଲ
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬


# ରୋକାଗଲା ବାଲ୍ୟବିବାହ

## ଫେରିଗଲେ ବର

ବାହାନଗା,୧୫।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଞ୍ଚଳରେ ବାଲ୍ୟ ବିବାହ ରୋକିବାକୁ ଆସିଥିବା ଖଇରାସ୍ଥିତ ଚାଇଲ୍ଡଲାଇନ କର୍ମକର୍ତ୍ତା ହଇରାଣରେ ପଡିଛନ୍ତି। ଏନେଇ କର୍ମକର୍ତ୍ତାମାନେ ଖନ୍ତାପଡା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏଥିରେ ହସ୍ତକ୍ଷେପ କରିଥିଲା। ଫଳରେ ବିବାହ କରିବାକୁ ଆସିଥିବା ବର ବରଯାତ୍ରୀ ନେଇ ଫେରିଯାଇଥିଲେ।

ଏହି ଅଞ୍ଚଳର ଜଣେ ନାବାଳିକା (୧୭ବର୍ଷ ୨ ଦିନ)ଙ୍କର ବିବାହ ଖଇରା ଥାନା ଡାଲଙ୍ଗ ଗ୍ରାମ ନିକଟସ୍ଥ ଗୁଡଗୁଡିଆ ଅଞ୍ଚଳର ଶରତ କୁମାର ମହାରଣା(୩୫)ଙ୍କ ସହ ସ୍ଥିର ହୋଇଥିଲା। ଶୁକ୍ରବାର ରାତିରେ ବିବାହ ପାଇଁ ନାବାଳିକାଙ୍କ ପରିବାର ପକ୍ଷରୁ ସମସ୍ତ ଆୟୋଜନ ହୋଇସାରିଥିଲା। ଖବରପାଇ ଖଇରାସ୍ଥିତ ଚାଇଲ୍ଡଲାଇନ ଉପକେନ୍ଦ୍ରର ନିର୍ଦ୍ଦେଶକ ମଦନମୋହନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଟିମ୍ ଲିଡର ତପସ୍ୱିନୀ ରାଉତ, ଟିମ୍ ସଭ୍ୟ ପଞ୍ଚାନନ ତ୍ରିପାଠୀ, ଜ୍ୟୋତିପ୍ରକାଶ କର, ଚିତରଞ୍ଜନ ପଣ୍ଡା ପ୍ରମୁଖ ଗୋପାଳପୁର ଫାଣ୍ଡି ପୋଲିସ ଓ କେତେକ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ନାବାଳିକାଙ୍କ ଘର ପାଖରେ ରାତି ସାଢେ ୭ଟାରେ ପହଞ୍ଚିଥିଲେ। ଏହି ସମୟରେ ନାବାଳିକା ଘର ପାଖରେ ଗ୍ରାମବାସୀ ଭୋଜି ଖାଇବା ପାଇଁ ପ୍ରସ୍ତୁତ ହେଉଥିଲେ। ଚାଇଲ୍ଡଲାଇନ କର୍ମଚାରୀ ସ୍ଥାନୀୟ ଲୋକଙ୍କୁ ଏଠାରେ ବାଲ୍ୟ ବିବାହ ହେଉଥିବା ବାବଦରେ ପଚାରିବା ସହ ବନ୍ଦ କରିବା ପାଇଁ କହିବାରୁ ଉପସ୍ଥିତ ଲୋକଙ୍କ ଆକ୍ରୋଶରେ ଶିକାର ହୋଇଥିଲେ। ଲୋକେ କର୍ମଚାରୀମାନଙ୍କୁ ଗାଳିଗୁଲଜ କରିବା ସହିତ ବାନ୍ଧିବାକୁ ଉଦ୍ୟମ କରିବାରୁ ସେମାନେ ସେଠାରୁ ପଳାଇ ଆସି ଖନ୍ତାପଡା ଥାନାରେ ଅଭିଯୋଗ କରିଥିଲେ। ତେବେ ରାତିରେ ବର ବିବାହ ପାଇଁ ଆସିବାରୁ ଗୋପାଳପୁର ଫାଣ୍ଡି ପୋଲିସ ଓ ଖନ୍ତାପଡା ଥାନା ପୋଲିସ ପହଞ୍ଚି ବରଘର ଲୋକମାନଙ୍କୁ ବୁଝାଇବା ସହିତ ବିବାହ ନ କରିବା ପାଇଁ ବାରଣ କରିଥିଲେ। ବିବାହ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଉଭୟ ପକ୍ଷଙ୍କ ନାମରେ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। କାଗଜପତ୍ର ଅନୁଯାୟୀ ନାବାଳିକାଙ୍କ ବର୍ତ୍ତମାନର ବୟସ ୧୭ବର୍ଷ ୨ ଦିନ ହୋଇଥିବାରୁ ବିବାହ କରିବା ଆଇନ ବିରୋଧୀ। ତେଣୁ ୧୮ବର୍ଷ ହେଲେ ବିବାହ କରିପାରିବେ ବୋଲି ପୋଲିସ ବୁଝାଇବା ପରେ ବିବାହ କରିବାକୁ ଆସିଥିବା ଯୁବକ ଶିଶୁପାଳ ହୋଇ ଫେରି ଯାଇଥିଲେ। କେତେକ ଗଣମାଧ୍ୟମ ପ୍ରତିନିଧିମାନେ ଘଟଣାସ୍ଥଳକୁ ଯାଇ ଫଟୋ ଉଠାଉଥିବା ବେଳେ ସେମାନେ ମଧ୍ୟ ଗ୍ରାମବାସୀଙ୍କ ଆକ୍ରୋଶରେ ଶିକାର ହୋଇଥିଲେ।

# ଏପ୍ରିଲ ୫ରୁ ବିଶାଳ ଆର୍ମି ନିଯୁକ୍ତି ମେଳା

ଭୁବନେଶ୍ୱର,୧୫।୨(ବ୍ୟୁରୋ)

ଆସନ୍ତା ଏପ୍ରିଲ ୫ ତାରିଖରୁ ୧୬ ଯାଏ ପାରାଦୀପସ୍ଥିତ ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ବିଶାଳ ଆର୍ମି ନିଯୁକ୍ତି ମେଳା ଆୟୋଜିତ ହେବ। ରାଜ୍ୟର ୧୦ ଜିଲା ଯଥା କଟକ, ମୟୂରଭଞ୍ଜ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ନୟାଗଡ, ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, ପୁରୀ ଓ ଭଦ୍ରକ ଜିଲାର ଇଚ୍ଛୁକ ପ୍ରାର୍ଥୀମାନେ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିପାରିବେ। ଆର୍ମି ପକ୍ଷରୁ ୨୦୧୫ ଅକ୍ଟୋବର ପହିଲାରୁ ଉନ୍ମୁକ୍ତ ନିଯୁକ୍ତି ମେଳା ବ୍ୟବସ୍ଥା ପରିବର୍ତ୍ତିତ ହୋଇ ଅନ୍‌ଲାଇନ୍ ପଞ୍ଜୀକରଣ ଓ ଆବେଦନପତ୍ର ଦାଖଲ ବ୍ୟବସ୍ଥା ଅନୁସୃତ ହୋଇଆସୁଛି। ସେଥିପାଇଁ ଏହି ନିଯୁକ୍ତି ମେଳାରେ ଭାଗନେବାକୁ ହେଲେ ପ୍ରାର୍ଥୀମାନେ http://www.join-indianarmy.nic.in ୱେବ୍‌ସାଇଟ୍‌ରେ ନିଜର ନାମ ପ୍ରଥମେ ପଞ୍ଜୀକୃତ କରିବେ।

ଫେବୃୟାରୀ ୮ରୁ ମାର୍ଚ୍ଚ ୨୩ ମଧ୍ୟରେ ଏହି ପଞ୍ଜୀକରଣ ପ୍ରକ୍ରିୟା ଚାଲୁରହିବ। ଆର୍ମି ନିଯୁକ୍ତି ମେଳାରେ ପ୍ରାର୍ଥୀ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ହେବ। ସମସ୍ତ ପ୍ରକ୍ରିୟା ସ୍ୱୟଂସମ୍ପୂର୍ଣ୍ଣ ହେବ। ଶାରୀରିକ, ଲିଖିତ ଓ ମେଡିକାଲ ପରୀକ୍ଷାରେ କୌଣସି ମଧ୍ୟସ୍ଥ ସହାୟତା କରିପାରିବେ ନାହିଁ। ତେଣୁ ଦଲାଲ, ଟାଉଟର ବା ମଧ୍ୟସ୍ଥଙ୍କ ଫାନ୍ଦରେ ନ ପଡିବା ପାଇଁ ନିର୍ଦ୍ଦେଶକ (ନିଯୁକ୍ତି) କଲୋନେଲ୍ ଆଶିଷ ମୋହନ ତ୍ରିଖା ସୂଚନା ଦେଇଛନ୍ତି। ଅଧିକରୁ ଅଧିକ ଓଡ଼ିଆ ପିଲାମାନେ ଆର୍ମିରେ ନିଯୁକ୍ତି ପାଇବା ପାଇଁ ଏହି ବିଶାଳ ନିଯୁକ୍ତି ମେଳାର ଉଦ୍ଦେଶ୍ୟ ବୋଲି ତ୍ରିଖା କହିଛନ୍ତି।

### ଏମ୍‌ଏଲ୍‌ଏଙ୍କ ସ୍ତ୍ରୀ/ସ୍ୱାମୀଙ୍କୁ ମିଳିବ ସ୍ୱାସ୍ଥ୍ୟବୀମା

ଭୁବନେଶ୍ୱର, ୧୫।୨ (ବ୍ୟୁରୋ) : ଓଡ଼ିଶା ବିଧାନସଭାର ସଭ୍ୟମାନଙ୍କ ସହ ସେମାନଙ୍କ ସ୍ତ୍ରୀ/ସ୍ୱାମୀଙ୍କୁ ମଧ୍ୟ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏ ସମ୍ପର୍କରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ଅର୍ଥ ବିଭାଗ ଗ୍ରହଣ କରିଛି। ଏଥି ପୂର୍ବରୁ ପୂର୍ବତନ ଏମ୍‌ଏଲ୍‌ଏମାନେ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ।

# ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ ଆଣିଲା ଭାଜପା

ଭୁବନେଶ୍ୱର,୧୫।୨(ବ୍ୟୁରୋ)




ଖବରଦାତା ସମ୍ମିଳନୀରେ ଭାଜପା ନେତା ବିଭୁ ତରାଇ ଓ ଅନ୍ୟମାନେ।

ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଆସୁଛି। ଏହି ଯୋଜନାରେ ସରକାର ଗତ ଅକ୍ଟୋବର ୧୦ରେ ପ୍ରଥମ ତାଲିକା ପ୍ରକାଶ କରିଥିଲେ। ଏଥିରେ ୧୨,୭୫,୦୦୦ ହିତାଧିକାରୀଙ୍କର ନାମ ଥିଲା। ହେଲେ ଏହି ତାଲିକାରେ ଅନେକ ଅଯୋଗ୍ୟ ହିତାଧିକାରୀ ରହିଥିବା ଭାଜପା ପକ୍ଷରୁ କୁହାଯାଇଛି। ଏନେଇ ଦଳୀୟ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରାଯିବା ସହ ପଞ୍ଚାୟତିରାଜ ଓ ପାନୀୟ ଜଳ ପ୍ରମୁଖ ସଚିବ ଦେଓ ରଞ୍ଜନ ସିଂଙ୍କୁ ଭେଟି ଏହାର ତଦନ୍ତ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ପୂର୍ବତନ ଏମ୍‌ପି ବିଭୁ ତରାଇ କହିଛନ୍ତି ଯେ, ରାଜ୍ୟ ସରକାର ଅଯୋଗ୍ୟ ହିତାଧିକାରୀଙ୍କୁ ସୁରକ୍ଷା ଦେବାକୁ ଯାଇ ଫେବୃୟାରୀ ୧୦ରୁ ୧୬ ମଧ୍ୟରେ ସମସ୍ତ ପଞ୍ଚାୟତ ଅଫିସ୍‌ରେ ଆବାସ ଯୋଜନାର ହିତାଧିକାରୀ ତାଲିକା ମରାଯିବା ସହ ଏକ ଅଭିଯୋଗ ବାକ୍ସ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯିଏ ନିଜକୁ ଅଯୋଗ୍ୟ ମନେକରିବ ଅଥବା ନିଜକୁ ଯୋଗ୍ୟ ଭାବିବ ସେମାନେ ଆବେଦନ କରିପାରିବେ ବୋଲି କୁହାଯାଇଛି। ହେଲେ କିଏ କାହିଁକି ନିଜକୁ ଅଯୋଗ୍ୟ ଘୋଷଣା କରି ଅଭିଯୋଗ ବାକ୍ସରେ ନିଜର ନାଁ ହିତାଧିକାରୀ ତାଲିକାରୁ କାଟିବା ପାଇଁ ଚାହିଁବ ବୋଲି ତରାଇ ପ୍ରଶ୍ନ କରିଛନ୍ତି। ସରକାର ତରବରିଆ ଭାବେ ଫେବୃୟାରୀ ୧୦ରୁ ୧୬ ଭିତରେ ଅଭିଯୋଗ କରିବା ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ଅଥଚ ଏବେ ସୁଦ୍ଧା ଅନେକ ପଞ୍ଚାୟତ, ବ୍ଲକରେ ସର୍ବସାଧାରଣ ନୋଟିସ ଲାଗିନାହିଁ। ଅନୁରୂପ ଭାବେ ଅଭିଯୋଗ କରିବା ପାଇଁ ବାକ୍ସ ରଖାଯାଇନାହିଁ। ୧୫ ତାରିଖ ବିତିଯାଇଥିଲେ ବି ବିଡିଓଙ୍କ ପାଖରେ କୌଣସି ସୂଚନା ନାହିଁ। ପୁଣି ସରକାର ସେହି ନୋଟିସରେ ଲେଖିଛନ୍ତି ଯେ, ୨୫ ଫେବୃୟାରୀ ୨୦୨୦ରେ ତାଲିକା ପ୍ରକାଶ କରିବେ। ଏହାପରେ ଏପ୍ରିଲରେ ଚୂଡାନ୍ତ ତାଲିକା ଆସିବ। ତେଣୁ ଚାଲାକି କରି ଶାସକ ଦଳର ଅଯୋଗ୍ୟ ହିତାଧିକାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ଏପରି କରାଯାଇଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ତେଣୁ ଏହି ଅଭିଯୋଗ ଗ୍ରହଣ ବ୍ୟବସ୍ଥାର ସମୟସୀମା ଏକ ମାସ ପର୍ଯ୍ୟନ୍ତ ବୃଦ୍ଧି କରିବା ସହ ପଞ୍ଚାୟତୱାରି ବକ୍ସ ରଖାଯାଉ ବୋଲି ଭାଜପା ପ୍ରସ୍ତାବ ଦେଇଛି। ସେହିପରି ଅଭିଯୋଗ କରିବାର ପୂରା ପ୍ରକ୍ରିୟାକୁ ଭିଡିଓଗ୍ରାଫି କରାଯିବା ସହିତ ଆବେଦନ କରୁଥିବା ଲୋକଙ୍କୁ ଏକ 'ପ୍ରାପ୍ତି ସ୍ୱୀକାର' ଦିଆଯାଉ। ଅଭିଯୋଗ ଗ୍ରହଣ କରିବାର ପଦ୍ଧତିରେ ସ୍ୱଚ୍ଛତା ରଖାଯାଉ ବୋଲି ଦଳ ପକ୍ଷରୁ କୁହାଯାଇଛି।


**ଅତିରିକ୍ତ ସହକାରୀ, ଦେବୋତ୍ତର, ଆୟୁକ୍ତ, କଟକ**

ଓ.ଏ. ନଂ.– ୦୧/୨୦୨୦ ଧା୪୧ରା

ଶାନ୍ତିଲତା ମିଶ୍ର ଏବଂ ଅନ୍ୟଜଣେ ... ବାଦୀ

ବନାମ

ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁ
ପ୍ରତିନିଧିତ୍ୱ .... ତହସିଲଦାର, ଯାଜପୁର ଓଗେର ... ପ୍ରତିବାଦୀ

ଯାଜପୁର ଜିଲ୍ଲା ଶୀତଳେଶ୍ୱର ଅନ୍ତର୍ଗତ ମୌଜାରେ ଥିବା ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଓ ତାଙ୍କର ସମ୍ପତ୍ତି ସର୍ବସାଧାରଣ ଠାକୁର ନୁହନ୍ତି ଏବଂ ଏହା ଏକ ଘରୋଇ ଠାକୁର ଅଟନ୍ତି। ଶାନ୍ତିଲତା ମିଶ୍ର ଓଗେର ଆମ୍ଭ ଅଦାଲତରେ ଏହା ଏକ ଘରୋଇ ଠାକୁର ଓ ଘରୋଇ ସମ୍ପତ୍ତି ଦାବିକରି ହିନ୍ଦୁ ସର୍ବସାଧାରଣଙ୍କ ପକ୍ଷରୁ ଚନ୍ଦ୍ରମଣି ଦାସଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଉକ୍ତ ପ୍ରତିନିଧିତ୍ୱ ବିରୁଦ୍ଧରେ କାହାର କିଛି ଆପତ୍ତି ଥିଲେ ଆସନ୍ତା ତା୨୭।୦୩।୨୦୨୦ରିଖ ଆମ୍ଭ ଅଦାଲତରେ ହାଜର ହୋଇ ଆପତ୍ତି ଅଭିଯୋଗ ଜଣାଇବେ। ତାରିଖ ଗତେ କାହାର ଆବେଦନ ଗ୍ରହଣ ଯୋଗ୍ୟ ନୁହେଁ।

ଶ୍ରୀ ଦେବାଶିଷ ଦାଶ, ଓ.ଜେ.ଏସ୍ (୧)
ସ୍ୱା./– ଅତିରିକ୍ତ ସହକାରୀ
ଦେବୋତ୍ତର ଆୟୁକ୍ତ, କଟକ

ଭୂ–ସମ୍ପତ୍ତିର ତାଲିକା
RoR Vide Tahasil No.-210
RSD Vide No. 612/608 Dt.18.3.1997
RSD Vide No. 488 Dt.1.3.1994
Mouza - Sitaleswar
Khata No. 18, Stitiban - A0.23Dec.
Plot No. - 811, A0.08 Decimiles
Hal Khata No. 550, Plot - 811, Area- A0.32Dec.


## ଜିଲା ଚିଠି



### ପୁରୀ

# ବାଡ଼ ଖାଉଛି ଫସଲ

ମହାପ୍ରଭୁଙ୍କ ବିଭିନ୍ନ ଯାନିଯାତ୍ରା ମଧ୍ୟରୁ ପ୍ରସିଦ୍ଧ ହେଉଛି ରଥଯାତ୍ରା। ପବିତ୍ର ଆଷାଢ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଏହା ଅନୁଷ୍ଠିତ ହୋଇଥାଏ। ଏହା କେବଳ ପୁରୀ କି ଓଡ଼ିଶାରେ ସୀମିତ ନୁହେଁ, ଭାରତର ବିଭିନ୍ନ ରାଜ୍ୟ ଏପରି କି ବିଦେଶର ଅନେକ ସ୍ଥାନରେ ମଧ୍ୟ ରଥଯାତ୍ରା ଆୟୋଜନ ହେଉଛି। ଏହା ନିଶ୍ଚିତ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। କିନ୍ତୁ କିଛିବର୍ଷ ହେଲା ଅଦିନରେ ବିଭିନ୍ନ ଜାଗାରେ ଆୟୋଜନ ହେଉଛି ରଥଯାତ୍ରା, ଯାହାକି ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ପ୍ରତି ଘୋର ଅପମାନ ଏବଂ ଶାସ୍ତ୍ର ବିରୋଧୀ। ଏହାକୁ ନେଇ ହୋହଲ୍ଲା, ବିକ୍ଷୋଭ, କୁଶପୁତ୍ତଳିକା ଦାହ ଏପରି କି ଥାନା ଯାଏ ବି କଥା ଯାଉଛି। ପ୍ରତିବାଦ ପରେ କେଉଁଠି ଆୟୋଜକ ତାଙ୍କ ନିଷ୍ପତ୍ତିରୁ ଓହରି ଯାଉଛନ୍ତି ତ ପୁଣି କେହି କେହି ଅବମାନନା କରୁଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଏଥିରେ ରୋକ୍ ଲଗାଇବା ପାଇଁ ଅନେକ ସମୟରେ ଚେଷ୍ଟା କରୁଛି। କିନ୍ତୁ ଏ ପର୍ଯ୍ୟନ୍ତ ଏଥିରେ ଶତ ପ୍ରତିଶତ ସଫଳତା ମିଳିନାହିଁ। ଗତବର୍ଷ ସେପ୍ଟେମ୍ବର ୬ତାରିଖ ପରିଚାଳନା କମିଟି ବୈଠକରେ ଏ ସଂକ୍ରାନ୍ତରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ପୁରୀରେ ଯେଉଁଭଳି ବିଧି ଓ ପରମ୍ପରା ଅନୁସାରେ ରଥଯାତ୍ରା କରାଯାଉଛି ଅଧିକାଂଶ ସ୍ଥାନରେ ବିଧି ମୁତାବକ ହେଉନାହିଁ। ତେଣୁ ରାଜ୍ୟ ସରକାରଙ୍କ ସହଯୋଗରେ ରଥଯାତ୍ରାର ବିଧି ବିଶ୍ୱବାସୀଙ୍କୁ ଅବଗତ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହାସତ୍ତ୍ୱେ କେତେକ ଅନୁଷ୍ଠାନ ଏହାକୁ ବେଖାତିର କରିଆସୁଛନ୍ତି। ଗତ ମାସ ୩୦ ତାରିଖ ବସନ୍ତ ପଞ୍ଚମୀରେ ମୁମ୍ବାଇରେ ଇସ୍କନ ପକ୍ଷରୁ ରଥଯାତ୍ରା କରାଯିବାକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ, କୁଶପୁତ୍ତଳିକା ଦାହ ସହ ଇସ୍କନ ଅଧିକାରୀଙ୍କ ନାଁରେ ଥାନାରେ ଏତଲା ଦିଆଯାଇଛି। ହେଲେ ମୁମ୍ବାଇରେ ଅଦିନିଆ ରଥଯାତ୍ରା ଆୟୋଜନ କରାଯିବାରେ ପୁରୀର ଜଣେ ଯୁବ ଦଇତାପତିଙ୍କ ହାତ ଥିବା ଚର୍ଚ୍ଚା ହେଉଛି। ସମ୍ପୃକ୍ତ ଦଇତାପତି ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ମହାପ୍ରଭୁଙ୍କ ବିଧି ପରମ୍ପରାକୁ ଆଡ଼େଇ ଆୟୋଜକଙ୍କ ସହ ହାତ ମିଶାଇ ରଥଯାତ୍ରା କରିଛନ୍ତି। ସେହିପରି ଭୁବନେଶ୍ୱରରେ ମହାପ୍ରଭୁଙ୍କ ରଘୁନାଥ ବେଶକୁ ନେଇ ବି ବିବାଦ ଉପୁଜିଥିଲା। ରତ୍ନସିଂହାସନ ବାହାରେ ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ କରାଯାଇଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ପୁରାଣ ଅନୁସାରେ, ସ୍ୱତନ୍ତ୍ର ତିଥିରେ ଶ୍ରୀମନ୍ଦିର ରତ୍ନସିଂହାସନରେ ଏହି ବେଶ କରାଯିବାର ବିଧି ଥିବାବେଳେ ଏହା ବାହାରେ ହେବା ପଛରେ ବି ଶ୍ରୀମନ୍ଦିରର କେତେଜଣ ସେବାୟତଙ୍କ ହାତ ରହିଥିଲା। ସେହିପରି କୋଲକାତାରେ ଜଣେ ବ୍ୟକ୍ତିଙ୍କ ଘରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ସ୍ଥାପନ କରିଥିଲେ ଶ୍ରୀମନ୍ଦିରର କେତେଜଣ ସେବାୟତ। ଏଠି ବାଡ଼ ଫସଲ ଖାଉଛି। ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ କିପରି ସୁରକ୍ଷିତ ରଖାଯିବ ସେନେଇ ଗବେଷକ ଓ ବୁଦ୍ଧିଜୀବୀ ପ୍ରଶ୍ନ କରୁଛନ୍ତି।

–ହେମନ୍ତ ନାୟକ

# ସଂରକ୍ଷଣ ଉଠାଇବା ପାଇଁ ଚକ୍ରାନ୍ତ କରୁଛି କେନ୍ଦ୍ର: କଂଗ୍ରେସ

ଭୁବନେଶ୍ୱର,୧୫।୨(ବ୍ୟୁରୋ)

କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥାକୁ ଉଠାଇ ଦେବାକୁ ଚକ୍ରାନ୍ତ କରୁଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏହା ବିରୋଧରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ନିର୍ଦ୍ଦେଶକ୍ରମେ ଶନିବାର ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ଏସ୍‌ଟି, ଏସ୍‌ସି ଏବଂ ଓବିସି ସେଲ୍ ପକ୍ଷରୁ ରାଜ୍ୟପାଳ ଗଣେଶୀ ଲାଲଙ୍କ ପ୍ରତିନିଧିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କଂଗ୍ରେସର ସମସ୍ତ ପ୍ରତିନିଧିଙ୍କୁ ଏକକାଳୀନ ରାଜଭବନ ଭିତରକୁ ପ୍ରବେଶ ଅନୁମତି ନ ମିଳିବାରୁ ଫାଟକ ସମ୍ମୁଖରେ ପ୍ରତିନିଧିମାନେ ପ୍ରତିବାଦ କରିଥିଲେ। ଭୁବନେଶ୍ୱର ଡିସିସିଙ୍କ ଅନୁରୋଧ କ୍ରମେ ରାଜ୍ୟପାଳଙ୍କ ପ୍ରତିନିଧି ଫାଟକ ନିକଟକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ।

ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଏସ୍‌ସି, ଏସ୍‌ଟି ଏବଂ ଓବିସି ବର୍ଗର ଲୋକଙ୍କ ସୁରକ୍ଷା, ଶିକ୍ଷା, ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ସମ୍ବିଧାନ ସ୍ୱୀକୃତ ସଂରକ୍ଷଣ ବ୍ୟବସ୍ଥାକୁ ଦୃଢ଼ ଭାବେ କାର୍ଯ୍ୟକାରୀ ପାଇଁ ଦାବି କରାଯାଇଛି। ଦେଶ ସ୍ୱାଧୀନତା ସମୟରୁ ଏହି ବର୍ଗର ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସମ୍ବିଧାନର ଅନୁଚ୍ଛେଦଗୁଡିକରେ ବ୍ୟବସ୍ଥା କରାଯାଇଛି। ତେଣୁ ଏହି ବ୍ୟବସ୍ଥାକୁ ଠିକ୍ ଭାବେ କାର୍ଯ୍ୟକାରୀ କରି ଓଡ଼ିଶାରେ ବସବାସ କରୁଥିବା ବହୁଜନବର୍ଗର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯତ୍ନବାନ ହୁଅନ୍ତୁ ବୋଲି ପ୍ରଦୀପ ମାଝି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଭୁଜବଳ ମାଝି, ବିଜୟଲକ୍ଷ୍ମୀ ସାହୁ, ବିଷ୍ଣୁଚରଣ ବାରିକ, ବାଙ୍କନିଧି ବେହେରା, ହଳଧର ସେଠୀ, ବିଦ୍ୟାଧର ଦେହୁରୀ, ଦେବେନ୍ଦ୍ର ମଲ୍ଲିକ, ଫକୀର ଖଟୁଆ, ଅଭିଷେକ ରାଉତ, ଅମିୟ ପାଣ୍ଡବ, ପ୍ରତିମା ମଲିକ, କୈଳାସ ସାହୁ, ଦୀପକ ମହାପାତ୍ର, ଜାନକୀ ମଲ୍ଲିକ, ବିଶ୍ୱଭୂଷଣ ମହାପାତ୍ର, ଅମିର ଭୂୟାଁ, ସର୍ବେଶ୍ୱର ସେଠୀ, ତାପସ ସେଠୀ, କାଶୀନାଥ ଡାକୁଆ, ସେକ୍ କାଦିର୍, ଦେବେନ୍ଦ୍ର ପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ବେଲପାହାଡ ଅଞ୍ଚଳରୁ ୭ ଶିଶୁ ଶ୍ରମିକ ଉଦ୍ଧାର

ଝାରସୁଗୁଡା ଅଫିସ, ୧୫।୨

ଝାରସୁଗୁଡା ଜିଲା ବେଲପାହାଡ ଅଞ୍ଚଳର ବିଭିନ୍ନ ଗ୍ୟାରେଜ, ମାଂସ ଦୋକାନ, ତେଜରାତି ଦୋକାନ ଓ ହୋଟେଲ ଗୁଡିକରେ ଚଢ଼ାଉ କରି ୭ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଜିଲା ଟାସ୍କ ଫୋର୍ସ ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯାଇଛି। ବେଲପାହାଡ ଥାନାରେ ଏ ନେଇ ଏକ ଷ୍ଟେଶନ ଡାଏରି କରାଯାଇଛି। ଉଦ୍ଧାର ଶିଶୁ ଶ୍ରମିକମାନଙ୍କୁ ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଛି। ଏହି ଚଢ଼ାଉରେ ଜିଲା ସହ ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାଏକ, ଚାଇଲ୍ଡ ଲାଇନର ଜିଲା ସଂଯୋଜକ ଆଶିଷ କୁମାର ପଣ୍ଡା, ଶିଶୁ ମଙ୍ଗଳ ସମିତିର ସଦସ୍ୟ ଗୁଣନିଧି ଭଇଁସା, ଜିଲା ଶିଶୁ ସୁରକ୍ଷା ୟୁନିଟର ସମୀର ମିଶ୍ର, ଶ୍ରମ ବିଭାଗର ଜନ୍ମେଜୟ ସା, ଚାଇଲ୍ଡ ଲାଇନର ସଦସ୍ୟ ରାଧେଶ୍ୟାମ ନାଏକ, ଡୋଳାମଣି ସେଠ, ପୋଲିସ କର୍ମଚାରୀ ନିର୍ମଳା ତ୍ରିପାଠୀ ଓ ଅମରେଶ ପଣ୍ଡା ପ୍ରମୁଖ ସାମିଲ ଥିଲେ। ଶିଶୁମାନଙ୍କୁ ଶ୍ରମିକ ଭାବେ ଖଟାଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରମ ଅଧିକାରୀ କହିଛନ୍ତି।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା(SARB), କଟକ
ମଧୁପାଟଣା , କଟକ- ୭୫୩୦୧୦(ଓଡିଶା)

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୩) ଏବଂ ଧାରା ୧୩(୧୨)ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତାମାନେ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

**ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଜାମିନ୍‌ଦାର/ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀ ବିନୋଦ କୁମାର ଅଗ୍ରୱାଲ୍ ଏବଂ ଶ୍ରୀମତୀ ରେଖା ଅଗ୍ରୱାଲ, ପ୍ଲଟ୍ ନଂ.: ୧୫୦୩/ବି, ସେକ୍ଟର-୬, ସିଡିଏ, ପୋ: ମର୍କତ ନଗର, ଥାନା: ବିଡ଼ାନାସୀ, ଜିଲ୍ଲା: କଟକ। | ସମ୍ପତ୍ତି ମାଲିକ: ଶ୍ରୀ ବିନୋଦ କୁମାର ଅଗ୍ରୱାଲ | ଶ୍ରୀ ବିନୋଦ କୁମାର ଅଗ୍ରୱାଲଙ୍କ ନାମରେ ଥିବା ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶ ବିଶେଷ ଯାହାକି ବିଡ଼ାନାସୀ ପ୍ରୋଜେକ୍ଟ ଏରିଆ, ସେକ୍ଟର-୬, ସିଡିଏ, ଥାନା: ବିଡ଼ାନାସୀ, ଏସ୍‌ଆରଓ: କଟକ ସିଟି, ଜିଲ୍ଲା: କଟକ, 'ବି' କାଟାଗୋରୀ, ପ୍ଲଟ୍ ନଂ.: ୧୫୦୩, ଡ୍ରଇଂ ନଂ.: ସିଡିଏ (ପିଏଲ୍) ବି/୧୧୦, କ୍ଷେତ୍ର: ୫୦ ଫୁଟ X ୮୦ଫୁଟ = ୪୦୦୦ ବର୍ଗଫୁଟ, କିସମ: ଘରବାଡ଼ି, ଚୌହଦୀ-ପୂର୍ବ: ୪୦ ଫୁଟ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୪୮୮, ଉତ୍ତର: ପ୍ଲଟ ନଂ.: ୧୫୦୨, ଦକ୍ଷିଣ: ପ୍ଲଟ ନଂ.: ୧୫୦୪। | ୧୮.୧୨.୨୦୧୭ | ୧୪.୦୨.୨୦୨୦ | ୧୧.୧୨.୨୦୧୭ ସୁଦ୍ଧା ଟ.୨୦,୫୯,୩୧୧/- ଏବଂ ତା.୧୨.୧୨.୨୦୧୭ ଠାରୁ ତତ୍‌ପରବର୍ତ୍ତୀ ସୁଧ |

ସ୍ଥାନ: କଟକ, ତାରିଖ: ୧୫.୦୨.୨୦୨୦

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ପ୍ରେମର ସାମର୍ଥ୍ୟ ଯୋଗୁ ଏବଂ ଆତ୍ମଦାନର ପ୍ରେରଣା ଯୋଗୁ ମନୁଷ୍ୟ ଦେବତାମାନଙ୍କ ସହ ସମାନ କ୍ଷମତାର ଅଧିକାରୀ ହୋଇପାରେ। କିମ୍ବା ସେ ଯେତେବେଳେ ନିଜର ଅହଂକାର ଓ ସ୍ୱାର୍ଥପରତାରୁ ମୁକ୍ତ ହୁଏ- ସେତେବେଳେ ସେ ଦେବତାଙ୍କଠାରୁ ମଧ୍ୟ ଅଧିକ କ୍ଷମତାଶାଳୀ ହୋଇପାରେ।

-ଶ୍ରୀମା

# ବିଫଳ ଯୋଜନା



ଆକାର ପଟେଲ

ସେପ୍ଟେମ୍ବର ୨୦୧୪ରେ 'ମେକ୍ ଇନ୍ ଇଣ୍ଡିଆ'ର ଶୁଭାରମ୍ଭ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ୱେବ୍‌ସାଇଟ୍ (pmindia.gov.in)ରେ ଲେଖାଯାଇଛି ଯେ, ଭାରତକୁ ଏକ ଗ୍ଲୋବାଲ ମାନୁଫାକ୍ଚରିଂ ହବ୍‌ରେ ପରିଣତ କରିବା ପାଇଁ ଆମ ନିର୍ମାଣ ଶିଳ୍ପକୁ କିପରି ଆଗେଇ ନିଆଯାଇପାରିବ ତାହା ଉପରେ ଭାରତର ନୀତି-ନିର୍ମାତାମାନେ ଢେର୍ ବର୍ଷ ଧରି ବିତର୍କ କରିଆସୁଥିଲେ। କିନ୍ତୁ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେଲା ପରେ କେଇ ମାସ ଭିତରେ ପୁଞ୍ଜିନିବେଶକୁ ତ୍ୱରାନ୍ୱିତ କରିବା, ନବୋଭାବନକୁ ପ୍ରୋତ୍ସାହିତ କରିବା, ଦକ୍ଷତାର ବିକାଶ ସାଧନ କରିବା, ବୌଦ୍ଧିକ ସମ୍ପତ୍ତିର ସୁରକ୍ଷା କରିବା ଏବଂ ସର୍ବୋତ୍ତମ ମାନର ନିର୍ମାଣ ଭିତ୍ତିଭୂମି ତିଆରି କରିବା ଲାଗି 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଆରମ୍ଭ କରିଛନ୍ତି। ନିର୍ମାଣ ଶିଳ୍ପ ହେଉଛି ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଭିତରଦେଇ ନିମ୍ନ ଆୟକାରୀ ଗୋଷ୍ଠୀ ମଧ୍ୟବିତ୍ତ ଏବଂ ମଧ୍ୟମ ଆୟକାରୀ ଗୋଷ୍ଠୀ ଧନୀ ହୋଇପାରିବେ। ଏକ ଗ୍ରାମୀଣ ଓ କୃଷିଭିତ୍ତିକ ଅର୍ଥନୀତିର ଦେଶକୁ ଉନ୍ନତ ଅର୍ଥନୀତିରେ ପରିଣତ କରିବା ଲାଗି ପ୍ରଥମେ ହାଲୁକା ଶିଳ୍ପ (ମୁଖ୍ୟତଃ ପୋଷାକ ଶିଳ୍ପ)ରୁ ଆରମ୍ଭ କରି ପରେ ଅଧିକ ଜଟିଳ ପ୍ରଯୁକ୍ତିବିଦ୍ୟାଭିତ୍ତିକ ଭାରି ଶିଳ୍ପରେ ପ୍ରବେଶ କରିବା ଛଡ଼ା ଅନ୍ୟ ରାସ୍ତା ନାହିଁ। ୨୦୧୪ରେ ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଭାରତୀୟ ନିର୍ମାଣ ଶିଳ୍ପର ଅବଦାନ ଥିଲା ୧୫ ପ୍ରତିଶତ। ଗତବର୍ଷ ଏହା ୧୪ ପ୍ରତିଶତକୁ ହ୍ରାସ ପାଇଛି। ସୁତରାଂ ପ୍ରଧାନମନ୍ତ୍ରୀଙ୍କ 'ମେକ୍ ଇନ୍ ଇଣ୍ଡିଆ' ଫେଲ୍ ମାରିଛି ଏବଂ ଏହା ଲାଗୁ ହେବାର ଇତି ମଧ୍ୟରେ ପାଞ୍ଚବର୍ଷ ଅତିକ୍ରାନ୍ତ ହୋଇସାରିଲାଣି।

ସରକାରଙ୍କ ବିଫଳତାକୁ ବୁଝାଇବା ପାଇଁ ଅନ୍ୟ ଦେଶଗୁଡ଼ିକ ସହ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରୁଛି। ଆମେ ଯେଉଁ ପଡ଼ୋଶୀ ଦେଶ ଚାଇନା ସହ ଅନେକ ସମୟରେ ନିଜର ତୁଳନା କରୁ ତାହାର ଅର୍ଥନୀତିର ଆକାର ଭାରତର ପାଞ୍ଚଗୁଣରୁ ଅଧିକ। ଏହାର ଜିଡିପିକୁ ନିର୍ମାଣ ଶିଳ୍ପର ଅଂଶ ୨୯ ପ୍ରତିଶତ ଯାହା ଭାରତର ପ୍ରାୟ ଦୁଇଗୁଣ ଏବଂ ଏହା ୨୦୧୪ରୁ ୨୦୨୦ ଭିତରେ ସ୍ଥିର ଅଛି। ଭିଏଟ୍‌ନାମର ଜିଡିପିକୁ ନିର୍ମାଣ ଶିଳ୍ପର ଅବଦାନ ଏବେ ୧୬ ପ୍ରତିଶତ ଅଛି ଏବଂ ଆମେ ଯେତେବେଳେ ମେକ୍ ଇନ୍ ଇଣ୍ଡିଆ ଆରମ୍ଭ କଲୁ ସେତେବେଳେ ଏହା ଥିଲା ୧୩ ପ୍ରତିଶତ। ଶ୍ରୀଲଙ୍କାରେ ଏହା ବର୍ତ୍ତମାନ ୧୬ ପ୍ରତିଶତ ଅଛି। ସେହିପରି ଏହା ଥାଇଲାଣ୍ଡରେ ୨୭ ପ୍ରତିଶତ, ଇଣ୍ଡୋନେସିଆରେ ୧୯ ପ୍ରତିଶତ, ଫିଲିପାଇନ୍ସରେ ୧୯ ପ୍ରତିଶତ, ମାଲେସିଆରେ ୨୧ ପ୍ରତିଶତ ଏବଂ ସିଙ୍ଗାପୁରରେ ୨୦ ପ୍ରତିଶତ ଅଛି। ଜର୍ମାନୀରେ ଏହା ୨୦ ପ୍ରତିଶତ ଅଛି, ଯାହା ଆଶ୍ଚର୍ଯ୍ୟଜନକ ନୁହେଁ କାରଣ ଏହା ବିଶ୍ୱର ବୃହତ୍ତମ ଅଟୋମୋବାଇଲ ଶିଳ୍ପର ଦେଶ ଭାବେ ଜଣାଶୁଣା। ପୋଷାକ ପରେ ଅଟୋମୋବାଇଲ ହେଉଛି ଶିଳ୍ପ ବିକାଶର ଦ୍ୱିତୀୟ ପାହାଚ। ଯେତିକି ବର୍ଷ ହେଲା ଭାରତରେ ମେକ୍ ଇନ୍ ଇଣ୍ଡିଆ ଲାଗୁ ହେଲାଣି, ସେହି ଅବଧି ଭିତରେ ବାଂଲାଦେଶର ନିର୍ମାଣ ଶିଳ୍ପ ୧୬ରୁ ୧୮ ପ୍ରତିଶତକୁ ବୃଦ୍ଧି ପାଇଛି। ବାଂଲାଦେଶର ଜିଡିପି ମୋଟାମୋଟି ଭାବେ ବାର୍ଷିକ ୮ ପ୍ରତିଶତ ହାରରେ ବୃଦ୍ଧି ପାଉଛି, ଯାହା ଭାରତଠାରୁ ଢେର୍ ଅଧିକ। ଆଉ ଏକ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହି ସମୟ ଭିତରେ ବାଂଲାଦେଶର ପୋଷାକ ରପ୍ତାନି ୩୮ ବିଲିୟନ ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି। ଅଥଚ ଭାରତର ରପ୍ତାନି ୧୮ ବିଲିୟନରୁ ୧୬ ବିଲିୟନ ଡଲାରକୁ ହ୍ରାସ ପାଇଛି। ପୋଷାକ ଶିଳ୍ପ ଅତି ଗୁରୁତ୍ୱପୂର୍ଣ୍ଣ କାରଣ ଏଥିରେ ବହୁ ସଂଖ୍ୟାରେ ଅର୍ଦ୍ଧକୁଶଳୀ ଶ୍ରମିକ ଏବଂ ବିଶେଷତଃ ମହିଳା ନିଯୁକ୍ତି ପାଇଥାନ୍ତି। ବାଂଲାଦେଶରେ ପ୍ରାୟ ୫୦୦୦ ପୋଷାକ ତିଆରି କାରଖାନା ଥିବାବେଳେ ସେଗୁଡ଼ିକରେ ନିଯୁକ୍ତ ୮୫ ପ୍ରତିଶତ କର୍ମଚାରୀ ହେଉଛନ୍ତି ମହିଳା। ଏପରି କି ଭିଏଟ୍‌ନାମ ବି ଭାରତଠାରୁ ଅଧିକ ପୋଷାକ ରପ୍ତାନି କରୁଛି। ନିର୍ମାଣ ଶିଳ୍ପରେ କର୍ମଚାରୀମାନଙ୍କୁ ନିର୍ଦ୍ଦିଷ୍ଟ ବେତନରେ ପୂର୍ଣ୍ଣକାଳୀନ ନିଯୁକ୍ତି ମିଳିଥାଏ। ତେଣୁ ଅନ୍ୟତ୍ର ଅସ୍ଥାୟୀ ନିଯୁକ୍ତି ଅପେକ୍ଷା ଏହି ଶିଳ୍ପରେ ନିଯୁକ୍ତି ପାଇବାକୁ ଲୋକେ ବେଶି ପସନ୍ଦ କରିଥାନ୍ତି। ତେବେ ଭାରତ ଏ କ୍ଷେତ୍ରରେ ବିଫଳ ହେବାର କାରଣ କ'ଣ? ମୋ ମତରେ ମେକ୍ ଇନ୍ ଇଣ୍ଡିଆ ବାସ୍ତବରେ ଏକ ରଣନୀତି ନୁହେଁ, ଏକ ଲୋଗୋ ଓ କିଛି ଶବ୍ଦ ମାତ୍ର। ତେଣୁ ତାହା ନିରର୍ଥକ।

ଚାଇନାରେ ନିର୍ମାଣ ଶିଳ୍ପ ପ୍ରତିଷ୍ଠା କରିବା ଅଧିକ ବ୍ୟୟସାପେକ୍ଷ କାରଣ ସେଠାରେ ଶ୍ରମିକ ଓ କର୍ମଚାରୀମାନଙ୍କ ବେତନ ଅଧିକ। ତା' ସତ୍ତ୍ୱେ ଗତ ପାଞ୍ଚବର୍ଷ ଭିତରେ ସେଠାରେ ଜିଡିପିକୁ ନିର୍ମାଣ ଶିଳ୍ପର ଅବଦାନ ହ୍ରାସ ପାଇ ନାହିଁ, ଯାହା ମେକ୍ ଇନ୍ ଇଣ୍ଡିଆ ଆରମ୍ଭ ପରେ ଭାରତରେ ଘଟିଛି। ଏଣେ ପ୍ରଧାନମନ୍ତ୍ରୀ କହୁଛନ୍ତି, ଭାରତକୁ ୫ ଟ୍ରିଲିୟନ ଡଲାରର ଅର୍ଥନୀତି କରିବେ। ଏହା ଏକ ବାସ୍ତବ ଲକ୍ଷ୍ୟ ନୁହେଁ। ଭାରତର ଜିଡିପି ଦିନେ ନା ଦିନେ ସେହି ସ୍ତରରେ ପହଞ୍ଚିବ କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଧାର୍ଯ୍ୟ ଅବଧି ଭିତରେ ନୁହେଁ। ପ୍ରଶ୍ନ ହେଉଛି କେତେ ଶୀଘ୍ର ଆମେ ସେହି ଜାଗାରେ ପହଞ୍ଚିପାରିବା ଏବଂ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ସରକାର କ'ଣ କରିପାରିବେ?

ଭାରତର ଅର୍ଥନୀତିକୁ ବିକଶିତ କରିବା ପାଇଁ ମୋଦି ଯେଉଁ ମେକ୍ ଇନ୍ ଇଣ୍ଡିଆ ଆରମ୍ଭ କଲେ ତାହା ଫେଲ୍ ମାରିଲା। ବାସ୍ତବରେ ସେ ତା' ଉପରେ ବିଶେଷ ଗୁରୁତ୍ୱ ଦେଇ ନାହାନ୍ତି। ପ୍ରଧାନମନ୍ତ୍ରୀଙ୍କ ୱେବ୍‌ସାଇଟରେ ୨୦୧୪ ପରଠାରୁ କୌଣସି ତଥ୍ୟ ଅପ୍‌ଡେଟ୍ କରାଯାଇ ନାହିଁ। ଏହାକୁ ଅପ୍‌ଡେଟ୍ କରାଯିବା ଦରକାର ଏବଂ ଲୋକଙ୍କୁ ଜଣାଇବା ଦରକାର ଯେ ମେକ୍ ଇନ୍ ଇଣ୍ଡିଆ ବିଫଳ ହୋଇଛି। ତା'ହେଲେ କିଛି ନୂଆ ଯୋଜନା ଆରମ୍ଭ କରାଯାଇପାରିବ, ନ ହେଲେ ଆମର ନିର୍ମାଣ ଶିଳ୍ପ ଅଧୋଗତି କରିଚାଲିଥିବ।

Email: aakar.patel@gmail.com

# ଚାଲ ସାଧାରଣ ମଣିଷ ହେବା



ଡ. ରମେଶ ଚନ୍ଦ୍ର ପରିଡ଼ା

ନିଜକୁ ଜଣେ ସାଧାରଣ ମଣିଷଠାରୁ ଭିନ୍ନ ରୂପେ, ଅର୍ଥାତ୍ ଉଚ୍ଚତର ରୂପେ ଉପସ୍ଥାପିତ କରିବା ପ୍ରବୃତ୍ତି ଆମ ସମସ୍ତଙ୍କ ମଧ୍ୟରେ ଅଳ୍ପବହୁତ ରହିଛି। ପୋଷାକପତ୍ର, ଚାଲିଚଳନ, କଥାବାର୍ତ୍ତାର ଭଙ୍ଗୀଠାରୁ ଆରମ୍ଭକରି ଅଧିକ ଧନ ଉପାର୍ଜନ କରି ଧନୀ ହେବା କିମ୍ବା ଜ୍ଞାନ ଉପାର୍ଜନ କରି ଜ୍ଞାନୀ ବୋଲାଇବା ଇତ୍ୟାଦି ଆକାଂକ୍ଷା ମୂଳରେ ଏହା ପ୍ରଚ୍ଛନ୍ନ ଭାବେ ନିହିତ। ସେଥିପାଇଁ ଆମେ ଜୀବନବ୍ୟାପୀ ପ୍ରତି ମୁହୂର୍ତ୍ତରେ ତତ୍ପର ରହିଥାଉ। ଏଥିରେ ସଫଳତା ଆମ ଅହଂକାରକୁ ସନ୍ତୁଷ୍ଟ କରେ ସତ, ତେବେ ସର୍ବଦା ଆମକୁ ରଖିଥାଏ ଶାରୀରିକ ତଥା ମାନସିକ ଚାପ ମଧ୍ୟରେ। ସମୟକ୍ରମେ ଜୀବନ ଅଧିକରୁ ଅଧିକ ପ୍ରତିଯୋଗିତାମୂଳକ ହୋଇଚାଲିଛି। ଫଳରେ ଏ ଚାପ ବଢ଼ିବାରେ ଲାଗିଛି। ଯେଉଁ ଦେଶ ଯେତେ ଉନ୍ନତ ସେଠାର ଲୋକଙ୍କଠାରେ ଏହା ସେତେ ଅଧିକ। ଫଳରେ ତାହାର କୁପରିଣାମ ପ୍ରକଟିତ ହେଉଛି ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଏବଂ ସାମାଜିକ ଜୀବନ ସମେତ ପ୍ରକୃତି ଓ ପରିବେଶ ଉପରେ। ଉଚ୍ଚ ରକ୍ତଚାପ, ମଧୁମେହ, ମାନସିକ ବିକୃତି, ହିଂସ୍ର ମନୋଭାବ ଆଦି ବ୍ୟାପକ ହେବାଠାରୁ ଆରମ୍ଭକରି ନିଜକୁ ବଡ଼ ବୋଲି ଉପସ୍ଥାପିତ କରିବା ଲାଗି ପ୍ରାକୃତିକ ସମ୍ପଦର ଦୁରୁପଯୋଗ ତଥା ବିବିଧ କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ଓ ପରିସଂସ୍ଥାକୁ କ୍ଷତି ପହଞ୍ଚାଇବା ଏହାର ଗୋଟିଏ ଗୋଟିଏ କୁପରିଣତି। ଏଥିରୁ ନା ମିଳୁଛି ସୁଖ ନା ଶାନ୍ତି। କେବଳ ଲୋଭ ଓ ଅହଂକାରର ମାୟାମୃଗ ପଛରେ ଧାଇଁବା ହିଁ ସାର ହେଉଛି।

ଅନ୍ୟପକ୍ଷରେ ସାଧାରଣ ମଣିଷଟିଏ ଭଳି ବଞ୍ଚିବା ମନକୁ ଚାପମୁକ୍ତ କରିଥାଏ। ଏଣୁ ଶାନ୍ତିରେ ବଞ୍ଚିହୁଏ। ଏ କଥା ଚିନ୍ତା କଲେ ମନକୁ ଆସେ ଇଂରେଜ କବି ଚାର୍ଲସ ମାକେଙ୍କ 'ମିଲର ଅଫ୍ ଦ ଡି'କବିତାଟି। ଏହି ପ୍ରସିଦ୍ଧ ଲୋକଗୀତରେ ସେ ସୂଚିତ କରିଛନ୍ତି, କିପରି ଜଣେ ଅଟାକଳ ଚଳାଉଥିବା ସାଧାରଣ ମଣିଷଟିଏ ବିତାଉଥିବା ଶାନ୍ତିପୂର୍ଣ୍ଣ ଜୀବନ ଦେଖି ସେଥିପ୍ରତି ଈର୍ଷାନ୍ୱିତ ହୋଇ ପଡ଼ିଥିଲେ ଇଂଲଣ୍ଡର ମହାମହିମ ରାଜା। ଏବେ ଆମେ ବସ୍ତୁବାଦର ଚରମସୀମାରେ ଉପନୀତ ହେଲା ପରେ କ୍ରମେ ଆମଠାରେ ଅନୁରୂପ ପ୍ରବୃତ୍ତି ଜାଗ୍ରତ ହେବାର ସୂଚନା ମିଳିଲାଣି। ଫଳରେ ଆମ ମଧ୍ୟରୁ ଅନେକେ ମାନସିକ ଚାପ ସୃଷ୍ଟିକାରୀ ଧନ ଓ ପ୍ରତିପତ୍ତି ଅପେକ୍ଷା ଅଧିକ ଚାହିଁଲେଣି ଶାନ୍ତିରେ ଅର୍ଥାତ୍ ସାଧାରଣ ମଣିଷ ଭାବେ ବଞ୍ଚିବାକୁ। ବିଶେଷକରି ଏଭଳି ମାନସିକତା ଅଧିକରୁ ଅଧିକ ଦାନା ବାନ୍ଧିବାରେ ଲାଗିଛି କର୍ମ ନିଶାଗ୍ରସ୍ତ ବା ୱାର୍କ ହୋଲିକ୍‌ସଙ୍କ ଦେଶ ଜାପାନ ସମେତ ଅନ୍ୟ କିଛି ଦେଶର ଯୁବମାନସରେ।

ନିଜକୁ 'ବୌଦ୍ଧ ଯୁବା' ବୋଲି ଅଭିହିତ କରୁଥିବା ଏମାନଙ୍କ ମତରେ ଆଜିକାଲି ଜୀବନ ଅତ୍ୟନ୍ତ ଜଟିଳ ଏବଂ କ୍ଳାନ୍ତିଯୁକ୍ତ ହୋଇପଡ଼ିଛି। ସେଥିପାଇଁ ଆମକୁ ସର୍ବଦା କିଛି ନା କିଛି ବିଷୟରେ ଚିନ୍ତାଗ୍ରସ୍ତ ରହିବାକୁ ପଡୁଛି। ଏଥିରୁ ମୁକ୍ତ ରହିବାକୁ ହେଲେ ସବୁ ପରିସ୍ଥିତିରେ ଶାନ୍ତ ଏବଂ ବ୍ୟାକୁଳତାହୀନ ହେବା ଦରକାର। ତାଙ୍କର ଏ ମାନସିକତାରେ ପ୍ରତିଫଳିତ ହେଉଛି ମହାଯୋଗୀ ଶ୍ରୀଅରବିନ୍ଦଙ୍କ ବାଣୀ- ଯଦି ତୁମେ ଯେପରି ଅଛ ସେଥିରେ ସନ୍ତୁଷ୍ଟ ନୁହଁ, ତେବେ ତୁମେ କଦାପି ସନ୍ତୁଷ୍ଟ ହୋଇପାରିବ ନାହିଁ। ତେଣୁ ସେମାନେ ଶ୍ରେଷ୍ଠତା ଲାଭ କରିବାର କୁକୁର ଧାଉଡ଼ିରେ ରହୁନାହାନ୍ତି ଏବଂ ବଡ଼ ବଡ଼ ଅସରନ୍ତି ସ୍ୱପ୍ନ ଦେଖି ତା'ପଛରେ ଅଣନିଃଶ୍ୱାସୀ ହୋଇ ଧାଉଁନାହାନ୍ତି। ବରଂ ସବୁ ସାଧାରଣ ମଣିଷଙ୍କ ଭିତରେ ନିଜକୁ ଅନ୍ୟତମ ବୋଲି ଧରିନେଇ ନିର୍ଲିପ୍ତ ଭାବେ କାମ କରିବାକୁ ପସନ୍ଦ କରୁଛନ୍ତି।

ସାଧାରଣତଃ ପିଲାମାନଙ୍କୁ ମା'ବାପା ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହାର ଠିକ୍ ଓଲଟା ଶିକ୍ଷା ଦିଅନ୍ତି। ସେମାନଙ୍କୁ ଅନ୍ୟମାନଙ୍କଠାରୁ ନିଜକୁ ଅଲଗା ବୋଲି ପ୍ରତିପାଦିତ କରିବା ତଥା ଶ୍ରେଷ୍ଠତା ପଛରେ ଧାଇଁବାକୁ ପ୍ରରୋଚିତ କରନ୍ତି। ଫଳରେ ସେମାନେ ନିଜ ଭାବାବେଗର ଅନୁଧାବନ କରିବା ପରିବର୍ତ୍ତେ ଏହା ହିଁ କରିବାକୁ ଲାଗନ୍ତି ଏବଂ ନିଜକୁ ଏକ ଚାପଗ୍ରସ୍ତ ବିଚିତ୍ର ବ୍ୟକ୍ତିତ୍ୱରେ ପରିଣତ କରିଦିଅନ୍ତି। ଏହା ମନକୁ ଆଣିଥାଏ ଆମେରିକୀୟ କବି ଉଇଷ୍ଟାନ୍ ଲ୍ୟୁଗ୍ ଏଭଡେନଙ୍କ 'ଦ ଆଭରେଜ' କବିତାର ପଂକ୍ତିଟିଏ। ଓଡ଼ିଆରେ ତାହାକୁ ନିମ୍ନୋକ୍ତ ରୂପେ ପ୍ରକାଶ କରାଯାଇପାରିବ। ମାତାପିତାଙ୍କର ଉଚ୍ଚାକାଂକ୍ଷା ସରଳ ଲଜ୍ଜାଶୀଳ ଶିଶୁଟିକୁ ଭୟଭୀତ କରି ପକାଇଲା। କୌଣସି ସାଧାରଣ ବୃତ୍ତିଟିଏ ଯଥେଷ୍ଟ ନୁହେଁ, ତାକୁ ସର୍ବୋଚ୍ଚରେ ପହଞ୍ଚି ନାୟକଟିଏ ହେବାକୁ ପଡିବ। ସେମାନଙ୍କ ଶ୍ରଦ୍ଧାଭାଜନ ହେବାକୁ ହେଲେ ମନ ଭିତରେ ତା'ର ନୀରବ ଅଶାନ୍ତି ଗର୍ଜନ କରିବାକୁ ଲାଗିଲା। ତଳକୁ ଚାହିଁ ସେ ଦେଖିଲା ଜଣେ ସାଧାରଣ ମଣିଷର ଛାୟା ଅସାଧାରଣ ହେବାକୁ ଉପେକ୍ଷା କରି ପଳାୟନ କଲା।

ଜଣେ ବ୍ୟକ୍ତିବିଶେଷ ହିସାବରେ ଈଶ୍ୱର ଆମକୁ ଏକ ନିର୍ଦ୍ଦିଷ୍ଟ ଦକ୍ଷତା ପ୍ରଦାନ କରିଛନ୍ତି। ତାହାକୁ ନୀଚ ବୋଲି ଭାବି ଅତିକ୍ରମ କରିବାକୁ ଚାହିଁଲେ ଆମେ ନିଶ୍ଚିତ ରୂପେ ବିଫଳ ହେବା। ସର୍ବକାଳୀନ ଶ୍ରେଷ୍ଠ ବୈଜ୍ଞାନିକ ଆଇନଷ୍ଟାଇନ ମଧ୍ୟ ଏହା ସ୍ୱୀକାର କରିଥିଲେ। ଏଣୁ ସେ କହିଥିଲେ, ଯେତେ ଚେଷ୍ଟା କଲେ ବି ଗାଈ ଗଛ ଚଢ଼ିବାକୁ କଦାପି କ୍ଷମ ହୋଇ ପାରିବ ନାହିଁ। ଏପରିସ୍ଥଳେ ଆମେ ପ୍ରତ୍ୟେକେ ନିଜ ଭିତରେ ଥିବା ଅନ୍ତର୍ନିହିତ ଗୁଣର ବିକାଶ ଲାଗି ଧ୍ୟାନଦେବା ଉଚିତ। ତାହା ଆମକୁ ଜଣେ ସାଧାରଣ ମଣିଷର ଶାନ୍ତ ସରଳ ଜୀବନ ଜିଇବାକୁ ଦେଇପାରିବ।



ବୌଦ୍ଧ ଯୁବାମାନେ ଏହାକୁ ହୃଦୟଙ୍ଗମ କରିଛନ୍ତି। ତାଙ୍କ ମତରେ ସବୁ କଥାକୁ ସମ୍ପୂର୍ଣ୍ଣ ତ୍ରୁଟିମୁକ୍ତ କରିବାକୁ ବସିଲେ ତାହା ଆମକୁ ଅମଣିଷ କରିଦିଏ। ଆମର ମାନବସୁଲଭ ଦୁର୍ବଳତାକୁ ଗ୍ରହଣ କରିବାର କ୍ଷମତା ଅପହରଣ କରିନିଏ ଏବଂ ଆମକୁ ପାଗଳାମି ଆଡକୁ ଠେଲିଦିଏ। ତେଣୁ ସେମାନେ କେବଳ ସାଧାରଣ ଭାବେ ବଞ୍ଚିବାକୁ ଚାହାନ୍ତି। ଏହି କାରଣରୁ ତାଙ୍କ ମଧ୍ୟରୁ ଅନେକେ ଏବେ ଉଚ୍ଚ ପଦପଦବୀ ପରିତ୍ୟାଗ କରି କୃଷି, ଶିକ୍ଷାଦାନ ଆଦି ସହଜ ସରଳ ବୃତ୍ତି ଆପଣାଇବାକୁ ଲାଗିଲେଣି।

ଏହାକୁ ଲକ୍ଷ୍ୟକରି କର୍ପୋରେଟ ଗୁରୁ ଆଜମୀ ଜମଲ କହନ୍ତି ଯେ, ଆଜିକାଲିର ଯୁବତୀଯୁବକମାନେ ଅତ୍ୟନ୍ତ ଆତ୍ମସଚେତନ। ସେମାନଙ୍କର ନିଜ କ୍ଷମତା ଓ ଦୁର୍ବଳତାର ମୂଲ୍ୟାୟନ କରିବାର ବେଶ୍ ଦକ୍ଷତା ରହିଛି। ସେମାନେ ପଦପଦବୀ ଓ ଅର୍ଥ ଉପାର୍ଜନର ମୂଲ୍ୟ ବୁଝନ୍ତି ଏବଂ ତା'ର ସସୀମତା ମଧ୍ୟ ବୁଝନ୍ତି। ଅତଏବ ସେମାନେ ଅନୁଭବ କରିବାକୁ ଲାଗିଲେଣି ଯେ, ତାଙ୍କ ପୂର୍ବବର୍ତ୍ତୀ ପିଢ଼ି 'ଆତ୍ମାରହିତ' ସଫଳତା ଏବଂ 'ବସ୍ତୁବାଦୀ ଲକ୍ଷ୍ୟ' ପଛରେ ଧାଇଁ ଧାଇଁ ନକାରାତ୍ମକ ଭାବପ୍ରବଣତାର ଭଉଁରି ଭିତରେ ନିଜକୁ ହଜାଇ ଦେଇଛନ୍ତି। ତାହା ତାଙ୍କୁ ସୁଖ କି ଶାନ୍ତି ଦେଇପାରିନି। ତେଣୁ ସେମାନେ ସେଥିରୁ ମୁକ୍ତ ହେବାକୁ ଚାହାନ୍ତି। ସେଥିପାଇଁ ନିଜକୁ ସାଧାରଣ ମଣିଷ ରୂପେ ଉପସ୍ଥାପିତ କରିବା ଏବଂ ସରଳ ଜୀବନ ଜିଇବା ଲାଗି ସେମାନେ କୁଣ୍ଠା ବା ଲଜ୍ଜାବୋଧ କରୁନାହାନ୍ତି। ଚାଲନ୍ତୁ ଆମେ ତାଙ୍କୁ ଅନୁସରଣ କରିବା। ତାହା କେବଳ ଯେ ଆମକୁ ପ୍ରକୃତ ସୁଖ ଓ ଶାନ୍ତିରେ ବଞ୍ଚିବାକୁ ସମର୍ଥ କରିବ ତା' ନୁହେଁ ସମଗ୍ର ବିଶ୍ୱକୁ ଯୁଦ୍ଧବିଗ୍ରହ ଓ ଆତଙ୍କବାଦରୁ ମୁକ୍ତ ଏବଂ ଏହାର ପରିବେଶ ଓ ପରିସଂସ୍ଥାର ସୁରକ୍ଷା ମଧ୍ୟ ସମ୍ଭବ କରିପାରିବ।

ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର,
ଭୁବନେଶ୍ୱର, ମୋ-୯୯୩୭୯୮୫୭୬୭

# ବ୍ରିଟେନ ଅର୍ଥମନ୍ତ୍ରୀ

ୟୁରୋପୀୟ ସଂଘ (ଇୟୁ)ରୁ ବ୍ରିଟେନ ଅଲଗା ହେବା (ବ୍ରେକ୍‌ଜିଟ୍) ପ୍ରସଙ୍ଗ ଅଦ୍ୟାବଧି ସେଠାରେ ସର୍ବାଧିକ ଚର୍ଚ୍ଚିତ ଘଟଣା ରହିଆସିଛି। ଏଭଳି ସ୍ଥଳେ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍ ମନ୍ତ୍ରିମଣ୍ଡଳରେ ଅଦଳବଦଳ କରିଛନ୍ତି। ଜନ୍‌ସନ୍‌ଙ୍କ ମୁଖ୍ୟ ଉପଦେଷ୍ଟା ଡୋମିନିକ୍ କୁମିଙ୍ଗସ୍‌ଙ୍କ ସହ ସରକାରଙ୍କ ନୀତିକୁ ନେଇ ମତଭେଦ ହେବା ପରେ ୧୩ ଫେବୃୟାରୀରେ ସାଜିଦ୍ ଜାଭିଦ ଅର୍ଥମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ଯୁବ ଏମ୍‌ପି ଋଷି ସୁନକଙ୍କୁ ଜନ୍‌ସନ ଅର୍ଥମନ୍ତ୍ରୀ ପଦବୀରେ ଅବସ୍ଥାପିତ କରିଛନ୍ତି। ଭାରତୀୟ ବଂଶୋଦ୍ଭବ କଞ୍ଜରଭେଟିଭ୍ ପାର୍ଟି ନେତା ଋଷି ଇନ୍‌ଫୋସିସ୍‌ର ସହପ୍ରତିଷ୍ଠାତା ଏନ.ଆର୍. ନାରାୟଣମୂର୍ତ୍ତିଙ୍କ ଜ୍ୱାଇଁ ହୋଇଥିବାରୁ ଏହା ଭାରତୀୟଙ୍କ ପାଇଁ ଗର୍ବ ଆଣିଦେଇଛି। ଫଳରେ ତାଙ୍କ ରାଜନୈତିକ ଉତ୍ଥାନ ବିଷୟରେ ଜାଣିବାକୁ ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ।

ଇଂଲଣ୍ଡର ସାଉଥ୍‌ହାମ୍ପଟନ୍‌ରେ ୧୨ ମେ ୧୯୮୦ରେ ଋଷି ଏକ ପଞ୍ଜାବୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପ୍ରାରମ୍ଭିକ ଶିକ୍ଷା ୱିଞ୍ଚେଷ୍ଟର କଲେଜରେ ହୋଇଥିଲା। ସେ ଅକ୍ସଫୋର୍ଡର ଲିଙ୍କନ୍ କଲେଜରୁ ଦର୍ଶନ, ରାଜନୀତି ଓ ଅର୍ଥନୀତି (ପିପିଇ)ରେ ପଢ଼ା ଶେଷ କରିବା ପରେ ଫୁଲ୍‌ବ୍ରାଇଟ୍ ସ୍କଲାର ଭାବେ ଷ୍ଟାନ୍‌ଫର୍ଡ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ ପଢ଼ିଥିଲେ। ମ୍ୟାନେଜ୍‌ମେଣ୍ଟ ଡିଗ୍ରୀ ଅର୍ଜନ କରିବା ପରେ ଋଷି ଗୋଲ୍‌ଡମ୍ୟାନ୍ ସାକ୍‌ରେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ। ୨୦୦୬ ମସିହାରେ ହେଜ୍ ଫଣ୍ଡ୍ ମ୍ୟାନେଜମେଣ୍ଟ ଫାର୍ମ 'ଚିଲ୍‌ଡ୍ରେନ୍ସ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ ମ୍ୟାନେଜମେଣ୍ଟ'ର ସହଯୋଗୀ ପାଲଟିଥିଲେ। ୨୦୦୯ରେ ସେ ଏହି କାର୍ଯ୍ୟରୁ ଅବ୍ୟାହତି ନେଇଥିଲେ। ୨୦୧୦ରେ ନିଜସ୍ୱ ହେଜ୍‌ଫଣ୍ଡ ସୃଷ୍ଟି କରି ସେଥିରେ ୭୦୦ ନିୟୁତ ଡଲାର ବିନିଯୋଗ କରିଥିଲେ। ଶ୍ୱଶୁର ବିଶ୍ୱର ଜଣେ ନାମକରା ଶିଳ୍ପପତି ହୋଇଥିବାରୁ ତାଙ୍କ ପଦାଙ୍କ ଅନୁସରଣ କରିଥିଲେ ଋଷି। ନାରାୟଣମୂର୍ତ୍ତିଙ୍କ ମାଲିକାନାରେ ଥିବା କାଟାମାରାନ୍ ଭେଞ୍ଚର୍ସରେ ତାଙ୍କୁ ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଥିଲା।



ବ୍ୟକ୍ତିତ୍ୱ

ଋଷି ସୁନକ

ଋଷିଙ୍କ ରାଜନୈତିକ ଅଭ୍ୟୁଦୟ ୨୦୧୪ରେ କଞ୍ଜରଭେଟିଭ୍ ପ୍ରାର୍ଥୀ ଚୟନ ହେବାରୁ ଆରମ୍ଭ ହୋଇଥିଲା। ସେ ବ୍ରିଟେନ୍ ପାର୍ଲାମେଣ୍ଟକୁ ୨୦୧୫ ସାଧାରଣ ନିର୍ବାଚନରେ ରିଚ୍‌ମଣ୍ଡରୁ ନିର୍ବାଚିତ ହୋଇଥିଲେ। ସୂଚନା ଦିଆଯାଇପାରେ ଯେ, ପୂର୍ବରୁ ଏହି ଆସନରୁ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ୱିଲିୟମ୍ ହେଗ୍ ଜିତି ବ୍ରିଟେନ୍‌ର ଗୁରୁତ୍ୱପୂର୍ଣ୍ଣ ପଦବୀ ଅକ୍ତିଆର କରିପାରିଥିଲେ। ତେବେ ଋଷିଙ୍କୁ ୨୦୧୫ରୁ ୨୦୧୭ ଯାଏ ପରିବେଶ, ଖାଦ୍ୟ ଓ ଗ୍ରାମୀଣ ବ୍ୟାପାର ସଂକ୍ରାନ୍ତ ସିଲେକ୍ଟ କମିଟିର ସଦସ୍ୟ କରାଯାଇଥିଲା। ତାଙ୍କ ରାଜନୈତିକ ଆଭିମୁଖ୍ୟ ସ୍ପଷ୍ଟ ଥିବାରୁ ସେ ବ୍ରେକ୍‌ଜିଟ୍‌କୁ ସମର୍ଥନ କରିଛନ୍ତି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି କାର୍ଯ୍ୟ କରିଥିବା ଋଷି ପ୍ରଧାନମନ୍ତ୍ରୀ ଜନ୍‌ସନଙ୍କ ଦ୍ୱାରା ଟ୍ରେଜେରିର ଚିଫ୍ ସେକ୍ରେଟାରୀ ଦାୟିତ୍ୱରେ ଥିବା ବେଳେ ଅନେକ ଦୃଢ଼ ନିଷ୍ପତ୍ତି ନେଇଥିଲେ। ଫଳରେ ତାଙ୍କୁ ପ୍ରିଭି କାଉନ୍‌ସିଲର ସଦସ୍ୟ କରାଯାଇଥିଲା। ୧୩ ଫେବୃୟାରୀରେ ହୋଇଥିବା ମନ୍ତ୍ରିମଣ୍ଡଳ ଅଦଳବଦଳରେ ଋଷିଙ୍କୁ ଅର୍ଥମନ୍ତ୍ରୀ କରାଯିବା ପରେ ଏବେ ବ୍ରିଟିଶ ପାର୍ଲାମେଣ୍ଟରେ ତାଙ୍କ ଭୂମିକା ବଢ଼ିଯାଇଛି। କୁହାଯାଉଛି ବ୍ରେକ୍‌ଜିଟ୍‌କୁ ନେଇ ବ୍ରିଟେନ୍ ଅର୍ଥନୀତି ଅନେକ ସମସ୍ୟା ଦେଇ ଗତି କରୁଛି। ଏଭଳି ଏକ ସମୟରେ ଋଷି ଆର୍ଥିକ ନୀତି ପ୍ରଣୟନ ଦିଗରେ କିଭଳି ପଦକ୍ଷେପ ନେଉଛନ୍ତି, ତାହା ଉପରେ ଦେଶବାସୀଙ୍କ ନଜର ରହିଛି।

ଋଷିଙ୍କ ପାରିବାରିକ ଇତିହାସ ଦେଖିଲେ ତାଙ୍କ ଜେଜେବାପା ଥିଲେ ପଞ୍ଜାବର ବାସିନ୍ଦା। କାର୍ଯ୍ୟ ଅନ୍ୱେଷଣରେ ପରିବାର ଲୋକେ ପୂର୍ବ ଆଫ୍ରିକା ଚାଲିଯାଇଥିଲେ। ୧୯୬୦ରେ ସେଠାରୁ ସେମାନେ ବ୍ରିଟେନ ପଳାଇଥିଲେ। ଋଷିଙ୍କ ବାପା ୟାଶଭିର୍ ଜଣେ ଡାକ୍ତର ଥିବା ବେଳେ ମାତା ଉଷା ଫାର୍ମାସିଷ୍ଟ ଭାବେ ଏକ ସ୍ଥାନୀୟ ଫାର୍ମାସୀ ଚଳାଉଥିଲେ। ୩ ସନ୍ତାନଙ୍କ ମଧ୍ୟରୁ ଋଷି ସମସ୍ତଙ୍କଠାରୁ ବଡ଼। ନିଜ କଥା ଦେଖିଲେ ନାରାୟଣମୂର୍ତ୍ତିଙ୍କ କନ୍ୟା ଅକ୍ଷତା ହେଉଛନ୍ତି ଋଷିଙ୍କ ସହଧର୍ମିଣୀ ଓ ଦୁଇ ସନ୍ତାନକୁ ନେଇ ତାଙ୍କ ସଂସାର।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଭଲ ଚାକିରି ଓ ଭଲ ଜାଗାରେ ବାହା ହୋଇ ଘରସଂସାର କରିବା ଲାଗି ସ୍ୱପ୍ନ ଦେଖନ୍ତି ଯୁବପିଢ଼ି। କିନ୍ତୁ ସ୍ୱାଧୀନତା ପ୍ରାପ୍ତିର ଦୀର୍ଘବର୍ଷ ପରେ ମଧ୍ୟ ରାସ୍ତା ଓ ପାଣି ଅଭାବରୁ ଏମାନେ ଅବିବାହିତ ରହିବା କଥା ବିଶ୍ୱାସ ହେଉ ନ ଥିଲେ ବି ସତ। ମଧ୍ୟପ୍ରଦେଶର ସନଚିରାୟା ଅଭୟାରଣ୍ୟରେ ଥିବା ୨୪ଟି ଗାଁରେ ଘଟୁଛି ଏମିତି ଘଟଣା। ଏହି ସବୁ ଗାଁର ଯୁବଗୋଷ୍ଠୀଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତ ବାହା ହୋଇପାରିନାହାନ୍ତି। ଗତବର୍ଷ ସୁଦ୍ଧା ଅବିବାହିତ ୬୯୦ ଜଣ ମଧ୍ୟରୁ ୪୦ରୁ ଊର୍ଦ୍ଧ୍ୱ ବୟସର ଥିଲେ ୪୦୦ ଜଣ। ପାଣି ଅଭାବରୁ ଖରାଦିନେ ଏଠାକାର ଗ୍ରାମବାସୀ ଗାଁ ଛାଡି ବାହାରକୁ ଚାଲିଯାଆନ୍ତି। ଜଙ୍ଗଲିଆ ରାସ୍ତା ଏତେ ଖରାପ ଯେ, କେବଳ ମୋଟରସାଇକେଲ ଓ ସ୍କୁଟର ହିଁ ଯାଇହୁଏ। ଏଭଳି ସମସ୍ୟାରେ ଗାଁର ଝିଅପୁଅଙ୍କୁ କାହିଁକିବା କିଏ ବାହାହେବ? ଏବେ ୩୪ କିମି ଲମ୍ବ ସଡକ ଛାଓ୍ୱନିରୁ ଘାଟିଗାଁ ଯାଏ ନିର୍ମାଣ କରାଯାଉଛି। ପ୍ରତି ଗାଁରେ ଟ୍ୟୁବୱେଲ ମଧ୍ୟ ବସାଯାଇଛି। ଏଣିକି ଗାଁଗୁଡିକରେ ସାହାନାଇ ବାଜିବ। ସେମାନଙ୍କ ପାଇଁ ଏହାଠାରୁ ବଡ଼ କଥା ଆଉ କ'ଣ ବା ଥାଇପାରେ!

## ଚିରନ୍ତନୀ

କେଉଁ ଜୋଛନା ମରଇ ତୋ ନୀଳ ଜଳେ
ମୋହରି ଜୋଛନା ସେ ଗୋ ଖେଳେ କଉଶଳେ
କାନ୍ଦଇ ତୋହରି ତୁଲ
ତୁଷାରେ ସେ କେଉଁ ଫୁଲ,
ମୋହରି ପରାଣ ପ୍ରିୟ ଏମାନ ସକଳେ। (ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୧୬ ଫେବୃୟାରୀ ୧୯୯୫**

- ଜୁଲାଇ ମାସରେ ଭିଏଟନାମ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ର ସହଯୋଗୀ (ଏସିଆନ) ସଂସ୍ଥାରେ ଯୋଗଦେବ ବୋଲି ଦେଶର ବିଦେଶ ମନ୍ତ୍ରୀ ପ୍ରକାଶ କରିଛନ୍ତି।
- ବୌଦ୍ଧିକ ସମ୍ପତ୍ତି ଅଧିକାର ଓ କପିରାଇଟ ସୁରକ୍ଷା ନେଇ ଆମେରିକା ଓ ଚାଇନା ମଧ୍ୟରେ କଥାବାର୍ତ୍ତା ଆରମ୍ଭ।

## ପାଠକ ଶ୍ରେଷ୍ଠ ବିଚାରକ

### ଜଳ ସଂରକ୍ଷଣ ଆବଶ୍ୟକ

ମହାଶୟ,

ଜଳ ବିନା ଜୀବଜଗତ ବଞ୍ଚିବା ଅସମ୍ଭବ। ବର୍ଷାଦିନେ ନଦୀ ଜଳପୂର୍ଣ୍ଣ ହୋଇଯାଉଛି। ମାତ୍ର କେତେଟା ଦିନ ପରେ ନଦୀନାଳ ଶୁଖିଯାଉଛି। ଗ୍ରୀଷ୍ମଋତୁରେ ପଶୁପକ୍ଷୀ ବୃନ୍ଦାଏ ପାଣି ପାଇଁ ତହଳବିକଳ ହେଉଛନ୍ତି। ନଦୀରେ ପାଣି ନ ରହିବାରୁ ଜଳସ୍ତର କମି କମି ଯାଉଛି। କୂଅ, ନଳକୂପ ଆଦି ଶୁଖିଯାଉଛି। ପାଣି ବିନା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସବୁ ଦୃଷ୍ଟିରୁ ସରକାର ଜଳ ସଂରକ୍ଷଣ କରିବା ଜରୁରୀ। ନଦୀ, ନାଳ ସବୁ ଖନନ କରି ଜଳ ସଞ୍ଚୟ କରିବା ଆବଶ୍ୟକ। ଜଳାଶୟମାନ ପୋତି ହୋଇଯିବାରୁ ଜଳ ସଂରକ୍ଷଣ ହୋଇପାରୁନାହିଁ। ଜଳ ସଂରକ୍ଷଣ ନ କରି ଜଳକୁ ନେଇ ରାଜନୀତି କରିବା ହାସ୍ୟାସ୍ପଦ। ଜନସାଧାରଣ ମଧ୍ୟ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଭାବରେ ଜଳାଶୟଗୁଡ଼ିକୁ ପୁନରୁଦ୍ଧାର କରିପାରିଲେ ସମସ୍ତଙ୍କର ମଙ୍ଗଳ ହେବ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### ପର୍ଯ୍ୟଟକ ସାବଧାନ

ଏବେ ପର୍ଯ୍ୟଟନ ଋତୁ। ଦୂରଦୂରାନ୍ତରୁ ପକ୍ଷୀ ଯେପରି ଉଡିଆସନ୍ତି ଚିଲିକାକୁ, ପର୍ଯ୍ୟଟକ ମଧ୍ୟ ସେପରି ନଦୀକୂଳ, ସମୁଦ୍ରତଟ, ପର୍ବତ, ବଣ ପାଖକୁ ବାଛନ୍ତି ଭୋଜିଭାତ କରି ଖୁସି ହେବାକୁ। ହେଲେ ପକ୍ଷୀମାନଙ୍କର ମାଂସକୁ ରୋଷେଇ ପାଇଁ ସଂଗ୍ରହ କରି ବନାନୀର ଶୋଭାକୁ ଉପଭୋଗ କରୁଥିବା ମଣିଷ ଚିନ୍ତା କରିପାରେ ନାହିଁ ଆମେ ଯେପରି ଆନନ୍ଦ ପାଇଁ ବ୍ୟାକୁଳ ଅନ୍ୟ ଜୀବ ମଧ୍ୟ ସେପରି ଆନନ୍ଦ ଅନ୍ୱେଷଣ କରିଆସିଛି। ପର୍ଯ୍ୟଟକ ଦଳ ପରିବେଶକୁ ଧ୍ୟାନ ନ ଦେଇ ଜଙ୍ଗଲରେ ବୁଲି କରି ରୋଷେଇ କରୁଛନ୍ତି। ଗରିଷ୍ଠ ଭୋଜନ କରି ଉଦର ଶାନ୍ତିକରି ଆନନ୍ଦରେ ଚାଲିଗଲା ପରେ ଦେଖନ୍ତି ନାହିଁ ଏ ସ୍ଥାନରେ କେତେ ବର୍ଜ୍ୟବସ୍ତୁ ଛାଡି ଦେଇଯାଇଛନ୍ତି। ଏହାକୁ ପରିଷ୍କାର କରିବ କିଏ? ସର୍ବୋପରି ଚୁଲିରେ ନିଆଁକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତି। ପରେ ପବନ ଶୁଖିଲା ପତ୍ରର ସମ୍ମିଶ୍ରଣରେ ସେହି ନିଆଁ ବନାଗ୍ନି ସାଜି ଆଜି ଅଷ୍ଟ୍ରେଲିଆ ପରି ପରିସ୍ଥିତ ସୃଷ୍ଟି କରଛି। ଆଗାମୀ ଦିନରେ ବଣଭୋଜି ପାଇଁ ଆଉ ବଣ ରହିବ ତ? ସେ କଥାକୁ ହେଜି ସୁଖ ଅନ୍ୱେଷୀ ପର୍ଯ୍ୟଟକମାନେ ସତର୍କ ହେବାକୁ ପାଠକ ଶ୍ରେଷ୍ଠ ବିଚାର କରେ।

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 0 | | E | 8 | | | | | | | 1 | D | | 4 |
| | | | | | 4 | | | | | | 8 | | | |
| | B | | | 9 | | A | | | | D | | 5 | | |
| | 3 | | 7 | 1 | | | | 4 | 2 | | B | | C | E |
| | | | | | 0 | | 7 | 2 | | 6 | 9 | | | A |
| | 5 | D | 9 | 3 | | | | A | | | 6 | E | | 7 |
| | | | 6 | | | | 0 | | | | D | | | |
| | C | E | | 7 | | 2 | | | | | | 1 | | |
| | 8 | 7 | | | | | D | | | | | 6 | 2 | 3 |
| | | 6 | | C | E | | | | | | | | 8 | 9 |
| | | | 2 | | | | A | 1 | | 5 | 0 | | | |
| | | | 8 | | | | B | E | | 3 | 7 | 0 | D | |
| | 4 | 3 | 1 | | | | | | | | | 9 | | C |
| 8 | 6 | | 4 | B | | | | | | | C | | | 5 |
| 5 | | | | 6 | | | | 3 | 1 | 2 | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | C | 4 | A | 0 | E | 8 | 9 | 7 | 3 | D | B | 6 | 1 | 5 |
| 6 | 0 | D | C | 1 | 4 | 3 | B | 5 | E | 2 | 9 | 8 | 7 | A |
| 7 | 9 | 8 | 3 | D | 5 | 6 | 0 | 4 | A | 1 | C | 2 | E | B |
| 5 | B | 1 | 8 | 9 | 2 | A | E | D | 7 | 6 | 4 | C | 0 | 3 |
| E | 3 | A | 6 | 7 | B | C | 1 | 2 | 0 | 5 | 8 | 4 | 9 | D |
| 4 | 5 | 6 | 2 | A | 3 | B | 7 | 9 | 1 | 8 | D | 0 | C | E |
| 0 | A | 7 | 9 | E | D | 2 | 3 | 1 | C | B | 6 | 5 | 8 | 4 |
| C | D | 9 | 5 | B | 7 | E | 6 | 8 | 4 | 0 | A | 3 | 2 | 1 |
| 3 | 8 | 2 | 1 | 6 | C | 4 | D | 0 | 5 | E | 7 | A | B | 9 |
| 1 | E | B | 4 | 8 | 0 | 5 | A | C | 2 | 9 | 3 | 7 | D | 6 |
| D | 2 | 5 | 0 | 4 | 9 | 7 | 8 | B | 6 | 3 | 1 | E | A | C |
| 8 | 6 | 3 | E | C | 1 | 9 | 5 | A | B | 7 | 2 | D | 4 | 0 |
| A | 7 | C | B | 3 | 6 | D | 2 | E | 9 | 4 | 0 | 1 | 5 | 8 |
| B | 4 | 0 | 7 | 5 | 8 | 1 | C | 6 | D | A | E | 9 | 3 | 2 |
| 9 | 1 | E | D | 2 | A | 0 | 4 | 3 | 8 | C | 5 | B | 6 | 7 |

ଗତକାଲିର ଉତ୍ତର

# ଅସୁରକ୍ଷିତ ଅଭୟାରଣ୍ୟ

ରତନ ନାୟାର
ଢେଙ୍କାନାଳ ଅଫିସ, ୧୫।୨

ପ୍ରକୃତିର ବରଦାନ କପିଳାସ। ଶାନ୍ତ ସବୁଜିମା ଭରା ପରିବେଶ, ଜୈବ ବିବିଧତା ସାଙ୍ଗକୁ ବନ୍ୟଜନ୍ତୁଙ୍କ ସମ୍ଭାର ଏହାର ପରିଚୟ। ହେଲେ ଅଭୟାରଣ୍ୟ ମାନ୍ୟତା ମିଳିବାର ଦୀର୍ଘ ୯ବର୍ଷ ପରେ ବି ଏହାର ବିକାଶ ପାଇଁ ହୋଇନି ସ୍ୱତନ୍ତ୍ର ଯୋଜନା। ପଠାଯାଇଥିବା ପ୍ରସ୍ତାବ ବର୍ଷ ବର୍ଷ ଧରି ନାଲିଫିତା ତଳୁ ମୁଣ୍ଡ ଟେକି ପାରୁନି। ସର୍ବୋପରି ଏତେବଡ଼ ଅଭୟାରଣ୍ୟର ଦେଖାରଖା କରିବାକୁ ଆସୁଥିବା ଅନୁଦାନ ସମୁଦ୍ରକୁ ଶଙ୍ଖେ। ଏସବୁ ଭିତରେ ଅସୁରକ୍ଷିତ ହୋଇପଡ଼ିଛି କପିଳାସ ଅଭୟାରଣ୍ୟ ଏବଂ ଏଠାକାର ବନ୍ୟଜୀବନ।

୨୦୧୧ ଏପ୍ରିଲରେ କପିଳାସକୁ ମିଳିଥିଲା ଅଭୟାରଣ୍ୟ ମାନ୍ୟତା। ଢେଙ୍କାନାଳ ଜିଲାର କୃଷ୍ଣକୁମାରପୁରଠାରୁ ଆରମ୍ଭ କରି କଟକ ଜିଲାର ଟାଙ୍ଗୀ ଓ ଖୁଣ୍ଟୁଣୀ ପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ। ୧୨୫.୨୫ ବର୍ଗ କିମି ଅଞ୍ଚଳରେ ବ୍ୟାପିଛି ଏହାର ପରିସୀମା। ଶାଗୁଆନ, ଶାଳ, ବଡ଼ ଚାକୁଣ୍ଡା, ମୂଲ୍ୟବାନ ଔଷଧୀୟ ଗଛ ସହ ହାତୀ, ଭାଲୁ, ହରିଣ, ସମ୍ବର, କୁଟୁରା, ବାର୍ହା, ଠେକୁଆ, ମୟୂର, ଝିଙ୍କ, ଗୁରାଣ୍ଡି, ଅଜଗର, ଅହିରାଜ ଭଳି ସରୀସୃପରେ ପରିପୃଷ୍ଟ ଏହାର ବନ୍ୟଜୀବନ। ଜାତି ଜାତିକା ପକ୍ଷୀଙ୍କ କାକଳି ପର୍ଯ୍ୟଟକଙ୍କୁ ବାନ୍ଧି ରଖିବାରେ ସକ୍ଷମ। ହେଲେ ଏହାର ବିକାଶ ପାଇଁ ସରକାର ସତେ ଯେମିତି ଆଖି ବୁଜି ଦେଇଛନ୍ତି। ଅଭୟାରଣ୍ୟ ମାନ୍ୟତା ପାଇବାର ୯ବର୍ଷ ପରେ ବି ଏହାର ସୁରକ୍ଷା ଲାଗି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ।



କପିଳାସ ଅଭୟାରଣ୍ୟ ଭିତରକୁ ଯିବାକୁ ଥିବା ପାଦଚଲା ରାସ୍ତା।

- ବିକାଶ ପାଇଁ ନାହିଁ ସ୍ୱତନ୍ତ୍ର ଯୋଜନା
- ନାଲିଫିତା ତଳୁ ଉଠିପାରୁନି ପ୍ରସ୍ତାବ
- ବାର୍ଷିକ ଅନୁଦାନ ସମୁଦ୍ରକୁ ଶଙ୍ଖେ

ଅଭୟାରଣ୍ୟ ଘୋଷିତ ହେବା ପରେ କେତେକ ନିୟମ ପାଳନ କରିବା ଅପରିହାର୍ଯ୍ୟ। ଯେମିତିକି, ଅଭୟାରଣ୍ୟ ସୀମା ଆରମ୍ଭ ହୋଇଥିବା କୃଷ୍ଣକୁମାରପୁରରେ ଏକ ମୁଖଶାଳା ତଥା ଫାଟକ ରହିବ। ସେଠାରେ ବଡ଼ ବଡ଼ ଅକ୍ଷରରେ ସୂଚନା ଫଳକ ଲଗାଯାଇ ଅଭୟାରଣ୍ୟ ମଧ୍ୟ ଦେଇ ଯାଉଥିବା ଯାନବାହନ ଏବଂ ଜନସାଧାରଣଙ୍କୁ ସଚେତନ ପାଇଁ ନିୟମାବଳୀ ଉଲ୍ଲେଖ କରାଯିବ। ସେହିପରି ପାଟ୍ରୋଲିଂରେ ନିୟୋଜିତ କର୍ମଚାରୀ ଉକ୍ତ ସ୍ଥାନରେ ଗାଡ଼ି ଯାଞ୍ଚ କରିବେ। ବନ ବିଭାଗ ପକ୍ଷରୁ ଏ ସମ୍ପର୍କିତ ପ୍ରସ୍ତାବ ୨୦୧୫ରୁ ଯାଇଛି। ହେଲେ ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ ସେସବୁ ନାଲିଫିତା ତଳେ ବନ୍ଦ ପଡ଼ିଛି। ଅପରପକ୍ଷେ ବର୍ଷତମାମ ଅଭୟାରଣ୍ୟ ଦେଇ କପିଳାସ ଶୈବପୀଠକୁ ଶ୍ରଦ୍ଧାଳୁମାନେ ଯାତାୟାତ କରିଥାନ୍ତି। ସେମାନଙ୍କ ଦ୍ୱାରା କରାଯାଉଥିବା ପ୍ରଦୂଷଣର ପ୍ରତିକୂଳ ପ୍ରଭାବ ଅଭୟାରଣ୍ୟ ପରିବେଶ ଏବଂ ବନ୍ୟଜନ୍ତୁଙ୍କ ଉପରେ ପଡୁଛି। ଏହାକୁ ରୋକିବାକୁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ହେଲେ ଦୁଇ ତିନୋଟି ସ୍ଥାନରେ ଛୋଟ ଛୋଟ ସୂଚନା ଫଳକ ଲଗାଇ ବନ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଏହାକୁ ନେଇ ପରିବେଶବିତ୍ କ୍ଷୋଭ ବ୍ୟକ୍ତ କରିଛନ୍ତି।

## ଶିକାରୀ, କାଠମାଫିଆଙ୍କ ଉପଦ୍ରବ କମିଛି



"କର୍ମଚାରୀଙ୍କ ଅଭାବ ଚିନ୍ତାଜନକ ହୋଇଛି। ତଥାପି କାଠମାଫିଆ ଏବଂ ଶିକାରୀଙ୍କ ଉପଦ୍ରବକୁ ବହୁ ପରିମାଣରେ ରୋକାଯାଇପାରିଛି। ୫ବର୍ଷ ମଧ୍ୟରେ ୧୨ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ମିଳୁଥିବା ଅନୁଦାନ ଯଥେଷ୍ଟ ହେଉନାହିଁ। ଧାର୍ଯ୍ୟ ମଜୁରିରେ କାମ କରିବାକୁ ଶ୍ରମିକ ମିଳୁ ନ ଥିବାରୁ କାମ ବାଧାପ୍ରାପ୍ତ ହେଉଛି।

–ଦର୍ଶନିଆ ଭୋଇ, କପିଳାସ ରେଞ୍ଜର

## ରକ୍ଷଣାବେକ୍ଷଣର ଆବଶ୍ୟକତା ରହିଛି



"କପିଳାସ ଅଭୟାରଣ୍ୟର ଗୋଟିଏ ପାର୍ଶ୍ୱରେ ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ମନ୍ଦିର ଏବଂ ଅନ୍ୟପଟେ ମହିମା ଗୋସାଇଁଙ୍କ ସାଧନାର ପୀଠ ତପୋବନ ରହିଛି। ଏହା କପିଳାସ ଅଭୟାରଣ୍ୟର ଗୁରୁତ୍ୱକୁ ବଢ଼ାଇଛି। ଏଠାରେ ବହୁ ମୂଲ୍ୟବାନ ବୃକ୍ଷ ସହିତ ଔଷଧୀୟ ଗଛ ମଧ୍ୟ ରହିଛି। ଠିକ୍ ଭାବେ ରକ୍ଷଣାବେକ୍ଷଣ କରାଗଲେ ଏହି ଅଭୟାରଣ୍ୟ ସମଗ୍ର ଦେଶର ପରିଚିତ ହୋଇପାରିବ।

–ପ୍ରଦ୍ୟୁମ୍ନ ରଥ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ

## ପଦା ହେଉଛି ଘଞ୍ଚ ଜଙ୍ଗଲ

କପିଳାସ ରେଞ୍ଜ କାର୍ଯ୍ୟାଳୟ ଉପରେ ଚିଡ଼ିଆଖାନା, ଅଭୟାରଣ୍ୟ ସାଙ୍ଗକୁ ଅନ୍ୟ ସଂରକ୍ଷିତ ଜଙ୍ଗଲର ସୁରକ୍ଷା ଦାୟିତ୍ୱ ନ୍ୟସ୍ତ କରାଯାଇଛି। ତେବେ ଆବଶ୍ୟକ କର୍ମଚାରୀ ଅଭାବ ପ୍ରମୁଖ ସମସ୍ୟା ପାଲଟିଛି। ସୀମିତ ପରିମାଣରେ ମଳୁଥିବା ଅନୁଦାନରେ ଆବଶ୍ୟକ କାମ କରିବା ଅସମ୍ଭବ ବ୍ୟାପାର ହୋଇପଡ଼ିଛି। ନିୟମିତ ପାଟ୍ରୋଲିଂ ହୋଇପାରୁ ନ ଥିବାରୁ ଅଭୟାରଣ୍ୟରେ ଅବାଧ ଶିକାର ବଢ଼ିବାରେ ଲାଗିଛି। ନିଷିଦ୍ଧାଞ୍ଚଳରେ ପଶି କାଠମାଫିଆ ଘଞ୍ଚ ଜଙ୍ଗଲକୁ ପଦା କରି ଚାଲିଛନ୍ତି।





## ଅଳ୍ପ ମଜୁରିକୁ ଅମଙ୍ଗ ଶ୍ରମିକ

ଅଭୟାରଣ୍ୟର ଉନ୍ନତୀକରଣ ଲାଗି ୨୦୧୯-୨୦ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ୮୦ଲକ୍ଷ ଟଙ୍କା ଅନୁଦାନ ମିଳିଛି। ଏଥିରେ ଜଳାଶୟ ଖୋଳିବା, ପାଣି ଛାଡ଼ିବା ପାଇଁ ନାଳ ନିର୍ମାଣ, ନାଳକୁ ପଥର ପ୍ୟାକିଂ କରିବା, ମୃତ୍ତିକା ସଂରକ୍ଷଣ ଆଦି କାର୍ଯ୍ୟ କରାଯିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଉକ୍ତ କାମରେ ନିୟୋଜିତ ଶ୍ରମିକଙ୍କୁ ୧୮୮ ଟଙ୍କା ଦୈନିକ ମଜୁରି ମିଳିବା ବ୍ୟବସ୍ଥା ରହିଛି। ହେଲେ ବନ ବିଭାଗ ପକ୍ଷରୁ ଅନ୍ୟ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ୨୯୦ଟଙ୍କା ଦିଆଯାଉଛି। ମଜୁରିରେ ତାରତମ୍ୟ ପାଇଁ ଶ୍ରମିକମାନେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ କରିବାକୁ ଧରାଛୁଆଁ ଦେଉନାହାନ୍ତି। ତେଣୁ ମାତ୍ର ୨୦ଲକ୍ଷ ଟଙ୍କାର କାମ ଶେଷ ହୋଇପାରିଛି।


With Best Compliments From:



Mr. Ashish Agarwal
Business Man & Social Worker
Zone Director
Zone IX, JCI INDIA
(Junior Chamber International)



ଧରିତ୍ରୀ ଅନୁଗୋଳ-ଢେଙ୍କାନାଳ ସଂସ୍କରଣର ସ୍ୱନକ୍ଷତ୍ର ଉପଲକ୍ଷେ ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।



କ୍ଷୀରୋଦ ଚନ୍ଦ୍ର ବାରିକ
ସାଧାରଣ ସମ୍ପାଦକ, ଲିଙ୍ଗରାଜ କଲିୟାରୀ ଲେବର ୟୁନିୟନ (ଏଚ୍.ଏମ୍.ଏସ୍.)





ଧରିତ୍ରୀ ଅନୁଗୋଳ-ଢେଙ୍କାନାଳ ସଂସ୍କରଣର ସ୍ୱନକ୍ଷତ୍ର ଉପଲକ୍ଷେ ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

ବାବୁଲାଲ ଖଣ୍ଡୁଆଳ
ସାଧାରଣ ସମ୍ପାଦକ, ଭରତପୁର ଲେବର ୟୁନିୟନ





ଧରିତ୍ରୀ ଅନୁଗୋଳ-ଢେଙ୍କାନାଳ ସଂସ୍କରଣର ସ୍ୱନକ୍ଷତ୍ର ଉପଲକ୍ଷେ ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

ସବିତାରାଣୀ ଧୀର
ଜିଲ୍ଲା ସଭାନେତ୍ରୀ, ମହିଳା କଂଗ୍ରେସ, ଅନୁଗୋଳ


## ଭାଇ ହତ୍ୟାକାରୀଙ୍କୁ ଆଜୀବନ ଜେଲ

କାମାକ୍ଷାନଗର, ୧୫।୨(ଡି.ଏନ.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗର ଅତିରିକ୍ତ ଦୌରାଜଜ୍‌ଙ୍କ କୋର୍ଟରେ ଶନିବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଏଡିଜେ ସତ୍ୟନାରାୟଣ ପାତ୍ର ଅଭିଯୁକ୍ତ ସୁଶାନ୍ତ ସାମଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ବର୍ଷେ ସଶ୍ରମ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ମେ ୨୭ରେ ପରଜଙ୍ଗ ଥାନା ଗଡ଼ପଳାଶୁଣୀ ଗ୍ରାମର ସୁରେନ୍ଦ୍ର ସାମଲଙ୍କ ନାବାଳକ ପୁଅ ଅଂଶୁମାନ ଓରଫ୍ ଗୁଡୁ (୧୩) ପିଉସା ଘରୁ ଫୁଲ ଧରି ସାଇକେଲରେ ଫେରୁଥିଲେ। ଏହି ସମୟରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସୁରେନ୍ଦ୍ରଙ୍କ ବଡ଼ଭାଇଙ୍କ ପୁଅ ସୁଶାନ୍ତ ତାଙ୍କୁ ଟାଙ୍ଗିଆରେ ହାଣି ମୁଣ୍ଡଗଣ୍ଡି ଅଲଗା କରିଦେଇଥିଲେ। ସୁଶାନ୍ତ କଟାମୁଣ୍ଡ ଧରି ଗାଁ ଦାଣ୍ଡରେ ଯାଉଥିବାବେଳେ ଗ୍ରାମର ସନାତନ ସାମଲ ଏହାର ପ୍ରତିବାଦ କରିଥିଲେ। ଫଳରେ ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ ତାଙ୍କ ମୁହଁକୁ ମଧ ଟାଙ୍ଗିଆରେ ହାଣି ଦେଇଥିଲେ। ଏ ନେଇ ସୁରେନ୍ଦ୍ରଙ୍କ ଅଭିଯୋଗକ୍ରମେ ନଂ. ୮୯/୧୫, ଦଫା ୩୦୨ ଓ ୩୦୭ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟ କେସ ନଂ. ସିଟି (ଏସ୍‌ଏସ୍) ୭୦/୧୫ର ବିଚାରକରି ଅଦାଲତ ଅଭିଯୁକ୍ତଙ୍କୁ ୩୦୨ ଦଫା ଅନୁଯାୟୀ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ଦେବରାଜ ବେହେରା, ସୂର୍ଯ୍ୟନାରାୟଣ ସାହୁ ମାମଲା ପରିଚାଳନା କରିଥିଲେ।




ଧରିତ୍ରୀ ଅନୁଗୋଳ-ଢେଙ୍କାନାଳ ସଂସ୍କରଣର ସ୍ୱନକ୍ଷତ୍ର ଉପଲକ୍ଷେ ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

ମନୋଜ କୁମାର ପ୍ରଧାନ
ସଭାପତି, ତାଳଚେର ଖଣିଖାଦାନ ପ୍ରଜା ସଂଘ



S.K. Pradhan
HP GAS
PRADHAN'S GAS SERVICE
ଜୀ ହାଁ!
HP GAS your friendly gas
HANDIDHUAN CHHAK, TALCHER, DIST.-ANGUL, ORISSA, PIN-759100, TELEPHONE: 06760- 242234, Fax: 241334, Godown: 242934, Mobile: 94370-40234,
E Mail: pradhans.angul@hpgas.hpcl.co.in



ଧରିତ୍ରୀ ଅନୁଗୋଳ-ଢେଙ୍କାନାଳ ସଂସ୍କରଣର ସ୍ୱନକ୍ଷତ୍ର ଉପଲକ୍ଷେ ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
Subash Ch. Pradhan
Prop.
Mob: 9861093115
9937125363
7381067115
STEEL TEK
DIC Regd. EP&M Rate Contract Holder, Govt. of Odisha
Hatatota Road, Talcher-759100, Showroom: Handidhua Chhak, Talcher, E-mail: steeltek.talcher@gmail.com
Manufacturer of Steel & Wooden Furniture



ଗଡ଼ତଳ ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ସନ୍ଥପଡ଼ା
ଅନୁଗୋଳ ଜିଲ୍ଲାରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି। ପ୍ରତ୍ୟେକ ଶିକ୍ଷାଦାନ, ଏକ୍ସଟ୍ରା କ୍ଲାସ, ହୋମ ୱାର୍କ, ସାପ୍ତାହିକ, ମାସିକ, ଅର୍ଦ୍ଧବାର୍ଷିକ, ବାର୍ଷିକ ପରୀକ୍ଷା ନିୟମିତ କରାଯିବା, ପ୍ରତ୍ୟେକମାସରେ ଛାତ୍ର, ଅଭିଭାବକ ଓ ଶିକ୍ଷକମାନଙ୍କ ବୈଠକ, ଛାତ୍ରୀଛାତ୍ର ରହି ପଢ଼ିବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଛାତ୍ରୀ ଓ ଛାତ୍ରନିବାସ ଉପଲବ୍ଧ ସହିତ ଉଚ୍ଚକୋଟୀର ଶିକ୍ଷାଦାନ ଆଜି ସଫଳତା ଆଣି ଦେଇଛି। ଏହାର ଉନ୍ନତି ପାଇଁ ସମସ୍ତ ସହଯୋଗ ଲୋଡ଼ା।



ଅଧ୍ୟକ୍ଷ, ଅଧ୍ୟାପିକା/ଅଧ୍ୟାପକ ଏବଂ କର୍ମଚାରୀ ବୃନ୍ଦ



ଢେଙ୍କାନାଳ ଅନୁଗୋଳ ଧରିତ୍ରୀ ସଂସ୍କରଣ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନ ସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ
Surya Garden
WE CAN'T SAY
YOU FEEL IT
A SPECTACULAR INNOVATIVE HOTEL AT TALCHER



A unit of Surya Garden pvt. ltd.
Netaji Subash Bose Marg, Main Road Talcher, Angul, Odisha
Pin-759107, Phone Number - 06760-242222, 240000,
email - info@suryagarden.com, website - www.suryagarden.com



# ଭୁବନେଶ୍ୱର ମହାନଗର ନିଗମ

ସଂଖ୍ୟା 4715 ତା 12/02/2020

## ଗୃହ ଟିକସ (ହୋଲ୍ଡିଂ ଟ୍ୟାକ୍ସ) ଖିଲାପକାରୀଙ୍କୁ ନୋଟିସ୍

No. C-509:- ଏତଦ୍ୱାରା ନିମ୍ନଲିଖିତ ବାକିଆ ଗୃହଟିକସ (ହୋଲ୍ଡିଂ ଟ୍ୟାକ୍ସ) ଖିଲାପକାରୀମାନଙ୍କୁ ଭୁବନେଶ୍ୱର ମହାନଗର ନିଗମ ତରଫରୁ ଡ଼ିସେମ୍ବର ୨୦୧୯ ରେ ରେଡ୍ ନୋଟିସ୍ ଜାରି କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନେ ତାଙ୍କର ଗୃହଟିକସ ପୈଠ କରିନାହାନ୍ତି ।

ଏଣୁ ନିମ୍ନଲିଖିତ ଖିଲାପକାରୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା ୨୮.୦୨.୨୦୨୦ ରିଖ ମଧ୍ୟରେ ବାକିଆ ଗୃହଟିକସ ପୈଠ ନକଲେ Odisha Public Demand Recovery Act, 1962 ଅନୁଯାୟୀ ସାର୍ଟିଫିକେଟ୍ କେସ୍ ମାଧ୍ୟମରେ ବାକିଆ ଗୃହଟିକସ ଆଦାୟ କରାଯିବ ଓ ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ଆକ୍ଟ-୨୦୦୩ ର ବିଭିନ୍ନ ଧାରା ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ ।

ଖିଲାପକାରୀଙ୍କ ସବିଶେଷ ତାଲିକା BMC Website-www.bmc.gov.in ରେ ମଧ୍ୟ ଉପଲବ୍ଧ ଅଛି ଓ ଗୃହଟିକସ (ହୋଲ୍ଡିଂ ଟ୍ୟାକ୍ସ) ଖିଲାପକାରୀମାନଙ୍କ ନାମ ନିମ୍ନରେ ଦିଆଗଲା ।


| Sl. No. | Ward No. | Holding No. | Name & Address of the defaulters | Amount |
|---|---|---|---|---|
| 1 | 2 | 26980 | Kamal Kapoor 516/1676, Sampark Vihar | 46,412.00 |
| 2 | 2 | 11957 | Smt. Santilata Mohanty Dpx-3, Maruti Villa, Patia | 1,85,640.00 |
| 3 | 2 | 12421 | Smrutiranjan Das & Aradhana Das D-15, Aryapalli, Patia, Bhuabneswar | 1,21,384.00 |
| 4 | 2 | 19545 | Dharanidhar Dash Starcity Apt, Bhubaneswar | 20,944.00 |
| 5 | 3 | 13059 | Subash Ch Patnaik 516/17929, Khadim Show Room, Magnetic Srq, Patia, Bbsr | 22,208.00 |
| 6 | 3 | 24662 | Sujata Mohapatra 522/2574, Patia Stn Road | 2,72,432.00 |
| 7 | 3 | 19558 | Pruthiraj Jena, Bijay Jena, Adhiraj Jena 442/398/4322, Xavier Int School, Patia | 2,14,180.00 |
| 8 | 3 | 12748 | Sasmita Samal Mig-70, Ph-Ii, Kanan Vihar, Patia | 10,920.00 |
| 9 | 3 | 19564 | Balaram Jena Shop No-04, Ph-Ii, Kanan Vihar | 19,089.00 |
| 10 | 4 | 6155 | Gajanan Agrawal Plot No-243 & 245, Nh-5, Pahal, | 94,96,244.00 |
| 11 | 4 | 4546 | Mohit Ku Aagrawal Plot No-63, Nh-5Pahal, | 1,02,160.00 |
| 12 | 4 | 8304 | Niranjan Rana Plot No-91, Nh-5Pahal, | 1,34,484.00 |
| 13 | 4 | 8011 | Sri Bharat Motors, Anita Didwania Plot No-212 & 203, Nh-5Pahal, | 94,33,332.00 |
| 14 | 4 | 6759 | Bharat Motors, Ommprakash Didwania Plot No-214 & 217, Nh-5 Pahal, | 61,10,568.00 |
| 15 | 4 | 6020 | Global Intstitute Plot 1717, Hanspal | 11,87,424.00 |
| 16 | 4 | 8052 | Ashok Ku Mohapatra Plot 1165, Naharkanta | 13,79,592.00 |
| 17 | 4 | 7584 | Apex B-Tech College Plot No-96, Nh-5 Pahal, | 2,71,58,768.00 |
| 18 | 4 | 4698 | Family Planning Plot No. 262/1970, Hanspal | 2,43,756.00 |
| 19 | 4 | 6278 | Sonali Mohapatra Plot No.531/337, Nh-5, Rudrapur | 5,99,168.00 |
| 20 | 4 | 9094 | Birendra Kumar Dhawan Plot No-182/2194, Nh-5 Pahal, | 23,91,440.00 |
| 21 | 4 | 8124 | Prutiraj Ray Plot No.182/2194, Nh-5, Rudrapur | 79,152.00 |
| 22 | 4 | 6776 | Niranajna Rana Plot No-91, Nh-5 Pahal, | 1,11,980.00 |
| 23 | 4 | 10635 | Sriram Building Construction C/O Suresh Kumar Patal Hanspal | 10,50,660.00 |
| 24 | 4 | 7963 | Krupa Filling Stn Plot No-1159, | 45,860.00 |
| 25 | 4 | 6569 | Swarnamanjari Devi Plot No-90,Pahal | 37,344.00 |
| 26 | 4 | 6616 | S Behera Plot No-16,Pahal | 21,728.00 |
| 27 | 4 | 9019 | Ranjit Singh Jain Plot No-08,Jayapur | 34,59,360.00 |
| 28 | 4 | 6491 | Manish Ku Agarwalla C/O-Pramod Ch Rath Plot No-445,Infront Of Lakheswar Petrol Pump | 91,140.00 |
| 29 | 4 | 9461 | Jyoti Infrastructure Pvt Ltd Utkal Signature,Pahal | 2,39,240.00 |
| 30 | 4 | 9839 | Ganapati Sahoo & Piyush Sahoo | 47,036.00 |
| 31 | 4 | 6376 | R Chouhan & Others Plot No-809/2187, Puri, Ratnapur | 19,128.00 |
| 32 | 4 | 8081 | Vijaya Ku Gupta | 15,520.00 |
| 33 | 4 | 11112 | Rabindra Nath Panda | 2,24,185.00 |
| 34 | 4 | 11144 | Dibakar Mohanty | 2,23,125.00 |
| 35 | 5 | 10055 | Amarenda Dash 592/6399/6402, Sameigadia, Chakeishiani, Bhubaneswar | 24,180.00 |
| 36 | 5 | 20109 | Lalatendu Pati & Sasilendu Pati 409, Sameigadia, Chakeishiani, Bhubaneswar | 11,444.00 |
| 37 | 5 | 513 | Bhaskar Swain & Others Palasuni, Pandara | 12,280.00 |
| 38 | 5 | 4544 | Bhagban Sahoo Palasuni, Pandara | 23,751.00 |
| 39 | 5 | 6319 | Debendra Sethy Palasuni, Pandara | 16,940.00 |
| 40 | 5 | 6602 | Ambika Parida Palasuni, Pandara | 14,280.00 |
| 41 | 5 | 9142 | Ramesh Panigrahi Plot No-1726/11394, Satya Vihar, Pandara | 1,87,880.00 |
| 42 | 5 | 10996 | Suvendu Mohapatra Plot No-1582/ 5955 Satya Vihar, Pandara | 1,11,208.00 |
| 43 | 6 | 12137 | B.Khuntia Plot No - 427 | 44,128.00 |
| 44 | 6 | 15852 | Dr Kanungo Plot No -4718 | 18,744.00 |
| 45 | 6 | 16693 | Smt T.Swain Plot No -4718 | 29,772.00 |
| 46 | 6 | 21133 | Jyotshna Kumari Biswa Plot No -46 | 1,71,360.00 |
| 47 | 6 | 21828 | Balaram Swain Plot No -Ga -133 | 2,16,884.00 |
| 48 | 6 | 24519 | Sukanta Ku Tripathy Plot No - Ga-52 | 20,040.00 |
| 49 | 6 | 5436 | S Pattnaik Plot No -58/2694 | 20,012.00 |
| 50 | 6 | 15999 | Hari Bandhu Mohanty Plot No -370/3011 | 1,07,104.00 |
| 51 | 6 | 12070 | Rajani Kanta Mohanty Plot No -370/1861 | |
| 52 | 6 | 17189 | Sanjaya Behera Plot No -369/2168/4169 | 7,10,536.00 |
| 53 | 6 | 18005 | B.K Pattnaik Plot No -370/2119 | 1,33,644.00 |
| 54 | 6 | 16315 | Biswajieet Pattnaik Plot No -306(P) | 2,22,740.00 |
| 55 | 6 | | S. Pasupati Pvt. Ltd. Plot No -386 Sp-21 | 59,300.00 |
| 56 | 6 | | Chakradhara Panda Plot No -435/1865 | 55,340.00 |
| 57 | 7 | 24214 | Muralidhar Sahoo Plot No - 9 Ss Vihar | 14,532.00 |
| 58 | 8 | 19864 | Vishal Kumar Dey Plot No -62/A,Prachi Enclave Cs Pur | 56,228.00 |
| 59 | 8 | 13772 | Dhaneswar Jena Plot No -12, District Centre,Cs Pur | 10,668.00 |
| 60 | 8 | 12502 | A.K Nayak Plot No -18, District Centre,Cs Pur | 10,640.00 |
| 61 | 8 | 12656 | B.N Pattnaik Plot No -30, District Centre,Cs Pur | 11,872.00 |
| 62 | 8 | 12515 | J.K Rath Plot No -31, District Centre,Cs Pur | 18,240.00 |
| 63 | 8 | 11748 | Dr Mmata Mohanty Plot No -279, District Centre,Cs Pur | 11,228.00 |
| 64 | 8 | 12916 | Smt M Behera Plot No -321, District Centre,Cs Pur | 53,660.00 |
| 65 | 8 | 14361 | Smt. Puspanjali Behera Plot No -328, District Centre,Cs Pur | 36,024.00 |
| 66 | 8 | 16413 | Dharani Dhara Patra Plot No -308, District Centre,Cs Pur | 3,11,824.00 |
| 67 | 8 | 19506 | Biswajit Khuntia Plot No -66, District Centre,Cs Pur | 10,500.00 |
| 68 | 8 | 25275 | Sri Ashis Ranjan Khuntia Plot No -313, District Centre,Cs Pur | 2,61,788.00 |
| 69 | 8 | 25285 | Sri Laxmidhar Jena Plot No -319/A, District Centre,Cs Pur | 1,61,468.00 |
| 70 | 8 | 20482 | Sarada Prasad Satapathy Plot No -275, District Centre,Cs Pur | 22,336.00 |
| 71 | 8 | 24298 | Sri Bijay Ku Nayak Plot No -335, District Centre,Cs Pur | 9,436.00 |
| 72 | 8 | 25626 | Sri Ramakanta Behera Plot No -322, District Centre,Cs Pur | 1,22,416.00 |
| 73 | 8 | 26700 | Smt Manjushree Sahoo Plot No -199, District Centre,Cs Pur | 52,208.00 |
| 74 | 8 | 26745 | Smt Bidyulata Dei Plot No -280, District Centre,Cs Pur | 71,652.00 |
| 75 | 8 | 24750 | Smt Suswapna Acharya Plot No -252, District Centre,Cs Pur | 73,108.00 |
| 76 | 8 | 27044 | Smt Bithika Das Plot No -83, District Centre,Cs Pur | 1,40,148.00 |
| 77 | 8 | 27003 | Smt Kamal Mishra Plot No -140, District Centre,Cs Pur | 58,008.00 |
| 78 | 8 | 27051 | Debabrat Amarnath Plot No -314, District Centre,Cs Pur | 2,60,708.00 |
| 79 | 9 | 9384 | Pratima Mishra Plot No -3/9 Vip Enclave C.S Pur | 21,420.00 |
| 80 | 9 | 8146 | Krushna Mohan Sahoo & Basanti Sahoo Plot No - 1881/384 Near P.N Bank C.S Pur | 17,388.00 |
| 81 | 9 | 10094 | Sanghamitra Pattnaik Plot No -A/1905,Sri Arobinda Nagar | 57,980.00 |
| 82 | 9 | 24797 | Smt Minati Rout Plot No -332/1803/2631 C.S Pur Near | 10,820.00 |
| 83 | 11 | 1594 | K.C Tripathy Dla - 52,Vss Nagar | 32,940.00 |
| 84 | 11 | 1835 | S.B Mohapatra Cm-4,Vss Nagar | 13,920.00 |
| 85 | 11 | 1031 | Jayakrushna Kasta Bm-18 ,Vss Nagar | 10,240.00 |
| 86 | 11 | 807 | Arun Ku Mathan Bm-100,Vss Nagar | 34,776.00 |
| 87 | 13 | 4653 | Aswin Kumar Mohanty Shop No-27,Bda Market Complex,Cs Pur | 10,580.00 |
| 88 | 15 | 10401 | K Anand Mohantyplot No- N/426,I.R.C.Village ,Nayappali | 12,57,789.00 |
| 89 | 15 | 3521 | B.Ray,Plot No-N-4,/237 ,Irc Village,Nayapalli | 12,36,037.00 |
| 90 | 15 | 13137 | The M.D Hotel Bari International,Plot No-B/6,I.R.C.Village ,Nayappali | 1,85,052.00 |
| 91 | 16 | 11330 | Smt Sarala Goswami Maitri Vihar D-24 | 5,97,996.00 |
| 92 | 16 | 18809 | Khirod Ku Sahoo Plot No -2 Maitri Vihar | 2,54,500.00 |
| 93 | 16 | 18810 | Binod Ku Sahoo Plot No -3,Maitri Vihar | 2,03,600.00 |
| 94 | 16 | 19407 | Pramod Ku Behera Phase -1,S-25,Maitri Vihar | 50,432.00 |
| 95 | 16 | 11159 | Kamala Prasad Pattnaik Phase -1,S-35,Maitri Vihar | 58,563.00 |
| 96 | 16 | 14099 | Jayanti Sahoo Plot No-258 J. Vihar | 2,45,434.00 |
| 97 | 18 | 6486 | Banshidhar Sahoo Plot No- 3010, Near Saptasati Temple,Pandra | 11,680.00 |
| 98 | 18 | 6487 | Dwijabar Sahoo Plot No- 3008,Near Saptasati Temple,Pandra | 1,05,938.00 |
| 99 | 18 | 8069 | Arun Kumar Parida Plot No-1267/5786/7396,Near Saptasati Temple,Pandra | 37,488.00 |
| 100 | 18 | 10668 | Bibhuti Bhusan Kar Green Field Hotel Plot No-2890/9153,Pandra | 6,51,140.00 |
| 101 | 19 | 6647 | Radha Devi Plot No-68/984(P), Rasulgarh | 1,47,490.00 |
| 102 | 23 | 2511 | Samir Ku Mohanty Plot No-1174,Khandagiribari,Ghatikia | 15,582.00 |
| 103 | 23 | 4149 | Manoj Ku Dash Plot No-920(P)Ghatikia | 5,89,608.00 |
| 104 | 23 | 5015 | Sumitra Pothal Plot No-596,Sampur | 37,856.00 |
| 105 | 23 | 5708 | Raghunath Cjinara Plot No-1059,Sampur | 23,520.00 |
| 106 | 23 | 5710 | Sanatan Behera Plot No-529,Sampur | 64.560.00 |
| 107 | 23 | 5711 | Jogendra Sahoo, Plot No-1212/1611,Ghatikia | 48,984.00 |
| 108 | 23 | 5789 | Khetrabai Patri Plot No- K8/555,Kalinga Nagar ,Ghatikia | 2,54,576.00 |
| 109 | 23 | 5801 | Gitanjali Nayak, Plot No-1215/1585,Khandagiibari,Ghatikia | 5,71,910.00 |
| 110 | 23 | 6003 | Dhananda Kanta Mishra, Plot No-1215/48,Khandagiibari,Ghatikia | 1,14,240.00 |
| 111 | 23 | 6568 | Sushama Nayak, Plot No-831/3357,Sampur | 1,38,108.00 |
| 112 | 23 | 7458 | Sanjaya Ku Puri, Plot No- K 8/1234 Kalinga Nagar,Ghatikia | 9,93,104.00 |
| 113 | 24 | 1813 | Subarna Barik, Plot No- M-27,Baranunda H.B.Colony | 2,31,781.00 |
| 114 | 24 | 3140 | Smt Sandhya Mishra,Plot No- Hig-A-9,Baranunda H.B.Colony | 19,320.00 |
| 115 | 26 | 14701 | Chandan Mohanty Plot No-358/3478 & 357/3477 | 1,79,575.00 |
| 116 | 26 | 15054 | Niharika Sahoo Plot No-369/4305 | 1,28,768.00 |
| 117 | 27 | 5769 | Paramananda Mishra, Shop No- Ff2,I D Market,I.R.C. Village,Nayapalli | 42,336.00 |
| 118 | 27 | 13805 | Biraja Sahu, Ff/17,I.R.C. Village,Nayapalli | 22,680.00 |
| 119 | 27 | 5785 | Rasabihari Parija, Ff-15,I.R.C. Village,Nayapalli | 42,336.00 |
| 120 | 27 | 6699 | Mahesh Pattanaik ,Fg-110,I.R.C. Village,Nayapalli | 29,280.00 |
| 121 | 27 | 5793 | Suresh Ranjan Sahu,Fg-21,I.R.C. Village,Nayapalli | 32,940.00 |
| 122 | 27 | 5773 | M Biswanath Patra, Ff-4,I.R.C. Village,Nayapalli | 30,407.00 |
| 123 | 27 | 5782 | Bijay Ku Kar, Ff-13,I.R.C. Village,Nayapalli | 21,872.00 |
| 124 | 27 | 5810 | G Arupa Patra, Fg-34,I.R.C. Village,Nayapalli | 52,372.00 |
| 125 | 27 | 5803 | Sanjib Ku Tripathy,Fg-27(B),I.R.C. Village,Nayapalli | 26,043.00 |
| 126 | 27 | 5859 | Md Ajam, Fg-77,I.R.C. Village,Nayapalli | 16,534.00 |
| 127 | 27 | 5717 | Ashok Ku. Mohapatra, Shop No-U-9, Id Market, Irc Village | 12,992.00 |
| 128 | 27 | 5716 | Akrura Ch. Satapathy, Shop No-U-10, Id Market, Irc Village | 12,992.00 |
| 129 | 27 | 5751 | Sarojini Panda, Shop No-G-3, Id Market, Irc Village | 26,656.00 |
| 130 | 27 | 5748 | Ulash Ch. Behera, Shop No-G-6, Id Market, Irc Village | 26,656.00 |
| 131 | 27 | 5745 | Kalyani Sahoo, Shop No-G-17, Id Market, Irc Village | 26,656.00 |
| 132 | 27 | 5170 | Jaganath Pradhan, Shop No-Fg-3, Id Market, Irc Village | 36,848.00 |
| 133 | 27 | 5793 | Suresh Ranjan Sahoo, Shop No-Fg-21, Id Market, Irc Village | 34,160.00 |
| 134 | 27 | 5803 | Sanjib Kumar Tripathy, Shop No-Fg-27B, Id Market, Irc Village | 34,160.00 |
| 135 | 27 | 5808 | Susama Dei, Shop No-Fg-32, Id Market, Irc Village | 34,160.00 |
| 136 | 27 | 5810 | Arupa Patra, Shop No-Fg-34, Id Market, Irc Village | 68,656.00 |
| 137 | 27 | 5812 | Subash Ch. Sahoo, Shop No-Fg-35, Id Market, Irc Village | 68,656.00 |
| 138 | 27 | 5818 | Sidheswar Routray, Shop No-Fg-40, Id Market, Irc Village | 34,160.00 |
| 139 | 27 | 5830 | Gobinda Ch. Das, Shop No-Fg-52, Id Market, Irc Village | 36,848.00 |
| 140 | 27 | 5831 | Dibyasingh Bhoi, Shop No-Fg-53, Id Market, Irc Village | 36,848.00 |
| 141 | 27 | 5836 | Basanti Biswal, Shop No-Fg-58, Id Market, Irc Village | 36,848.00 |
| 142 | 27 | 5837 | Swarnalata Parija, Shop No-Fg-58A, Id Market, Irc Village | 38,080.00 |
| 143 | 27 | 5859 | Md.Ajam, Shop No-Fg-77, Id Market, Irc Village | 20,832.00 |
| 144 | 27 | 5860 | Smt. Jyotsna Patra, Shop No-Fg-79, Id Market, Irc Village | 20,832.00 |
| 145 | 27 | 5863 | Sridhar Mohanty, Shop No-Fg-82, Id Market, Irc Village | 20,832.00 |
| 146 | 27 | 5865 | Sudhir Kumar Behera, Shop No-Fg-84, Id Market, Irc Village | 20,832.00 |
| 147 | 27 | 5870 | Ramesh Ku. Mishra, Shop No-Fg-88, Id Market, Irc Village | 20,832.00 |
| 148 | 27 | 5871 | Sarat Ch. Tripathy, Shop No-Fg-89, Id Market, Irc Village | 20,832.00 |
| 149 | 27 | 5873 | Pabitra Kumar Mohanty, Shop No-Fg-90, Id Market, Irc Village | 20,832.00 |
| 150 | 27 | 5876 | Subash Ch.Ganda, Shop No-Fg-93, Id Market, Irc Village | 20,832.00 |
| 151 | 27 | 5886 | Narendra Ku. Swain, Shop No-Fg-106, Id Market, Irc Village | 34,160.00 |
| 152 | 27 | 6699 | Maheswar Pattnaik, Shop No-Fg-110, Id Market, Irc Village | 30,500.00 |
| 153 | 27 | 5888 | Ganesh Ku. Routaray, Shop No-Fg-112, Id Market, Irc Village | 34,160.00 |
| 154 | 27 | 5893 | Santilata Padhy, Shop No-Fg-119, Id Market, Irc Village | 34,160.00 |
| 155 | 27 | 5896 | Dashrathi Chaini, Shop No-Fg-122, Id Market, Irc Village | 30,576.00 |
| 156 | 27 | 5902 | Laxmidhar Behera, Shop No-Fg-129, Id Market, Irc Village | 34,160.00 |
| 157 | 27 | 5904 | Maguni Behera, Shop No-Fg-132, Id Market, Irc Village | 66,640.00 |
| 158 | 27 | 5919 | Jadumani Sahoo, Shop No-Fg-148, Id Market, Irc Village | 66,640.00 |
| 159 | 27 | 5921 | Jayachandra Behera, Shop No-Fg-150, Id Market, Irc Village | 34,160.00 |
| 160 | 27 | 5922 | Gajendra Prusty, Shop No-Fg-151, Id Market, Irc Village | 34,160.00 |
| 161 | 27 | 5923 | Nirakar Swain, Shop No-Fg-153, Id Market, Irc Village | 34,160.00 |
| 162 | 27 | 5769 | Paramananda Mishra, Shop No-Ff-2, Id Market, Irc Village | 43,904.00 |
| 163 | 27 | 5773 | M Biswanath Patra, Shop No-Ff-4, Id Market, Irc Village | 20,832.00 |
| 164 | 27 | 5782 | Bijaya Kumar Kar, Shop No-Ff-13, Id Market, Irc Village | 29,008.00 |
| 165 | 27 | 5785 | Rahas Bihari Parija, Shop No-Ff-15, Id Market, Irc Village | 43,904.00 |
| 166 | 27 | 5790 | Sukalata Sahoo, Shop No-Ff-19, Id Market, Irc Village | 43,904.00 |
| 167 | 27 | 5792 | Bhikari Charan Pradhan, Shop No-Ff-20, Id Market, Irc Village | 43,904.00 |
| 168 | 27 | 5797 | Prakash Ku. Samal, Shop No-Ff-23, Id Market, Irc Village | 34,160.00 |
| 169 | 27 | 5811 | Pratap Ku. Patel, Shop No-Ff-34, Id Market, Irc Village | 40,768.00 |
| 170 | 27 | 12949 | Amarendra Panda, Shop No-Ff-53 (4), Id Market, Irc Village | 32,444.00 |
| 171 | 27 | 13521 | Puspalata Beura, Shop No-Ff-56, Id Market, Irc Village | 40,320.00 |
| 172 | 27 | 14997 | Purna Chandra Sahoo, Shop No-Ff-57/4, Id Market, Irc Village | 31,528.00 |
| 173 | 27 | 15021 | Srinibash Rout, Shop No-Ff-62/2, Id Market, Irc Village | 70,224.00 |
| 174 | 27 | 5847 | Golekha Chandra Barik, Shop No-Ff-67, Id Market, Irc Village | 40,768.00 |
| 175 | 27 | 5854 | Binodini Samal, Shop No-Ff-72, Id Market, Irc Village | 73,528.00 |
| 176 | 27 | 5864 | Ashok Kumar Mishra, Shop No-Ff-82, Id Market, Irc Village | 39,312.00 |
| 177 | 27 | 5866 | Niranjan Sahoo, Shop No-Ff-84, Id Market, Irc Village | 32,508.00 |
| 178 | 27 | 5872 | Latadevi Poddar, Shop No-Ff-89, Id Market, Irc Village | 39,312.00 |
| 179 | 27 | 5877 | Sudhir Chandra Singh, Shop No-Ff-93, Id Market, Irc Village | 39,312.00 |
| 180 | 28 | 3067 | Anjumum Begum, P.No-146 Sabar Sahi Neco Park Area | 1,23,000.00 |
| 181 | 28 | 14397 | Abdul Khaligue & Abdul Khusidu Alam, P.No-553/1333 Sabar Sahi Neco Park Area | 3,19,680.00 |
| 182 | 28 | 15473 | Sakhya Sing Sarangi & Smt. Premalata Sarangi , P.No-585 Sabar Sahi Neco Park Area | 21,616.00 |
| 183 | 29 | 12999 | Uma Nanda & Others , P.No-13,14,16, 16/1720, Bhoi Nagar | 3,46,248.00 |
| 184 | 30 | 3282 | Gita Mohanty, P.No- 59, Sahid Nagar | 42,840.00 |
| 185 | 30 | 2973 | B.Mohapatra, P.No-67, Sahid Nagar | 17,152.00 |
| 186 | 30 | 2572 | Kishore Mohanty, P.No-229, Sahid Nagar | 50,932.00 |
| 187 | 30 | 694 | Md.Agiguddin, P.No- 247, Sahid Nagar | 39,072.00 |
| 188 | 30 | 3430 | Umesh Ch.Dash, P.No- 349, Sahid Nagar | 31,668.00 |
| 189 | 30 | 2581 | J.M. Pattanaik, P.No- 354, Sahid Nagar | 48,804.00 |
| 190 | 30 | 3592 | Ranjan Ku. Dash, P.No- 483, .Sahid Nagar | 5,30,688.00 |
| 191 | 30 | 3445 | Deepak Ku.Mohapatra, P.No-507, Sahid Nagar | 66,640.00 |
| 192 | 30 | 4752 | Ramesh Prasad Mohanty, P.No-625-A, Sahid Nagar | 5,90,240.00 |
| 193 | 30 | 5327 | Salila Behera, P.No- A/410, 5Th Floor, Sahid Nagar | 16,980.00 |
| 194 | 30 | 5326 | Rohit Mohapatra, P.No- A/410,5Th Floor | 15,800.00 |
| 195 | 30 | 4859 | Tikaram Sahoo, P.No- F/7, 3Rd Floor, Bmc Bhawani Mrkt. | 77,320.00 |
| 196 | 30 | 4874 | Sasmita Mansingh, P.No- S-10, Bmc Bhawani Mrkt. | 52,740.00 |
| 197 | 30 | 4880 | Namita Prava Sahoo, P.No- S/4, 2Nd Floor, Sahid Nagar | 56,380.00 |
| 198 | 31 | 3676 | Annapurna Patra, Behind Santoshi Maa Temple, Bomikhal | 4,68,544.00 |
| 199 | 31 | 2001 | Pratap Singh Patra, Cuttack Road, Bomikhal | 4,43,520.00 |
| 200 | 31 | 7155 | Dhiren Ku.Kar & Others, Infront Of Santosi Maa Temple, Bomikhal | 3,10,360.00 |
| 201 | 31 | 6882 | Smt.Debaki Jena, Infront Of Santosi Maa Temple, Bomikhal | 2,91,036.00 |
| 202 | 31 | 8026 | Smt.Mona Pattnaik, Near Durga Mandap,Bomikhal | 90,768.00 |
| 203 | 31 | 6666 | Sikhar Jena & Sridhar Jena, ,P,No-738, Ctc Road | 1,85,604.00 |
| 204 | 31 | 7568 | P.C. Chhotaray, Bomikhal, Label Crossing Road,Near Hanuman Temple | 12,704.00 |
| 205 | 33 | 316 | Indra Singh, Ctc Road | 45,354.00 |
| 206 | 33 | 1319 | Nanda Kishore Jena, Ctc Road | 85,680.00 |
| 207 | 33 | 1703 | Baijayanti Sahoo, Ctc Road | 55,392.00 |
| 208 | 33 | 1875 | Radha Ranjan Das, P.No-1151/1610, Ctc Road | 15,584.00 |
| 209 | 33 | 2312 | D.N Tripathy, P.No-102,J.D Nagar | 41,076.00 |
| 210 | 33 | 2335 | Bhabagrahi Jena, P.No-1147, Ekambra Cinema Hall | 1,67,500.00 |
| 211 | 33 | 3131 | Sagarika Das, P.No-813,J.D Nagar | 27,096.00 |
| 212 | 33 | 3783 | M.S Konark Auto Spairy , Narayani Motors, P.No-813, J.D Nagar Ctc Road | 65,432.00 |
| 213 | 33 | 7623 | Chitaranjan Bala, P.No-1053 Ctc Road | 19,464.00 |
| 214 | 33 | 10289 | Biswanath Pradhan, P.No-06 Ctc Road | 42,456.00 |
| 215 | 33 | 10446 | Suresh Ku Patel & Dhirlal Patel, P.No-127/1691 Ctc Road | 4,05,930.00 |
| 216 | 33 | 658 | Rajkishore Prasad, P.No-352, Ctc Road | 1,16,160.00 |
| 217 | 33 | 1115 | Sarswati Devi, P.No-260, Ctc Road | 62,604.00 |
| 218 | 33 | 3529 | Ashok Garg, P.No-127, Ctc Road | 65,760.00 |
| 219 | 34 | 4711 | Ramundra Ku.Pujari, Hotel Sun Green, P.No- | 5,72,580.00 |
| 220 | 34 | 4811 | Asha Memorial Trust (Janaki Ballav Padhi), | 3,46,212.00 |
| 221 | 34 | 5423 | M/S Pnr Infra Co. Pvt.Ltd. P.No- | 32,51,487.00 |
| 222 | 35 | 615 | Rajkishore Kanungo, Plot No 42, Kharbele Nagar | 15,744.00 |
| 223 | 35 | 631 | Shyam Sundar Mohanty, Plot No 10, Kharbela Nagar | 12,000.00 |
| 224 | 35 | 645 | Khetabasi Das, Plot No-217, Kharbela Nagar | 48,767.00 |
| 225 | 35 | 659 | Siram Murti, Plot No-240, Kharbela Nagar | 10,304.00 |
| 226 | 35 | 2075 | Narayn Mishra, Plot No-Scr 29/41, Kharbela Nagar | 18,144.00 |
| 227 | 35 | 2074 | N.B Pattnaik, Plot No-238, Kharbela Nagar | 8,316.00 |
| 228 | 35 | 2082 | Nilamal Mohanty, Plot No-249, Kharbela Nagar | 2,69,632.00 |
| 229 | 35 | 2432 | P.P Das, Plot No-94, Kharbela Nagar | 1,42,800.00 |
| 230 | 35 | 3694 | Utam Solanki, Plot No-Scr/40, Kharbela Nagar | 19,180.00 |
| 231 | 35 | 3792 | Surendra Nath Swain, Plot No-92, Kharbela Nagar | 64,260.00 |
| 232 | 35 | 3830 | Ashok Ku Pattanaik, Plot No-105, Kharbela Nagar | 9,560.00 |
| 233 | 35 | 3901 | Akshya Ku Tripathy, Plot No-A/30, Kharbela Nagar | 9,50,985.00 |
| 234 | 35 | 552 | Kanaklata Das, Plot No-791, Bhoi Nagar | 1,98,072.00 |
| 235 | 35 | 921 | P C Patra, Plot No-1264, Bhoi Nagar | 13,520.00 |
| 236 | 35 | 1879 | Srinibas Sahoo, Plot No- C 5, Bhoi Nagar | 67,392.00 |
| 237 | 35 | 2876 | Bikas Ku Mishra, Plot No-563, Bhoi Nagar | 34,976.00 |
| 238 | 36 | 2963 | Indira Mohanty, P.No-A/28,A/29, M.S. Nagar | 99,680.00 |
| 239 | 36 | 1108 | Prafulla Ku.Rout, P.No-269, M.S. Nagar | 4,67,328.00 |
| 240 | 36 | 2541 | Surendra Prusty, P.No-779/1657, M.S. Nagar | 5,05,920.00 |
| 241 | 36 | 4313 | Gopal Singh, P.No-M-3, M.S. Nagar | 29,480.00 |
| 242 | 36 | 76 | Kanchana Bala Padhi, Plot No Scr-31, Bhouma Nagar | 1,04,160.00 |
| 243 | 36 | 52 | Hosenmoin Khaton, Bhouma Nagar | 13,100.00 |
| 244 | 36 | 1993 | Indra Mohanty (Hotel Lisa), Plot A/25, Bhouma Nagar | 27,608.00 |
| 245 | 36 | 2530 | Smt. Prama Pujari, A/31, Bhouma Nagar | 23,024.00 |
| 246 | 36 | 382 | Radhanath Patro, Plot No16, M.S Nagar | 32,792.00 |
| 247 | 36 | 2673 | C.B.S Rao, Plot No-43, M.S Nagar | 16.576.00 |
| 248 | 36 | 2294 | Soubhagin Dei, W/O-Pravakar, Plot No-M/10, M.S Nagar | 18,556.00 |
| 249 | 36 | 4894 | Radha Kanta Panda, P.No-M-73, M.S. Nagar | 10,89,720.00 |
| 250 | 38 | 14071 | Haris Kumar Sibani, Flat No-301,Amrita Shopping,Nayapali | 1,91,492.00 |
| 251 | 38 | 2924 | Tareni Pattnaik,Plot No-A/19,Nilakantha Nagar | 2,62,912.00 |
| 252 | 38 | 5691 | Satyabhama Sahoo,Plot No-1110,Nayapalli | 1,63,220.00 |
| 253 | 38 | 8836 | Urmila Subudhi,Plot No-111,Nayapalli | 1,44,560.00 |
| 254 | 38 | 7139 | Manaswani Sahoo,Plot No-1111,Nayapalli | 88,896.00 |
| 255 | 38 | 3091 | Purnamasi Sahoo,Plot No-1113,Nayapalli | 65,488.00 |
| 256 | 40 | 1930 | Sahoo Hotel & Pvt Ltd, P.No-C/12, Kharabela Nagar | 7,69,504.00 |
| 257 | 41 | 843 | Laxmidhar Sahoo, P.No-150/A, Ashok Nagar | 67,260.00 |
| 258 | 41 | 139 | Raghunath Badajena, P.No-139, Ashok Nagar | 22,944.00 |
| 259 | 41 | 933 | Kalyani Das, P.No-129, Ashok Nagar | 37,800.00 |
| 260 | 41 | 955 | Kamala Ranihans, P.No-44, Ashok Nagar | 19,264.00 |
| 261 | 41 | 4499 | Shree Auto Engineering Workshop, P.No- 118 | 56,680.00 |
| 262 | 41 | 4844 | Rajani Prusty, P.No- A/112, Kharvel Nagar | 33,280.00 |
| 263 | 42 | 606 | Basanta Ku.Nayak, Budha Nagar | 21,240.00 |
| 264 | 42 | 611 | S.K.Ahammed, Budha Nagar | 1,33,980.00 |
| 265 | 42 | 614 | Aswani Ku.Mohanty, P.No- 701,Budha Nagar | 3,41,280.00 |
| 266 | 42 | 614(A) | A.K. Mohanty, P.No- 79, Budha Nagar | 76,480.00 |
| 267 | 42 | 654 | R.M.Mohanty, P.No-64,Budha Nagar | 12,864.00 |
| 268 | 42 | 656 | Bhramarbar Routray, P.No-61, Budha Nagar | 13,560.00 |
| 269 | 42 | 672 | Kulamani Rath, P.No-36, Budha Nagar | 9,156.00 |
| 270 | 42 | 839 | K.P Mishra, P.No- 15, Budha Nagar | 35,712.00 |
| 271 | 42 | 710 | Gobind Mohapatra, P.No- | 9,000.00 |
| 272 | 42 | 757 | Rehana Begum & Ferahan Begum, P.No- , Old Station Bazar | 9,17,280.00 |
| 273 | 42 | 1124 | Diwan Ch.Gargh, P.No- Budheswari | 16,660.00 |
| 274 | 42 | 672(A) | Narayan M.Patra, P.No- Ctc Road, Laxmi Sagar | 12,780.00 |
| 275 | 42 | 6334 | K.B.Patel, P.No- Laxmi Sagar | 6,016.00 |
| 276 | 42 | 6104 | S.B.Patel, P.No- Laxmi Sagar | 6,104.00 |
| 277 | 43 | 856 | Bansidhar Panda, Ctc.Road, Near Hotel Kaveri | 52,960.00 |
| 278 | 43 | 863 | Durga Charan Nayak, Ctc Road, Near Hotel Ashoka | 81,432.00 |
| 279 | 43 | 860 | Indramani Nayak, Ctc Road | 2,15,640.00 |
| 280 | 43 | 918 | P.K.Senapati, Old Budheswar Post Office Lane,Laxmi Sagar | 30,944.00 |
| 281 | 43 | 2947 | Indumati Rout, Ctc Road, P.No-136,137, Laxmi Sagar | 7,72,681.00 |
| 282 | 43 | 4041 | Ajoy Mallick, Laxmi Sagar | 39,768.00 |
| 283 | 43 | | Smt.Sneha Prava Nayak | 48,404.00 |
| 284 | 44 | 608 | Ghanashyam Swain, Badagada Village | 10,360.00 |
| 285 | 44 | 4623 | Pravakar Das, Badagada Jharana Sahi | 41,920.00 |
| 286 | 45 | 3482 | Smt.Sabita Panda, P.No- 11/A , Bjb Nagar | 49,140.00 |
| 287 | 45 | 4282 | Mohanty Hotel Pvt.Ltd., P.No- 2271, Ctc Road | 1,14,639.00 |
| 288 | 45 | 877 | B.D Prusty, P.No-3/A, Ctc Road | 15,540.00 |
| 289 | 46 | 277 | Narayan Das ,Suryanagar,Plot No-60, | 6,396.00 |
| 290 | 46 | 358 | Subhadra Devi,Suryanagar-87(P) | 1,224.00 |
| 291 | 46 | 1206 | Soudamini Samantray, Suryanagar-108 | 1,08,295.00 |
| 292 | 46 | 1916 | Chintamani Samantray,Suryanagar-A17/14 | 41,420.00 |
| 293 | 46 | 5174 | Bibhu Dutta Patel,Prabhu Datta Patel,Surya Nagar-1R | 8,51,128.00 |
| 294 | 46 | 2905 | S.N Acharya,Ganga Nagar,Banaja Appartment-Flat No-1/69 | 10,716.00 |
| 295 | 48 | 803 | Late Dr Kailash Ch Mohanty, Plot No-32,Paikanagar | 2,21,888.00 |
| 296 | 49 | 3005 | Snigdha Nayak,Plot No-13(P) | 1,52,232.00 |
| 297 | 49 | 5124 | Krushna Ch Baliarsingh,Plot No-141 | 59,508.00 |
| 298 | 49 | 13259 | M R Samantray,Plot No-A/50 | 1,10,852.00 |
| 299 | 49 | 3250 | Debendra Nath Das, Plot No-B/36 | 31,196.00 |
| 300 | 50 | 8252 | Kishore Ku Pradhan, Plot No-307,Paikanagar | 13,080.00 |
| 301 | 50 | 13105 | Narayan Panda,Plot No-361/1070,Paikanagar | 71,168.00 |
| 302 | 51 | 13566 | Ramkrishna Dash, Plot No-1154/3794,1187/3804,Baramunda,Soubhagya Nagar | 1,37,642.00 |
| 303 | 51 | 15218 | Mamatamayee Mallick,Plot No-1518/6058,Baramunda,Soubhagya Nagar | 1,86,856.00 |
| 304 | 52 | 116 | Hadibandhu Behera,Ganga Nagar-127 | 4,736.00 |
| 305 | 52 | 2746 | B L Das,Ganganagar-222(P) | 4,888.00 |
| 306 | 52 | 5027 | Rabi Narayan Patra,Ganga Nagar-44 | 14,592.00 |
| 307 | 52 | 3958 | Mrs P Dash,Sweety Complex-House No-8 | 20,560.00 |
| 308 | 52 | 1782 | Gajendra Ch Singh,Forest Park,Plot No-57 | 1,53,536.00 |
| 309 | 53 | 3373 | Kousalya Rani Chhabra & Others, P.No- 22/B, Bapuji Nagar | 4,35,376.00 |
| 310 | 53 | 1290 | S Begum , Sqkhabul Khan, P.No- 128, Bapuji Nagar | 10,51,808.00 |
| 311 | 53 | 1311 | Kulam Khan, P.No- 148, Bapuji Nagar | 5,34,800.00 |
| 312 | 53 | 1880 | Chintamani Jena, P.No-236, B.Nagar | 18,904.00 |
| 313 | 54 | 552 | Bhagaban Panda, Near Gosagarswar Chhak, Rath Road | 1,04,400.00 |
| 314 | 54 | 540 | Gobinda Mohapatra, Near Gosagarswar Chhak, Rath Road | 45,504.00 |
| 315 | 54 | 1076 | Sri Duryodhan Pati (Droupadi College), Near Gosagarswar Chhak, Rath Road | 25,57,200.00 |
| 316 | 55 | 205 | Braja Kishore Mishra, P.No-2132/4738, N.Tangi | 82,860.00 |

**ପାକ୍‌ର ଅସ୍ତ୍ରବିରତି ଉଲ୍ଲଂଘନ** ସୀମାରେ ପୁଣି ପାକିସ୍ତାନ ପକ୍ଷରୁ ଶନିବାର ଅସ୍ତ୍ରବିରତି ଉଲ୍ଲଂଘନ କରାଯାଇଛି। ଅନ୍ତର୍ଜାତୀୟ ସୀମା ନିକଟରେ ଥିବା ଫରୱାର୍ଡ ପୋଷ୍ଟ ଓ ଗ୍ରାମଗୁଡ଼ିକୁ ଟାର୍ଗେଟ କରି ପାକିସ୍ତାନୀ ରେଞ୍ଜର୍ସମାନେ ଗୁଳିଗୋଳା ବର୍ଷଣ କରିଛନ୍ତି। କଠୁଆ ଜିଲାର ସୀମାବର୍ତ୍ତୀ ଅଞ୍ଚଳରେ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି। ପାକିସ୍ତାନୀ ରେଞ୍ଜର୍ସମାନେ ମୋର୍ଟାର ମାଡ଼ କରିଥିଲେ। ବିଏସ୍‌ଏଫ୍ ପକ୍ଷରୁ ଏହାର ପାଲଟା ଜବାବ୍ ଦିଆଯାଇଛି।





ରବିବାର ଅରବିନ୍ଦ କେଜ୍‌ରିୱାଲ ଦିଲ୍ଲୀ ମୁଖ୍ୟମନ୍ତ୍ରୀଭାବେ ଶପଥ ନେବେ। ଏଥିପାଇଁ ରାମଲୀଳା ମଇଦାନରେ ପ୍ରସ୍ତୁତି ଜୋରଦାର ଚାଲିଛି।



ଜୟପୁରର ଏକ ବାଣ ଦୋକାନରେ ନିଆଁ ଲାଗିଯାଇଥିବା ବେଳେ ଅଗ୍ନିଶମ କର୍ମଚାରୀ ଏହାକୁ ଲିଭାଉଛନ୍ତି।




କୋଲକାତାରେ ସିଏଏ, ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍ ବିରୋଧରେ ବିଶାଳ ଶୋଭାଯାତ୍ରା।

# ମଧ୍ୟପ୍ରଦେଶ କଂଗ୍ରେସରେ ଫାଟ

ଭୋପାଳ,୧୫।୨(ପି.ଟି.)



କମଳନାଥ



ଜ୍ୟୋତିରାଦିତ୍ୟ ସିନ୍ଧିଆ

■ପ୍ରତିଶ୍ରୁତି ପାଳନ ଲାଗି ଆନ୍ଦୋଳନ କରିବେ ସିନ୍ଧିଆ
■ଲୋକଙ୍କୁ ପ୍ରତାରିତ କରିଛନ୍ତି ଏମ୍‌ପି ସରକାର: ଭାଜପା

ମଧ୍ୟପ୍ରଦେଶ କଂଗ୍ରେସରେ ଫାଟ ସ୍ପଷ୍ଟ ହୋଇଛି। କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ ମୁଖ୍ୟମନ୍ତ୍ରୀ କମଳନାଥଙ୍କ ମଧ୍ୟରେ ରହିଥିବା ବିରୋଧଭାସ ପୁଣିଥରେ ସାମନାକୁ ଆସିଛି। କମଳନାଥଙ୍କ ନେତୃତ୍ୱକୁ ନେଇ ସିନ୍ଧିଆ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନିର୍ବାଚନ ବେଳେ ଦଳ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରାଯାଉ ନ ଥିବାରୁ ସେ ଏହା ବିରୋଧରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି। ସିନ୍ଧିଆଙ୍କ ଏହି ଚେତାବନୀର ଦିନକ ପରେ କମଳନାଥ ଏହାର ଜବାବ ରଖିଛନ୍ତି। ସେ କହିଛନ୍ତି, ନିର୍ବାଚନ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ୫ ବର୍ଷ ପାଇଁ, ତାହା ୫ ମାସ ପାଇଁ ନୁହେଁ। ଯଦି ସରକାର ପ୍ରତିଶ୍ରୁତି ରଖିବାରେ ବିଫଳ ହୋଇଛନ୍ତି, ତେବେ ସିନ୍ଧିଆ ଏହା ବିରୋଧରେ ଆନ୍ଦୋଳନକୁ ଓହ୍ଲାନ୍ତୁ ବୋଲି କମଳନାଥ ଚ୍ୟାଲେଞ୍ଜ କରିଛନ୍ତି। ତାଙ୍କୁ ରାସ୍ତାକୁ ଓହ୍ଲାଇବାକୁ କିଏ ମନା କରୁଛି କି ବୋଲି କମଳନାଥ କହିଛନ୍ତି।

ଦୁଇ କଂଗ୍ରେସ ନେତାଙ୍କ ମଧ୍ୟରେ ଏଭଳି କାଦୁଅଫିଙ୍ଗାକୁ ନେଇ ରାଜନୈତିକ ନେତାଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେକ ସିନ୍ଧିଆଙ୍କୁ ସମର୍ଥନ କରିଥିବାବେଳେ ଦଳ ଭିତରେ ଆଭ୍ୟନ୍ତରୀଣ କନ୍ଦଳ ବନ୍ଦ ହେବା ଆବଶ୍ୟକ ବୋଲି ଅନ୍ୟମାନେ ମତ ଦେଇଛନ୍ତି। ନିର୍ବାଚନ ଜିତି କ୍ଷମତାକୁ ଆସିଲେ କଂଗ୍ରେସ କୃଷିଋଣ ଛାଡ଼ କରିବା ସହ ଅତିଥି ଶିକ୍ଷକମାନଙ୍କୁ ସ୍ଥାୟୀ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଏଥିସହିତ ନିର୍ବାଚନୀ ଇସ୍ତାହାରରେ ଅନେକ ପ୍ରତିଶ୍ରୁତି ଦିଆଯାଇଥିଲା, ଯାହା ପାଳନ ହେବା ଆବଶ୍ୟକ। ଜଣେ ବରିଷ୍ଠ ନେତା ଭାବରେ ସିନ୍ଧିଆ ଏଥିପାଇଁ ଚିନ୍ତାପ୍ରକଟ କରିବା ସ୍ୱାଭାବିକ ବୋଲି ଦଳର ଅନ୍ୟତମ ନେତା କେଟିଏସ୍ ତୁଳସି କହିଛନ୍ତି। ଅନ୍ୟପକ୍ଷରେ ଭାଜପା ନେତା ଜି.ଭି.ଏଲ୍ ନରସିଂହ ରାଓ କହିଛନ୍ତି, ମଧ୍ୟପ୍ରଦେଶର କମଳନାଥ ସରକାର ନିର୍ବାଚନୀ ପ୍ରତିଶ୍ରୁତି ପାଳନ ନ କରି ଜନସାଧାରଣଙ୍କୁ ପ୍ରତାରିତ କରିଛନ୍ତି। ସିନ୍ଧିଆଙ୍କ ଆନ୍ଦୋଳନ ନିଷ୍ପତ୍ତି ସରକାରଙ୍କ ପାଇଁ ଏକ ଚେତାବନୀ ବୋଲି ସେ କହିଛନ୍ତି। ସିନ୍ଧିଆଙ୍କୁ ରାଜ୍ୟ କଂଗ୍ରେସ ସଭାପତି କରାଯାଇ ନାହିଁ କିମ୍ବା ମୁଖ୍ୟମନ୍ତ୍ରୀ କରାଗଲା ନାହିଁ। ତେଣୁ ଦଳ ଭିତରେ କ୍ଷମତାକୁ ନେଇ କନ୍ଦଳ ଜାରି ରହିଥିବା ଭାଜପା ନେତା ଗଣେଶ ସିଂ କହିଛନ୍ତି। ଦିଲ୍ଲୀ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପ୍ରଦର୍ଶନକୁ ନେଇ ସିନ୍ଧିଆ ଦଳର କେନ୍ଦ୍ରୀୟ ନେତୃତ୍ୱକୁ ସମାଲୋଚନା କରିଥିଲେ।

ଶୁକ୍ରବାର ଟିକମଗଡ଼ ଜିଲାର କୁଡିଲା ଗ୍ରାମରେ ଏକ ସଭାକୁ ଉଦ୍‌ବୋଧନ ଦେଇ ସେ ଅତିଥି ଶିକ୍ଷକମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ପାଇଁ ଲଢ଼େଇ କରିବେ ବୋଲି କହିଥିଲେ। ଏଥିସହିତ ଫସଲ କ୍ଷୟକ୍ଷତି ସର୍ଭେ ଓ କୃଷିଋଣ ଛାଡ଼ ପ୍ରତିଶ୍ରୁତି ପୂରଣ ହୋଇ ନ ଥିବାରୁ ସେ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଆବଶ୍ୟକ ପଡିଲେ ସେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ସୂଚନାଯୋଗ୍ୟ ମଧ୍ୟପ୍ରଦେଶରେ କଂଗ୍ରେସ ସରକାର ଗଢ଼ିବା ଦିନଠାରୁ ଦୁଇ ବରିଷ୍ଠ ନେତାଙ୍କ ମଧ୍ୟରେ ମତପାର୍ଥକ୍ୟ ଜାରି ରହିଛି। ସିନ୍ଧିଆ ସମର୍ଥକମାନେ ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଥିଲେ। ପରେ ତାଙ୍କୁ ରାଜ୍ୟ କଂଗ୍ରେସ ସଭାପତି କରିବା ପାଇଁ ଦାବି ହୋଇଥିଲା।

## ଏସିଆ ବାହାରେ ପ୍ରଥମ କରୋନା ମୃତ୍ୟୁ

ପ୍ୟାରିସ୍,୧୫।୨(ଏଏଫ୍‌ପି)

ଏସିଆ ମହାଦେଶ ବାହାରେ ପ୍ରଥମ କରୋନା ଭୂତାଣୁ ସଂକ୍ରମଣଜନିତ ମୃତ୍ୟୁ ଫ୍ରାନ୍ସରେ ଘଟିଛି। ଚାଇନାରୁ ଯାଇଥିବା ଜଣେ ୮୦ ବର୍ଷୀୟ ପର୍ଯ୍ୟଟକ ସେଠାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିବା ଫ୍ରାନ୍ସ ସ୍ୱାସ୍ଥ୍ୟମନ୍ତ୍ରୀ ଆଗ୍ନେସ୍ ବୁଜିନ୍ ସୂଚନା ଦେଇଛନ୍ତି। କରୋନା ସଂକ୍ରମିତ ଏହି ବ୍ୟକ୍ତିଙ୍କୁ ପ୍ୟାରିସ୍‌ର ଏକ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ଅବନତି ଘଟିଥିଲା ବୋଲି ବୁଜିନ୍ କହିଛନ୍ତି। ଚାଇନାରେ କରୋନାଜନିତ ମୃତ୍ୟୁସଂଖ୍ୟା ୧୫୦୦ ଟପିଥିବାବେଳେ ୬୬,୦୦୦ରୁ ଊର୍ଦ୍ଧ୍ୱ ଏଥିରେ ଆକ୍ରାନ୍ତ ଥିବା ଜଣାପଡିଛି। ଚାଇନା ବାହାରେ ଫିଲିପାଇନ୍ସ, ହଂକଂ ଏବଂ ଜାପାନରେ ଜଣେ ଲେଖାଏ ଏହି ଭୂତାଣୁ ସଂକ୍ରମଣରେ ପ୍ରାଣ ହରାଇଛନ୍ତି। ହୁବେଇ ପ୍ରଦେଶ ଓ ଏହାର ରାଜଧାନୀ ଉହାନରେ ୫୬ ନିୟୁତ ଲୋକଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇ ଚିକିତ୍ସା କରାଯାଉଛି। ଚାଇନା ବାହାରେ ୬୦୦ ରୋଗୀ ଚିହ୍ନଟ ହୋଇଥିବାବେଳେ ସେଥିରୁ ୟୁରୋପୀୟ ୟୁନିୟନରେ ୩୫ ଜଣ ରହିଛନ୍ତି। ଫ୍ରାନ୍ସରେ ଏବେ ୬ ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

## ମାନହାନି ମାମଲାରେ ରବିଶଙ୍କରଙ୍କୁ ସମନ

ଥିରୁଭାନନ୍ତପୁରମ୍,୧୫।୨(ପି.ଟି.)



ଏକ ମାନହାନି ମାମଲାରେ ହାଜର ହେବା ଲାଗି କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ଶନିବାର କେରଳର ଏକ ଅଦାଲତ ସମନ ଜାରି କରିଛନ୍ତି। ସ୍ୱର୍ଗୀୟ ସୁନନ୍ଦା ପୁଷ୍କରଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ପାଇଁ ବରିଷ୍ଠ କଂଗ୍ରେସ ନେତା ତଥା ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁର ୨୦୧୮ ଡିସେମ୍ବରରେ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ। ଏହା ପୂର୍ବରୁ ଥରୁର ରବିଶଙ୍କରଙ୍କ ନିକଟକୁ ଓକିଲ ନୋଟିସ ପଠାଇ ନିଃସର୍ତ୍ତ କ୍ଷମା ମାଗିବାକୁ କହିଥିଲେ। ସୁନନ୍ଦା ମୃତ୍ୟୁ ମାମଲାର ତଦନ୍ତ ଶେଷ ହୋଇଛି ଓ ପୋଲିସ କୋର୍ଟରେ ଚୂଡାନ୍ତ ରିପୋର୍ଟ ଦାଖଲ କରିସାରିଛି। ଏଥିରେ ସୁନନ୍ଦାଙ୍କୁ ହତ୍ୟା କରାଯାଇଥିବା ଉଲ୍ଲେଖ ନ ଥିବାବେଳେ ଥରୁର ଜଣେ ହତ୍ୟା ଅଭିଯୁକ୍ତ ବୋଲି ରବିଶଙ୍କର କହିଥିଲେ। ତାଙ୍କୁ ମେ ୨ରେ ହାଜର ହେବା ଲାଗି ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିର୍ଦ୍ଦେଶ ଦେଇଛନ୍ତି।

## ସଡ଼କ ଦୁର୍ଘଟଣାରେ ୧୨ ମୃତ, ୨୩ ଆହତ

**ଇସ୍‌ଲାମାବାଦ,୧୫।୨ (ପି.ଟି.):** ଦକ୍ଷିଣ-ପଶ୍ଚିମ ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୨ ଜଣ ପ୍ରାଣ ହରାଇଛନ୍ତି। ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଗାଡ଼ିଟି ଖାତ ଭିତରକୁ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ ୨୩ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଲାସ୍‌ବେଲାରୁ ଝାଲ୍ ମାଗ୍‌ସିକୁ ଏକ ବିବାହ ଭୋଜିରେ ଯୋଗଦେବାକୁ ଯାଉଥିବା ବେଳେ ବାରେଜା ଅଞ୍ଚଳର ଖଚଜ୍‌ଦାର-ଝାଲ୍ ମାଗ୍‌ସି ଜରତୀୟ ରାଜପଥରେ ଏଭଳି ଦୁର୍ଘଟଣା ଘଟିଥିଲା।

## ଡିଜେ ଶବ୍ଦରେ ବରଙ୍କ ମୃତ୍ୟୁ

**ହାଇଦ୍ରାବାଦ,୧୫।୨(ଆଇଏଏନ୍‌ଏସ୍):** ତେଲଙ୍ଗାନାର ନିଜାମାବାଦ ଜିଲା ଅନ୍ତର୍ଗତ ବୋଧନ ସହରରେ ଏକ ବାହାଘର ଶୋଭାଯାତ୍ରାରେ ଉତ୍କଟ ଡିଜେ ଶବ୍ଦରେ ମୂର୍ଚ୍ଛା ଯାଇଥିବା ବରଙ୍କର ମୃତ୍ୟୁ ହୋଇଯାଇଛି। ହାଇଦ୍ରାବାଦଠାରୁ ପ୍ରାୟ ୨୦୦ କିଲୋମିଟର ଦୂରରେ ଏହି ଦୁଃଖଦ ଘଟଣା ଘଟିଛି। ଅତ୍ୟଧିକ ଶବ୍ଦ ଯୋଗୁ ବର ଏମ୍. ଗଣେଶ ଅସୁସ୍ଥ ଅନୁଭବ କରିବା ସହ ବେହୋସ ହୋଇଯାଇଥିଲେ। ତାଙ୍କୁ ପାଖ ହସ୍ପିଟାଲକୁ ନିଆଯାଇଥିଲା। ସେତେବେଳକୁ ଗଣେଶଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇସାରିଥିଲା ବୋଲି ଡାକ୍ତର କହିଛନ୍ତି।

## ଶାହ ଫୈଜଲଙ୍କ ବିରୋଧରେ ପିଏସ୍‌ଏରେ ମାମଲା

ଶ୍ରୀନଗର,୧୫।୨(ପି.ଟି.)



ପୂର୍ବତନ ଆଇଏଏସ୍ ଅଫିସରରୁ ରାଜନେତା ହୋଇଥିବା ଶାହ ଫୈଜଲଙ୍କ ବିରୋଧରେ ଜମ୍ମୁ-କଶ୍ମୀର ପ୍ରଶାସନ ସାଧାରଣ ନିରାପତ୍ତା ଆଇନ (ପିଏସ୍‌ଏ)ରେ ମାମଲା ରୁଜୁ କରିଛି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରଠାରୁ ଫୈଜଲ ଅଟକ ରହିଥିଲେ। ଶୁକ୍ରବାର ତାଙ୍କ ବିରୋଧରେ ପିଏସ୍‌ଏରେ ମାମଲା ରୁଜୁ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଉମାର ଅବ୍‌ଦୁଲ୍ଲା, ମେହବୁବା ମୁଫ୍‌ତିଙ୍କ ବିରୋଧରେ ପୂର୍ବରୁ ପିଏସ୍‌ଏ ଲାଗୁ ହୋଇଥିଲା। ଆଇନ ଶୃଙ୍ଖଳା କିମ୍ବା ରାଜ୍ୟର ସୁରକ୍ଷା ପ୍ରତି ବିପଦ ଦର୍ଶାଇ ଜଣେ ବ୍ୟକ୍ତିଙ୍କୁ ପିଏସ୍‌ଏରେ ୬ ମାସରୁ ୨ ବର୍ଷ ଅଟକ ରଖାଯାଇପାରିବ। ଗତବର୍ଷ ଅଗଷ୍ଟ ୧୩ ତାରିଖ ରାତିରେ ଫୈଜଲ ଇସ୍ତାନବୁଲ ଯିବା ପାଇଁ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିବାବେଳେ ତାଙ୍କୁ ଅଟକା ଯାଇ ଶ୍ରୀନଗର ଅଣାଯାଇଥିଲା। ସେବେଠାରୁ ସେ ଅଟକ ରହିଛନ୍ତି। ଫୈଜଲ ଆଇଏଏସ୍ ଅଫିସର ପଦବୀରୁ ଇସ୍ତଫା ଦେବା ପରେ ଜମ୍ମୁ-କଶ୍ମୀର ପିପୁଲ୍ସ ମୁଭ୍‌ମେଣ୍ଟ ନାମରେ ଏକ ଦଳ ଚଳାଉଥିଲେ।

## ଜାତିଆଣ ହିଂସାରେ ୪୦ ମୃତ

ବମାକୋ,୧୫।୨ (ପି.ଟି.)

କେନ୍ଦ୍ରୀୟ ମାଲିରେ ଜାତିଆଣ ହିଂସା ଉଗ୍ରରୂପ ଧାରଣ କରିଛି। ଏହି ହିଂସାରେ ୪୦ ଜଣଙ୍କ ପ୍ରାଣହାନି ଘଟିଛି। ମୃତକଙ୍କ ମଧ୍ୟରେ ୯ ସେନା ଥିବା ଜଣାପଡ଼ିଛି। ଡୋଗୋନ୍ ସମ୍ପ୍ରଦାୟର ଲୋକଙ୍କ ଆକ୍ରମଣରେ ଓଗୋସାଗୋଉରେ ଫୁଲାନୀ ସମ୍ପ୍ରଦାୟର ୩୨ ଜଣଙ୍କ ମୃତ୍ୟୁ ଘଟିଛି। ପାଖାପାଖି ୩୦ ବନ୍ଧୁକଧାରୀ ଆକ୍ରମଣ କରିଥିଲେ। ୨୮ ଜଣ ନିଖୋଜ ଥିବାବେଳେ ପରିସ୍ଥିତି ସେଠାରେ ଭୟଙ୍କର ହୋଇପଡ଼ିଛି। ପ୍ରକାଶଥାଉ କି, ଗତବର୍ଷ ମାର୍ଚ୍ଚରେ ଏଠାରେ ସଂଘର୍ଷ ଘଟି ପ୍ରାୟ ୧୬୦ ଲୋକଙ୍କ ମୃତ୍ୟୁ ହୋଇଥିଲା।

## କୋର୍ଟରେ ହାଜର ନ ହେବାରୁ ଥରୁର୍‌ଙ୍କୁ ୫୦୦୦ ଟଙ୍କା ଜରିମାନା

ନୂଆଦିଲ୍ଲୀ,୧୫।୨(ପି.ଟି.)



ଏକ ମାନହାନି ଅଭିଯୋଗ ମାମଲାରେ କଂଗ୍ରେସ ନେତା ଶଶୀ ଥରୁର କୋର୍ଟରେ ହାଜର ହୋଇ ନ ଥିବାରୁ ତାଙ୍କୁ ଦିଲ୍ଲୀର ଏକ ଅଦାଲତ ଶନିବାର ୫୦୦୦ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ସେ କଙ୍କଡାବିଛା ମନ୍ତବ୍ୟ ଦେଇଥିଲେ। ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ବିଶାଲ ପହୁଜାଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଥରୁର ହାଜର ହୋଇ ନ ଥିଲେ। ଦିଲ୍ଲୀ ଭାଜପା ନେତା ରାଜୀବ ବବ୍ବର ଥରୁରଙ୍କ ବିରୋଧରେ ମାନହାନି ଅଭିଯୋଗ ଆଣିଥିଲେ। ଥରୁରଙ୍କ ମନ୍ତବ୍ୟ ତାଙ୍କ ଭଳି ଦେଶର କୋଟି କୋଟି ଶିବଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଥିବା ବବ୍ବର ଅଭିଯୋଗରେ ଦର୍ଶାଇଥିଲେ।

## ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟିବେ ଶାହିନବାଗ ବିକ୍ଷୋଭକାରୀ

ନୂଆଦିଲ୍ଲୀ,୧୫।୨




ଶାହିନବାଗରେ ପ୍ରାୟ ଦୁଇମାସ ହେଲା ଆନ୍ଦୋଳନ ଚଳାଇଥିବା ବିକ୍ଷୋଭକାରୀ ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ବାସଭବନ ଅଭିମୁଖେ ଶୋଭାଯାତ୍ରାରେ ବାହାରିବାକୁ ସଜବାଜ ହେଉଛନ୍ତି। ସେମାନେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସମ୍ପର୍କରେ ଶାହାଙ୍କ ସହ ଆଲୋଚନା କରିବେ। ତେବେ ଶାହାଙ୍କ ସହ କୌଣସି ବୈଠକ କାର୍ଯ୍ୟସୂଚୀ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିକ୍ଷୋଭକାରୀମାନେ ସିଏଏ ଏବଂ ଏନ୍‌ଆର୍‌ସି ପ୍ରସଙ୍ଗରେ ଆଲୋଚନା କରିବେ ବୋଲି କହିଥିବାବେଳେ ଏଥିପାଇଁ ମନ୍ତ୍ରୀଙ୍କ ଅନୁମତି ମାଗି ନ ଥିବା ସ୍ୱୀକାର କରିଛନ୍ତି। ସିଏଏକୁ ନେଇ କାହାର କିଛି ସନ୍ଦେହ ଥିଲେ ତାଙ୍କ କାର୍ଯ୍ୟାଳୟକୁ ଆସି ଆଲୋଚନା କରିପାରିବେ ବୋଲି ଶାହା ଦୁଇଦିନ ପୂର୍ବେ କହିଥିଲେ।

## ଏମ୍‌ପି, ସିକିମ୍, କେରଳର ଭାଜପା ମୁଖ୍ୟ ନିଯୁକ୍ତ

**ନୂଆଦିଲ୍ଲୀ,୧୫।୨ (ପି.ଟି.):** ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଶନିବାର ବିଷ୍ଣୁଦତ୍ତ ଶର୍ମାଙ୍କୁ ମଧ୍ୟପ୍ରଦେଶ(ଏମ୍‌ପି)ର ଦଳୀୟ ମୁଖ୍ୟ ଭାବେ ନିଯୁକ୍ତି ଦେଇଛନ୍ତି। ସେହିଭଳି ସିକିମ୍‌ର ଭାଜପା ମୁଖ୍ୟ ଭାବେ ବାହାଦୁର ଶର୍ମା ଓ କେରଳ ୟୁନିଟ୍ ମୁଖ୍ୟ ଭାବେ କେ. ସୁରେନ୍ଦ୍ରନ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ଦଳକୁ ଅଧିକ ସୁଦୃଢ଼ କରିବା ଲାଗି ନଡ୍ଡା ଏମାନଙ୍କୁ ଶନିବାର ନିଯୁକ୍ତି ଦେଇଥିବା ଜଣାପଡ଼ିଛି।

## [ଇତିହାସର ଆଇନାରେ] ଫେବୃୟାରୀ ୧୬ର ପ୍ରମୁଖ ଘଟଣା

୧୯୯୮ ଫେବୃୟାରୀ ୧୬ରେ ଚାଇନାର ଏକ ବିମାନ ତାଇୱାନର ଚିଆଙ୍ଗ କାଇ ଶେକ୍ ବିମାନବନ୍ଦର ଅନ୍ତର୍ଗତ ଏକ ଜନବସତି ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହେବାରୁ ପ୍ରାୟ ୧୯୬ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା।

୨୦୧୩ ଫେବୃୟାରୀ ୧୬ରେ ପାକିସ୍ତାନର କ୍ୱେଟା ପ୍ରଦେଶ ଅନ୍ତର୍ଗତ ହଜାରା ସହରସ୍ଥିତ ଏକ ମାର୍କେଟରେ ବୋମା ବିସ୍ଫୋରଣ ହେବା ଫଳରେ ୮୦ ଜଣଙ୍କ ପ୍ରାଣହାନି ଘଟିଥିଲା। ପ୍ରାୟ ୨୦୦ ବ୍ୟକ୍ତି ଏଥିରେ ଆହତ ହୋଇଥିଲେ।

| Sl. No. | Ward No. | Holding No. | Name & Address of the defaulters | Amount |
|---|---|---|---|---|
| 317 | 55 | 257(A) | Banamali Sahoo, Bidyadhar Sahoo, Sridhar Sahoo, P.No- 2930/4579, N.Tangi | 35,048.00 |
| 318 | 55 | 277 | K.K Rout, P.No-2987, N.Tangi Infront Of Nageswar Temple | 44,336.00 |
| 319 | 55 | 314 | Bikash Deb, P.No-401, N.Tangi,Harihar Bidyapitha High School | 30,352.00 |
| 320 | 55 | 1385 | B.B Kar, P.No-4323(C), Lewis Road,New Rabitalkies | 25,568.00 |
| 321 | 55 | 1475 | Pravakar Sahoo, P.No- 3671/4304 N.Tangi.Near Hanuman Temple | 17,696.00 |
| 322 | 55 | 1645 | Chaman Lall Narula & Arunbala Narula, P.No-2132/5070, 503(P) N.Tangi,Near N.C.C.Office | 21,424.00 |
| 323 | 55 | 2369 | Sri Jugal Kishore Praharaj,Ramanath Praharaj,Rashnath Praharaj, P.No- 503/4269, Lewis Road | 44,712.00 |
| 324 | 55 | 2380 | Siromani Sahoo, W/O: Ashok Ku.Sahoo, P.No-2997/5167, N.Tangi | 29,336.00 |
| 325 | 55 | 2423 | Arnapurna Memorial,Charitable Trust & For Medical Science Spiritual Development Through The Managing Trusty.-Mrs.Mandakini Das, P.No-2763/5637 | 22,75,524.00 |
| 326 | 56 | 955(A) | Sri B. Ch.Pattnaik, P.No-03, Bjb Nagar | 37,044.00 |
| 327 | 56 | 156(A) | Sri P.K.Das & Others, P.No-392/1091, Bjb Nagar | 69,040.00 |
| 328 | 56 | 135(B) | Sri H.K.Giri, P.No-572, Bjb Nagar | 21,548.00 |
| 329 | 56 | 4061 | Mrs.H.P.Biswal, P.No- 387, Bjb Nagar | 63,108.00 |
| 330 | 56 | 978 | Dr.M.M. Pradhan, P.No- K-1, Bjb Nagar | 27,600.00 |
| 331 | 57 | 4600 | Prahallad Sarangi, P.No-S-27 | 8,712.00 |
| 332 | 57 | 1803 | Sanjukta Patra, Plot No-Eb-364 | 51,920.00 |
| 333 | 58 | 730 | Kailash Ch.Mohapatra, P.No-6, Rabitalkies | 1,54,912.00 |
| 334 | 58 | 802 | Rabi Narayan Mallick, P.No-47,Rajarani Colony | 25,088.00 |
| 335 | 58 | 2427 | Laxman Sahoo, P.No-3556, Ratnakarbag-I | 23,744.00 |
| 336 | 58 | 4104 | Mrs.Aruna Dhal, P.No-191,204, 205,206, Lewisroad Rajarani | 97,250.00 |
| 337 | 58 | 4459 | Manorama Rath & Debasis Rath, P.No-134,Kedargouri, Rajarani | 54,120.00 |
| 338 | 58 | 2218 | Sudarsan Sahoo, P.No- 181, Samantarapur | 96,000.00 |
| 339 | 58 | 2812 | Ajaya Ku.Mishra, P.No- 571, Lewisroad, Rajarani | 2,30,616.00 |
| 340 | 59 | 558 | Smt Satyabhama Patasani, P.No-2153, Samantarapur | 35,992.00 |
| 341 | 59 | 3224 | Pranati Praharaj, P.No- 992, Sriram Nagar | 30,168.00 |
| 342 | 59 | 2658 | Bijaya Ku.Praharaj & Ajaya Ku. Praharaj, P.No-992, Sriram Nagar | 2,41,721.00 |
| 343 | 60 | 1931 | Smt. Sandhyarani Mohanty & Smt. Swarnapriya Mohanty, P.No-2499, Gouri Nagar | 16,016.00 |
| 344 | 60 | 3058 | Smt.Sebati Devi, P.No- 3054/4118 Kedargouri Road | 3,15,700.00 |
| 345 | 60 | 3061 | Smt.Pitei Samartha, P.No- Hatasahi | 8,460.00 |
| 346 | 60 | 2400 | Harihara Mallia, P.No-2051 To 2060, Mahatab Road | 1,12,464.00 |
| 347 | 60 | 236 | Dilip Ku.Mandal, P.No- Bindusagar Road | 12,736.00 |
| 348 | 61 | 1822 | N.Tripathy, P.No-Lb-62, Bhimtangi | 1,92,600.00 |
| 349 | 61 | 1754 | Ch.Narendra Subudhi, P.No-Lb-18 | 28,672.00 |
| 350 | 61 | 2918 | Bimalendu Acharya, P.No-1630/3073, Kapilprasad | 37,224.00 |
| 351 | 61 | 1177 | Harekrushna Pati, P.No-M-24, Bhim Tangi | 3,28,840.00 |
| 352 | 61 | 1022 | Sudhakar Mohapatra, P.No-Al-1, Bhimtangi | 4,196.00 |
| 353 | 61 | 1060 | Laxman Behera, P.No- Al-20, Bhimtangi | 8,188.00 |
| 354 | 61 | 1026 | A.K.Biswal, P.No-Al-79, Bhimtangi | 34,524.00 |
| 355 | 62 | 3174 | Smt Sujata Mohanty,A/45,Lingaraj Vihar, Pokhariput | 35,704.00 |
| 356 | 62 | 2567 | Smt Sanjulata Moahanty.Plot - 1579/2884,Bhaktamadhu Nagar,Gandamunda | 73,824.00 |
| 357 | 62 | 3728 | Sri Kedar Nath Panda,Hig,Duplex No-07,Phase No I,Bda Colony,Pokhariput | 14,556.00 |
| 358 | 63 | 4533 | Ajit Ku Mangaraj,Plot No-804/2267,Khandagiri Resturant | 6,37,450.00 |
| 359 | 63 | 1178 | Sukalata Biswal W/O Sri Govinda Biswal,Jagamara Village | 19,332.00 |
| 360 | 63 | 1179 | Sukanti Biswal.W/O Sri Govinda Biswal,Jagamara Village | 30,624.00 |
| 361 | 63 | 493 | Kumar Behera,Plot No-1411,Siripur Chhak, | 1,23,720.00 |
| 362 | 67 | 2183 | Smt.Kunjalata Udayasingh, P.No-Hig-1/54, Bda Colony Kapila Prasad | 7,140.00 |
| 363 | 67 | 2212 | Lokanath Parida, P.No- 816, Kapilaprasad | 8,736.00 |
| 364 | 67 | 2266 | Pabitra Manjari Badajena, P.No- 1288, Infront Of Kapilaprasad Medical | 1,56,528.00 |

ନିର୍ଦ୍ଦେଶକ୍ରମେ
*Sd./- Deputy Commissioner*
*Bhubaneswar Municipal Corporation*
OIPR-13002/11/0014/1920

## ସଂକ୍ଷେପରେ

### ୧୭ରେ ଓଡ଼ାପଡ଼ା ଜନଶୁଣାଣି

**ଢେଙ୍କାନାଳ ଅଫିସ,୧୫।୨:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟରେ ଆସନ୍ତା ୧୭ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟା ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ସମାଧାନ କରିବେ। ସମ୍ପୃକ୍ତ ଅଞ୍ଚଳବାସୀ ଶିବିରରେ ଉପସ୍ଥିତ ରହି ଲୋକଙ୍କ ଆପତ୍ତି ଅଭିଯୋଗ ଜଣାଇପାରିବେ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜଣାଯାଇଛି। ସେହିପରି ୨୪ରେ କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟରେ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ।

### ୨ ପଥରକଟା ମେଶିନ ଜବତ

**ଢେଙ୍କାନାଳ ଅଫିସ, ୧୫।୨:** ଢେଙ୍କାନାଳ ଜିଲା ଗଁଦିଆ ତହସିଲ ଖଙ୍କିରା ଛୋଟତେନ୍ତୁଳିଆ ଅଞ୍ଚଳରେ ଶନିବାର ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ୨ଟି ବେଆଇନ ପଥରକଟା ମେଶିନ ଜବତ କରାଯାଇଛି। ଭାରପ୍ରାପ୍ତ ତହସିଲଦାର ସୁଶାନ୍ତ କୁମାର ମିଶ୍ର, ରେଭେନ୍ୟୁ ସୁପରଭାଇଜର ଏବଂ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ। ଜବତ ପଥରକଟା ମେଶିନକୁ ତହସିଲ କାର୍ଯ୍ୟାଳୟରେ ରଖାଯାଇଛି।

### ପାଚେରି ଭଙ୍ଗାକୁ ନେଇ ଉତ୍ତେଜନା

ଧାମନଗର,୧୫।୨(ଡି.ଏନ.ଏ.) ଭଦ୍ରକ ଜିଲା ଧାମନଗରରେ ପାଣି ଟାଙ୍କି ପାଚେରି ଭଙ୍ଗାକୁ ନେଇ ଶନିବାର ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏହାକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଥିଲା। ସନ୍ଧ୍ୟାରେ ଧାମନଗର ଥାନା ପରିସରରେ ଜରୁରିକାଳୀନ ଶାନ୍ତି କମିଟି ବୈଠକ ବସି ଘଟଣାର ସମାଧାନ ପାଇଁ ଚେଷ୍ଟା କରାଯାଇଥିଲା। ମାତ୍ର କୌଣସି ସମାଧାନ ହୋଇପାରି ନାହିଁ। ଠିକାଦାର ବସନ୍ତ ଦାସଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା(ନଂ.୩୨/୨୦) ରୁଜୁ କରିଛି।ସୂଚନା ଅନୁଯାୟୀ, ଏହି ଥାନା ପଛପଟ ନହଜାରୀ କିଲ୍ଲାରେ ଏକ ବୃହତ୍ ପାଇପ୍ ଜଳ ଯୋଗାଣ ଟାଙ୍କି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ପ୍ରକଳ୍ପର ପାଚେରି ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ ଶନିବାର ଗୋଟିଏ ଗୋଷ୍ଠୀର କେତେକ ଲୋକ ସେଠାରେ ପହଞ୍ଚି ବିରୋଧ କରିଥିଲେ। ପ୍ରତିବର୍ଷ ଏହି ରାସ୍ତା ଦେଇ ପ୍ରସିଦ୍ଧ କାଳିସୀ ଶୋଭାଯାତ୍ରା ଏବଂ ଜୁଲୁସ ଯାଉଥିବାରୁ ରାସ୍ତା ଚଉଡ଼ାର ଆବଶ୍ୟକ ଥିବାବେଳେ ରାସ୍ତାକୁ ମଡ଼ାଇ ପାଚେରି କଲେ ବହୁ ବଡ଼ ଗଛ ନଷ୍ଟ ହେବାର ଆଶଙ୍କା ରହିଛି। ରାସ୍ତାକୁ ଛାଡ଼ି ପାଚେରି ନିର୍ମାଣ କରିବାକୁ ଠିକାଦାରଙ୍କୁ ଗ୍ରାମବାସୀ କହିଥିଲେ। ଠିକାଦାର ମଧ ଆବଶ୍ୟକ ରାସ୍ତା ଛାଡ଼ି ପାଚେରି ନିର୍ମାଣ କରୁଥିଲେ। ମାତ୍ର ଗୋଟିଏ ଗୋଷ୍ଠୀ ଗଣ୍ଡଗୋଳ ଆରମ୍ଭ କରି ନିର୍ମାଣାଧୀନ ପାଚେରିର କିଛି ଅଂଶକୁ ଭାଙ୍ଗି ଦେଇଥିଲେ। ଏହି ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସ ପହଞ୍ଚି ତଦନ୍ତ କରିଥିଲା। ପରେ ଶାନ୍ତି କମିଟି ବୈଠକ ଡକାଯାଇଥିଲା। ଏସ୍‌ଡିପିଓ ମନୋରଞ୍ଜନ ସାମଲଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା।

# ଜିଲାରେ ୧୭,୨୨୮ ମାଟ୍ରିକ ପରୀକ୍ଷାର୍ଥୀ



ଜିଲାପାଳ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପରାମର୍ଶ ଦେଉଛନ୍ତି।

**ଢେଙ୍କାନାଳ ଅଫିସ, ୧୫।୨**

- ପରୀକ୍ଷା ପାଇଁ ୮୩ କେନ୍ଦ୍ର
- ୧୮ ସମ୍ବେଦନଶୀଳ ଚିହ୍ନଟ
- ୨୯ ସ୍ଥାନରେ ସିସିଟିଭି
- ବିଶୃଙ୍ଖଳା ହେଲେ ୧୪୪ ଧାରା

ମାଟ୍ରିକ୍ ପରୀକ୍ଷାକୁ ଶୃଙ୍ଖଳିତ ଏବଂ କପିମୁକ୍ତ କରିବାକୁ ଢେଙ୍କାନାଳ ଜିଲା ଶିକ୍ଷା ବିଭାଗର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ଜିଲାରେ ୧୭,୨୨୮ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେଥିରୁ ୧୬,୬୨୯ ରେଗୁଲାର, ଏବଂ ୫୯୯ ଏକ୍ସ-ରେଗୁଲାର, ମୁକ୍ତ ବିଶ୍ୱବିଦ୍ୟାଳୟ ସାର୍ଟିଫିକେଟ ନୂଆରେ ୩୩୩ ଏବଂ ବ୍ୟାକ୍‌ରେ ୧୫ଜଣ ଅଛନ୍ତି। ମୋଟ ୮୩ ପରୀକ୍ଷା କେନ୍ଦ୍ରରୁ ୧୮ଟିକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ସେହିପରି ୨୯ କେନ୍ଦ୍ର ସିସିଟିଭି ସ୍କାନରରେ ରହିବ। ସଦର ବ୍ଲକ କାଇମାଟି ହାଇସ୍କୁଲ ଏବଂ ଢେଙ୍କାନାଳ ଶ୍ରୀବଳରାମ ହାଇସ୍କୁଲରେ ମୁକ୍ତ ବିଶ୍ୱବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା କେନ୍ଦ୍ର କରାଯାଇଛି।

ପ୍ରଶ୍ନପତ୍ର ସୁରକ୍ଷିତ ଭାବେ ରଖିବାକୁ ୮ ନୋଡାଲ ସେଣ୍ଟର ହୋଇଛି। ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ହାଇସ୍କୁଲ, ସୁଲକ୍ଷଣା ଦେବୀ ବାଳିକା ହାଇସ୍କୁଲ, ହିନ୍ଦୋଳ ହାଇସ୍କୁଲ, ଗଁଦିଆ ହାଇସ୍କୁଲ, କାମାକ୍ଷାନଗର ସାରଙ୍ଗଧର ହାଇସ୍କୁଲ, ଭୁବନ ସରକାରୀ ବାଳିକା ହାଇସ୍କୁଲ, ଗଡ଼ପଳାଶୁଣୀ ବାପୁଜୀ ଉଚ୍ଚ ବିଦ୍ୟାଳୟ, ପରଜଙ୍ଗ ମହେଶ୍ଚନ୍ଦ୍ର ସୁବାହୁସିଂହ ବିଦ୍ୟାପୀଠରେ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ରହିବ। ୧୯ରୁ ପରୀକ୍ଷା ଆରମ୍ଭ ହେଉଛି। ପ୍ରଥମ ଦିନ ଛାତ୍ରୀଛାତ୍ର ମାତୃଭାଷା ଓଡ଼ିଆ ବିଷୟରେ ପରୀକ୍ଷା ଦେବେ। ଗତବର୍ଷ ପ୍ରଶ୍ନପତ୍ର ଭାଇରାଲ ଏବଂ କପିକୁ ନେଇ ସମାଲୋଚନାର ଶିକାର ହୋଇଥିଲା ଜିଲା ଶିକ୍ଷା ବିଭାଗ। ଚଳିତ ବର୍ଷ ଏହାକୁ ରୋକିବାକୁ ଜୋର୍ ଦିଆଯାଇଛି। ଗତବର୍ଷ ୨ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ଭାଇରାଲ ଏବଂ ବ୍ୟାପକ କପି ହୋଇଥିବା ଅଭିଯୋଗ ହୋଇଥିଲା। ଚଳିତବର୍ଷ ଉକ୍ତ ଦୁଇ କେନ୍ଦ୍ରକୁ ହଟାଇ ଦିଆଯାଇଛି। ପ୍ରତିବଦଳରେ ଅଧିକ ୩ କେନ୍ଦ୍ର କରାଯାଇଛି। କୌଣସି କାରଣରୁ କେନ୍ଦ୍ର ଆଖପାଖ ଅଞ୍ଚଳରେ ବିଶୃଙ୍ଖଳା ଦେଖାଦେଲେ ୧୪୪ ଧାରା ଜାରି କରାଯିବ। କପି ରୋକିବାକୁ ଶିକ୍ଷା ବିଭାଗ ପକ୍ଷରୁ ଅବଜର୍ଭର, ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ୩ ସ୍କାଡ୍ ବ୍ୟତୀତ କେନ୍ଦ୍ରୀୟ ଏବଂ ବୋର୍ଡ ପକ୍ଷରୁ ସ୍କାଡ୍ ମୁତୟନ ହେବେ। ପ୍ରଶ୍ନପତ୍ର ଭାଇରାଲରେ ଅଙ୍କୁଶ ଲଗାଇବାକୁ ପ୍ରଶ୍ନପତ୍ରରେ ଚିପ୍ସ ଲଗାଯାଇଛି। ସୁରକ୍ଷା ବ୍ୟବସ୍ଥା ଜଗିବାକୁ ଏସ୍‌ପି ଅନୁପମା ଜେମସ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪୩ ଅଫିସର, ୮ ହାବିଲଦାର, ୪୪ କନଷ୍ଟେବଲ, ୪୩ ଓଏପିଏଫ୍, ୧୧୯ ହୋମଗାର୍ଡ ନିୟୋଜିତ ହେବେ।

ଅପରପକ୍ଷେ ପରୀକ୍ଷା କେନ୍ଦ୍ର ସୁପରିଚାଳନା ଦାୟିତ୍ୱରେ ଥିବା ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଶନିବାର ଜିଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ତାଲିମ ଦିଆଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଉପସ୍ଥିତ ରହି ପରୀକ୍ଷାକୁ ଶୃଙ୍ଖଳିତ କରିବାକୁ ଆହ୍ୱାନ ଦେଇଛନ୍ତି। ଏ ସଂକ୍ରାନ୍ତରେ ଡିଇଓ ନିବେଦିତା ପାଣି କୁହନ୍ତି, ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ବିଭ୍ରାଟମୁକ୍ତ କରିବାକୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଆବଶ୍ୟକସ୍ଥଳେ ୧୪୪ ଧାରା ଜାରି କରାଯିବ।

# 'ଜନତାଙ୍କ ସମସ୍ୟା ସହ ଜଡ଼ିତ ରୁହ'


କର୍ମଶାଳାରେ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ,୧୫।୨**

**ଭାଜପା ସାଙ୍ଗଠନିକ କର୍ମଶାଳା**
- ବୁଥ୍‌ସ୍ତରରୁ ଭୋଟରଙ୍କୁ ସାମିଲ କରିବାକୁ ଆହ୍ୱାନ
- ନ୍ୟାଯ୍ୟ ଦାବି ହାସଲରେ ନେତୃତ୍ୱ ନେବାକୁ ପରାମର୍ଶ

ଢେଙ୍କାନାଳ ଜିଲା ଭାଜପାର ସାଙ୍ଗଠନିକ କର୍ମଶାଳା ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସଙ୍ଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା ପାଇଁ ବୁଥ୍‌ସ୍ତରରୁ ଅତିକମ୍‌ରେ ଏକ ତୃତୀୟାଂଶ ଭୋଟରଙ୍କୁ ଦଳରେ ସାମିଲ କରିବାକୁ ସେ ଜିଲା ନେତୃତ୍ୱଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ପ୍ରତି କାର୍ଯ୍ୟରେ ସାମିଲ କରିବା, ଜନସାଧାରଣଙ୍କ ସମସ୍ୟା ସହିତ ଜଡ଼ିତ ରହିବା, ନ୍ୟାଯ୍ୟ ଦାବି ହାସଲରେ ନେତୃତ୍ୱ ନେବା, ଜିଲାର ପ୍ରତିମଣ୍ଡଳରେ ଏପରି କର୍ମଶାଳା ଆୟୋଜନ କରିବାକୁ ସାଧାରଣ ସମ୍ପାଦକ ଗୁରୁତ୍ୱାରୋପ କରିଛନ୍ତି।

ଜିଲା ଉପସଭାପତି ନବକିଶୋର ଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ବିଭୂତି ଭୂଷଣ ପ୍ରଧାନ, କୃଷ୍ଣଚନ୍ଦ୍ର ପାତ୍ର, ଶତ୍ରୁଘ୍ନ ଜେନା, ସୁନୀଲ ଶର୍ମା, ରାମଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହି ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରେମାନନ୍ଦ ଜେନା, ମାତୃପ୍ରସାଦ ନନ୍ଦ, କମିଳିନୀ ମହାନ୍ତି, ପବିତ୍ର ବିଶ୍ୱାଳ, ଧର୍ମାନନ୍ଦ ସେନାପତି, ଚନ୍ଦନ ମହାନ୍ତି, ଅଜୟ କୁମାର ଭଞ୍ଜଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲା ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଲେଙ୍କା ଧନ୍ୟବାଦ ଦେଇଥିଲେ।

# କ୍ଷତିଗ୍ରସ୍ତଙ୍କ ସମସ୍ୟା ପ୍ରତି ଯତ୍ନବାନ ହୁଅ


ବୈଠକରେ କ୍ଷତିଗ୍ରସ୍ତ ପ୍ରଜା, ପ୍ରଶାସନ ଏବଂ କମ୍ପାନୀ ଅଧିକାରୀ।

**କାମାକ୍ଷାନଗର, ୧୫।୨(ଡି.ଏନ.ଏ.)**

- ଓଟିପିସିଏଲ୍‌କୁ ପ୍ରଶାସନର ପରାମର୍ଶ
- ବିସ୍ଥାପିତଙ୍କୁ ଆନୁଷଙ୍ଗିକ ସୁବିଧା ଯୋଗାଅ

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ପ୍ରସ୍ତାବିତ ଓଟିପିସିଏଲ୍ ପ୍ରକଳ୍ପ କ୍ଷତିଗ୍ରସ୍ତ, କମ୍ପାନୀ କର୍ତ୍ତୃପକ୍ଷ ଏବଂ ପ୍ରଶାସନର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଷତିଗ୍ରସ୍ତ ପ୍ରଜାଙ୍କ ସମସ୍ୟା ସମାଧାନ କରିବା ଦିଗରେ ଯତ୍ନବାନ ହେବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ପରାମର୍ଶ ଦେଇଛନ୍ତି। ପ୍ରକଳ୍ପ ଲାଗି ମରିଚାକଣ, ନୂଆଙ୍ଗବିଲ ଗ୍ରାମର ଶତାଧିକ ଗ୍ରାମବାସୀ କ୍ଷତିଗ୍ରସ୍ତ ହେବେ। କମ୍ପାନୀ ପକ୍ଷରୁ ଅଦ୍ୟାବଧି କୌଣସି କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଉପସ୍ଥିତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। କ୍ଷତିଗ୍ରସ୍ତ ପ୍ରଜା ଆହୁରି ମଧ୍ୟ କହିଛନ୍ତି ଯେ, ପ୍ରସ୍ତାବିତ ପ୍ରକଳ୍ପ ପାଇଁ କମ୍ପାନୀ ଜମି ଅଧିଗ୍ରହଣ କରିଛି। ହେଲେ ପ୍ରକଳ୍ପର କୌଣସି ଅଗ୍ରଗତି ହେଉନାହିଁ। ଓଲଟି କମ୍ପାନୀ ଲୋକଙ୍କ ଚାଷ ଜମି, କୂଅ, ପୋଖରୀ ସମେତ ଅନ୍ୟ ଜଳଉତ୍ସକୁ ସମତଳ କରିଦେଇଛି। ଫଳରେ ଅଞ୍ଚଳବାସୀଙ୍କ ସମେତ ଗୃହପାଳିତ ପ୍ରାଣୀ ପାଣି ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରକଳ୍ପ ନିର୍ମାଣ ପୂର୍ବରୁ ଗ୍ରାମକୁ ରାସ୍ତା, ଉନ୍ନତମାନର ବିସ୍ଥାପିତ କଲୋନୀ ନିର୍ମାଣ, ଉନ୍ନୟନମୂଳକ କାର୍ଯ୍ୟରେ ଗ୍ରାମବାସୀଙ୍କୁ ଯୋଡ଼ିବା, ଏଥିରେ ତହସିଲ ପ୍ରଶାସନକୁ ସାମିଲ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ତହସିଲଦାର ସଞ୍ଜୟ କୁମାର ରାଉତ, ଓଟିପିସିଏଲ୍ ସିଇଓ ଭବାନୀ ଶଙ୍କର ପଣ୍ଡା, ଜମି ଅଧିଗ୍ରହଣ ଅଧିକାରୀ କବିରାଜ ବରାଡ଼, ସହକାରୀ ଜମି ଅଧିଗ୍ରହଣ ଅଧିକାରୀ ଶରତ ଚନ୍ଦ୍ର ସାହୁ, ଡିଭିଜନାଲ ଇଞ୍ଜିନିୟର ଇଂ. ରଶ୍ମିରଞ୍ଜନ କାମିଲା, ତୁମୁସିଙ୍ଗା ଥାନାଧିକାରୀ ଆନନ୍ଦ ଚନ୍ଦ୍ର ଡୁଙ୍ଗଡୁଙ୍ଗ, ପଣ୍ଡୁଆ ଫାଣ୍ଡି ଅଧିକାରୀ ଶ୍ୱେତପଦ୍ମା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ ମାମଲା: ୨ ଅଭିଯୁକ୍ତ ଗିରଫ

**କାମାକ୍ଷାନଗର, ୧୫।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବିଦ୍ୟୁତ୍ ଅଫିସ ଛକ ନିକଟରେ ଥିବା କାନାରା ବ୍ୟାଙ୍କ ଏଟିଏମ୍ ଭାଙ୍ଗି ଗତ ୫ତାରିଖ ରାତିରେ ଲୁଟ୍ ଉଦ୍ୟମ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୨ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ କଙ୍କଡାହାଡ଼ ଥାନା ଡଙ୍ଗାପାଳ ଗ୍ରାମର ରଶ୍ମିରଞ୍ଜନ ମହାନ୍ତ ଓରଫ୍ ନୀର ଏବଂ କାମାକ୍ଷାନଗର ଥାନା ଜଳଧରପୁର ଗ୍ରାମର ଅଜୟ ପାତ୍ର। ପୋଲିସ ଏଟିଏମ୍ ଭାଙ୍ଗିବାରେ ବ୍ୟବହୃତ ଟାଙ୍ଗିଆ ଏବଂ ମୁଖା ଜବତ କରିଛି। ଏଥିପୂର୍ବରୁ ଉଭୟେ କଙ୍କଡ଼ାହାଡ଼ରେ ଥିବା ଏକ ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ କାମାକ୍ଷାନଗର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ସୂଚନା ଦେଇଛନ୍ତି। ଥାନାଧିକାରୀ ଅଭିନବ ଡାଲୁଆଙ୍କ ସମେତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।



# ମଧୁସ୍ମିତା, ସୁଚିତ୍ରା ଚାମ୍ପିୟନ


ବାର୍ଷିକ ଉତ୍ସବରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୫।୨**

ଢେଙ୍କାନାଳ ସଦର ବ୍ଲକ ଡେରାସିଂହ ଉପ୍ରା ବିଦ୍ୟାଳୟର ଦୁଇଦିନିଆ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିରାକାର ବେହେରାଙ୍କ ଅଧ୍ୟକ୍ଷତାରେ ସରପଞ୍ଚ ମାୟାଧର ମହାଲିକ, କମିଟି ସଭାପତି ସୁଫଳା ବରାଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କନିଷ୍ଠ ବିଭାଗରେ ମଧୁସ୍ମିତା ସ୍ୱାଇଁ, ବରିଷ୍ଠ ବିଭାଗରେ ସୁଚିତ୍ରା ବରାଳ ଚାମ୍ପିୟନ ହୋଇଛନ୍ତି।

ଅନ୍ୟ ବିଭାଗରେ ସଞ୍ଜୀବ ବେହେରା, ବାପୁନ ବେହେରା, ପ୍ରଶାନ୍ତ ନାଏକ, ଋତୁପର୍ଣ୍ଣା ସ୍ୱାଇଁ, ଆକାଶ ସ୍ୱାଇଁ, ସନ୍ଧ୍ୟାରାଣୀ ନାୟକ, ରିସ୍ମାରାଣୀ ପରିଡ଼ା, ପୂଜା ସେଠୀ, ଜ୍ୟୋତିର୍ମୟୀ ବରାଳ, ଅସିତ ନାଏକ, ସୁଭଦ୍ରା ନାୟକ, ଦିବ୍ୟକାନ୍ତ ପ୍ରଧାନ, ମହେଶ୍ୱତା ମହାନ୍ତି, ସଙ୍ଗୀତା ବରାଳ, ପାର୍ଥସାରଥି ପାଣି, ସୋନାଲି ବରାଳ, ଚନ୍ଦ୍ରଶେଖର ନାୟକ, ପୂଜା ନାୟକ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଇଓ ନିତ୍ୟାନନ୍ଦ ବାରିକ, ସମ୍ମାନିତ ଅତିଥି ଏବିଇଓ ମଧୁସୂଦନ ଷେଣ୍ଡ, ଶଙ୍କରପୁର ସିଆର୍‌ସିସି ବୈରାଗୀ ସେଠୀ, ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ସୁବ୍ରତ ଦାସ, ଅଚ୍ୟୁତାନନ୍ଦ ସାହୁ, ପବିତ୍ରମୋହନ ଦାସ, ସୂର୍ଯ୍ୟକାନ୍ତ ସାହୁ, ଶିକ୍ଷୟିତ୍ରୀ ମୋନାଲିସା ନାୟକ, ମନୋରମା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମଣ୍ଡିରେ ଅବ୍ୟବସ୍ଥା, ତାତିଲେ ଚାଷୀ

**କାମାକ୍ଷାନଗର, ୧୫।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ମଣ୍ଡିରେ ଅବ୍ୟବସ୍ଥାକୁ ନେଇ ଶନିବାର ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ଚାଷୀମାନେ ଡାକଘର ଛକରେ ୫୩ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ।

ଆଳତୁମା, କାନପୁରା ଏବଂ ଗୁଣ୍ଡିଚାନାଳୀ ଅଞ୍ଚଳର ଟୋକନଧାରୀ ଚାଷୀଙ୍କ ଧାନ କିଣିବାକୁ ଶନିବାର ଧାର୍ଯ୍ୟ କରାଯାଇଥିଲା। ଚାଷୀମାନେ ମଣ୍ଡିକୁ ଧାନ ନେଇ ଆସିବା ବେଳକୁ ସମବାୟ ସମିତି ପକ୍ଷରୁ ଟୋକନ କଟି ଯାଇଥିବା କୁହାଯାଇଥିଲା। ଏହାକୁ ନେଇ ଚାଷୀମାନେ ତାତିଥିଲେ। ସେମାନେ ଏକାଠି ହୋଇ ଏନ୍‌ଏଚ୍‌ରେ ଧାନବସ୍ତା ରଖି ପୂର୍ବାହ୍ନ ୮ଟାରୁ ୯ଟା ଯାଏ ଆନ୍ଦୋଳନ କରିଥିଲେ। ଫଳରେ ଯାଜପୁର-କାମାକ୍ଷାନଗର-ତାଳଚେର-ଅନୁଗୋଳକୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସେବା ସମବାୟ ସମିତି କର୍ତ୍ତୃପକ୍ଷ ଧାନ ନେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

ଏ ନେଇ ସମିତି ସମ୍ପାଦକ ସମୀର କୁମାର ରାଉତ କୁହନ୍ତି, ୪୪୦ରୁ ୪୯୬ ଟୋକନଧାରୀ ଚାଷୀଙ୍କ ପାଖରୁ ଧାନ ଦେବାକୁ ମେସେଜ୍ ଆସିଥିଲା। ହେଲେ ସମବାୟ ସମିତି କର୍ତ୍ତୃପକ୍ଷଙ୍କୁ ଏ ନେଇ କୌଣସି ସୂଚନା ଆସିନାହିଁ। ଧାନ ବିକ୍ରି କଲେ ସେମାନେ ଟଙ୍କା ପାଇବାରେ ସମସ୍ୟା ଉପୁଜିବା ଆଶଙ୍କା ରହିଛି। ତେଣୁ ଚାଷୀଙ୍କଠାରୁ ଧାନ କିଣିବାକୁ ବାରଣ କରାଯାଇଥିଲା। ଏହାକୁ ନେଇ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଉପରୁ ଯାହା ନିର୍ଦ୍ଦେଶ ଆସିବ ତଦନୁଯାୟୀ କାର୍ଯ୍ୟ କରାଯିବ। ଉପଖଣ୍ଡ ଯୋଗାଣ ଅଧିକାରୀ ସଞ୍ଜୟ କୁମାର ସାହୁ କୁହନ୍ତି, ଚାଷୀଙ୍କ ଧାନ କିଣାଯିବ। କିଛି ଚାଷୀଙ୍କ ଟୋକନ ଆସିଛି। ବାକି ଚାଷୀଙ୍କ ଧାନ ରଖାଯିବା ବ୍ୟବସ୍ଥା କରାଯାଇଛି।



ଚାଷୀମାନେ ଧାନବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି।

# ସାମ୍ବାଦିକତାରେ ବିଚାରଶକ୍ତି ଗୁରୁତ୍ୱପୂର୍ଣ୍ଣ



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ।

**ଆଇଆଇଏମ୍‌ସିରେ ଆଲୁମ୍ନାଏ ମିଟ୍**

**ଢେଙ୍କାନାଳ ଅଫିସ, ୧୫।୨**

ସାମ୍ବାଦିକତା ବୃତ୍ତିରେ ସାଧାରଣ ବିଚାରଶକ୍ତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ସମୟରେ ଡିଜିଟାଲ ମିଡିଆର ବହୁଳ ପ୍ରଚଳନ ଆହ୍ୱାନ ପାଲଟିଛି। ତେଣୁ ସାମ୍ବାଦିକତା ବୃତ୍ତିଧାରୀଙ୍କ ଡିଜିଟାଲ ଭାଷା ଉପରେ ଦଖଲ ରହିବା ନିହାତି ଜରୁରୀ ବୋଲି କହିଛନ୍ତି ବିଜିନେସ୍ ଷ୍ଟାଣ୍ଡାର୍ଡର ବରିଷ୍ଠ ସାମ୍ବାଦିକ ଏସ୍ ସୁଦର୍ଶନ। ଢେଙ୍କାନାଳସ୍ଥିତ ଆଇଆଇଏମ୍‌ସିରେ ଶନିବାର ଆୟୋଜିତ ଅଲୁମ୍ନାଏ ମିଟ୍‌ରେ ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ସେ ଛାତ୍ରୀଛାତ୍ରଙ୍କୁ ଏପରି ପରାମର୍ଶ ଦେଇଛନ୍ତି।

ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ କହିଲେ, ଶିକ୍ଷା ସମାପ୍ତ ପରେ ଶିକ୍ଷାର୍ଥୀମାନେ ଶିକ୍ଷାନୁଷ୍ଠାନ ସହ ଯୋଡ଼ି ରହିବା ଆବଶ୍ୟକ। ଏହାଦ୍ୱାରା ଉତ୍ତମ ସମ୍ପର୍କ ଗଢ଼ିହେବ। ଆୟୋଜକ ସମ୍ପାଦକ ରୀତେଶ ବର୍ମା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

ଏହି ଅବସରରେ ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମ ଛାତ୍ରୀ ସୋନାଲି ଓଝାଙ୍କୁ ସଂଯୁକ୍ତା-ସୌଦାମିନୀ ସ୍ମାରକୀ ଆଇଆଇଏମ୍‌ସିଏଏ ବୃତ୍ତି, ଆରତୀ ବେହେରାଙ୍କୁ ଆଇଆଇଏମ୍‌ସିଏଏ ଛାତ୍ରୀ ବୃତ୍ତି, ଇଂଲିଶ ସାମ୍ବାଦିକ ପାଠ୍ୟକ୍ରମ ଛାତ୍ରୀ ପ୍ରାଚୀ ରାଠିଙ୍କୁ ଏସ୍‌ଟିଏସ୍ ଥିରୁମାଲାଇନାଥନ୍ ପୋନାମାଲ ସ୍ମାରକୀ ଆଇଆଇଏମ୍‌ସିଏଏ ବୃତ୍ତି, ଛାତ୍ର ଅଭିଷେକ ଶର୍ମାଙ୍କୁ ମହାପେରୀୟାହୋ ସ୍ୱାମୀ ଚନ୍ଦ୍ରଶେଖରେନ୍ଦ୍ର ସରସ୍ୱତୀ ସ୍ମାରକୀ ଆଇଆଇଏମ୍‌ସିଏଏ ବୃତ୍ତି ପ୍ରଦାନ କରାଯାଇଥିଲା। ବୃତ୍ତି ବାବଦକୁ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ୨୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଉନ୍ନୟନମୂଳକ ସାମ୍ବାଦିକତା କ୍ଷେତ୍ରରେ ସଂସ୍ଥାନର ୨୦୧୩-୧୪ ଶିକ୍ଷାବର୍ଷର ଛାତ୍ର କିଷାନ ବରାଇଙ୍କୁ ସ୍ୱତନ୍ତ୍ର ଜୁରି ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ଛାତ୍ରୀ ପ୍ରାଚୀ ରାଠିଙ୍କୁ ପ୍ରଫେସର କେ.ଏମ୍. ଶ୍ରୀବାସ୍ତବ ସ୍ମାରକୀ ପୁରସ୍କାର, ଅନୁରାଧା ବାରିକଙ୍କୁ ପ୍ରଫେସର ଚିନ୍ତାମଣି ମହାପାତ୍ର ସ୍ମାରକୀ ପୁରସ୍କାର ଏବଂ ଅଙ୍କିତା ସାମଲଙ୍କୁ ପ୍ରଫେସର ବିବି ମହାନ୍ତି ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଛି। ସଙ୍ଗଠନର ଓଡ଼ିଶା ଚାପ୍ଟର ସଭାପତି ସଞ୍ଜୟ ସାହୁ ସ୍ୱାଗତ ଭାଷଣ ଏବଂ ସହକାରୀ ପ୍ରଫେସର ସମ୍ବିତ୍ ପାଲ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

**ରାଇରଙ୍ଗପୁର,୧୫।୨(ଡି.ଏନ୍.ଏ.):** ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡ଼ଚମ୍ପାଉଦା ଗ୍ରାମରେ ଶନିବାର ଜଣେ ମହିଳା ତାଙ୍କ ୩ ବର୍ଷର ଶିଶୁପୁତ୍ରକୁ ଧରି ପୋଖରୀରେ ଗାଧୋଇବା ବେଳେ ଶିଶୁପୁତ୍ର ପାଣିରେ ପଶିଯାଇଥିଲା। ଅସାବଧାନତାବଶତଃ ଶିଶୁପୁତ୍ର ଜଣକ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛି। ଖବରପାଇ ପୋଲିସ ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ. ୩/୨୦୨୦) ରୁଜୁ କରାଯାଇଛି।

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଯୋଡ଼ା ୧୫।୨(ଡି.ଏନ.ଏ.)-** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଗଡୁଆଟୋପା ରାସ୍ତାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। କାଳିଆପାଳ ଗ୍ରାମର ଗୁରା ମୁଣ୍ଡା(୨୫) ନାମକ ଜଣେ ଯୁବକ ଶୁକ୍ରବାର କଣ୍ଡରାପଶି ହାଟରୁ ନିଜ ଘର ଅଭିମୁଖେ ଯାଉଥିବା ବେଳେ ରାସ୍ତାରେ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇଥିଲା। ପରିବାର ଲୋକେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କେନ୍ଦୁଝର ଡାକ୍ତରଖାନାକୁ ନେଇଥିଲେ ହେଁ, ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ୫ ନିର୍ବାଚନମଣ୍ଡଳୀରେ ୯,୫୭,୦୯୨ ମତଦାତା



ଜିଲାପାଳଙ୍କ କୋର୍ଟ ରୁମ୍‌ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଉଛି।

## ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର ତାଲିକା

**ଅନୁଗୋଳ ଅଫିସ୍, ୧୫।୨**

ଅନୁଗୋଳ ଜିଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ୧୧୬୩ଟି ମତଦାନ କେନ୍ଦ୍ରର ଚୂଡ଼ାନ୍ତ ଭୋଟର ତାଲିକା ଶନିବାର ପ୍ରକାଶ ପାଇଛି। ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଧାର୍ଯ୍ୟ ହୋଇଥିବା ସମୟରେ ଜିଲାପାଳ ମନୋଜ କୁମାର ମହାନ୍ତି କୋର୍ଟ ରୁମ୍‌ଠାରେ ଚୂଡ଼ାନ୍ତ ଭୋଟର ତାଲିକାକୁ ଆନୁଷ୍ଠାନିକ ଭାବେ ପ୍ରଦର୍ଶିତ କରିବା ସହ ଏହାକୁ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରିଛନ୍ତି। ଆସନ୍ତା ପୌରନିର୍ବାଚନ ପୂର୍ବରୁ ସହରାଞ୍ଚଳର ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ଓ ବାଦ ପ୍ରକ୍ରିୟାକୁ ତୁରନ୍ତ ସାରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କେହି ଜଣେ ଯେପରି ମତଦାନରୁ ବାଦ ନ ପଡ଼ନ୍ତି ସେଥିପାଇଁ ବିଭାଗୀୟ ଅଧିକାରୀ ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି।

ଜିଲା କଲ ସେଣ୍ଟରରେ ନିଃଶୁଳ୍କ ନମ୍ବର ୧୯୫୦ ମାଧ୍ୟମରେ ମତଦାତାମାନଙ୍କର ବିଭିନ୍ନ ଆପତ୍ତି ଓ ଦାବିଗୁଡ଼ିକୁ ତୁରନ୍ତ ସମାଧାନ କରିବା ସହ ଯଦି କାହାର ନାମ ଭୁଲଥାଏ ତେବେ ତୁରନ୍ତ ଏହି ନମ୍ବରରେ ଯୋଗାଯୋଗ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଚଳିତ ବର୍ଷ ଫଟୋ ପରିଚୟ ପତ୍ରରେ ରଙ୍ଗୀନ ଫଟୋ ଲଗାଯାଇ ମତଦାତାମାନଙ୍କୁ ପରିଚୟ ପତ୍ର ଦିଆଯିବ। ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକାରେ ୯ ଲକ୍ଷ ୫୭ ହଜାର ୯୨ ଜଣ ମତଦାତା ଅଛନ୍ତି। ଏଥିରେ ପୁରୁଷ ମତଦାତା ୪ ଲକ୍ଷ ୯୮ ହଜାର ୪୦୨, ମହିଳା ମତଦାତା ୪ ଲକ୍ଷ ୫୮ ହଜାର ୬୪୩ ଓ ଅନ୍ୟାନ୍ୟ ମତଦାତାଙ୍କ ସଂଖ୍ୟା ୪୭ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତବର୍ଷ ସେପ୍ଟେମ୍ବର ମାସ ଡ୍ରାଫ୍ଟ ପ୍ରକାଶନ ସମୟରେ ମତଦାତାଙ୍କ ସଂଖ୍ୟା ୯ ଲକ୍ଷ ୫୪ ହଜାର ୪୨୩ ଥିଲା। ସମୁଦାୟ ୧୪ ହଜାର ୫୫୧ ଜଣଙ୍କ ନାମ ଏହି ଭୋଟର ତାଲିକାରେ ଯୋଗ କରାଯାଇଥିବାବେଳେ ୧୧ ହଜାର ୯୮୩ ଜଣଙ୍କ ନାମ ବାଦ ଦିଆଯାଇଛି। ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଡେପୁଟି କଲେକ୍ଟର (ନିର୍ବାଚନ) ଲମ୍ବୋଦର ମାରାଣ୍ଡି, ଆଠମଲ୍ଲିକ ତହସିଲଦାର ଡ. ସ୍ୱରୂପା ନନ୍ଦ ସାହୁଙ୍କ ସମେତ ବିଜେଡି ପ୍ରତିନିଧି ପ୍ରିୟଦର୍ଶୀ ପଟ୍ଟନାୟକ, ଭାରତୀୟ ଜାତୀୟ କଂଗ୍ରେସର ଶିବାନୀ ଶଙ୍କର ଗୌଡ଼, ଭାଜପାର ଓ ବିଏସ୍‌ପିର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ବୁଢ଼ାପଙ୍କରେ ଦନ୍ତ ଚିକିତ୍ସା ଶିବିର


ଜଣେ ଛାତ୍ରୀଙ୍କୁ ଔଷଧ ପ୍ରଦାନ କରାଯାଉଛି।

**ବଅଁରପାଳ, ୧୫।୨ (ଡି.ଏନ୍.ଏ.)**

ବଅଁରପାଳ ବ୍ଲକ ବୁଢ଼ାପଙ୍କ ଉ.ପ୍ରା. ବିଦ୍ୟାଳୟ ପରିସରରେ ସାମଲ କେୟାର ପକ୍ଷରୁ ଗୁରୁବାର ଏକ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସାମଲ କେୟାର ନିର୍ଦ୍ଦେଶକ ଡକ୍ଟର କୁମାର ଗୌରବ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦନ୍ତ ବିଶେଷଜ୍ଞ ଡାକ୍ତର ସୁଚିସ୍ମିତା ସାମଲ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦାନ୍ତର ସୁରକ୍ଷା ଓ କେଉଁ କେଉଁ ଖାଦ୍ୟ ଖାଇଲେ ଦାନ୍ତ ସୁସ୍ଥ ରହିବ ସେ ବିଷୟରେ ଡାକ୍ତରମାନେ ପରାମର୍ଶ ଦେଇଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ସମେତ ଗ୍ରାମବାସୀ ଯୋଗଦେଇ ଦାନ୍ତ ପରୀକ୍ଷା କରାଇଥିଲେ। ମ୍ୟାନେଜର ଲଳିତମୋହନ ନାୟକ ଧନ୍ୟବାଦ ଦେଇଥିଲେ।

# ‘ମା’ବାପା ସଭିଙ୍କ ପାଇଁ ଉପହାର’

**ଅନୁଗୋଳ ଅଫିସ୍, ୧୫।୨**

## ଜେସିଆଇ ପକ୍ଷରୁ ମାତୃ ପିତୃ ଦିବସ ପାଳିତ



ଜେସିଆଇ ପକ୍ଷରୁ ମାତୃପିତୃ ଦିବସ ପାଳନ କରାଯାଇଛି।

ଅନୁଗୋଳ ସହର ଉପକଣ୍ଠ ଗାନ୍ଧୀମାର୍ଗ ସ୍ଥିତ ରାଣୀ ସତୀ ଦାଦି ମନ୍ଦିରଠାରେ ଜୁନିୟର ଚାମ୍ବର୍ସ ଇଣ୍ଟରନ୍ୟାଶନାଲ (ଜେସିଆଇ) ଅନୁଗୋଳ ଶାଖା ପକ୍ଷରୁ ଶୁକ୍ରବାର ମାତୃପିତୃ ଦିବସ ପାଳିତ ହୋଇଯାଇଛି। ଏଥିରେ ଜେସିଆଇର ପ୍ରାୟ ୧୧୦ରୁ ଊର୍ଦ୍ଧ୍ୱ ସଦସ୍ୟ ଏକାଠି ହୋଇଥିଲେ। ସମସ୍ତଙ୍କ ପାଇଁ ମା ଓ ବାପା ଭଗବାନଙ୍କର ଏକ ଉପହାର ସଦୃଶ। ସେମାନଙ୍କ ଜାଗା କେହି ପୂରଣ କରିପାରିବେ ନାହିଁ ବୋଲି ଏହି ଅବସରରେ ଅତିଥିମାନେ ମତ ପ୍ରକାଶ କରିଥିଲେ। ଜେସିଆଇର ସଦସ୍ୟମାନେ ମାତା ଓ ପିତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ ଏକତ୍ରିତ ହୋଇ ମଧ୍ୟାହ୍ନ ଭୋଜନ କରିଥିଲେ। ଜେସି ବବିତା ଅଗ୍ରୱାଲ ଓ ନିର୍ମଳା ଅଗ୍ରୱାଲ, ପ୍ରକଳ୍ପ ନିର୍ଦ୍ଦେଶକ ନିଖିଲ ଅଗ୍ରୱାଲ, କୋ-ପ୍ରୋଜେକ୍ଟ ଡାଇରେକ୍ଟର ରାହୁଲ ଅଗ୍ରୱାଲ ଓ ଜେସିଆଇ ଅନୁଗୋଳ ଶାଖାର ସଭାପତି ଅମନ ଶୁକ୍ଳା, ସମ୍ପାଦକ ନୀତିନ ଗର୍ଗଙ୍କ ସହଯୋଗରେ ଏହି ଦିବସ ପାଳନ କରାଯାଇଥିଲା।

# ବଳଦ ଚାଲାଣ: ଅଭିଯୁକ୍ତ ଗିରଫ

**ବେତନଟୀ, ୧୫।୨ (ଡି.ଏନ.ଏ)**

ବେତନଟୀ ଥାନା ଅଧୀନ କେଶିପୁର ଫାଣ୍ଡି ନିକଟରେ ଶନିବାର ଏକ ପିକ୍‌ଅପ୍‌ରେ ବଳଦ ଚାଲାଣ ବେଳେ ପୋଲିସ ଗାଡ଼ି ଜବତ କରିଛି। ଏଥିସହ ପୋଲିସ ଜଣେ ଚାଲାଣକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାଁ ସୂର୍ଯ୍ୟକାନ୍ତ ରାଉତ। ଉକ୍ତ ଗାଡ଼ିରୁ ୮ ବଳଦଙ୍କୁ ଉଦ୍ଧାର କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୯/୨୦) ରୁଜୁ ହୋଇଛି। ଗାଡ଼ି ଚାଳକ ଫେରାର ଥିବା ପୋଲିସ ସୂଚନା ଦେଇଛି।

ଆଜି କ’ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ହାଇସ୍କୁଲ ପଡ଼ିଆ ହେବ ମିନିଷ୍ଟାଡିୟମ


ବାର୍ଷିକ ଉତ୍ସବ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

**ବଅଁରପାଳ, ୧୫।୨(ଡି.ଏନ.ଏ.)**

ବଅଁରପାଳ ପିବିକେ ହାଇସ୍କୁଲର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ପ୍ରଫେସର ଉଦୟ ନାଥ ବେହେରା, ସମ୍ମାନିତ ଅତିଥି ଭାବେ ବଅଁରପାଳ ବ୍ଲକ ଅଧ୍ୟକ୍ଷ ଅଞ୍ଜଳି ଭୋଇ ଓ ବ୍ଲକ ଶିକ୍ଷା ଅଧିକାରୀ ଲଳିତ ମୋହନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୋ ସ୍କୁଲ ଅଭିଯାନର ଅଧ୍ୟକ୍ଷ ସତ୍ୟବାନ ବରାହ ସ୍କୁଲ ପରିଚାଳନା କମିଟିର ପ୍ରତାପ ନାୟକ, ସରପଞ୍ଚ ଫକୀର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଅରୁଣ୍ଣୀ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ କମଳକାନ୍ତ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖ୍ୟ ଫାଟକ ଓ ଏଟିଏଲ ଲବୋରେଟୋରିକୁ ମୁଖ୍ୟଅତିଥି ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଖେଳ ପଡିଆକୁ ଏକ ମିନି ଷ୍ଟାଡିୟମ ଭାବେ ତିଆରି କରିବା ସହ ଏକ ସାଇକେଲ ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ଅତିଥିମାନେ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ପରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ବୃନ୍ଦାବନ ସାହୁ, ବୀରେନ୍ଦ୍ର ମହାନ୍ତି, ଜୟରାମ ମିଶ୍ର, ସୁନୀଲ ସାହୁ, ସଂଗ୍ରାମ ମହାନ୍ତି, ହେମନ୍ତ ସାହୁ, ପ୍ରୀତିଲତା ମହାନ୍ତି, ରଶ୍ମି ଦେବୀ, ଅନିତା ବେହେରା ସନ୍ତୋଷ ବାରିକଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

**ବଇଣ୍ଡା,୧୫।୨(ଡି.ଏନ.ଏ.)**


କାର୍ଯ୍ୟକ୍ରମରେ ଉପସ୍ଥିତ ଅଭିଭାବିକାମାନେ।

କିଶୋରନଗର ବ୍ଲକ ବଇଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଭିଭାବିକା ଲିପିକା ସାହୁ, ମୁଖ୍ୟବକ୍ତା ଭାବେ ବଇଣ୍ଡା ସଙ୍କୁଳ ସଂଯୋଜକ ରବୀନ୍ଦ୍ରନାଥ ଜେନା ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶିଶୁ ବାଟିକା ପ୍ରମୁଖ ଅନ୍ନପୂର୍ଣ୍ଣା ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ୨୦ ଜଣ ଅଭିଭାବିକା ଯୋଗ ଦେଇଥିଲେ। ଶୁଭଶ୍ରୀ ରାଉଳ, ମମତା ସ୍ୱାଇଁ, ଗୋଲାପ ସ୍ୱାଇଁ, ବାପୁଜୀ ଦେହୁରୀ ସହଯୋଗ କରିଥିଲେ।

# ୫୦ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ

**ବଇଣ୍ଡା,୧୫।୨(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା ଯୁକ୍ତ ୨ କଲେଜରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିରଜକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଧଣ୍ଡାତୋପା ରେଞ୍ଜର ରାହସବିହାରୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ବିପଦ ସମୟରେ ନିଜକୁ କିପରି ସୁରକ୍ଷିତ ରଖିପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସରୋଜ ରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସନ୍ତୋଷ କୁମାର ପ୍ରଧାନ, ଚକ୍ରଧର ପ୍ରଧାନ, କୁବେର ସାହୁ, ସୋମନାଥ ଗଡ଼ନାୟକ, ପଞ୍ଚାନନ ସାହୁ ଉପସ୍ଥିତ ଥିଲେ। ସ୍ମିତାରାଣୀ ବିଷୋୟୀ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଏଥିରେ ବିଦ୍ୟାଳୟର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ତାଲିମ ନେଇଥିଲେ।


ଶିବିରରେ ଯୋଗଦେଇଥିବା ଛାତ୍ରୀମାନେ।

# ଏସ୍‌ଏଚ୍‌ଜିଙ୍କୁ ମତ୍ସ୍ୟ ଚାଷ ତାଲିମ


ତାଲିମ ନେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ।


**ଅନୁଗୋଳ ଅଫିସ୍, ୧୫।୨**

ଅନୁଗୋଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚଜି)ମାନଙ୍କ ଦ୍ୱାରା ପଞ୍ଚାୟତ ପୋଖରୀରେ ମାଛ ଚାଷ ସମ୍ବନ୍ଧୀୟ ବ୍ଲକସ୍ତରୀୟ ଏକ ଦୁଇ ଦିନିଆ ତାଲିମ ଶିବିର ଜିଲା ମତ୍ସ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉପ-ମତ୍ସ୍ୟ ନିର୍ଦ୍ଦେଶକ ଶାନ୍ତନୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ଅଧିକାରୀ ଗୁରୁଭା ସିଂ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ବସନ୍ତ କୁମାର ମଲ୍ଲିକଙ୍କ ଉପସ୍ଥିତିରେ ଏହି ଶିବିର ପରିଚାଳନା ହୋଇଥିଲା। ଅତିରିକ୍ତ ମତ୍ସ୍ୟ ଅଧିକାରୀ ବିଶ୍ୱଜିତ ଦାସ, ସହକାରୀ ମତ୍ସ୍ୟ ଅଧିକାରୀ ଲୋପାମୁଦ୍ରା ବେହେରା ପ୍ରକଳ୍ପ ଅଟକଳ, ସରକାରୀ ରିହାତି, ପୋଖରୀ ପରିଚାଳନା ଓ ଖତ ସାର ପ୍ରୟୋଗ ଉପରେ ବୈଷୟିକ ଜ୍ଞାନ ପ୍ରଦାନ କରିଥିଲେ। ଏହି ଶିବିରରେ ଅନୁଗୋଳ, ବଅଁରପାଳ, ଛେଣ୍ଡିପଦା, ତାଳଚେର ଓ କଣିହାଁ ବ୍ଲକର ୧୫ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଶନିବାର ସମସ୍ତ ପ୍ରଶିକ୍ଷାର୍ଥୀ କ୍ଷେତ୍ର ପରିଦର୍ଶନରେ କଙ୍କରେଇ ଗ୍ରାମର ବ୍ରଜବନ୍ଧୁ ସାହୁଙ୍କ ମତ୍ସ୍ୟ ଫାର୍ମକୁ ଯାଇ ପାଣିର ଗୁଣବତ୍ତା ପରୀକ୍ଷା, ପୋଖରୀରେ ପ୍ରାକୃତିକ ଖାଦ୍ୟର ଆକଳନ, ଖତ, ସାର, ଚୂନ ଓ ଖାଦ୍ୟ ପ୍ରୟୋଗ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ। ଏହା ବ୍ୟତୀତ ଅନୁଗୋଳ ସରକାରୀ ମତ୍ସ୍ୟ ଫାର୍ମକୁ ପରିଦର୍ଶନରେ ଯାଇ ହ୍ୟାଚେରି ପରିଚାଳନା ଓ ଯାଆଁଳ ପାଳନ ସମ୍ବନ୍ଧରେ ପ୍ରଶିକ୍ଷଣ ନେଇଥିଲେ।

# ସେବା ସମବାୟ ସମିତିରେ ପକାଇଲେ ତାଲା

**ବଇଣ୍ଡା,୧୫।୨(ଡି.ଏନ.ଏ.)**

## ଧାନ କିଣାରେ ଅବ୍ୟବସ୍ଥା


ସମବାୟ ସମିତି ଫାଟକରେ ତାଲା ପକାଯାଇଛି।

ଆଠମଲ୍ଲିକ ବ୍ଲକ ସାନହୁଲା ସେବା ସମବାୟ ସମିତିରେ ଧାନ କିଣାରେ ଅବ୍ୟବସ୍ଥା ଦେଖାଦେଇଛି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଅନେକ ଚାଷୀଙ୍କୁ ଧାନ କିଣାରେ ଅଣଦେଖା କରାଯାଉଥିବା ପ୍ରତିବାଦ କରି କେତେଜଣ ଚାଷୀ ଶନିବାର ସମବାୟ ସମିତିରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଚାଷୀମାନେ କହିଛନ୍ତି, ପେଢ଼ିପଥର, ସାନହୁଲା, କୁରୁମଟାବ, କୁର୍ତ୍ତିବାସପୁର ପଞ୍ଚାୟତ ଅଧୀନ ୩୧ ଗ୍ରାମର ଚାଷୀ ଏହି ସୋସାଇଟି ଉପରେ ନିର୍ଭରଶୀଳ। ପ୍ରତ୍ୟେକ ବର୍ଷ ଏଠାରେ ଚାଷୀମାନେ ଅମଳ କରିଥିବା ଧାନକୁ ବିକ୍ରି କରୁଥିବାବେଳେ ଚଳିତ ବର୍ଷ ୩୪୬ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକୃତ ହୋଇଛନ୍ତି। ଏପରିକି ଟୋକନ ମଧ୍ୟ ପାଇଛନ୍ତି। ହେଲେ ସେମାନେ ଧାନ ବିକ୍ରି କରିବାକୁ ସୋସାଇଟିକୁ ଆଣୁଥିବାବେଳେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଶନିବାର କେତେଜଣ ଚାଷୀଙ୍କ ଧାନ ଗ୍ରହଣ କରାଯିବ ନାହିଁ ବୋଲି ସୋସାଇଟି ପକ୍ଷରୁ କୁହାଯାଇଥିଲା। ପରେ ଚାଷୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଥିଲା। ସେମାନେ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଫଳରେ ଗଦା ହୋଇ ରହିଥିବା ଧାନ କିଣାଯାଇ ପାରି ନ ଥିଲା। ଖବରପାଇ ଆଠମଲ୍ଲିକ ବ୍ଲକ ଯୋଗାଣ ଅଧିକାରୀ ଇତିରଞ୍ଜନ ପାତ୍ର, ଠାକୁରଗଡ଼ ଥାନା ଆଇଆଇସି ଗବାକ୍ଷ ନାୟକ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କ ସହ ଆଲୋଚନା କରିବା ପରେ ଫାଟକ ଖୋଲା ଯାଇଥିଲା। ଏ ନେଇ ସୋସାଇଟି ସଭାପତି ପ୍ରଭାକର ପ୍ରଧାନ କହିଛନ୍ତି, କେତେଜଣ ଚାଷୀ ଟୋକନ କରି ନ ଥିବାବେଳେ ଧାନ ବିକ୍ରି ପାଇଁ କହିଥିଲେ। ବିନା ଟୋକନରେ ଧାନ କିଣାର ନିୟମ ନ ଥିବା କୁହାଯିବାରୁ ଉତ୍‌କ୍ଷିପ୍ତ ହୋଇ ସେମାନେ ତାଲା ପକାଇ ଦେଇଥିଲେ। ଯୋଗାଣ ଅଧିକାରୀ ଇତିରଞ୍ଜନ ପାତ୍ର କହିଛନ୍ତି, ଯେଉଁମାନେ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକୃତ କରିନାହାନ୍ତି ସେହି ଚାଷୀମାନେ ସମିତିରେ ତାଲା ପକାଇ ଦେଇଥିଲେ। ସେମାନଙ୍କୁ ଉପଜିଲାପାଳଙ୍କଠାରେ ଅଭିଯୋଗ କରିବା ପାଇଁ କୁହାଯାଇଛି।

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ: ଯୁବକ ଗିରଫ

**ବେତନଟୀ,୧୫।୨(ଡି.ଏନ.ଏ):** ବେତନଟୀ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ସେହି ଅଞ୍ଚଳର ଜଣେ ଯୁବକଙ୍କୁ ପୋଲିସ ଶନିବାର ଗିରଫ କରିଛି। ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୭/୨୦) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଯୁବକ ଜଣଙ୍କ ମହିଳାଙ୍କୁ ୮ ଦିନ ଧରି ପିଛା କରି ବିଭିନ୍ନ କଥା କହୁଥିଲେ। ଶନିବାର ସେ ତେଜରାତି ଦୋକାନକୁ ଆସିଥିବାବେଳେ ଏହି ଯୁବକ ଅସଦାଚରଣ କରିଥିଲେ। ସ୍ଥାନୀୟ ଲୋକେ ଆସିଯିବାରୁ ସେ ସେଠାରୁ ପଳାଇ ଯାଇଥିଲେ।

### ଏନ୍ଆର୍ଆଇ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ

**ଭଦ୍ରକ ଅଫିସ, ୧୫।୨:** ଆରଡ଼ି ଛକ ନିକଟସ୍ଥ ଏନ୍ଆର୍ଆଇ ସ୍କୁଲର ବାର୍ଷିକ ଉତ୍ସବ ସ୍ପନ୍ଦନ ସ୍କୁଲର ଅଧକ୍ଷ ନିତ୍ୟାନନ୍ଦ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଅଧକ୍ଷ ଜେନା ସ୍କୁଲର ବିବରଣୀ ପାଠ ସହିତ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶକ ଡ. ଦେବେନ୍ଦ୍ର ମାଝି ଯୋଗଦେଇ ପିଲାଙ୍କୁ ଶିକ୍ଷା ମନସ୍କ କରିବାରେ ଅଭିଭାବକ ଓ ଶିକ୍ଷକଙ୍କ ଯଥେଷ୍ଟ ଭୂମିକା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ଜୟନ୍ତ ବିଶ୍ୱାଳ ପିଲାଙ୍କ ଉନ୍ନତ ଚରିତ୍ର ଓ ଉଜ୍ଜ୍ୱଳ ଭବିଷ୍ୟତ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ଟ୍ୟାଲେଣ୍ଟ ସର୍ଚ୍ଚ ପରୀକ୍ଷାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲ ଚେୟାରମ୍ୟାନ ନରେନ୍ଦ୍ର ପ୍ରସାଦ ସାହୁ, କମଳା ସାହୁ, ନିର୍ଦ୍ଦେଶକ ଲକ୍ଷ୍ମୀଧର ନାୟକ ଓ ଗୌରାଙ୍ଗ ଚରଣ ନାଥ ଯୋଗ ଦେଇଥିଲେ। ମୁଖ୍ୟଅତିଥି ମାଝି ସ୍କୁଲର ବାର୍ଷିକ ପତ୍ରିକା 'ବ୍ଲୁଜୋମ୍ସ'କୁ ଉନ୍ମୋଚନ କରିଥିଲେ। ନିର୍ଦ୍ଦେଶକ ଗୌରାଙ୍ଗ ଚରଣ ନାଥ ଧନ୍ୟବାଦ ଦେଇଥିଲେ।

### ୨୬ ମାଛ ବିକ୍ରେତାଙ୍କୁ ବାଇକ୍ ବଣ୍ଟନ

**ଭଦ୍ରକ ଅଫିସ, ୧୫।୨**

ଭଦ୍ରକ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ନୀଳ ବିପ୍ଳବ ମତ୍ସ୍ୟ ପରିବହନ ଯୋଜନା ମାଧ୍ୟମରେ ଜିଲାର ୨୬ ମାଛ ବିକ୍ରେତାଙ୍କୁ ଶନିବାର ବାଇକ୍ ବଣ୍ଟନ କରାଯାଇଛି। ମାଛ ବିକ୍ରେତା ଓ ମାଛ ଧରାଳିଙ୍କୁ ଆର୍ଥିକ ସୁଦୃଢ଼ କରିବା ପାଇଁ ସରକାରଙ୍କ ଏହି ଅଭିନବ ଯୋଜନା ଉଦ୍ଦିଷ୍ଟ ବୋଲି ଜିଲା ମତ୍ସ୍ୟ ଅଧିକାରୀ ସନ୍ତୋଷ କୁମାର ଦଳାଇ କହିଥିଲେ। ଏହି ଯୋଜନା ମାଧ୍ୟମରେ ହିତାଧିକାରୀଙ୍କୁ ୩୬ ହଜାର ଟଙ୍କାର ରିହାତି ବ୍ୟବସ୍ଥା ରହିଛି।

### ବିଦ୍ୟୁତ୍ ଆଘାତରେ ମହିଳାଙ୍କ ଜୀବନ ଗଲା

**ଧାମନଗର,୧୫।୨(ଡି.ଏନ.ଏ.)-**ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅନ୍ତର୍ଗତ ବୟାଙ୍ଗଡିହି ପଞ୍ଚାୟତ ଛନ୍ଦାସାହି ଗ୍ରାମର କିଶୋର ବେହେରାଙ୍କ ସ୍ତ୍ରୀ ବିଳାସୀଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟାରେ କିଶୋର ବାହାରକୁ ଯାଇଥିଲେ। ସେ ଫେରି ଘର ଭିତରେ ବିଳାସୀ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇ ପଡ଼ିଥିବା ଦେଖିଥିଲେ। କିଶୋର ତାଙ୍କୁ ସଙ୍ଗେ ସଙ୍ଗେ ଭଦ୍ରକ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ବିଳାସୀଙ୍କୁ ମୃତ ଘୋଷଣା କରିଥିଲେ। ଧୂଷୁରୀ ଥାନା ଏସ୍ଆଇ ବିଭୂତି ଭୂଷଣ ସ୍ୱାଇଁ ମୃତଦେହ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା(ନଂ.୪/୨୦) ରୁଜୁ କରିଛନ୍ତି।


### ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ହୋହଲ୍ଲା

**ବାସୁଦେବପୁର, ୧୫।୨ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଆରୁହା ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରେ ବିଭିନ୍ନ ୱାର୍ଡର ଶତାଧିକ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଗୃହ ପ୍ରଦାନ ତାଲିକାରେ ନାମ ନ ଥିବା ନେଇ ଶନିବାର ଅଫିସ୍ ଆଗରେ ହୋହଲ୍ଲା କରିଥିଲେ। ଭତ୍ତା ପ୍ରଦାନ କାର୍ଯ୍ୟ ଚାଲୁଥିବାବେଳେ ଏଭଳି ହୋହଲ୍ଲା ଫଳରେ ବାଧା ଉପୁଜିଥିଲା। ହିତାଧିକାରୀମାନେ ତଦନ୍ତ ଦାବି କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ, ବ୍ଲକ କନିଷ୍ଠଯନ୍ତ୍ରୀ ଓ ସରପଞ୍ଚ ପ୍ରତିନିଧି ପ୍ରମୁଖ ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# ଶ୍ରୀମନ୍ଦିରରେ ପାନଛେପ ଦେଖି ୫-ଟି ସଚିବ କ୍ଷୁବ୍ଧ

**ପୁରୀ ଅଫିସ, ୧୫।୨**

**ଉଲ୍ଲଂଘନ ହେଉଛି କଟକଣା**



ଶ୍ରୀମନ୍ଦିର ଭିତରକୁ ପାନ, ଗୁଟ୍‌ଖା ଉପରେ କଟକଣା ରହିଛି। କେହି ଏସବୁ ଖାଇ କିମ୍ବା ନେଇ ମନ୍ଦିର ଭିତରକୁ ପ୍ରବେଶ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି। କୌଣସି ବ୍ୟକ୍ତି ଯଦି ଏହାକୁ ଉଲ୍ଲଂଘନ କରନ୍ତି ତେବେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବାର ବ୍ୟବସ୍ଥା ରହିଛି। ତଥାପି ଅନେକେ ଏଭଳି କଟକଣାକୁ ମାନୁ ନାହାନ୍ତି। ପାନ, ଗୁଟ୍‌ଖା ଇତ୍ୟାଦି ଖାଇ ମନ୍ଦିରକୁ ଯାଉଛନ୍ତି। ଶନିବାର ଶ୍ରୀମନ୍ଦିର ପରିସରରେ ପାନଛେପ ପଡ଼ିଥିବା ଦେଖି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ଅସନ୍ତୋଷ ବ୍ୟକ୍ତ କରିବା ଘଟଣା ଏହାକୁ ସ୍ପଷ୍ଟ କରିଛି। ସକାଳେ ୫-ଟି ସଚିବ ପାଣ୍ଡିଆନ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ନାଭିକଟା ମଣ୍ଡପ ଓ ଘଣ୍ଟିଦ୍ୱାର ମଧ୍ୟସ୍ଥ ପାହାଚ ଉପରେ ପାନଛେପ ପଡ଼ିଥିବା ଦେଖିଥିଲେ। ଏ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିବା ସହ ପାଖରେ ଥିବା ସୁବେଦାର ଯୋଗେଶ ଚନ୍ଦ୍ର ସ୍ୱାଇଁଙ୍କୁ ଡାକି ଦେଖାଇଥିଲେ। ଆଗାମୀ ଦିନରେ ଯେପରି କେହି ବି ପାନ, ଗୁଟ୍‌ଖା ଖାଇ ମନ୍ଦିରକୁ ନ ଆସିବେ ଏବଂ କୌଣସି ସ୍ଥାନରେ ପାନଛେପ, ଗୁଟ୍‌ଖା ଖୋଳ ଆଦି ନ ପଡ଼େ ସେନେଇ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଦେବା ଲାଗି ଯୋଗେଶଙ୍କୁ କହିଥିଲେ। ପାନଛେପକୁ ନେଇ ପାଣ୍ଡିଆନ ଅସନ୍ତୋଷ ପ୍ରକାଶ କରିବା ଜଣାପଡ଼ିବା ପରେ ଶ୍ରୀମନ୍ଦିରର ସ୍କ୍ୱାଡ୍ ବେଢା ପରିସର ବୁଲି ବିଭିନ୍ନ ସ୍ଥାନ ତନ୍ନ ତନ୍ନ କରି ଦେଖିଥିଲେ। ତେବେ ପାନ, ଗୁଟ୍‌ଖା ଉପରେ କଟକଣା ସତ୍ତ୍ୱେ କିଏ ଏବଂ କିପରି ଏହାକୁ ଖାଇ ମନ୍ଦିରକୁ ଆସୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭକ୍ତଙ୍କୁ ପ୍ରବେଶ ପଥରେ ଯାଞ୍ଚ କରାଯାଉଛି। କୌଣସି ନିଶାଦ୍ରବ୍ୟ ପାଖରେ ଥିଲେ ତାହାକୁ ଗେଟ୍‌ରେ ରଖି ଦିଆଯାଉଛି। ଏହାସତ୍ତ୍ୱେ ମନ୍ଦିର ପରିସରରେ ପାନଛେପ ପଡୁଛି। ତେଣୁ ଶ୍ରୀମନ୍ଦିର ସେବାୟତ ଏବଂ କର୍ମଚାରୀ ପାନ, ଗୁଟ୍‌ଖା ଖାଇ ମନ୍ଦିରକୁ ଯାଉଥିବା ଚର୍ଚ୍ଚା ହେଉଛି।

ଶ୍ରୀମନ୍ଦିରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ସେହିପରି ମନ୍ଦିର ଭିତରକୁ ସମସ୍ତେ ଗୋଡ଼, ହାତ, ମୁହଁ ଧୋଇ ଶୁଦ୍ଧପୂତ ଭାବେ ପରିଷ୍କାର ହୋଇ ଯିବାର ବିଧି ରହିଛି। ଏହାକୁ ଦୃଷ୍ଟିରେ ରଖି ଗତବର୍ଷ ଜୁଲାଇ ୨୯ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। କୌଣସି ସେବକ, ଭକ୍ତ କିମ୍ବା ଶ୍ରୀମନ୍ଦିର କର୍ମଚାରୀ ପାନ, ଗୁଟ୍‌ଖା, ପାନମସଲା ଖାଇ ବା ଏସବୁ ନେଇ ମନ୍ଦିର ଭିତରକୁ ଯାଇପାରିବେ ନାହିଁ। ପ୍ରବେଶ ପଥରେ ଯାଞ୍ଚ ହେବ। ଯଦି ପାନ, ଗୁଟ୍‌ଖା, ପାନମସଲା ଖାଇ କେହି ମନ୍ଦିର ଭିତରକୁ ପ୍ରବେଶ କରି ଧରାପଡ଼ିବେ ତାଙ୍କଠାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଚାରିଦ୍ୱାରରେ ଭକ୍ତଙ୍କୁ ସଚେତନ କରିବା ଲାଗି ସୂଚନାଫଳକ ମଧ୍ୟ ଲଗାଯାଇଥିଲା। ଗତବର୍ଷ ଅଗଷ୍ଟ ପହିଲାରୁ ଏହି କଟକଣାକୁ କଡ଼ାକଡ଼ି କରାଯାଇଥିଲା। ପ୍ରଥମ ଦିନରେ ହିଁ ୪ ଜଣ ଧରାପଡ଼ି ୪୦୦ ଟଙ୍କା ଜରିମାନା ଦେଇଥିଲେ। କିନ୍ତୁ ଏବେ ଏହି କଟକଣାକୁ କେହି ମାନୁ ନ ଥିବା ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ମନ୍ଦିରକୁ ପାନ, ଗୁଟ୍‌ଖା ଖାଇ ପ୍ରବେଶ ଉପରେ କଟକଣା ରହିଛି। ଶନିବାର କେହି ପାନଛେପ ବେଢା ପରିସରରେ ପକାଇଥିଲେ। ଏଣିକି ମନ୍ଦିର ଭିତରକୁ ଯେପରି ଆଦୌ ପାନ, ଗୁଟ୍‌ଖା କେହି ଖାଇ ନ ଯିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ।

# ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ମହିଳାମାନେ।

**ଅନୁଗୋଳ ଅଫିସ୍, ୧୫।୨**

ଅନୁଗୋଳ ମହିଳା ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ଡ. ସଙ୍ଗୀତା ଦାସଙ୍କ ଅଧ୍ୟକ୍ଷତାରେ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ସରକାରୀ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ରଞ୍ଜନ କୁମାର ଭୂୟାଁ ମୁଖ୍ୟ ଆଲୋଚକ ଭାବେ ଯୋଗଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଦିଲୀପ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ନିଜ ନିବନ୍ଧ ପାଠ କରିଥିଲେ। ସେହିପରି ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଅଧ୍ୟକ୍ଷା ଡ. ସଙ୍ଗୀତା ଦାସଙ୍କ ଅଧ୍ୟକ୍ଷତାରେ ମଧ୍ୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଗୋଳ ସରକାରୀ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ନୃସିଂହ ବେହେରା ଯୋଗଦେଇ ନିଜର ବିଶ୍ଳେଷଣାତ୍ମକ ମତ ଉପସ୍ଥାପନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ବିଷ୍ଣୁଚରଣ ପ୍ରଧାନ, ଅଧ୍ୟାପିକା ରଞ୍ଜିତା ସିଂସାମନ୍ତଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ଆଲୋଚନା ଚକ୍ରରେ ନିଜ ନିଜ ନିବନ୍ଧ ପାଠ କରିଥିଲେ।

# ଅମୂଲ୍ୟ, ଅଶାନ୍ତି ଚାମ୍ପିୟନ



କାର୍ଯ୍ୟକ୍ରମରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୫।୨**

ଗଁଦିଆ ବ୍ଲକ ନୂଆଗଡ଼ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଯୁଗଳ କିଶୋର ଦାସଙ୍କ ଅଧକ୍ଷତାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ବିଦ୍ୟୁତ୍‌ଲତା ନାୟକ, ମୁଖ୍ୟବକ୍ତା ଷଡ଼ଙ୍ଗୀ ରେଞ୍ଜର ଅଶୋକ ଭଞ୍ଜ, ସମ୍ମାନିତ ଅତିଥି ସମିତିସଭ୍ୟା ସ୍ୱର୍ଣ୍ଣଲତା ବିନ୍ଧାଣି, ବ୍ଲକ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ବିଜୟ ସାମନ୍ତ, ପ୍ରଧାନ ଶିକ୍ଷକ ହରିହର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଳକ ବିଭାଗରେ ଅମୂଲ୍ୟ କୁମାର ପୃଷ୍ଟି ଓ ବାଳିକାରେ ଅଶାନ୍ତି ପ୍ରଧାନ ଚାମ୍ପିୟନ ହୋଇଛନ୍ତି। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରକାଶ ସାମନ୍ତ, ପ୍ରଦୀପ ସାମଲ, ଶ୍ରୀନିବାସ ସାମନ୍ତ, ଅଲେଖ ବେହେରା, ବୀରେନ୍ଦ୍ର ସାମନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କାନ୍ଥ ପଡ଼ି ଶ୍ରମିକ ମୃତ

**ବାଲେଶ୍ୱର ଅଫିସ, ୧୫।୨**

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଭୀମପୁରା ଅଞ୍ଚଳର ପରିତ୍ୟକ୍ତ ଘରର କାନ୍ଥ ଭାଙ୍ଗିବା ପାଇଁ ଯାଇଥିବା ୩/୪ ଜଣ ଶ୍ରମିକ ଶନିବାର କାର୍ଯ୍ୟ କରୁଥିଲେ। ପୂର୍ବାହ୍ନ ୧୧ଟାରେ କାନ୍ଥ ଭୁଶୁଡ଼ି ପଡ଼ିବାରୁ ବସ୍ତା ଥାନା ନାରାୟଣପୁର ଅଞ୍ଚଳର କରୁଣାକର ବେହେରା ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କରୁଣାକରଙ୍କ ମୃତ୍ୟୁ ହୋଇଯାଇଥିଲା। ଏନେଇ ସହଦେବଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୫/୨୦) ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ମାତାପିତାଙ୍କୁ ମାନିବାକୁ ପରାମର୍ଶ



ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଅନୁଗୋଳ ସହର, ୧୫।୨**

ଅନୁଗୋଳ ଜିଲା ଛେଳିଆପଡ଼ା ସରସ୍ୱତୀ ଶିଶୁମନ୍ଦିରର ୧୦ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ ଅନିଲ କୁମାର କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେଶ୍ୱର ମହାପାତ୍ର, ମୁଖ୍ୟବକ୍ତା ଗୋପବନ୍ଧୁ ମହାବିଦ୍ୟାଳୟର ଅଧ୍ୟାପକ ଡ. ଅକ୍ଷୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ମେଜର ପ୍ରଫେସର ଧନେଶ୍ୱର ଦାଶ ଓ ବରିଷ୍ଠ ଆଇନଜୀବୀ ରୁଚିର କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ତାଙ୍କ ଉଦ୍‌ବୋଧନରେ ମାତାପିତାଙ୍କ ପରାମର୍ଶ ମାନିବାକୁ ଶିଶୁମାନଙ୍କୁ ଉପଦେଶ ଦେଇଥିଲେ। ଏଥିସହ ଏକାଗ୍ରଚିତ୍ତ ହୋଇ ପାଠପଢାରେ ମନଦେଲେ ସଫଳତା ପାଇହେବ ବୋଲି ସେ କହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛେଳିଆପଡ଼ା ଓ ସୁସୁଡ଼ା ଶିଶୁ ମନ୍ଦିରର ଗୁରୁମା ଗୁରୁଜୀ ସହଯୋଗ କରିଥିଲେ। ପରିଚାଳନା କମିଟିର ସଭ୍ୟ ନୀଳକଣ୍ଠ ମୁଦୁଲି, ତ୍ରିପୁର ସାହୁ, ଉମେଶ ସାହୁ, ସଞ୍ଜୟ ସାହୁ, ତାପସ ଦେହୁରୀ, ହରେକୃଷ୍ଣ ପ୍ରଧାନ, ଅରୁଣ କୁମାର ସାହୁ ସମ୍ପାଦକ ସୁମନ୍ତ କୁମାର ବିଶ୍ୱାଳ, ପ୍ରଧାନ ଆଚାର୍ଯ୍ୟ, ସୁକାନ୍ତ କୁମାର ବିଶ୍ୱାଳ, ସଚିନ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରୀମନ୍ଦିରରେ ନୀତି ବିଳମ୍ବ ସହ ବଡ଼ ମହାସ୍ନାନ

**ପୁରୀ ଅଫିସ, ୧୫।୨**

- ଦ୍ୱାର ଫିଟା ଡେରି ଯୋଗୁ ପରବର୍ତ୍ତୀ ନୀତି ପ୍ରଭାବିତ
- ବିଳମ୍ବରେ ବାହାରିଲା ମହାପ୍ରସାଦ

କୌଣସି ପରିସ୍ଥିତିରେ ମହାପ୍ରଭୁଙ୍କ ସେବା ପୂଜାରେ ବିଳମ୍ବକୁ ବରଦାସ୍ତ କରାଯିବ ନାହିଁ। ଯେଉଁ ପାଳିଆ ସେବକ ୩ଥର ନୀତିରେ ବିଳମ୍ବ କରିବେ ତାଙ୍କୁ ସେବାରୁ ବହିଷ୍କାର କରାଯିବ। ଏପରି କି ଜାଣିଶୁଣି ଯଦି କେହି ଥରେ ବି ଡେରି କରୁଥିବା ଜଣାପଡ଼ିବ ତେବେ ଶାଢିବନ୍ଧା ରଦ୍ଦ ସହିତ ତାଙ୍କୁ ମଧ୍ୟ ସେବାରୁ ହଟାଯିବ। ଶ୍ରୀମନ୍ଦିର ପ୍ରଶାସନର ଏହି କଠୋର ଆଭିମୁଖ୍ୟ ପରେ ନୀତିକାନ୍ତି ପ୍ରାୟ ଠିକ୍‌ଠାକ ଚାଲୁଥିଲା। କେବେ କେଉଁଦିନ ନୀତିରେ ସାମାନ୍ୟ ବିଳମ୍ବ ହେଉଥିଲେ ମଧ୍ୟ ପରବର୍ତ୍ତୀ ନୀତିକୁ ତ୍ୱରାନ୍ୱିତ କରାଯାଉଥିଲା। କିନ୍ତୁ ଶନିବାର ମହାପ୍ରଭୁଙ୍କ ନୀତିକାନ୍ତିରେ ପ୍ରାୟ ୨ଘଣ୍ଟା ବିଳମ୍ବ ହୋଇଛି। ଦ୍ୱାରଫିଟାରୁ ଆରମ୍ଭ ହୋଇଥିବା ଏହି ବିଳମ୍ବ ଅନ୍ୟାନ୍ୟ ନୀତିକୁ ପ୍ରଭାବିତ କରିଥିଲା। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦ୍ୱାରଫିଟା ବିଳମ୍ବ ପରେ ଶ୍ରୀମନ୍ଦିରରେ ବଡ଼ ମହାସ୍ନାନ ବି ହୋଇଥିଲା।

ଶ୍ରୀମନ୍ଦିର ଜୟ ବିଜୟ ଦ୍ୱାର ୫ଜଣ ସେବକଙ୍କ ଉପସ୍ଥିତିରେ ଫିଟାଯାଏ। ଏହି ସେବକମାନେ ହେଲେ ପଢିଆରୀ, ଭିତରଚ୍ଛ ମହାପାତ୍ର, ଅଖଣ୍ଡ, ମୁଦୁଲି ଏବଂ ମେକାପ। ସାଧାରଣତଃ ଭୋର ୫ଟା ୧୦ ମଧ୍ୟରେ ଏହି ଦ୍ୱାର ଫିଟାଯାଇଥାଏ। ଶନିବାର ଏହି ସମୟରେ ଦ୍ୱାର ଫିଟାଇବା ଲାଗି ୪ଜଣ ସେବକ ପହଞ୍ଚିଥିଲେ ମଧ୍ୟ ଜଣେ ଆସି ନ ଥିଲେ। ଫଳରେ ତାଙ୍କୁ ଅନ୍ୟମାନେ ଅପେକ୍ଷା କରିଥିଲେ। ସମ୍ପୃକ୍ତ ସେବକ ପ୍ରାୟ ଅଧଘଣ୍ଟାଏ ପରେ ପହଞ୍ଚିଥିଲେ। ଏହାପରେ ସକାଳ ୫ଟା ୪୫ରେ ଦ୍ୱାର ଫିଟାଯାଇ ଠାକୁରଙ୍କ ନୀତି ଆରମ୍ଭ ହୋଇଥିଲା। ଏହି ବିଳମ୍ବ ଯୋଗୁ ସକାଳ ପ୍ରାୟ ୬ଟା ମଧ୍ୟରେ ହେଉଥିବା ମଙ୍ଗଳ ଆଳତି ୬ଟା ୩୫ରେ ଶେଷ ହୋଇଥିଲା। ପରେ ଅବକାଶ ପାଇଁ ପ୍ରସ୍ତୁତି ଚାଲିଥିଲା। ଏହି ସମୟରେ ଜଣେ ଛୋଟ ପିଲା ଜୟବିଜୟ ଦ୍ୱାର ତଳକୁ ଭିତର କାଠ ପରିସରରେ ପରିସ୍ରା କରିଦେଇଥିଲେ। ଫଳରେ ସେହିଠାରେ ହିଁ ନୀତି ଅଟକି ବଡ଼ ମହାସ୍ନାନ ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଥିଲା। ଏଥିପାଇଁ ପ୍ରାୟ ୧ଘଣ୍ଟା ସମୟ ଲାଗିଥିଲା। ବଡ଼ ମହାସ୍ନାନ ପରେ ଯେଉଁଠାରୁ ନୀତି ଅଟକିଥିଲା ସେହିଠାରୁ ପୁଣି ଆରମ୍ଭ ହୋଇଥିଲା। ତେବେ ଏହି ବିଳମ୍ବ ଯୋଗୁ ଶନିବାର ଅପରାହ୍ନ ପ୍ରାୟ ୩ଟାରେ ବାହାରିଥିଲା ମହାପ୍ରସାଦ। ସାଧାରଣତଃ ପ୍ରତିଦିନ ଅପରାହ୍ନ ୧ଟାରୁ ସାଢେ ୧ଟା ମଧ୍ୟରେ ଅବଢା ବାହାରିଥାଏ। କିନ୍ତୁ ଗୋଟିଏ ଦିନରେ ଦ୍ୱାରଫିଟାରେ ଡେରି ହେବା ଏବଂ ଠାକୁରଙ୍କ ବଡ଼ ମହାସ୍ନାନ ଯୋଗୁ ଭକ୍ତମାନେ ମହାପ୍ରସାଦ ପାଇବାରେ ବିଳମ୍ବ ଘଟିଥିଲା।

# ଜେଏସ୍‌ପିଏଲ ଫାଉଣ୍ଡେଶନ ପକ୍ଷରୁ ଖୋଖୋ, କବାଡ଼ି ଟୁର୍ଣ୍ଣାମେଣ୍ଟ



ଜେଏସ୍‌ପିଏଲ୍ ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।


**ଅନୁଗୋଳ ଅଫିସ୍, ୧୫।୨**

ଗ୍ରାମାଞ୍ଚଳର ଯୁବକମାନଙ୍କ ମଧ୍ୟରେ କ୍ରୀଡ଼ା ଭାବନା ସୃଷ୍ଟି କରିବା ପାଇଁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡର ସାମାଜିକ ଦାୟିତ୍ୱବୋଧ ଶାଖା ଜେଏସ୍‌ପିଏଲ ଫାଉଣ୍ଡେଶନ ପକ୍ଷରୁ ଆନ୍ତଃ ବିଦ୍ୟାଳୟସ୍ତରୀୟ ଦ୍ୱି-ଦିବସୀୟ ଖୋଖୋ ଓ କବାଡି ପ୍ରତିଯୋଗିତା ସ୍ଥାନୀୟ ବଡମହିତଳା ସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲ ଖେଳପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ୯ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ ଓ ନିଶା ଶିଳ୍ପାଞ୍ଚଳ ଥାନା ଆଇଆଇସି ପ୍ରୀତି ମଞ୍ଜରୀ ମେଣ୍ଡୁଲି ଅତିଥି ଭାବେ ଯୋଗଦେଇଥିଲେ। ବାଳକ ବିଭାଗ କବାଡ଼ିରେ ତୁକୁଡା ହାଇସ୍କୁଲ ବଡକେରଜଙ୍ଗ ହାଇସ୍କୁଲକୁ ପରାସ୍ତ କରି ବିଜେତା ହୋଇଥିବାବେଳେ ବାଳିକା ବର୍ଗରେ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲ ସେଣ୍ଟିନାରୀ ଟ୍ରାଇବାଲ ହାଇସ୍କୁଲ ପରଙ୍ଗକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେହିପରି ଖୋଖୋ ବାଳକ ବର୍ଗରେ ସେଣ୍ଟିନାରୀ ଟ୍ରାଇବାଲ ହାଇସ୍କୁଲ ପରଙ୍ଗକୁ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଖୋଖୋ ବାଳିକା ବର୍ଗରେ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲ ସେଣ୍ଟିନାରୀ ଟ୍ରାଇବାଲ ହାଇସ୍କୁଲ ପରଙ୍ଗକୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ହାସଲ କରିଛି।


ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବାଳକ ବର୍ଗ କବାଡିରେ ତୁକୁଡା ହାଇସ୍କୁଲର ସୁଶୀଲ ମୁଦୁଲି ଓ ବାଳିକା ବର୍ଗରେ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲର ମୀରା ଦେହୁରୀ ପୁରସ୍କୃତ ହୋଇଥିଲେ। ସେହିଭଳି ଖୋଖୋ ବାଳକ ବର୍ଗରେ ସେଣ୍ଟିନାରୀ ଟ୍ରାଇବାଲ ହାଇସ୍କୁଲର ହିମାଂଶୁ ବେହେରା ଓ ବାଳିକା ବର୍ଗରେ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲର ସନି ସାହୁ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲର ଛାତ୍ର ଦୁଷ୍ମନ୍ତ ଭୋଇଙ୍କୁ ହାଇଦ୍ରାବାଦଠାରେ ଅନୁଷ୍ଠିତ ଡିଏଭି ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜେଏସ୍‌ପିଏଲର ଜିଏମ୍-ସିଏସ୍‌ଆର୍ ପୁଷ୍ପଲତା ଶତପଥୀ, ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁ, ଦେବାଶିଷ ମହାନ୍ତି, ଜେଏସ୍‌ପିଏଲ୍‌ର ମ୍ୟାନେଜର ପ୍ରମୁଖଙ୍କ ସହ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ପ୍ରତିଯୋଗିତାଟି ଆସିଷ୍ଟାଣ୍ଟ ମ୍ୟାନେଜର ସିଏସ୍‌ଆର ତାପସ ମହାନ୍ତି ଓ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଅଫିସିଆଲଙ୍କ ସହ ସିଏସ୍‌ଆର ବିଭାଗର କର୍ମକର୍ତ୍ତାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ଫୁଡ୍ ବିଜ୍‌ନେସ୍: ବଢୁଛି ଡିମାଣ୍ଡ

**ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ବଢୁଛି ଫୁଡ୍ ବିଜ୍‌ନେସ୍ ପ୍ରତି ଆଗ୍ରହ। ଏହା ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ସହ ବେଶ୍ ଭଲ ଆୟର ସୁଯୋଗ ବି ଦେଉଛି...**









ସମୟ ସହ ତାଳ ଦେଇ ସମସ୍ତଙ୍କ ଖାଦ୍ୟରୁଚିରେ ମଧ୍ୟ ପରିବର୍ତ୍ତନ ଆସିଛି। ଏହାକୁ ଆଖି ଆଗରେ ରଖି ବିଭିନ୍ନ ସ୍ଥାନରେ ନୂଆନୂଆ ହୋଟେଲ, ରେଷ୍ଟୁରାଣ୍ଟ, ଫୁଡ୍‌ଷ୍ଟଲ ସଂଖ୍ୟା ବି ବଢ଼ିବାରେ ଲାଗିଛି। କେବଳ ଏତିକି ନୁହେଁ, ଅନ୍‌ଲାଇନ୍‌ରେ ମଧ୍ୟ ଫୁଡ୍ ସାଇଟ୍ସର ଡିମାଣ୍ଡ ବଢୁଥିବା ଦେଖିବାକୁ ମିଳୁଛି। ତେବେ ଏସବୁ ଯେ କେବଳ ଖାଦ୍ୟପ୍ରେମୀଙ୍କ ଭୋକ ମେଣ୍ଟାଇବାରେ ସାହାଯ୍ୟ କରୁଛି ତା' ନୁହେଁ, ବରଂ ଅପରପକ୍ଷେ ଫୁଡ୍ ବିଜ୍‌ନେସ୍‌ର ବଢୁଥିବା ଡିମାଣ୍ଡ ଅନେକଙ୍କୁ ରୋଜଗାରକ୍ଷମ ହେବାରେ ସାହାଯ୍ୟ କରୁଛି। ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ଏଥିପ୍ରତି ଅଧିକ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ଜବ୍ ନ ପାଇ ବେକାର ବୁଲୁଥିବା ଶିକ୍ଷିତ ଯୁବକମାନେ ମଧ୍ୟ ବିଭିନ୍ନ ଫୁଡ୍ ଷ୍ଟଲ୍, ରେଷ୍ଟୁରାଣ୍ଟ ଏବଂ ଫୁଡ୍‌ଟ୍ରକ୍ ଖୋଲି ଭଲ ରୋଜଗାର କରିପାରୁଛନ୍ତି। ଏହାବ୍ୟତୀତ ବିଭିନ୍ନ ପ୍ରକାରର ଫୁଡ୍ ବିଜ୍‌ନେସ୍‌ର ଡିମାଣ୍ଡ ଯୁବପିଢ଼ିଙ୍କଠାରେ ବଢୁଥିବା ଦେଖିବାକୁ ମିଳୁଛି....

**କ'ଣ କୁହନ୍ତି ଏମାନେ...**

**ମନମୋହନ ନାୟକ** (ବ୍ୟବସାୟୀ, କଟକ)– ୨୦୧୪ ମସିହାରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର (ପିଜି) ହାସଲ କରି କିଛି ମାସ ଏକ ସଂସ୍ଥାରେ କାର୍ଯ୍ୟ କଲି। ହେଲେ ସେଥିରୁ ମିଳୁଥିବା ଦରମାରେ ମୋର ଆର୍ଥିକ ଆବଶ୍ୟକତା ପୂରଣ ହୋଇପାରି ନ ଥିଲା। ଫଳରେ ବାଧ ହୋଇ ବ୍ୟବସାୟ କରିବାକୁ ନିଷ୍ପତ୍ତି ନେଲି ଏବଂ ଏଥିପାଇଁ ବାଛିଲି ଫୁଡ୍‌ଷ୍ଟଲ। ପ୍ରଥମେ କଲେଜ ଛକ ଅଞ୍ଚଳରେ ମୋହନ ଫୁଡ୍‌କୋର୍ଟ ନାମରେ ଏକ ଷ୍ଟ୍ରିଟ୍ ଫୁଡ ସେଣ୍ଟର ଖୋଲିଲି। ସେଠାକୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରାୟ ୩୦୦ରୁ ୪୦୦ ଛାତ୍ରୀଛାତ୍ର ପ୍ରତ୍ୟହ ଖାଇବାକୁ ଆସନ୍ତି। ବ୍ୟବସାୟ ଭଲ ଚାଲିବାରୁ ବର୍ତ୍ତମାନ କଟକର ମେଡିକାଲ ଛକ ଓ ପୁରୀଘାଟ ଅଞ୍ଚଳରେ ଆଉ ଦୁଇଟି ଷ୍ଟଲ୍ ଖୋଲିଛି। ତେବେ ଉଚ୍ଚଶିକ୍ଷା ହାସଲ କରି ବ୍ୟବସାୟ କରିବା ବିଷୟରେ ସେ କୁହନ୍ତି, ମଣିଷକୁ ଅର୍ଥ ଦରକାର। ସତ୍ ମାର୍ଗରେ ଅର୍ଥ ଉପାର୍ଜନ କରିପାରିଲେ କିଛି କ୍ଷତି ନାହିଁ। ଚାକିରି ହେଉ କି ବ୍ୟବସାୟ, ସେଥିରେ କିଛି ଫରକ ପଡ଼େନି। ଏବେ ଚାକିରି ଜୀବନରେ ଅନେକ ସଂଘର୍ଷ କରିବାକୁ ପଡୁଛି । ତେଣୁ ମୋ' ମତରେ ବ୍ୟବସାୟ କରି ଆତ୍ମନିର୍ଭରଶୀଳ ହୋଇ ରୋଜଗାର କରିବା ବର୍ତ୍ତମାନ ସବୁଠୁ ଭଲ ଉପାୟ।

**ଅକ୍ଷୟ କୁମାର ସାହୁ** (ବ୍ୟବସାୟୀ, ବ୍ରହ୍ମପୁର)– ପାଠ ପଢ଼ା ପରେ ସରକାରୀ ଚାକିରି କରିବା ଲାଗି ବହୁ ଉଦ୍ୟମ କରିଥିଲି। ସେଥିପାଇଁ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ମଧ୍ୟ ଦେଇଥିଲି। ବହୁବାର ଚେଷ୍ଟା ପରେ ବିଫଳ ହେଲି। ହେଲେ ରୋଜଗାରକ୍ଷମ ହେବାର ନିଶା ଥିଲା। ତେଣୁ ଚାକିରି ପଛରେ ଧାଇଁ ଧାଇଁ ଅଯଥା ସମୟ ନଷ୍ଟ ନ କରି ବ୍ୟବସାୟ କରିବାକୁ ନିଷ୍ପତ୍ତି ନେଲି। ଅନେକ ସାଙ୍ଗ ଏବଂ ପରିବାରର ବରିଷ୍ଠ ସଦସ୍ୟଙ୍କ ପରାମର୍ଶ ନେଇଥିଲି। ବ୍ରହ୍ମପୁର ସହରରେ କେଉଁ ବ୍ୟବସାୟ କରିବା ଦ୍ୱାରା ସଫଳ ହୋଇପାରିବି, ସେନେଇ ଅନେକ ଅନୁସନ୍ଧାନ କରିଥିଲି । ରାଜ୍ୟ ଏବଂ ରାଜ୍ୟ ବାହାରୁ ଛାତ୍ରୀଛାତ୍ରମାନେ ବ୍ରହ୍ମପୁରକୁ ପଢ଼ିବାକୁ ଆସୁଥିବାରୁ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ସଂଖ୍ୟା ବଢ଼ିବାରେ ଲାଗିଛି। ତା'ଛଡା ଅନେକ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ରହିଛି । ତେଣୁ ଛାତ୍ରୀଛାତ୍ର ଏବଂ ଏହି ଅନୁଷ୍ଠାନଗୁଡିକରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଖାଇବା ନେଇ ଅସୁବିଧା ଭୋଗୁଥିବା ଜାଣିବାକୁ ପାଇଲି। ସେଥିପାଇଁ ସେମାନଙ୍କ ମନମୁତାବକ ଘରୋଇ ଖାଦ୍ୟ ଯୋଗାଇବା ଲକ୍ଷ୍ୟ ନେଇ ଆରମ୍ଭ କଲି 'ଡବ୍‌ବା ଖାନା'। ଖୁବ୍ କମ୍ ଦରରେ ଲୋକମାନଙ୍କ ପାଖରେ ଘରୋଇ ଖାଦ୍ୟ ଯୋଗାଇ ଦେଉଛି। ଏହା ସେମାନଙ୍କୁ ବେଶ୍ ପସନ୍ଦ ଆସୁଛି। ସତ କହିବାକୁ ଗଲେ ନିଜସ୍ୱ ଉଦ୍ୟମରେ ବ୍ୟବସାୟ କରି ଭଲ ରୋଜଗାର ହେବା ସହ ବେଶ୍ ଆତ୍ମସନ୍ତୋଷ ବି ମିଳୁଛି।



ମନମୋହନ



ଅକ୍ଷୟ



## ଜାଣନ୍ତୁ ଦୁନିଆ

**ସୁସ୍ଥ ରହିବା ଲାଗି ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା କେତେ ଜରୁରୀ, ତାହା ସମସ୍ତଙ୍କୁ ଜଣା। ତେଣୁ ଦରକାର ବେଳେ ଆମେ ପିଇବା ପାଣି କିଣିବାକୁ ବି ପଛାଇ ନ ଥାଉ। ହେଲେ ଏହି ପାଣି ବୋତଲର ଦାମ୍ ଯେ ଏତେ ଅଧିକ ହୋଇପାରେ, ତାହା ଜାଣିଲେ ଆପଣମାନେ ଆଶ୍ଚର୍ଯ୍ୟ ହେବେ ନିଶ୍ଚିତ। ତେବେ ଆସନ୍ତୁ ଜାଣିବା ଏଭଳି କିଛି ଦାମୀ ପାଣି ବୋତଲ ସମ୍ପର୍କରେ...**

# ଦାମୀ ପାଣି ବୋତଲ

**ଆକ୍ୱା ଡି କ୍ରିଷ୍ଟାଲୋ ଟ୍ରିବ୍ୟୁଟୋ ଏ ମୋଡିଗ୍ଲିଆନି:** ପୃଥିବୀର ସବୁଠୁ ଦାମୀ ପାଣି ବୋତଲ ଭାବେ ଏହା ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ମାତ୍ର ୭୫୦ମିଲି. ପାଣି ଥିବା ଏହି ଗୋଟିଏ ବୋତଲର ଦାମ୍ ୬୦,୦୦୦ ଡଲାର ଅର୍ଥାତ୍ ୪୨,୪୩,୧୬୦ ଟଙ୍କା। ଫ୍ରାନ୍ସ ଏବଂ ଫିଜିରେ ମିଳୁଥିବା ଉକ୍ତ ପାଣି ବୋତଲର ଦାମ୍ ଏତେ ଅଧିକ ହେବା ପଛର ମୁଖ୍ୟ କାରଣ ହେଉଛି ଏହି ବୋତଲରେ ଲାଗିଥିବା ୨୪ କ୍ୟାରେଟ୍ ସୁନା ଏବଂ ଅନ୍ୟ ମୂଲ୍ୟବାନ୍ ଧାତୁ। ତେବେ ଏହି ବୋତଲକୁ ଡିଜାଇନ୍ କରିଛନ୍ତି ମେକ୍ସିକୋର ଫର୍ଣ୍ଣାଣ୍ଡୋ ଅଲ୍ଟାମିରାନୋ।

**ଫିଲିକୋ ଜୁଏଲେରି ୱାଟର :** ୧ ଲିଟର ଯୁକ୍ତ ଏହି ପାଣି ବୋତଲର ଦାମ୍ ୬୧୬ ଡଲାର ଅର୍ଥାତ୍ ୪୩,୯୯୧ ଟଙ୍କା। ଏହାର କ୍ୟାପ୍ ଚେସ୍‌ର କିଙ୍ଗ୍ ଏବଂ କ୍ୱିନ୍ ଗୋଟି ଭଳି ଆକାରର ହୋଇଥିବା ବେଳେ ଏହାକୁ ସୁନାରେ ପ୍ରସ୍ତୁତ କରାଯାଇଛି । ୨୦୦୫ ମସିହାରେ ହଲିଉଡ୍ ସେଲିବ୍ରେଟିମାନଙ୍କୁ ଆଖି ଆଗରେ ରଖି କାଲିଫର୍ଣ୍ଣିଆରେ ଏହାର ପ୍ରଥମ ବିକ୍ରି ଆରମ୍ଭ ହୋଇଥିଲା ଏବଂ ପରେ ଏହା ଜାପାନରେ ମଧ୍ୟ ବିକ୍ରି ହେବାକୁ ଲାଗିଲା।

**କୋନା ନିଗାରି:** ଜାପାନରେ ବିକ୍ରି ହେଉଥିବା ୭୫୦ମିଲି. ବିଶିଷ୍ଟ ଏହି ପାଣି ବୋତଲର ଦାମ୍ ୪୦୨ ଡଲାର୍ ଅର୍ଥାତ୍ ପ୍ରାୟ ୨୮,୭୦୦ଟଙ୍କା। ତେବେ ଏହି ପାଣିର ଦାମ୍ ଏତେ ଅଧିକ ହେବା ପଛର ମୁଖ୍ୟ କାରଣ ହେଉଛି ଏହା ହାୱାଇ ଆଇସ୍‌ଲାଣ୍ଡ ପାର୍ଶ୍ୱ ସମୁଦ୍ରର ପ୍ରାୟ ୨୦୦୦ ମିଟର ତଳେ ଥିବା ଝରରୁ ସଂଗ୍ରହ କରାଯାଇଥାଏ। କୁହାଯାଏ ଏହି ପାଣିରେ ଭରି ରହିଥିବା ପୋଷକ ତତ୍ତ୍ୱ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ।



## ଏ ସପ୍ତାହର ପ୍ରଶ୍ନ

୧– ଓଭାଲ ଅଫିସ୍.......... କାର୍ଯ୍ୟାଳୟକୁ କୁହାଯାଏ ?
୨– ଏ ଚାଇଲ୍ଡ ଅଫ୍ ଡେଷ୍ଟିନି ପୁସ୍ତକ........... ଙ୍କ ଆତ୍ମଜୀବନୀ ?
୩– ଭାରତର ପ୍ରଥମ ବିଶ୍ୱବିଦ୍ୟାଳୟ.........ଠାରେ ପ୍ରତିଷ୍ଠା କରାଯାଇଥିଲା ?
୪– କୋଫି ଆନନ୍ ଆଫ୍ରିକୀୟ ଦେଶ......... ଠାରେ ଜନ୍ମ ଗ୍ରହଣ କରିଥିଲେ ?
୫– ଓଡ଼ିଶା ପୋଲିସର ମୋଟୋ........... ?


## ଗତ ଥରର ଉତ୍ତର

୧ ବହିର୍ବ୍ୟାପାର ମନ୍ତ୍ରଣାଳୟ
୨ ଏସିଆନ୍ ହ୍ୟୁମାନ୍ ରାଇଟ୍ସ କମିଶନ୍
୩ ଅଙ୍ଗୁର
୪ ଫିରୋଜ ଶାହ କୋଟ୍‌ଲା ଗ୍ରାଉଣ୍ଡ
୫ ୧୬୧୨

## ଉତ୍ତର ଦାତା



ମାନସୀ ସାହୁ, ଚାନ୍ଦବାଲି



କିରନ୍ କୁମାର ମହାନ୍ତି, ଫୁଲବାଣୀ



ଶେଖ୍ ରିଆଜୁଦ୍ଦିନ୍, କେନ୍ଦ୍ରାପଡ଼ା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ୟୁଥ୍ ଆଲର୍ଟ

# ଡିଜିଟାଲ ଡିଟକ୍ସ

**ବର୍ତ୍ତମାନ ପିଲାଙ୍କଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କୁ ବିଶେଷକରି ଯୁବପିଢ଼ିଙ୍କୁ ଘାରିଛି ମୋବାଇଲ୍ ଫୋନ ନିଶା। ତେବେ ଏହି ଆଡିକ୍ସନ ଅଜାଣତରେ ସେମାନଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଅନେକେ ପ୍ରତିଦିନ ଏଥିରୁ କିଛି ସମୟ ଦୂରେଇ ରହିବାକୁ ଚେଷ୍ଟା କରୁଛନ୍ତି, ଯାହାକୁ ଡିଜିଟାଲ୍ ଡିଟକ୍ସ ବୋଲି କୁହାଯାଉଛି। ଯଦି ଆପଣ ଏପରି କରିବାକୁ ଚାହାନ୍ତି, ତେବେ ଜାଣନ୍ତୁ କିପରି କରିବେ ଏବଂ କ'ଣ ଲାଭ ପାଇବେ...**





- ଡିଜିଟାଲ୍ ଡିଟକ୍ସ ଲାଗି ସର୍ବପ୍ରଥମେ ଆପଣ ଏପରି କାହିଁକି କରିବେ ଏବଂ ଏହାଦ୍ୱାରା ଆପଣଙ୍କୁ କ'ଣ ଲାଭ ମିଳିବ ସେ ସମ୍ପର୍କରେ ଭଲଭାବେ ଚିନ୍ତା କରିବା ଦରକାର। ଯାହାକି ଆପଣଙ୍କୁ ଏଥିପାଇଁ ମାନସିକ ସ୍ତରରେ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ।
- ଡିଜିଟାଲ ଡିଟକ୍ସ ମାନେ ନୁହେଁ ଯେ, ମାତ୍ର କିଛି ସମୟ ମନକୁ ବୁଝାଇ ରଖିବେ ଏବଂ ପୁନର୍ବାର ମୋବାଇଲ୍ ଦୁନିଆକୁ ଚାଲିଯିବେ। ଏଥିପାଇଁ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରିବା ଦରକାର। ଧୀରେଧୀରେ ସେହି ସମୟ ଅବଧିକୁ ବଢ଼ାଇବା ଦ୍ୱାରା ଅଧିକ ଉପକୃତ ହୋଇପାରିବେ।
- ଏଥିପାଇଁ ଆପଣଙ୍କୁ ନିଜ ମୋବାଇଲ୍‌କୁ ସାଇଲେଣ୍ଟ ମୋଡ୍‌ରେ ରଖିବା ସହ ବିଭିନ୍ନ ଆପ୍ ବିଶେଷକରି ସୋସିଆଲ୍ ସାଇଟ୍ସ ଆପ୍‌ଗୁଡିକର ନୋଟିଫିକେଶନ ଅଫ୍ କରି ରଖିବାକୁ ହେବ। ତେବେ ଫୋନ୍‌କୁ ଆଖି ଆଗରେ ନ ରଖି ଅନ୍ୟ ରୁମ୍‌ରେ ରଖିଲେ ଆପଣଙ୍କ ଲାଗି ଡିଜିଟାଲ୍ ଡିଟକ୍ସ ଅଧିକ ସହଜ ହୋଇପାରିବ।
- ଏଥିରୁ ଆପଣଙ୍କୁ ମିଳୁଥିବା ଫାଙ୍କା ସମୟର ସଦୁପଯୋଗ କରିବା ଲାଗି ପୂର୍ବରୁ ପ୍ଲାନିଂ କରିବା ଦରକାର। ଯେମିତିକି କିଛି ନୂଆ ଶିଖିବେ, ପରିବାର ସହ କ୍ୱାଲିଟି ସମୟ ବିତାଇବେ, ବୁଲିବେ, ନିଜ ରୁଚି ଥିବା କାର୍ଯ୍ୟ କରିବେ, ମନୋରଞ୍ଜନ କରିବେ ଇତ୍ୟାଦି। ଏହାଦ୍ୱାରା ଆପଣ ନିଜ ଫୋନ୍ ଦୁନିଆରୁ ଦୂରରେ ରହି ବୋର୍ ହେବା ବଦଳରେ ଅଧିକ ଖୁସି ପାଇବେ।

**ଲାଭ:** ମୋବାଇଲ୍ ଫୋନ୍, ଟାବ୍‌ଲେଟ୍, ଲାପ୍‌ଟପ୍, କମ୍ପ୍ୟୁଟର ଆଦିର ବ୍ୟବହାର ଏକ ନିଶା। ତେଣୁ ଏଥିରୁ ଦୂରେଇ ରହିବା ଲାଗି ବର୍ତ୍ତମାନ ଡିଜିଟାଲ୍ ଡିଟକ୍ସ ପ୍ରତି ଅନେକେ ଆଗ୍ରହୀ ହେଉଛନ୍ତି। ଏହାଦ୍ୱାରା ମାନସିକ ଶାନ୍ତି ମିଳିବା ସହ କାର୍ଯ୍ୟଦକ୍ଷତା ବୃଦ୍ଧି ପାଉଛି। ପରିବାର ତଥା ନିଜ ବନ୍ଧୁ ପରିଜନଙ୍କ ସହ କିଛି ଭଲ ସମୟ ବିତାଇ ପାରିବେ। ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ରହିବା ଯୋଗୁ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ବି ଦୂରହୋଇପାରିବ।

# ହାତୀକୁ ବୁଝିପାରୁନି ମଣିଷ

# ସାଥୀ ସହ ଶତ୍ରୁତା

ଦିନେଶ ଦେହୁରୀ
ଅନୁଗୋଳ ସହର, ୧୫।୨

ପ୍ରକୃତିର ପ୍ରକୃତିକୁ ଆଉ ବୁଝିପାରୁନି ମଣିଷ। ସବୁଠୁ ବୁଦ୍ଧିଆ, ବିବେକୀ ବୋଲାଉଥିବା ସତ୍ତ୍ୱେ ସୃଷ୍ଟିର ସୁରକ୍ଷା ନ କରି ସ୍ୱାର୍ଥକୁ ସାରଥି କରିବା ତାକୁ ଧୀରେ ଧୀରେ ପ୍ରକୃତିଛଡ଼ା କରିଦେଉଛି। ସୃଷ୍ଟିର ପ୍ରତିଟି ଶୃଙ୍ଖଳ ଭାଙ୍ଗି ମଣିଷ ଯେପରି ଜଳ, ସ୍ଥଳ ଓ ମହାକାଶ ଉପରେ ଏକଚାଟିଆ ଅଧିକାର ସାବ୍ୟସ୍ତ କରିବାକୁ ଅହେତୁକ ଆଗ୍ରହ ଦେଖାଉଛି ତାହାଦ୍ୱାରା ଅନେକ ଜୀବଜନ୍ତୁଙ୍କ ସାମାଜିକ ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ବିଶେଷକରି ବିକାଶର ଦ୍ୱାହି ଦେଇ ଜଙ୍ଗଲ ସମ୍ପଦ ଉପରେ କ୍ରମାଗତ ନୀରବ ଆକ୍ରମଣ ଜାରି ରହିଥିବାରୁ ସୃଷ୍ଟିର ଏହି ସାଥୀ ଜୀବଜନ୍ତୁଙ୍କ ଜୀବନ ବିପଦାପନ୍ନ ହୋଇପଡୁଛି। ଫଳରେ ମଣିଷ ସେମାନଙ୍କ ଶତ୍ରୁ ସାଜି ଚାଲିଛି।

ମଣିଷର ଏପରି ଅବିବେକୀ ଆଚରଣରେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛି ସ୍ଥଳଭାଗର ସବୁଠୁ ବଳଶାଳୀ ଜୀବ ହାତୀ। ବନ ବିଭାଗର ସୂଚନା ଅନୁଯାୟୀ ଓଡ଼ିଶାର କେବଳ ଅନୁଗୋଳ ବନ ମଣ୍ଡଳରେ ଗତ ୫ ବର୍ଷ ମଧ୍ୟରେ ୧୬୨ ହାତୀଙ୍କ ମୃତ୍ୟୁ ମାନବିକ କାରଣ ଯୋଗୁ ହୋଇଛି। ଏହା ଯେତିକି ଚିନ୍ତାଜନକ ତାହାଠାରୁ ଅଧିକ ଉଦ୍‌ବେଗଜନକ ହେଲା ଏହି ସମୟ ମଧ୍ୟରେ ହାତୀ ଆକ୍ରମଣରେ ୧୩୮ ସଂଖ୍ୟକ ମଣିଷଙ୍କ ଜୀବନ ଯାଇଛି। କେବଳ ହାତୀ-ମଣିଷ ଯେ ମୁହାଁମୁହିଁ କ୍ଷେତ୍ରକୁ ଓହ୍ଲାଇଛନ୍ତି ତାହା ନୁହେଁ, ଭାଲୁ ଆକ୍ରମଣରେ ମଣିଷ ଆହତ କିମ୍ବା ମୃତ ହେବା ଏବେ ଆଉ ଏକ ନିତିଦିନିଆ ଘଟଣା ହୋଇଗଲାଣି। ସେହିପରି ହେଟା, ବାରହା ମଧ୍ୟ ଜଙ୍ଗଲ ଛାଡ଼ି ଗାଁରେ ପଶି ଆତଙ୍କ ଖେଳାଉଥିବା ଅନେକ ସମୟରେ ଦେଖିବାକୁ ମିଳୁଛି। ଅନୁଗୋଳ ବନଖଣ୍ଡ, ଆଠମଲ୍ଲିକ, ଆଠଗଡ଼, କଟକ, ଢେଙ୍କାନାଳ, ସାତକୋଶିଆ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡକୁ ନେଇ ଗଠିତ ଅନୁଗୋଳ ବନମଣ୍ଡଳରେ ୨୦୧୭ ଗଣନା ଅନୁଯାୟୀ ସମୁଦାୟ ୬୬୫ ହାତୀ ରହିଛନ୍ତି। ସେଥିରୁ ଅନୁଗୋଳ ବନଖଣ୍ଡରେ ୪୫, ଆଠମଲ୍ଲିକରେ ୫୯, ଢେଙ୍କାନାଳରେ ୧୬୯, ଆଠଗଡ଼ରେ ୧୧୫, କଟକରେ ୩୭, ସାତକୋଶିଆରେ ୧୪୭ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ୯୩ ହାତୀ ଥିବା ରିପୋର୍ଟରେ କୁହାଯାଇଛି। କିନ୍ତୁ ସମସ୍ୟା ହେଲା ଏତେ ସଂଖ୍ୟକ ହାତୀଙ୍କ ସହ ଅନ୍ୟ ଜୀବଜନ୍ତୁଙ୍କ ପାଇଁ ଅନୁଗୋଳ ବନମଣ୍ଡଳ ଆଉ ସୁରକ୍ଷିତ ନୁହେଁ। କାରଣ ଜଙ୍ଗଲ ମଧ୍ୟରେ ମଣିଷର ଅନଧିକାର ପ୍ରବେଶ, ଶିଳ୍ପସ୍ଥାପନ, ଖଣି ଖନନ, ରାସ୍ତା, କେନାଲ, ରେଳପଥ ବିଛାଯିବା ଦ୍ୱାରା ବନ୍ୟଜନ୍ତୁଙ୍କ ପ୍ରାକୃତିକ ଆବାସସ୍ଥଳୀ ନଷ୍ଟ ହେଉଛି। ହାତୀ ଚଲାପଥ (କରିଡର) ହ୍ରାସପାଇ ଚାଲିଛି। ଫଳରେ ହାତୀଙ୍କ ଯାତାୟାତ ରାସ୍ତା ପରିବର୍ତ୍ତନ ହେଉଛି। ଏଥିଯୋଗୁ ଖାଦ୍ୟ ଅନ୍ୱେଷଣରେ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଯିବା ବେଳେ ଏହି ବିଶାଳ ଜୀବର ମୁହାଁମୁହିଁ ମଣିଷ ସହ ହେଉଛି। ଏହାଦ୍ୱାରା ମଣିଷର ବହୁମୂଲ୍ୟ ଜୀବନ ଯାଉଥିବା ବେଳେ ହାତୀମାନେ ମଧ୍ୟ ମୃତ୍ୟୁର ସମ୍ମୁଖୀନ ହେଉଛନ୍ତି। କେତେବେଳେ ବିଦ୍ୟୁତ୍ ଫାଶ ତ କେବେ ଟ୍ରେନ୍, ଟ୍ରକ୍‌ଧକ୍କାରେ ହାତୀର ଜୀବନହାନି ଘଟୁଛି। ଦାନ୍ତ ପାଇଁ ଶିକାରକୁ ରୋକାଯାଇ ପାରୁ ନ ଥିବା ବେଳେ ବିଲ ମାଳରେ ଥିବା ଅବ୍ୟବହୃତ ଖୋଲା କୂପ ମଧ୍ୟ ମୃତ୍ୟୁର ବାହକ ସାଜୁଛି। ଏସବୁ କାରଣରୁ ଅନୁଗୋଳ ବନଖଣ୍ଡରେ ଗତ ୫ ବର୍ଷରେ ୧୩ଟି ହାତୀ ମରିଛନ୍ତି। ହାତୀ ଆକ୍ରମଣରେ ୩୨ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଆଠମଲ୍ଲିକ ବନଖଣ୍ଡରେ ୬ଟି ହାତୀ ଓ ୪ ମଣିଷଙ୍କ ମୃତ୍ୟୁ ହୋଇଛି। ଆଠଗଡ଼ ବନଖଣ୍ଡରେ ୪୩ ହାତୀ ଓ ୧୧ ମଣିଷ, କଟକ ବନଖଣ୍ଡରେ ୯ ହାତୀ ଓ ୨ ମଣିଷ, ଢେଙ୍କାନାଳ ବନଖଣ୍ଡରେ ୬୯ଟି ହାତୀ ଓ ୮୬ ମଣିଷ, ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡରେ ୧୯ ହାତୀ ଓ ୩ ମଣିଷ, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ୩ ହାତୀଙ୍କ ମୃତ୍ୟୁ ହୋଇଛି। ତେବେ ଢେଙ୍କାନାଳ ବନଖଣ୍ଡରେ ସର୍ବାଧିକ ହାତୀ ଓ ମଣିଷଙ୍କ ଜୀବନ ଯିବା ବନ୍ୟପ୍ରାଣୀପ୍ରେମୀ ଓ ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଇଛି।


୨୦୧୮ରେ ଢେଙ୍କାନାଳ ଜିଲା କମଳାଙ୍ଗଠାରେ ବିଦ୍ୟୁତ୍ ସଂସ୍ପର୍ଶରେ ମରିଥିବା ୭ ହାତୀ।

- ୫ ବର୍ଷରେ ଅନୁଗୋଳ ବନମଣ୍ଡଳରେ ୧୬୨ ହାତୀ ମୃତ
- ମୁହାଁମୁହିଁରେ ଲିଭିଛି ୧୩୮ ମଣିଷଙ୍କ ଜୀବନ ଦୀପ
- ଢେଙ୍କାନାଳରେ ସର୍ବାଧିକ, ମହାନଦୀ ବନଖଣ୍ଡରେ ସର୍ବନିମ୍ନ


୨୦୨୦ ଜାନୁୟାରୀରେ ଢେଙ୍କାନାଳ ଜିଲା ଓଡ଼ାପଡାଠାରେ ଟ୍ରକ୍ ଧକ୍କାରେ ମରିଥିବା ହାତୀ।

## ଆକ୍ରୋଶ ହ୍ରାସ କରାଯାଉ



ହାତୀ ଯେପରି ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ବାହାରକୁ ନ ଯାଏ ସେଥିପାଇଁ ପ୍ରଚୁର ପରିମାଣର ଖାଦ୍ୟ ଜଙ୍ଗଲ ଭିତରେ ବଢାଇବାକୁ ପଡିବ। ଏଥିସହ ଥିବା ଷ୍ଟାଣ୍ଡାର୍ଡ ପ୍ରସିଜିଓରକୁ ମଧ୍ୟ ପାଳନ କରିବାକୁ ହେବ। ଜନସାଧାରଣଙ୍କୁ ସଚେତନ କରାଯିବା ଓ କ୍ଷତିଗ୍ରସ୍ତଙ୍କୁ ତ୍ୱରିତ କ୍ଷତିପୂରଣ ଦିଆଗଲେ ହାତୀ ପ୍ରତି ଯେଉଁ ଆକ୍ରୋଶ ରହିଛି ତାହା ହ୍ରାସ କରାଯାଇପାରିବ।

-ଡ. ସୁନ୍ଦର ନାରାୟଣ ପାତ୍ର
ସଭାପତି, ଓଡ଼ିଶା ପରିବେଶ ସମିତି

## ଫସଲ ଶୈଳୀରେ ପରିବର୍ତ୍ତନ ଅଣାଯାଉ



ହାତୀ-ମଣିଷ ମଧ୍ୟରେ ଶତ୍ରୁତା ରୋକିବାକୁ ହେଲେ ହାତୀ ବାସସ୍ଥଳୀକୁ ସୁରକ୍ଷିତ ରଖାଯିବା ଆବଶ୍ୟକ। ଏଥିସହ ଜଙ୍ଗଲ ନିକଟ ଚାଷୀ ଧାନ, ମକା, ଗହମ ଆଦି ଫସଲ ନ କରି ଲଙ୍କା, ହଳଦୀ, ଅଦା, ଆଦି ଚାଷ କଲେ ହାତୀ ଆଉ ଖାଇବା ପାଇଁ ଆସିବେ ନାହିଁ। ଜନବସତିକୁ ପଶିଆସିଥିଲେ ବନ ବିଭାଗ ନଜର ରଖିବା ସହ ହୋ-ହଲ୍ଲା ନ କରି ସନ୍ଧ୍ୟାରେ ସୁବିଧାରେ ଜଙ୍ଗଲକୁ ଘଉଡ଼ାଇଦେବା ଉଚିତ।

-ଡ. ବିଜୟ କେତନ ପଟ୍ଟନାୟକ
ପୂର୍ବତନ ପିସିସିଏଫ୍

## ଖାଦ୍ୟ, ସଚେତନତା ଲୋଡ଼ା



ହାତୀ କେବଳ ଖାଦ୍ୟ ଅନ୍ୱେଷଣରେ ଦୈନିକ ୨୦ ଘଣ୍ଟା ଚାଲିଥାଏ। କିନ୍ତୁ ଆମେ ତାହାର ଦୈନନ୍ଦିନ ଜୀବନଚର୍ଯ୍ୟା କିମ୍ବା ପ୍ରକୃତି କରିଥିବା ନିୟମକୁ ବୁଝି ପାରିନେ। କାହା ଉପରେ ଅଧିକାର ସାବ୍ୟସ୍ତ କରିବାକୁ ହାତୀ ଗ୍ରାମକୁ ପଶେନାହିଁ। ପ୍ରକୃତି ଦେଇଥିବା ଚଲାପଥ ନ ପାଇ ବାଟବଣା ହୋଇ ଖୋଜିବା ବେଳେ ଯାହାକୁ ଦେଖେ ଡରାଏ। ଚଲାପଥ ସୁରକ୍ଷିତ ସହ ସଚେତନତା ଓ ଜଙ୍ଗଲ ମଧ୍ୟରେ ପ୍ରଚୁର ଖାଦ୍ୟ ସମସ୍ୟାର ସମାଧାନ କରିପାରିବ।

-ଡ. ରଜନୀକାନ୍ତ ଜେନା
ଚେୟାରମ୍ୟାନ, ଓଡ଼ିଶା ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ

## ହାତୀ ଖାଦ୍ୟ ମଣିଷ ଖାଉଛି

ମହାନଦୀ ନର୍ଥବ୍ୟାଙ୍କର ୧୪ ଫରେଷ୍ଟ ଡିଭିଜନରେ ୭୨ରୁ ୭୭ ପ୍ରତିଶତ ହାତୀ ରହିଛନ୍ତି। ଶାଳିଅ ବାଉଁଶ ହାତୀର ୪୦ ଭାଗ ଖାଦ୍ୟ ପୂରଣ କରିଥାଏ। କିନ୍ତୁ ଏବେ ଜଙ୍ଗଲରେ ପର୍ଯ୍ୟାପ୍ତ ବାଉଁଶ ମିଳୁ ନ ଥିବା ବେଳେ ବାଉଁଶ କରଡ଼ି ଓ କଇଥ ଉପରେ ମଣିଷ ଅଧିକାର ଜାହିର କରୁଛି। ସମ୍ବଲପୁର, ମହାନଦୀ ହାତୀ କରିଡର ୨୫ ଶହ ବର୍ଗ କିଲୋମିଟର କରାଯିବା ଦରକାର। ଏହାହେଲେ ସମସ୍ୟା ରହିବ ନାହିଁ।

-ଡ. ଚଞ୍ଚଳ ସର
ବରିଷ୍ଠ ହାତୀ ବିଶେଷଜ୍ଞ

## ଜୀବଜନ୍ତୁଙ୍କ ପ୍ରତି ସମ୍ମାନବୋଧ ବଢ଼ାଯାଉ



ନିଜ ସ୍ୱାର୍ଥ, ଅହେତୁକ ଲୋଭ, ପ୍ରଗତି ଓ ବିକାଶର ଦ୍ୱାହି ଦେଇ ପ୍ରାକୃତିକ ପରିବେଶ ଭିତରେ ମଣିଷର ଅନଧିକାର ପ୍ରବେଶ ଯୋଗୁ ହିଁ ଏହି ଐତିହ୍ୟ ଜୀବ ଏବେ ହିଂସ୍ରତାର ଚରମ ସୀମାରେ। ତେଣୁ ରାସ୍ତା, ଶିଳ୍ପ, ଜନବସତି ଏବଂ ବିଭିନ୍ନ ପ୍ରଗତିମୂଳକ କାର୍ଯ୍ୟକୁ ଯଥାସମ୍ଭବ ଜଙ୍ଗଲ ଠାରୁ ଦୂରେଇ ରଖାଯାଉ। ରାସ୍ତା ନିର୍ମାଣ ବେଳେ ହାତୀ ଚଲାପଥରେ ଚଉଡା ପୋଲ ଓ ଦୁଇ ପାର୍ଶ୍ୱକୁ ସବୁଜ ବନାନୀରେ ପରିବର୍ତ୍ତନ କରାଯାଉ। ଏହାଛଡ଼ା ଜୀବଜନ୍ତୁଙ୍କ ପ୍ରତି ଥିବା ସମ୍ମାନବୋଧକୁ ପୁନର୍ଜୀବିତ କରାଯାଉ।

-ଗାୟତ୍ରୀ ଦେବୀ
ବନ୍ୟପ୍ରାଣୀ ଗବେଷିକା, ଗ୍ରୋ ଉଇଥ ନେଚର

## ହସ୍ତୀ ପ୍ରକଳ୍ପ ସୀମା ବଢ଼ାଯାଉ



ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବାରେ ଓଡ଼ିଶା ଭଲସ୍ଥିତିରେ ଅଛି। ତେବେ ରେଙ୍ଗାଳିର ଲେଫ୍ଟ ଓ ରାଇଟ୍ କେନାଲ, ମୟୂରଭଞ୍ଜର ସୁବର୍ଣ୍ଣରେଖା କେନାଲ ପାଇଁ ହାତୀ ଚଲାପଥ ଖଣ୍ଡବିଖଣ୍ଡିତ ହୋଇଛି। ତାହାକୁ ଯୋଡ଼ାଯିବା ସହ ମହାନଦୀ ହସ୍ତୀ ପ୍ରକଳ୍ପକୁ ବଢ଼ାଇବା ପାଇଁ ୨୦୦୫ର ପ୍ରସ୍ତାବକୁ କାର୍ଯ୍ୟକ୍ଷମ କରାଯାଉ। ସମ୍ବଲପୁର ରିଜର୍ଭକୁ ବଢାଯାଉ। ହାତୀ ଚଳପ୍ରଚଳ ସମ୍ପର୍କରେ ସାଧାରଣରେ ସୂଚନା ଦିଆଯାଉ।

-ଡ. ଲାଲ ଅଶ୍ୱିନ କୁମାର ସିଂହ
ପୂର୍ବତନ ପିସିସିଏଫ, ବନ୍ୟପ୍ରାଣୀ

## ସ୍ୱତନ୍ତ୍ର କମିଟି ଗଠନ କରାଯାଉ



୧୪ଟି ହାତୀ କରିଡର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ସୁରକ୍ଷା ପଦଯାତ୍ରାରୁ ଜଣାପଡିଛି। ପିସିସିଏଫ୍ ବନ୍ୟପ୍ରାଣୀ, ଡିଏଫ୍‌ଓ, ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ, ପ୍ରକୃତି ପରିବେଶ ସମିତି, ପିପୁଲସ ଫର ଆନିମଲ, ଆକ୍ଟିଭ ଭଲେଣ୍ଟିୟର, କମ୍ୟୁନିଟି ପାଟିସିପେଣ୍ଟ, ଗଜବନ୍ଧୁ ଭଲେଣ୍ଟିୟରମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇ ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆଯାଉ। ଜଙ୍ଗଲ ସଚିବ ଏହାର ମନିଟରିଂ କଲେ ଅଧିକ ସୁଫଳ ମିଳିପାରିବ।

-ସଞ୍ଜୀବ କୁମାର ଦାସ
ପିପୁଲ୍‌ସ ଫର୍ ଆନିମଲ ଓଡ଼ିଶା ସଦସ୍ୟ ସଚିବ

## ୧୪ ଚଲାପଥ ନିଷ୍ପତ୍ତି କାର୍ଯ୍ୟକାରୀ ହେଉ



ରାଜ୍ୟରେ ୧୪ଟି ହସ୍ତୀ ଚଲାପଥ ସ୍ଥାପନ ପାଇଁ ୨୦୧୦ରେ ସରକାର ନେଇଥିବା ନିଷ୍ପତ୍ତି ଉପରେ ଯଥାଶୀଘ୍ର ପଦକ୍ଷେପ ଆବଶ୍ୟକ। ହାତୀ ଚଲାପଥରେ ଥିବା ମାନବ ବସତିକୁ ଉପଯୁକ୍ତ ଥଇଥାନ ନୀତି ମାଧ୍ୟମରେ ବନାଞ୍ଚଳ ବାହାରକୁ ସ୍ଥାନାନ୍ତର କରାଯାଉ। ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା, ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭାଗ ଓ ସଙ୍ଗଠନକୁ ଅଧିକ ସହାୟତା ଦିଆଯାଉ।

-ଡ. ଜୟକୃଷ୍ଣ ପାଣିଗ୍ରାହୀ
ବନ୍ୟପ୍ରାଣୀ ବିଶେଷଜ୍ଞ

## ସାଧାରଣଙ୍କ ସହଯୋଗ ଲୋଡ଼ା



ହାତୀ-ମଣିଷ ସଂଘର୍ଷ ଏକ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ଫଳରେ ହାତୀ ପ୍ରତି ଏକ ପ୍ରତିଶୋଧ ପରାୟଣ ମନୋବୃତ୍ତି ସୃଷ୍ଟି ହୋଇଛି। ଏହାକୁ ରୋକିବା ପାଇଁ ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟ 'ହାତୀ ଆମର ସାଥୀ' ନାମରେ ଏକ ସଚେତନତା କାର୍ଯ୍ୟକ୍ରମ ଚଳାଇଛି। ଜନସାଧାରଣଙ୍କ ସହଯୋଗ ମିଳିଲେ ଏ ସମସ୍ୟାର ସମାଧାନ ସମ୍ଭବ ହୋଇପାରିବ।

-ଡ. ଜିତୁଶତ୍ରୁ ମହାନ୍ତି
ଅବସରପ୍ରାପ୍ତ ଭାରତୀୟ ବନସେବା ଅଧିକାରୀ

## ସତର୍କତା ବତି ଲଗାଯାଉ



ହାତୀ ଚଲାପଥ ଦେଇ ଯାଇଥିବା ରାଜପଥ ଓ ରେଳପଥରେ ନିର୍ମିତ ଅଣ୍ଡର ପାସ୍‌ଗୁଡିକର ଡିଜାଇନ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ଦ୍ୱାରା ଅନୁଧ୍ୟାନ କରାଯାଉ। ଚଲାପଥଗୁଡ଼ିକରେ ସତର୍କତା ବତି ଲଗାଯିବା ସହ ରାତିରେ ବନକର୍ମଚାରୀଙ୍କ ଦ୍ୱାରା ପରିଚାଳନା କରାଯାଉ। ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସ୍ଥାନୀୟ ଶିକ୍ଷାନୁଷ୍ଠାନଗୁଡିକରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉ।

-ଡ. ପ୍ରକାଶ ଜେନା, ବନ୍ୟପ୍ରାଣୀ ବିଶେଷଜ୍ଞ

## ସୁରକ୍ଷା ପାଇଁ ସଂଗ୍ରାମ ଜାରି ରହିଛି



ହାତୀ ମୃତ୍ୟୁ ସଂଖ୍ୟା ବୃଦ୍ଧି ବଡ଼ ଚିନ୍ତାର କାରଣ ସାଜିଛି। ଏହାକୁ ଏଡ଼ାଇବା ପାଇଁ ହାତୀ ସ୍କ୍ୱାଡ୍, ହାତୀ ଟ୍ରାକର, ବନ ସଂରକ୍ଷଣ ସମିତି ଓ ଇଡିସିମାନଙ୍କ ଜରିଆରେ ଗଜବନ୍ଧୁ ଯୋଜନା ପରି କାର୍ଯ୍ୟକ୍ରମ କରାଯାଉଛି। ହାତୀ ଚଲାପଥ ରାସ୍ତାରେ ସୂଚନା ଫଳକ ଲାଗିଯାଇଛି। ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଓ ଦିନରାତି ପାଟ୍ରୋଲିଂ ବଢାଯାଇଛି। ଜଙ୍ଗଲ ଦେଇ ଯାଇଥିବା ବିଦ୍ୟୁତ୍ ତାରକୁ କେବୁଲକରଣ କରାଯାଉଛି। ବନ୍ୟଜନ୍ତୁ ଶିକାରୀଙ୍କୁ ଧରିବା ପାଇଁ ଗୋପନରେ ତଥ୍ୟ ସଂଗ୍ରହ ସହ ସୂଚନାଦାତାଙ୍କୁ ଆର୍ଥିକ ପୁରସ୍କାର ଦିଆଯାଉଛି।

-ଡ. ପ୍ରଦୀପ ରାଜ କରାଟେ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ

## ଯୁବକଙ୍କୁ ଗାଳିଗୁଲଜ ଅଭିଯୋଗ

ବଇଣ୍ଡା, ୧୫।୨ (ଡି.ଏନ.ଏ.)

ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର ଲମ୍ବୋଦର ପ୍ରଧାନଙ୍କୁ ସେହି ଗ୍ରାମର ପ୍ରଶାନ୍ତ ନାୟକ ଗାଳିଗୁଲଜ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଲମ୍ବୋଦର ଏକ ସରକାରୀ ଜମିକୁ ଜବରଦଖଲ କରିଛନ୍ତି। ଉକ୍ତ ଜମିକୁ ନେଇ ହାଇକୋର୍ଟରେ ମାମଲା ଥିବାବେଳେ ପ୍ରଶାନ୍ତ ମାଟି ପକାଇଥିଲେ। ଏ ନେଇ ଲମ୍ବୋଦର ପ୍ରତିବାଦ କରିବାରୁ ତାଙ୍କୁ ସେ ଗାଳିଗୁଲଜ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## 'ସରକାର ଚଳାଇଛନ୍ତି କର୍ମଚାରୀମାରଣ ନୀତି'

ଅନୁଗୋଳ ଅଫିସ୍, ୧୫।୨-

ଜୁଲାଇ ୨୦୧୯ଠାରୁ ବକେୟା ଥିବା ୫ ପ୍ରତିଶତ ମହଙ୍ଗା ଭତ୍ତାକୁ ଓଡ଼ିଶା ସରକାର ଜାନୁୟାରୀ ୨୦୨୦ ଠାରୁ ମଞ୍ଜୁର କରିଥିବା ସୂଚନା ଦିଆଯାଇଛି। କିନ୍ତୁ ଏହାଦ୍ୱାରା ୧୯୮୦ ଗୃହୀତ ନୀତିକୁ ରାଜ୍ୟ ସରକାର କୁଠାରାଘାତ କରିଥିବା ରାଜ୍ୟ ଅଣ ଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର ପ୍ରାକ୍ତନ ରାଜ୍ୟ ସଭାପତି ପ୍ରଭାସ ସାହୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଅଭିଯୋଗ କରିଛନ୍ତି। ସାହୁ କହିଛନ୍ତି ଯେ, ରାଜ୍ୟର ବିକାଶ ସହିତ କର୍ମଚାରୀମାନେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। କିନ୍ତୁ ଆଡମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ ବିଲୋପ, ସପ୍ତମ ବେତନ କମିଶନର ବକେୟା ଷାଠିଏ ଭାଗ ଏଯାଏ ପ୍ରଦାନ କରା ନ ଯିବା, କର୍ମଚାରୀଙ୍କ ଅକାଳ ମୃତ୍ୟୁଜନିତ ଅନୁକମ୍ପାମୂଳକ ନିଯୁକ୍ତିରେ କେବଳ ଚତୁର୍ଥ ଶ୍ରେଣୀରେ ନିଯୁକ୍ତି ପ୍ରଦାନ ଓ ଜୁଲାଇ ୨୦୧୯ରୁ ଡିସେମ୍ବର ୨୦୧୯ ପର୍ଯ୍ୟନ୍ତ ୬ ମାସର ମହଙ୍ଗା ଭତ୍ତାକୁ ଚଳୁ କରି ସରକାର କର୍ମଚାରୀ ମାରଣନୀତି ଆପଣାଉଥିବା ସାହୁ ଅଭିଯୋଗ କରିଛନ୍ତି।

## ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଦୀପଦାନ

ତାଳଚେର, ୧୫।୨ (ନି.ପ୍ର.)

ଜମ୍ମୁ କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ବୀର ଯବାନମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ତାଳଚେର ୱାର୍କିଂ ଜର୍ନାଲିଷ୍ଟ ଆସୋସିଏଶନ ତରଫରୁ ପ୍ରଜାମଣ୍ଡଳ ଭବନ ହାଟତୋଟାଠାରେ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଧୀରମୋହନ ରାୟ ଯୋଗଦେଇ ଶହୀଦ ଯବାନମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘ ଉପସଭାପତି ଅଜୟ କୁମାର ନାୟକ, ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ନାୟକ, ଆର୍ତ୍ତତ୍ରାଣ ପାଣି, ମଦନମୋହନ ସାହୁ, ମନିଲ ମହାରଣା, ନରୋତ୍ତମ ସାହୁ, ଶ୍ରମିକ ନେତା ଆନନ୍ଦ ଚନ୍ଦ୍ର ଆଚାର୍ଯ୍ୟ, ଆଇନଜୀବୀ ବାଉରୀ ବନ୍ଧୁ ବେଜ୍, ତୋଫାନ ଯୁବକ ସଂଘ ସଦସ୍ୟ କୃଷ୍ଣ ସାହୁ, ବିଚିତ୍ର ଦାସ, ସନ୍ତୋଷ କୁମାର ସାମଲ, ଅସିତ କୁମାର ସାହୁ, ରବି ସେଠୀ, ନୀଳମାଧବ ଶତପଥୀ, ତପନ ସେଠୀ, ସୁଲେଖ ସେଠୀ, ନାନୁ ରାଓ, କାଳିଆ ମହାନ୍ତ, ସଞ୍ଜୀବ ପ୍ରଧାନ ପ୍ରମୁଖ ସାଇ ମନ୍ଦିର ଠାରୁ ନଗର ପରିକ୍ରମା କରି ପ୍ରଜାମଣ୍ଡଳ ଭବନ ହାଟତୋଟାଠାରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ବୋଲଗଡ଼ ଛାତ୍ରୀଛାତ୍ରଙ୍କ ହିଙ୍ଗୁଳା ମନ୍ଦିର ପରିଦର୍ଶନ



ଖୋର୍ଦ୍ଧା ଜିଲା ପରମାନନ୍ଦ କଲେଜ ବୋଲଗଡ଼ର ୧୦୩ ଜଣ ଛାତ୍ରୀଛାତ୍ର ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ମନ୍ଦିର ପରିଦର୍ଶନ କରିଛନ୍ତି। ରସାୟନ ବିଭାଗ ମୁଖ୍ୟ ଲକ୍ଷ୍ମୀନାରାୟଣ ମିଶ୍ର ଓ ପ୍ରତାପ କିଶୋର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଏହି ପରିଦର୍ଶନରେ ଆସିଥିଲେ।



ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ତାଳଚେର ୱାର୍କିଂ ଜର୍ନାଲିଷ୍ଟ ଆସୋସିଏଶନ ତରଫରୁ ପ୍ରଜାମଣ୍ଡଳ ଭବନ ହାଟତୋଟାଠାରେ କ୍ୟାଣ୍ଡେଲ ଜଳାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ସାପ୍ତାହିକ କାର୍ଯ୍ୟକ୍ରମ

**ଅନୁଗୋଳ**
ତାରିଖ- ୧୭।୨।୨୦
■ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ
ସ୍ଥାନ- ପାଲଲହଡ଼ା ବ୍ଲକ କାର୍ଯ୍ୟାଳୟ
ସମୟ- ପୂର୍ବାହ୍ନ ୧୦ ଘଟିକା

**ପାଲଲହଡ଼ା**
■କୃଷି ସମାଧାନ ଶିବିର
ସ୍ଥାନ- ପାଲଲହଡ଼ା ବ୍ଲକ ଡିମିରିଆ ପଞ୍ଚାୟତ
ସମୟ- ଅପରାହ୍ନ ୩ ଘଟିକା
ତାରିଖ- ୨୧.୨.୨୦

**ଅନୁଗୋଳ**
■ମହାଶିବରାତ୍ରି
ସ୍ଥାନ- ଅନୁଗୋଳର ବିଭିନ୍ନ ଶୈବପୀଠ
ସମୟ- ରାତ୍ର ୭ ଘଟିକା

## ସଂକ୍ଷେପରେ

### ପୋଷଣ ଅଭିଯାନ ତାଲିମ

କାମାକ୍ଷାନଗର, ୧୫।୨(ଡି.ଏନ.ଏ.)- ଢେଙ୍କାନାଳ ଜିଲା କାମାକ୍ଷାନଗର ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପରିସରରେ ଶନିବାର ମଣ୍ଡଳସ୍ତରୀୟ ପୋଷଣ ଅଭିଯାନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଉପସ୍ଥିତ ରହି ଗର୍ଭବତୀ, ପ୍ରସୂତି, ନବଜାତ ଶିଶୁର ଯତ୍ନ ବିଷୟରେ ପ୍ରଶିକ୍ଷଣ ନେଇଥିଲେ। କୁପୋଷଣକୁ ଦୂର କରିବାକୁ ଆବଶ୍ୟକ ଖାଦ୍ୟ, ନିର୍ଦ୍ଧାରିତ ସମୟରେ ଡାକ୍ତରୀ ପରୀକ୍ଷା, ଚିକିତ୍ସା ସମ୍ପର୍କରେ ତାଲିମ ଦିଆଯିବା ସହ ଏହାକୁ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଡିପିଓ ସୌରେନ୍ଦ୍ରୀ ପଟେଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଘନଶ୍ୟାମ ସେଠୀ, ସୁପରଭାଇଜ ସୁମିତ୍ରା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମଧ୍ୟାହ୍ନ ଭୋଜନରେ କଞ୍ଚା ଅଣ୍ଡା

ପରଜଙ୍ଗ,୧୫।୨(ଡି.ଏନ.ଏ.): ପରଜଙ୍ଗ ବ୍ଲକ ଡିହଡୋଳ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ବ୍ୟାପକ ଅବ୍ୟବସ୍ଥା ହେଉଥିବା ଅଭିଯୋଗ ହୋଇଛି। ଶନିବାର ପିଲାଙ୍କୁ ସିଝା ବଦଳରେ କଞ୍ଚା ଅଣ୍ଡା ଦିଆଯାଉଥିବା ଛାତ୍ରୀଛାତ୍ର ଏବଂ ଅଭିଭାବକ ଅଭିଯୋଗ କରିଛନ୍ତି। ଗ୍ରାମବାସୀ କହିଛନ୍ତି, ଶନିବାର ମଧ୍ୟାହ୍ନ ଭୋଜନରେ ଭାତ ସହ ଆଳୁ ଅଣ୍ଡା ଝୋଳ କରାଯିବାକୁ ନିର୍ଦ୍ଧାରିତ ହୋଇଛି। ହେଲେ ପ୍ରଧାନ ଶିକ୍ଷୟିତ୍ରୀ କଞ୍ଚା ଅଣ୍ଡା ଦେଇଥିଲେ। ଫଳରେ ଛାତ୍ରୀଛାତ୍ରଙ୍କୁ ପାଣିଆ ଆଳୁ ଝୋଳ ସହ ଭାତ ଖାଇବାକୁ ପଡ଼ିଥିଲା। ପିଲାମାନେ କଞ୍ଚା ଅଣ୍ଡା ଧରି ଘରକୁ ଫେରିଥିଲେ। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ସାହୁ କୁହନ୍ତି, ଗ୍ରାମରେ ଏକ ଭୋଜିଥିଲା। ତେଣୁ ପିଲାଙ୍କୁ କଞ୍ଚା ଅଣ୍ଡା ଦିଆଯାଇଛି। ଆଗକୁ ଏପରି ତ୍ରୁଟି ହେବନାହିଁ ବୋଲି ସେ କହିଛନ୍ତି। ଅନ୍ୟପଟେ ସ୍କୁଲରେ ମୋଟ ୫୪ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଶନିବାର ସମସ୍ତେ ଉପସ୍ଥିତ ଥିବା ଉପସ୍ଥାନ ଖାତାରେ ଦର୍ଶାଯାଇଛି, ଯାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହାର ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅଭିଯୋଗ ସମ୍ପର୍କରେ ବିଇଓ ହରିହର ଦେହୁରୀଙ୍କ ମୋବାଇଲ ନଂ. ୯୪୩୮୭୨୯୯୫୫ରେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇ ନ ଥିଲା।

# ଟୋକନ ବ୍ୟବସ୍ଥା ହଟାଇବା ଦାବି



ଚାଷୀମାନେ ଧାରଣାରେ ବସିଛନ୍ତି।

■ବ୍ଲକ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା
■ସମସ୍ୟା ସୁଧାରିବାକୁ ବିଡିଓଙ୍କୁ ଦାବିପତ୍ର

**ଭୁବନ, ୧୫।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ସେବା ସମବାୟ ସମିତିରେ ଟୋକନ ବ୍ୟବସ୍ଥାକୁ ନେଇ ଶନିବାର ଚାଷୀ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ଭୁବନ କୃଷକ ସମାଜ ସଭାପତି ବାସୁଦେବ ଗୁରୁଙ୍କ ତତ୍ତ୍ୱାବଧାନରେ ଚାଷୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ।

ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଭୁବନ ସମବାୟ ସମିତିରେ ଅଧୀନରେ ୭୪୮ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇଛି। ହେଲେ ଧାନ ବିକ୍ରି କରିବାକୁ ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ଟୋକନ ବ୍ୟବସ୍ଥା ଯୋଗୁ ସମସ୍ୟା ସୃଷ୍ଟି ହେଉଛି। ପାଖାପାଖି ମାସେ ବିଳମ୍ବରେ ମଣ୍ଡି ଆରମ୍ଭ ହୋଇଛି। ମଣ୍ଡିରେ ପ୍ରଥମେ ଇଂଲିଶ ଅକ୍ଷର 'ଏ' ନାମଧାରୀ ଚାଷୀ ଧାନ ବିକ୍ରିର ସୁଯୋଗ ପାଇଥିଲେ। ହେଲେ ପରବର୍ତ୍ତୀ ମାସରେ ଏହି ବ୍ୟବସ୍ଥା ଉଠାଇ ଦିଆଯାଇଥିଲା। ଚାଷୀଙ୍କ ମୋବାଇଲକୁ ମେସେଜ୍ ମାଧ୍ୟମରେ ଧାନ ବିକ୍ରି ତାରିଖ ସମ୍ପର୍କରେ ସୂଚନା ଦିଆଯାଇଥିଲା। ହେଲେ ଧାନ ନେଇ ମଣ୍ଡିକୁ ଯିବା ବେଳକୁ ଅନେକ ଚାଷୀଙ୍କ ଟୋକନ କଟି ଯାଇଛି। ଫଳରେ ଚାଷୀମାନେ ଧାନ ବିକି ନ ପାରି ନିରାଶରେ ଫେରିବାକୁ ବାଧ୍ୟ ହୋଇଥିଲେ। ଚଳିତ ମାସରେ ଟୋକନ ଆସିଥିବା ୮୦ଜଣ ଚାଷୀଙ୍କ ଟୋକନ କଟିଯାଇଛି। ବାରମ୍ବାର ଏପରି ସମସ୍ୟା ହେଉଥିବାରୁ ଏହାକୁ ଚାଷୀମାନେ ବିରୋଧ କରିଥିଲେ।

ବିଡିଓ ଆଶୀର୍ବାଦ ପରିଡ଼ା ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ଏହି ଅବସରରେ ଟୋକନ ବ୍ୟବସ୍ଥା ବନ୍ଦ କରିବାକୁ କୃଷକ ସମାଜ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ଧାନବିକ୍ରି ବେଳେ ହେଉଥିବା ସମସ୍ୟା ସମାଧାନ କରିବାକୁ ଚାଷୀମାନେ ନିବେଦନ କରିଛନ୍ତି।

# ୪୩୨ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ରଞ୍ଜାସିଂହା ଗ୍ରାମରେ ମାଗଣା ସ୍ୱାସ୍ଥ୍ୟ ଶିବିର।

**ଢେଙ୍କାନାଳ ଅଫିସ, ୧୫।୨**

ଓଡ଼ାପଡ଼ା ବ୍ଲକ ରଞ୍ଜାସିଂହା ପ୍ରାଥମିକ ବିଦ୍ୟାଳୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶୋଭା' ଏବଂ ନବଭାରତ ଭେଞ୍ଚର୍ସ ଲିମିଟେଡ୍‌ର ମିଳିତ ସହଯୋଗରେ ଶନିବାର ଦେୟମୁକ୍ତ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୩୨ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଆବଶ୍ୟକ ଔଷଧ ବଣ୍ଟନ କରାଯାଇଥିଲା।

ନବଭାରତ ଭେଞ୍ଚର୍ସ ଲିମିଟେଡ୍ ଉପସଭାପତି ଯଶୋବନ୍ତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା, ସମ୍ମାନିତ ଅତିଥି ସରପଞ୍ଚ ମାଳାଞ୍ଜଳି ସାହୁ, ନବଭାରତ ଭେଞ୍ଚର୍ସ ଜିଏମ୍ ଏମ୍. ଶ୍ରୀନିବାସ, ଭି. ରାମକୃଷ୍ଣ, ଧୀରେନ୍ଦ୍ର ପଣ୍ଡା, ମାନବ ସମ୍ବଳ ଅଧିକାରୀ ଜେ.କେ. ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର, ପ୍ରଧାନ ଶିକ୍ଷକ ଗିରୀଶ ଚନ୍ଦ୍ର ସ୍ୱାଇଁ, ବିଶେଷଜ୍ଞ ଡା. ସୁଧାଂଶୁ ଶେଖର ମିଶ୍ର, ଡା. ଗୋକୁଳାନନ୍ଦ ହୋତା, ଡା. ଯୋଗେଶ୍ୱର ମୂଳିଆ, ଡା. ମାନସ ରଞ୍ଜନ ଦାସ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ପ୍ରଫୁଲ୍ଲ କୁମାର ଶତପଥୀ, ଏଲ୍‌ଟି ଦୁଷ୍ମନ୍ତ ନାୟକ, ଏଏନ୍‌ଏମ୍ ରୀତାଞ୍ଜଳି ନାୟକ ପ୍ରମୁଖ ସହଯୋଗ କରିଥିଲେ। ମ୍ୟାଜିସିଆନ ବିମଳ କୁମାର ସଚେତନତାଭିତ୍ତିକ ମ୍ୟାଜିକ୍ ଶୋ' ପ୍ରଦର୍ଶନ କରିଥିଲେ।

# ସ୍ୱଳ୍ପ ସଞ୍ଚୟ ଯୋଜନା ବିଜେତା ପୁରସ୍କୃତ

**ଢେଙ୍କାନାଳ ଅଫିସ, ୧୫।୨**


ଅଶୋକ ରାୟଙ୍କୁ ଜିଲାପାଳ ଅଭିନନ୍ଦନ ଜଣାଉଛନ୍ତି।

ସ୍ୱଳ୍ପ ସଞ୍ଚୟ ଯୋଜନା ଲକି ଡ୍ର' ଏପି ସିରିଜ୍‌ର ୪ର୍ଥ ଭାଗ୍ୟଶାଳୀ ବିଜେତା ଭାବେ ୫୦ହଜାର ଟଙ୍କା ପୁରସ୍କାର ପାଇଛନ୍ତି ଢେଙ୍କାନାଳ ରାମେଶ୍ୱରପୁର ଅଞ୍ଚଳର ଅଶୋକ ରାୟ। ଶୁକ୍ରବାର ଅପରାହ୍ନରେ ଲୋକସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଅଶୋକ କୁମାର ମିନା ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ପୁରସ୍କୃତ କରିଥିଲେ। ଶନିବାର ଜିଲା କାର୍ଯ୍ୟାଳୟ ପରିସରରେ ଅଶୋକଙ୍କୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଶୁଭେଚ୍ଛା ଜଣାଇଛନ୍ତି। ସ୍ୱଳ୍ପ ସଞ୍ଚୟ ଅଧିକାରୀ ତଥା ଜିଲା ଲୋକସମ୍ପର୍କ ଅଧିକାରୀ ରଞ୍ଜନ କୁମାର ରାଉତ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଢେଙ୍କାନାଳ ଜିଲାର ୧୪ ଜଣ ଉପଭୋକ୍ତା ୫ ହଜାର ଏବଂ ୬୪ଜଣ ୨ ହଜାର ଟଙ୍କା ଲେଖାଏ ପାଇଥିବା ସ୍ୱଳ୍ପ ସଞ୍ଚୟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ବୋଟ୍‌ରୁ ଖସି ମତ୍ସ୍ୟଜୀବୀଙ୍କ ମୃତ୍ୟୁ

**ବାସୁଦେବପୁର,୧୫।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଚୁଡ଼ାମଣି ଜେଟିରୁ ଚନ୍ଦ୍ରକାନ୍ତ ମଳିକ ନାମକ ଜଣେ ମତ୍ସ୍ୟଜୀବୀ ଏକ ବୋଟ୍‌ରେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ସମୁଦ୍ରରେ ବୋଟରୁ ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ଚୁଡ଼ାମଣି ସାମୁଦ୍ରିକ ଥାନା ପୋଲିସ ଘଟଣାର ତଦନ୍ତ କରି ଏକ ଅପମୃତ୍ୟୁ ମାମଲା(ନଂ.୪/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ସୂଚନା ଅନୁଯାୟୀ, ଚନ୍ଦ୍ରକାନ୍ତ ଅନ୍ୟ ମତ୍ସ୍ୟଜୀବୀଙ୍କ ସହିତ ୫ ଦିନ ତଳେ ମାଛ ମାରିବାକୁ ଏକ ବୋଟ୍‌ରେ ସମୁଦ୍ରକୁ ଯାଇଥିଲେ। ଶୁକ୍ରବାର ଅସାବଧାନତାବଶତଃ ସେ ବୋଟରୁ ପାଣିକୁ ଖସି ପଡ଼ିଥିଲେ।

# ଡମ୍ଫର ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ

**ବାରିପଦା ଅଫିସ, ୧୫।୨**

ବାରିପଦା ଦେଇ ଯାଇଥିବା ୧୮ ନମ୍ବର ଜାତୀୟ ରାଜପଥର ଦାରୋଗାଡାହି ଛକଠାରୁ ମୁର୍ଗାବାଡ଼ି ଯାଇଥିବା ରାସ୍ତାର ଶ୍ମଶାନ ନିକଟରେ ଏକ ଡମ୍ଫର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବାରିପଦା ୨୧ ନମ୍ବର ୱାର୍ଡ଼ ପୂର୍ଣ୍ଣଚନ୍ଦ୍ରପୁରର ରୋହିତ କୁମାର ବାରିକ।

ଶନିବାର ସକାଳେ ରୋହିତ ବାଇକ୍ (ନଂ. ଓଡ଼ି ୧୧ କ୍ୟୁ ୭୯୫୪)ରେ କୌଣସି କାମରେ ମୁର୍ଗାବାଡ଼ି ଯାଉଥିବା ବେଳେ ଏକ ଡମ୍ଫର ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ରୋହିତଙ୍କ ମୃତ୍ୟୁ ଘଟିଥିଲା। ଟାଉନ ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ସହିତ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିଛି। ସେହିଭଳି ଡମ୍ଫର ଚାଳକ ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା କରକାଚିଆ ଗ୍ରାମର ବିଭୀଷଣ ମହାନ୍ତିଙ୍କୁ ଗିରଫ କରାଯାଇଛି। ରୋହିତଙ୍କ ମାମୁ ସୁଶୀଲ ପ୍ରଧାନଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ. ୮୮/୨୦) ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ବିରେନ୍ଦ୍ର ସେନାପତି ପ୍ରକାଶ କରିଛନ୍ତି।

# ଟାଟା ମ୍ୟାଜିକ୍‌କୁ ୧୭,୫୦୦ ଜରିମାନା

**ଭଦ୍ରକ ଅଫିସ,୧୫।୨**



ଭଦ୍ରକ ଆର୍‌ଟିଓ ପକ୍ଷରୁ ଶନିବାର ସ୍କୁଲ ପିଲାଙ୍କୁ ନେବା ଆଣିବା କରୁଥିବା ଏକ ଟାଟା ମ୍ୟାଜିକ୍‌କୁ ଜରିମାନା କରାଯାଇଛି। ସୂଚନା ଅନୁଯାୟୀ, ଟାଟା ମ୍ୟାଜିକ୍ (ନଂ ଓଆର୍ ୨୨ ଇ ୪୦୬୫) ସ୍କୁଲ ପିଲାଙ୍କୁ ନେଇ ଇଚ୍ଛାପୁରସ୍ଥିତ ଏକ ବେସରକାରୀ ଇଂଲିଶ ମିଡିୟମ୍ ସ୍କୁଲକୁ ଯାଉଥିଲା। ଏହି ସମୟରେ ଆର୍‌ଟିଓ କର୍ମଚାରୀ ଓ ଗ୍ରାମାଞ୍ଚଳ ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରି ସକାଳେ ଗାଡ଼ିକୁ ଅଟକାଇଥିଲେ। ପ୍ରଥମେ ସ୍କୁଲ ସମ୍ମୁଖରେ ପିଲାଙ୍କୁ ଓହ୍ଲାଇ ଦେଇଥିଲେ। ପରେ ଗାଡ଼ିର ସମସ୍ତ କାଗଜପତ୍ର ଯାଞ୍ଚ କରି ୧୭,୫୦୦ ଟଙ୍କା ଜରିମାନା କରିଥିଲେ। ଯାଞ୍ଚ ସମୟରେ ଇନ୍ସ୍ୟୁରାନ୍ସ, ଉପଯୁକ୍ତ ପର୍‌ମିଟ୍, ସ୍କୁଲ ପିଲାଙ୍କୁ ନେବାର ଉପଯୁକ୍ତ ନିରାପଦ ବ୍ୟବସ୍ଥା ନ ଥିବା ସହିତ ଅନ୍ୟ କାଗଜପତ୍ର ମଧ୍ୟ ନ ଥିବା ଜଣାପଡ଼ିଥିଲା। ଆର୍‌ଟିଓ ପକ୍ଷରୁ ଜରିମାନା କଟାଯାଇ ଉକ୍ତ ଗାଡ଼ିକୁ ଗ୍ରାମାଞ୍ଚଳ ଥାନାକୁ ହସ୍ତାନ୍ତର କରାଯାଇଥିଲା। ପର୍‌ମିଟ ନ ଥିବାରୁ ୧୦ ହଜାର, ଫିଟ୍‌ନେସ୍ ନ ଥିବା ପାଇଁ ୫ ହଜାର, ଇନ୍ସ୍ୟୁରାନ୍ସ ପାଇଁ ୨ ହଜାର ଓ ଅନ୍ୟାନ୍ୟ ବାବଦକୁ ୫ ଶହ ଟଙ୍କା ଫାଇନ୍ ଲଗାଯାଇଥିବା ଟ୍ରାନ୍ସପୋର୍ଟ ଇନ୍ସପେକ୍ଟର ଧନେଶ୍ୱର ନାୟକ ପ୍ରକାଶ କରିଛନ୍ତି।

# ପହଞ୍ଚିଲା ଶହୀଦ ଅଭିରାମଙ୍କ ମରଶରୀର

**ବସ୍ତା, ୧୫।୨(ଡି.ଏନ.ଏ.)**

## ବସ୍ତାରେ ଶୋକାକୁଳ ପରିବେଶ




ବାଲେଶ୍ୱର ଜିଲା ବସ୍ତା ଥାନା ବ୍ରାହ୍ମଣଦା ପଞ୍ଚାୟତ ରଣାମୁଣ୍ଡଳି ଗ୍ରାମର ସେନାବାହିନୀରେ କାର୍ଯ୍ୟରତ ସୈନିକ ଅଭିରାମ ରାମ ଶହୀଦ ହେବା ପରେ ତାଙ୍କ ମରଶରୀର ବସ୍ତାରେ ପହଞ୍ଚିଛି। ମରଶରୀର ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶହୀଦ ଅଭିରାମ ଅମର ରହେ ସ୍ଲୋଗାନ ଦେଇ ହଜାର ହଜାର ଜନସାଧାରଣ ତାଙ୍କ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ଅଭିରାମ ୨୦୦୯ରେ ଇଣ୍ଡିଆନ ଆର୍ମିରେ ଯୋଗ ଦେଇଥିଲେ । ସେ ଅରୁଣାଚଳ ପ୍ରଦେଶରେ ସେ ୟୁନିଟ୍-୧୫ ବିହାର ହେଡରେ ନାୟକ ଭାବେ କାର୍ଯ୍ୟରତ ଥିଲେ। ଗତ ୧୩ ତାରିଖରେ ଏକ ଗାଡିରେ ସେ ଯବାନମାନଙ୍କ ସହ ଯାଉଥିବା ବେଳେ ଲାଇକଚୋଲି ଆଉଟ ପୋଷ୍ଟ ପାରି ହେବାର ୫ କି.ମି. ପରେ ଗାଡିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କର ମୃତ୍ୟୁ ଖବର ବିଭାଗୀୟ କାର୍ଯ୍ୟାଳୟରୁ ଶୁକ୍ରବାର ତାଙ୍କ ପରିବାର ଲୋକଙ୍କୁ ଜଣାଯାଇଥିଲା। ଶନିବାର ମଧ୍ୟାହ୍ନରେ ତାଙ୍କ ମରଶରୀର ବିମାନ ଯୋଗେ ଭୁବନେଶ୍ୱର ପହଞ୍ଚିବା ପରେ ତାଙ୍କୁ ଆର୍ମି ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଗାଡିରେ ବସ୍ତା ପର୍ଯ୍ୟନ୍ତ ଅଣାଯାଇଥିଲା। ବିଭିନ୍ନ ସଙ୍ଗଠନ, ଅବସରପ୍ରାପ୍ତ ସୈନିକ ସଂଘ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ମାନ୍ୟଗଣ୍ୟ ବ୍ୟକ୍ତି, ସମାଜସେବୀ ସମେତ ଜନସାଧାରଣ ତାଙ୍କର ଶେଷଦର୍ଶନ କରିଥିଲେ। ତାଙ୍କର ସମ୍ମାନାର୍ଥେ ବସ୍ତାରେ ଦୋକାନ ବଜାର ସନ୍ଧ୍ୟା ପରେ ସ୍ୱତପ୍ରବୃତଃ ଭାବେ ବନ୍ଦ କରାଯାଇଥିଲା।


ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Govt.of Odisha Undertaking)
Regd.Office: Janapath Bhubaneswar-751022
OFFICE OF THE G.M.(ELECT) EHT (O&M)CIRCLE, JAJPUR ROAD.
Fax/Phone No.06726-220965 (off), E-mail.id.ehtm.cle.jjp@optcl.co.in CIN: U401020R2004SGC007553
No.Tech-CR-150/156 Dated:15.02.2020
EXPRESSION OF INTEREST(EOI)
General Manager(Elect.),EHT(O&M) Circle, OPTCL, Jajpur Road indents to prepare a vendor list for minimum one year for execution of different Civil/Electrical works and supply of different materials for the estimated cost of more than 10(Ten) thousand up to 1(One) lakh. Interested suppliers, dealers, contractors and firm owners may apply with details documents on or before 04.03.2020 (during office hours).For details please visit our website:- www.optcl.co.in.
Corrigendum if any, will be published in the website only.
Sd./- General Manager (Elect)

OFFICE OF THE MUNICIPAL COUNCIL, KEONJHARGARH
email : keonjharm.hud@rediffmail.com
Invitation for Bids (IFB) 'e' Procurement Notice
Bid Identification No.KGM-10/2019-20
Letter No.1475 /KGM Date: 12.02.2020
On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system ,through e-Procurement.
1 - Nature of work- Civil Work
2 - No. of Work-31 Nos.
3 - Value of works: Rs.1,34 ,200 /- to 15,88,000 /-
4 - Date & Time of availability of Bid document in the portal: From. 15.02.2020 at 11.00 A.M. up to 25.02.2020 at 5.00 P.M.
5 - Last date & time of submission of bid in portal- upto 5 P.M of 25.02.2020
6 - Date of Opening of bid in portal. 27.02.2020 at 11 .30. A.M.
7- Name & address of the officer in Inviting Bid- EO, Keonjhargarh Municipality
Further details can be seen from Website: www.tendersorissa.gov.in
Sd./- Executive Officer
Keonjhargarh Municipality

PRAGATIPATHE ATHMALIK PANCHAYAT SAMITI
1. RURAL HOUSING FOR THE FY 2019-20.
► PMAY-G Houses - 1922
► BPGY Houses - 125
► NSPGY Houses - 225
2. MGNREGS FOR THE FY 2019-20
► Persondays Generation - 334265 days
► House Hold 100 days completed - 166
PROJECT COMPLETED UNDER MGNREGS
► AWC Building - 10
► Playground - 3
► Village Tank - 5
► Check Dam - 4
► Road - 14
3. AGAB FOR THE FY 2019-20
► Project Completed - 112
4. RURAL WATER SUPPLY AND SANITATION
► Pipe water supply completed - 28
► Overhead tank completed - 11
Minakhi Dalei, Chairman
Chairman, Athmallik Block
Sanjay Kumar Acharya
Block Development Officer, Athmallik

OFFICE OF THE EXECUTIVE ENGINEER No. O-1083
RURAL WATER SUPPLY & SANITATION DIVISION, MALKANGIRI
Phone - (06861) 231617email:eerwss_mal@nic.in,eerwssmlkg@gmail.com
QUOTATION CALL NOTICE No. 03 / (EB-61)2020 Dt. 12.02.2020
The Executive Engineer, RWS&S Division, Malkangiri on behalf of Governor of Odisha invites sealed quotations from Authorised Manufactures, Authorised Dealers/ Distributers for supply of Chemicals, Glassware, Consumables of reputed makes for testing of drinking water at RWS&S Divisional Laboratory, Malkangiri/ Sub-Divisional laboratory, Mathili.
The time schedule of quotation is as follows.
1) Date for submission of quotation:- Dt.19.02.2020at 10.00 A.M.to 28.02.2020 up to 5.00P.M.
2) Date of Opening of Quotation:- Dt.29.02.2020 at 11.30A.M.
The detailed list of items and term & condition are available in office of the Executive Engineer RWS&S Division,Malkangiriduring office hoursor can be downloaded from www.odisha.gov.in, www.malkangiri.nic.in
Sd/12.02.20
Executive Engineer RWS&S Division, Malkangiri
OIPR-25044/11/0010/1920

SIEP centre for Divvyang No. gg-20
SIDR Building, Capital Hospital Campus, Unit-6, Bhubaneswar-751001
OPEN TENDER
for Procurement of Equipment for SIEP
No. 132/SIEP Date: 14.02.2020
SIEP/MISC/0016/2019
The Tender aims to approve successful bidder/bidders that will be responsible for supply of different equipment for "SIEP (State Institute for Empowerment of Persons with Disabilities)" at Bhubaneswar. The details of scope of work, eligibility criteria and submission of details can be downloaded from website http://www.ssepd.gov.in
1. Availability of tender document: SSEPD website www.ssepd.gov.in
2. Date and time for submission of the Tender documents: By speed post/ Registered post / Courier/ hand in all working days up to 12:00 noon of 16/03/2020
3. Pre Bid 26.02.2020 at 11.00 A.M
This Tender does not entail any commitment on the part of SIEP either financial or otherwise. SIEP reserves the right to accept or reject any or all Tenders without incurring any obligation to inform the affected applicant/s of the grounds. The Tenders will be evaluated based on the information provided.
SD/- ExecutiveDirector,SIEP,Odisha
OIPR-46003/11/0004/1920

OFFICE OF THE D.F.O.-CUM-CEO.FFDA/ BFDA, BHADRAK AND SECRETARY, MANAGEMENT SOCIETY DHAMARA FISHING HARBOUR, DHAMARA
TENDER CALL NOTICE No. 49// Dt. 14.02.2020
ENGAGEMENT OF SECURITY GUARDS AND MANPOWER
Management Society, Dhamara Fishing Harbour, Dhamara of Bhadrak District invites sealed tenders from registered private organizations / Agency for engagement of security Guards and Manpower Services. The agencies having good track record with Registration Certificate, trained manpower and relevant experience in this line is eligible to apply. The agency must be able to provide round the clock security services to Management Society, Dhamara Fishing Harbour, Dhamara. The details tender paper cost Rs. 2000/- (Rupees Two Thousand) only in shape of Cash/ Demand Draft in favour of "Secretary, Management Society, Dhamara Fishing Harbour, Dhamara" Payable at Dhamara may be obtained from the office of Manager, Management Society, Dhamara Fishing Harbour, Dhamara from Dt. 17.02.2020 to Dt. 02.03.2020 in office hours i.e. 10.00 AM to 5.30 PM should be submitted with their proposal (Technical as well as Financial Bids) along with all supporting documents in sealed envelope must superscribed with "Application for outsourcing of Security Services and Manpower at Management Society Dhamara Fishing Harbour, Dhamara" to the office of the D.F.O., Bhadrak and Secretary Management Society, Dhamara Fishing Harbour, Dhamara by Dt. 03.03.2020 till 5.30 PM. The tender will be opened on Dt. 04.03.2020 at 11.30 AM in the office of D.F.O.-cum-CEO, FFDA/BFDA, Bhadrak and Secretary, Management Society, Dhamara Fishing Harbour at Bhadrak. (Near Bonth Chaka Bus Stand). The Undersigned has reserve the rights to cancel any or all application without assigning any reason thereof.
Sd./- Santosh Kumar Dalai
D.F.O., Bhadrak & Secretary
Management Society Dhamara
Fishing Harbour, Dhamara

# SUNDAY classifieds




## BRIDE WANTED

Require Educated & culture Bride Age Between 35 to 40 for a well Establish Alone Groom (43) ,Caste No Bar No Demand Only Registry Marriage prefer call:- 9007037200. D-16745

Wanted beautiful qualified Gen/ OBC bride for handsome Rangani boy 1978/ Aries/ Ph.D. Math/ Working in Deemed University), Call- 9437178454 (No Mediator Please). D-59535

For M.Tech, (IIT Bombay), Internship (Steinbeis University Germany) Qualified Commander in Indian Navy. Contact- +919438183860. D-16583

ସଫ୍ଟୱେୟାର ଇଂଜିନିୟର ମାସିକ ଏକଲକ୍ଷ ପନ୍ଦର ହଜାର ଟଙ୍କା ଦରମାରେ ଏକ ପ୍ରତିଷ୍ଠିତ ବ୍ୟାଙ୍କରେ କାର୍ଯ୍ୟରତ ପାତ୍ର ପାଇଁ ଶିକ୍ଷିତା ସୁନ୍ଦରୀ ପାତ୍ରୀ ଆବଶ୍ୟକ। କୌଣସି ପ୍ରକାର ଯୌତୁକ ଦାବି ନାହିଁ। Mobile- 9178585570. D-69012

## GROOM WANTED

Suitable Groom wanted for Karan girl, 28 M.Sc. (Physics) B.Ed., faculty in Sailabala womens college. Contact: 8917285133 . D-16663

Gudia beautiful girl 5'4" B.Sc. BED. 1989, 27/12 wanting for Govt/ Teacher, Bhubaneswar, Khordha, Brahmapur, 9348364198, 9692968456. D-16736

Beautiful Khandayat girl 1988 MBA 5'4", 20/9 and 1992 MSC 5'3", 16/7 required Bank/Govt./Software handsome boy, 9040120506. D-67538

10th qualified ବିଧବା ଗୋଟିଏ ଶିଶୁ ଥିବା 25ବର୍ଷ ବୟସ୍କା SC ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଆବଶ୍ୟକ। 7381366103. D-67931

Wanted Gen/ OBC groom (Class-II Govt. service preferred) for a Rangani girl (1984/ Aries/ Govt. JE) Call- 9437178454, 9861182688 (No Mediator Please). D-59536

**Now Matrimonial ads. only on Wednesday & Sunday Book 1 Get 1 FREE**




## SALE

Hyundai creta, I twenty, Honda City, KUV 100, Pajero & others: 9937153557. D-16735

9000K.M run March 2019 Maruti Ignis Alfa blue colour. 9437284700. D-16720




## SALE

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/-(installment/ outright)ରେ ମିଳୁଛି। 9937025614, 7008390130.** D-68480

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-16225

Buy 1/2/3BHK luxury flats at Bhubaneswar near SUM Hospital Gothapatna with many amenities. 9078263828. D-16530

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16587

3BHK Duplex 35,00,000/- finishing Hanspal (Bank finance available)- 9348633789, 8093465134. D-68663

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 5,50,000. Contact: 8908492594. D-16256

Commercial plot for sale 17guntha near Tankapani Road, Sai Temple, NH side, Bhubaneswar. 9861037729, 9040337729. D-63975

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16586

BDA Approved ready to move duplex at Patia-Raghunathpur 30mtr. from Nandankanan road, material used-redbrick,ultratech cement , Tatatiscon Steel- 9438419823, 9337086655. D-68662

ଭୁବନେଶ୍ୱର New Rly. Station 1200sqft. @ 5,80,000/- yellowzone plot ମିଳୁଛି। 6371406921. D-16644

**ଭୁବନେଶ୍ୱର Sumhospitalରୁ 4k.m 100' ରୋଡ଼କୁ ଲାଗି Tamando Kendriyaviharଠାରେ yellowzone ଘରବାରୀ ପ୍ଲଟ 8763886290, 9348767829.** D-68486

2250sqft. Corner plot for sale near Raghunathpur, Jali, 8986629656. D-68581

Own 2400sqft. gharabari plot, very closed to Mancheswar, Bhubaneswar for sale. 9853273211. D-69211

**ଭୁବନେଶ୍ୱର କଟଣୀଗେଟ୍‌ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/ registration, 8144706560, 7750909843.** D-68488

**ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30' ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320.** D-68479

ଫୁଲନଖରାଠାରୁ 1.5k.m DPS ପାଖରେ ଘରବାଡି ହୋଇଥିବା 1500sqft. plot immediately sale. 9237121875, 7504500090. D-68580

**ଭୁବନେଶ୍ୱର କଟଣୀଗେଟ୍‌ଠାରେ Sqft.200/-, ବାଳକାଟି ବଜାରରୁ 2k.m Sqft.550/- (ଘରବାରି) କଟକ ତ୍ରିଶୁଳିଆରୁ 4k.m Sqft.300/-ରେ ପ୍ଲଟ୍ ମିଳୁଛି। 9348020724, 7978939440.** D-68472

3BHK Duplex 35,00,000/- finishing Hanspal, Gharabari plot Bhingarpur- 8093465134, 9668194157. D-68665

30'road boundary, gharabari fully developed plot Gudiapokhari (KEC) 9937166932. D-68585

**4000 Sqft. GA plot immediately sale at Surya Nagar Bhubaneswar, only buyer contact Deepak- 9937329999.** D-68066

2000 sqft land at Vijay Vihar, Samantarpur, Bhubaneswar. Mobile-9437177313 & 8917242678. D-16743

3BHK duplex for sale at Gothapatna, Bhubaneswar 3km. from SUM Hospital 8917665342, 9861444497. D-68584

4/5 BHK Duplex at Balianta. Construction - 2200 @ 60Lakhs/ 2600 @ 70Lakhs. Finance by LIC. Mplanets: 9938219397, 9861022055. D-16718

ଧଉଳି ଦୟାନଦୀବନ୍ଧ ନୂଆବ୍ରିଜ୍ ନିକଟରେ 1800sqft. 3ଟି ସ୍ଥିତିବାନ ପ୍ଲଟ୍ 10,00,000/- ରେ ବିକ୍ରିହେବ। 9777236619 D-16740

**2800sqft. boundary wall gharabari plot sale near NH-5 C.V. Raman Engg. College, Bhubaneswar. 9437110746.** D-68491

**ଭୁବନେଶ୍ୱର ବାଳକାଟି ବଜାରରୁ 2km sqft.-550/-, (ଘରବାରି) କଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547.** D-68489

Gharabari 8 guntha along with building for sale at Boniamal, Kendrapara. Contact: 9437048845. D-16722

Plot sale Banguary (Hanspal) 1300/- per sqft. construction 450/- and 850/- per sqft. Contact: 8018961216. D-16371

Gharabari plots eastfacing boundary walls Tankapani Road Saimandir Sqft. 1600/- 7735738102. D-16716

**Ready to move fully furnished flat at puri with all amenities just book at 1.40lakhs. 9078711724.** D-16738

ଭୁବନେଶ୍ୱର ହଂସପାଳଠାରୁ ୧୦କିମି ଭିଙ୍ଗାରପୁର ସୁଧାନନ୍ଦ କଲେଜ ପିଚୁରାସ୍ତାକୁ ଲାଗି ଇଲେକ୍ଟ୍ରି ପାଣିର ସୁବିଧା ଥିବା ଘରବାଡି କଟକୀ ୧୫ଗୁଣ୍ଠ ଜାଗା ବିକ୍ରି ହେବ। 8917337445. D-16742

**2BHK earthquake proof quality flats in Avantika Apartment near Gokul Residency on GGP Pandara Road touching Puri Highway for sale. Contact: 9437396718, 8763935874 during office hours immediately.** D-68065

For sale 72 Decimal gharabari Kisan Land by the side of Chandanpur Flyover infront of Samjajpur Village. On the main road @ 3lakh per Decimal (Negotiable), Contact mobile no.- 9938138185. D-69010

5270sqft. residential plot at Ranasingpur Mouza beside Bijupattnaik Police Academy 1km from Alugodam and AIIMS main gate for sale. Please Contact. 9463086662, 9437696491. D-16739




Construct your home as per your requirement, TATA rod, Ultratech Cement, Cera, Jaguar. All branded material with structural guarantee. 7537874306. D-69210

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16719

## GENERAL

## SALE

Good running Unisex Saloon with all advance machineries district center Chandrasekharpur, Bhubaneswar, 8249909768. D-68586

Fully running AC Garment showroom sale/ lease, Bhubaneswar- 9437087261, 7008275280. D-68661




Flat 3roomed in 3rd floor interior decorated BJB Nagar, Natabar Complex behind Sri Hospital available. 7873726701, 9337651024. D-63974

**2500 Sqft. godown space, 200 meters from platform No-6. 9437026400.** D-16667

Space available at IRC Village first floor main road facing near Vishal Megha Mart suitable for office/ Clinic- 9090901043. D-68067

Independent ground floor, 3000sqft. five rooms, Dining, Store, Kitchen, Servant room, Three Toilets, Parking main road IRC Village, Bhubaneswar, 8249254037, 8289254736. D-67747




Hindustan Packers & Movers shifting of household goods, office & bike (all over India). 9437045552, 9937288024. D-16608

Shivam logistic packers movers. Household/ car relocation countrywide. 9777044177, 9338461133. D-16741

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Kasturi massage club, fully relaxed by expert lady, home service: 9178845612. D-68779

Ayurvedic full body massage ladies & gents smart therapist, 9668814589. D-68784

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68783

Completely stress management therapy, visit us our clinic. Contact: 7852986810. D-68582

Refresh your mind and soul with best therapy at Orchid Salon/Spa. 9937287222. D-68786

Full body herbal massage with refreshment expert therapist. 7381239385, 06742540855. D-69000

Experience full body massage with us (expert). Call: 7377048581, 06742597822. D-69201

Ayurvedic full body massage ladies and gents. Contact: 9861064981. D-68789

Herbal full body massage by smart / expert therapist. Contact: 8338067247. D-69202

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69203

Body massage @ 1099 at mystic Unisex Salon and Spa. 9556978408. D-69206

Rejuvenate and Ayurvedic full body massage by smart therapist. 9114402304. D-69204

Elite Unisex Salon- A complete family Spa. Male to male and female to female- 7326977966. D-69207

Ayurvedic refreshment massage therapy refresh mind and body. Appointment: 7894855541. D-68583

Newly open full body massage by ladies, gents therapist. 8018656899 D-60870

Ayurvedic full body massage by ladies, gents therapist. 7008773793 D-60871

Sai herbal spa refresh your body with smart, expert therapist. 7608062524. D-69205

Ayurvedic full body massage ladies/gents smart experts therapist:- 8480939300. D-68790

Monalisa Massage Club: All types body massage with hiprofile smart lady rooms service available- 9708545108. D-16737

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com




Kalia Agarbati Co. ଓଡ଼ିଶାର ଏକ ସବପୂରାତନ ଅଗରବତୀ ଅନୁଷ୍ଠାନ। ଶୁଦ୍ଧ ଝୁଣାବତୀ, ରଙ୍ଗୀନ ବତୀ ଓ କଳାବତୀ ପାଇଁ ଯୋଗାଯୋଗ କରନ୍ତୁ, Phone: 9437211076, Bhubaneswar. D-16660

**Gharka khana/ Caterer, North Indian Lunch & Dinner, weekly 3days nonveg with home/ office delivery @ 3500/- per month. Pokhariput, Bhubaneswar. Contact: 9668732935.** D-67291

ମହାବାସ୍ତୁ ଶିଖନ୍ତୁ (ବିନା ଭଙ୍ଗାରୁଜାରେ ଘର, ଦୋକାନ, ଅଫିସ୍, କାରଖାନାର ବାସ୍ତୁ ଠିକ୍ କରନ୍ତୁ) କୋର୍ସ ୨୨–୨୩ ଫେବୃୟାରୀ ଭୁବନେଶ୍ୱରରେ ଆରମ୍ଭ ହେବ। ପରାମର୍ଶ ହେତୁ **Contact Sudarsan, 9040151899.** D-68068




ସବୁ ସମସ୍ୟାର ସମାଧାନ ହେବ ଗୁଣି ଗାରେଡି, ଭୂତପ୍ରେତରୁ ରକ୍ଷା, ପ୍ରେମବିବାହ, ଗୃହସମସ୍ୟା, ବ୍ୟବସାୟ, ଚାକିରି ସମସ୍ୟାର ସମାଧାନ ହେବ। Mob: 7008953611. D-16668

## AFFIDAVIT

I Buddhadev Jena S/o- Radhakrushna Jena Address Mahabala Balasore 756024 changed my name as Rohan Jena for All Purpose. D-16746

## CLASSIFIED BOOKING STATIONS

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR
Prabina Kumar Mohanty
Ph: 9337336614, 7008967858

**CUTTACK**
**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**23rd Marriage Anniversary**



**Dusmant Kumar Moharana & Sanjukta Moharana**
Capital Hospital, BBSR
May Shree Jagannath Mahaprabhu shower his blessings upon both of you.
Wishing you a happy married life.
Best Wishes: Babi, Bapi, Barsha, Babu, Mama
D-16748

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**JOGESWAR DAS**
Rayagada Mob: 06856222611, 9437234611

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



"ଯଦି କୌଣସି ଟେଲିକମ୍ କମ୍ପାନୀ ଦେବାଳିଆ ପ୍ରକ୍ରିୟାରେ ଆବେଦନ କରନ୍ତି, ତେବେ ବ୍ୟାଙ୍କଗୁଡିକ ଆର୍ଥିକ ସହାୟତା ଯୋଗାଇ ଦେବେ।

– ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ



"ଏବେ ଋଣ ଅଭିବୃଦ୍ଧିରେ ଉନ୍ନତି ଆସୁଛି। ବଜେଟର ବିଭିନ୍ନ ପ୍ରସ୍ତାବ ମୁଦ୍ରାସ୍ଫୀତି ବଢାଇବାର ସମ୍ଭାବନା ନାହିଁ।

– ଶକ୍ତିକାନ୍ତ ଦାସ, ଗଭର୍ଣ୍ଣର, ରିଜର୍ଭ ବ୍ୟାଙ୍କ

# ଏଜିଆର୍ ବକେୟା ପଇଠ କରିବ ଭୋଡାଫୋନ-ଆଇଡିଆ

**ନୂଆଦିଲ୍ଲୀ,୧୫-୨**

ଆଡ୍‌ଜଷ୍ଟେଡ ଗ୍ରସ୍ ରେଭେନ୍ୟୁ(ଏଜିଆର୍) ବାବଦ ବକେୟା ଅର୍ଥ ପ୍ରଦାନ କରିବାକୁ ଭୋଡାଫୋନ-ଆଇଡିଆ ସମ୍ମତି ପ୍ରଦାନ କରିଛି। ଏହି ବାବଦରେ କେତେ ଅର୍ଥ ପ୍ରଦାନ କରାଯିବ ସେ ନେଇ କମ୍ପାନୀ ବର୍ତ୍ତମାନ ବିଚାର କରୁଛି। କମ୍ପାନୀ ବର୍ତ୍ତମାନ କ୍ଷତିରେ ଚାଲୁଥିବା ବେଳେ ଭାରତରେ ଏହାର ବାଣିଜ୍ୟ ପରିଚାଳନା ଆଗକୁ ଚାଲିବ କି ନାହିଁ ସେ ନେଇ ଆଶଙ୍କା ପ୍ରକଟ କରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବକେୟା ଏଜିଆର୍ ଦେୟ ପଇଠ କରିବା ଲାଗି ପ୍ରସ୍ତୁତିରେ ରହିଥିବା କମ୍ପାନୀ ଶନିବାର ମତ ପ୍ରକାଶ କରିଛି। ଏଜିଆର୍ ଦେୟର ପୁନର୍ବିଚାର କରିବା ଲାଗି କମ୍ପାନୀ ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରିଛି। ଭାରତ ବାଣିଜ୍ୟର ଭବିଷ୍ୟତ କ'ଣ ରହିବ ତାହା




ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉପରେ ନିର୍ଭର କରୁଛି ବୋଲି କମ୍ପାନୀ କହିଛି। ଏଥିରୁ ବୁଝାପଡୁଛି ଯେ, ସର୍ବୋଚ୍ଚ ନ୍ୟାୟାଳୟ ଯଦି କିଛି କୋହଳ ବ୍ୟବସ୍ଥା କରନ୍ତି ତେବେ କମ୍ପାନୀ ଦେୟ ପଇଠ କରିବା ସହ ଭାରତରେ ବ୍ୟବସାୟ କରିପାରିବ।

ଆଗାମୀ କିଛି ଦିନରେ ବକେୟା ରାଶି ପଇଠ କରାଯିବ ବୋଲି ଭୋଡାଫୋନ-ଆଇଡିଆଇ ପକ୍ଷରୁ ବିଏସ୍‌ଇକୁ ଏକ ଫାଇଲିଂରେ କୁହାଯାଇଛି। ଏହି କମ୍ପାନୀ

- ଭାରତରେ କାରବାର ନେଇ ଆଶଙ୍କାରେ କମ୍ପାନୀ
- ସୁପ୍ରିମକୋର୍ଟଙ୍କ ପରବର୍ତ୍ତୀ ଶୁଣାଣିକୁ ଅପେକ୍ଷା
- ଭାରତ ବଜାର ଛାଡ଼ିବାକୁ ପୂର୍ବରୁ କହିଥିଲା

ଉପରେ ବର୍ତ୍ତମାନ ପ୍ରାୟ ୫୩,୦୩୮ କୋଟି ଟଙ୍କାର ବକେୟା ରହିଛି। ଏହା ମଧ୍ୟରେ ୨୪,୭୨୯ କୋଟି ଟଙ୍କାର ସ୍ପେକ୍ଟ୍ରମ ବକେୟା ଏବଂ ୨୮,୩୦୯ କୋଟି ଟଙ୍କାର ଲାଇସେନ୍ସ ଫି ଦେୟ ବାକି ରହିଛି। ସରକାର କମ୍ପାନୀକୁ ଯଦି କୌଣସି ରିହାତି ପ୍ରଦାନ ନ କରନ୍ତି, ତେବେ କାରବାର ବନ୍ଦ ହୋଇଯିବ ବୋଲି ଏହା ପୂର୍ବରୁ ଚେତାବନୀ ଦେଇସାରିଛି। ଡିସେମ୍ବର ତ୍ରୈମାସରେ କମ୍ପାନୀର କ୍ଷତି ବର୍ତ୍ତମାନ ଯାଏ ସର୍ବାଧିକ ରହିଛି। ଏଭଳି ସ୍ଥିତିରେ କାରବାର ଆଗକୁ ବଢ଼ାଇବା କଷ୍ଟକର ହେଉଥିବା କମ୍ପାନୀ ସୂଚନା ଦେଇଛି। ଏଣୁ ସୁପ୍ରିମକୋର୍ଟଙ୍କ ଆଦେଶ ଆସିଲା ପରେ ହିଁ କମ୍ପାନୀ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିଚାର କରିବ। ଏଜିଆର୍ ମାମଲାରେ ପରବର୍ତ୍ତି ଶୁଣାଣି ମାର୍ଚ୍ଚ ୧୭ରେ ହେବ ବୋଲି ଜଣାପଡିଛି। ସେହିଭଳି ଆଗାମୀ ଶୁଣାଣି ପର୍ଯ୍ୟନ୍ତ ୧୦ ହଜାର କୋଟି ଟଙ୍କା ପଇଠ କରିବାକୁ ଭାରତୀ ଏୟାରଟେଲ କହିଛି। ବକେୟା ପ୍ରଦାନରେ କମ୍ପାନୀଗୁଡିକ ବିଳମ୍ବ କଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ବିଚାର କରାଯାଉଥିବା ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# କେନ୍‌ଷ୍ଟାର ପକ୍ଷରୁ ଡିଲର ସମ୍ମିଳନୀ

**ଭୁବନେଶ୍ୱର,୧୫-୨**

ପ୍ରମୁଖ କମ୍ପାନୀ କେନ୍‌ଷ୍ଟାର ପକ୍ଷରୁ ଡିଲର ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଠାରେ ପୁରୀ, ଖୋର୍ଦ୍ଧା, ନିମାପଡ଼ା, ପିପିଲି, କାକଟପୁର, ଜଟଣୀ, ଭୁବନେଶ୍ୱର ଭଳି ସ୍ଥାନଗୁଡିକରୁ ପ୍ରାୟ ୧୫୦ ଡିଲର ଯୋଗ ଦେଇଥିଲେ। ଏହି ଅବସରରେ ନୂଆ ଡବଲକୁଲ ୱେଭ ମଡେଲ କୁଲର ବଜାର ପ୍ରବେଶ କରାଯାଇଛି। ସେହିଭଳି ନୂଆ ରେଞ୍ଜରେ କେନଷ୍ଟାର ୧୬ ଫ୍ୟାନ ମଡେଲକୁ ବଜାରକୁ ଛାଡିଛି। ସ୍ମଲ ଆପ୍ଲାଏନ୍ସ ବର୍ଗରେ ରହିଥିବା ବିଭିନ୍ନ ମଡେଲ ଏହି ଅବସରରେ ଉନ୍ମୋଚନ କରାଯାଇଥିଲା। ଏହାବାଦ ଗ୍ରାଇଣ୍ଡର ବର୍ଗରେ ୭ ନୂଆ ମଡେଲ କମ୍ପାନୀ ଆଣିଛି। ଏହି ଅବସରରେ କମ୍ପାନୀର ଶାଖା ପ୍ରବନ୍ଧକ ବିଦ୍ୟାଧର ଦାଶ କହିଛନ୍ତି ଯେ, କେନଷ୍ଟାର ପ୍ରଡକ୍ଟଗୁଡିକ ଗ୍ରାହକଙ୍କ



ଆବଶ୍ୟକତାକୁ ନଜରରେ ରଖି ପ୍ରସ୍ତୁତ କରାଯାଇଛି। ଗ୍ରାହକଙ୍କୁ ଗୁଣବତ୍ତା ପ୍ରଡକ୍ଟ ଯୋଗାଣ ଦିଗରେ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି। ଏହି ଆଧାରରେ ନୂଆ ନୂଆ ପ୍ରଡକ୍ଟ ପୋର୍ଟଫୋଲିଓରେ ଯୋଡୁଛୁ। ବ୍ରାଣ୍ଡର ସମ୍ପ୍ରସାରଣ ଲାଗି ଉଦ୍ୟମ ଜାରି ରହିଥିବା ବେଳେ ଅଧିକରୁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଲାଗି କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିବା ସେ ମତବ୍ୟକ୍ତ କରିଛନ୍ତି। ଗ୍ରୀଷ୍ମରେ ଉନ୍ନତ ବ୍ୟବସାୟ ନେଇ ଆଶା ରହିଥିବା ଦାଶ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ଏରିଆ ମ୍ୟାନେଜର ସନ୍ତୋଷ ଶତପଥୀ ଉପସ୍ଥିତ ଥିଲେ। ଭଲ ପ୍ରଦର୍ଶନ କରିଥିବା ଡିଲରଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା।

# ଲୁଇ ଫିଲିପ୍‌ର ନୂଆ ଷ୍ଟୋର




**ଭୁବନେଶ୍ୱର,୧୫-୨**

ପୁରୁଷଙ୍କ ପରିଧାନ ବର୍ଗରେ ପ୍ରମୁଖ ବ୍ରାଣ୍ଡ ଲୁଇ ଫିଲିପ ପକ୍ଷରୁ ନୂଆ ଷ୍ଟୋର ସ୍ଥାନୀୟ ଉତ୍କଳ କନିକା ଗ୍ୟାଲେରିଆଠାରେ ଶୁଭାରମ୍ଭ ହୋଇଛି। ଏଠାରେ ଗ୍ରାହକମାନେ ଉଚ୍ଚ ଗୁଣବତ୍ତାବିଶିଷ୍ଟ ପୋଷାକପତ୍ର, ଫୁଟୱେର ଏବଂ ଆସେସୋରିଜ ଲାଭ କରିପାରିବେ। ଗତ କିଛିବର୍ଷ ଧରି ଏହି ବ୍ରାଣ୍ଡ ନୂଆ ଉଦ୍ଭାବନ ଗ୍ରାହକଙ୍କ ଲାଗି ପ୍ରଦାନ କରୁଛି। ଉନ୍ନତ କପଡା ଏବଂ କ୍ରାଫ୍ଟମ୍ୟାନଶିପକୁ ଏହା ଗୁରୁତ୍ୱ ଦେଇ ଆସିଥିବା କହିଛି। ରାଜ୍ୟରେ ଲୁଇ ଫିଲିପର ୭ ଟି ଷ୍ଟୋର ରହିଛି। ୧୨୦୦ ବର୍ଗଫୁଟ ସ୍ଥାନରେ ନୂଆ ଷ୍ଟୋରଟି ଖୋଲିଛି। ଷ୍ଟାଇଲ ପ୍ରିୟ ପୁରୁଷ ଗ୍ରାହକ ଏଠାରେ ସୁଟ, ଶାର୍ଟ, ଟ୍ରାଉଜର, ଟି-ଶାର୍ଟ, ଜିନ୍ସ, ଫୁଟୱେର, ଆସେସୋରିଜ ଲାଭ କରିପାରିବେ। ନୂଆ ଷ୍ଟୋର ଶୁଭାରମ୍ଭ ଅବସରରେ ଗ୍ରାହକଙ୍କ ଲାଗି ଅଫର ରଖାଯାଇଛି। ପ୍ରଥମ ୨୦୦ ଗ୍ରାହକଙ୍କ ଲାଗି କ୍ରୟ ଉପରେ ୧୦୦୦ ଟଙ୍କା ଅଫ୍ ମିଳିବ। ଏହି ଅଫରର ଲାଭ ଉଠାଇବା ଲାଗି ଷ୍ଟୋର ପରିଦର୍ଶନ କରିବାକୁ ଗ୍ରାହକଙ୍କୁ ଷ୍ଟୋର ପକ୍ଷରୁ ନିବେଦନ କରାଯାଇଛି। ସହରର ଗ୍ରାହକଙ୍କ ବର୍ଦ୍ଧିତ ଚାହିଦା ପୂରଣ କରିବା ଦିଗରେ ଷ୍ଟୋରଟି ସହାୟକ ହେବ ବୋଲି ଲୁଇ ଫିଲିପ୍‌ର ସିଓଓ ଫରିଦା କଳିଆଦାନ କହିଛନ୍ତି।

# ୧୮ରେ ଶୁଭାରମ୍ଭ ହେବ କୋହେନ ଇଣ୍ଟରନ୍ୟାଶନାଲ ସ୍କୁଲ

**ଭୁବନେଶ୍ୱର,୧୫-୨**

କୋହେନ ଇଣ୍ଟରନ୍ୟାଶନାଲ ସ୍କୁଲ (ସିଆଇଏସ୍)ର ସ୍ପୋର୍ଟସ ଏରିନା ଚଳିତ ମାସ ୧୮ ତାରିଖରେ ଖୋର୍ଦ୍ଧାର ଜଟଣୀରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହେବ। ପୂର୍ବତନ କ୍ରିକେଟ ତାରକା ପଦ୍ମଶ୍ରୀ ବୀରେନ୍ଦ୍ର ସେହ୍ୱାଗ ଏହାକୁ ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗ ଦେବେ। ୧୦ ଏକର ପରିମିତ ସ୍ଥାନରେ ସ୍ଥାପନ ହୋଇଥିବା ଏହି ସ୍କୁଲରେ ପ୍ରାଥମିକ ସ୍ତରଠାରୁ ଯୁକ୍ତଦୁଇ ଯାଏ ଛାତ୍ରୀଛାତ୍ର ଶିକ୍ଷାଗ୍ରହଣ କରିପାରିବେ। କୋଚିଂ କ୍ଷେତ୍ରରେ ବିଦ୍ୱାନ କ୍ଲାସେସ୍‌ର ସଫଳତା ପରେ ଏହାର ପ୍ରତିଷ୍ଠାତା ଜ୍ୟୋତି ରଞ୍ଜନ ତ୍ରିପାଠୀ ଏବେ ସ୍କୁଲ ଶିକ୍ଷା କ୍ଷେତ୍ରରେ ନୂଆ ପଦକ୍ଷେପ ଆରମ୍ଭ କରିଛନ୍ତି। ସେ କହିଛନ୍ତି ଯେ, କୋହେନ ଲାଗି ସିବିଏସ୍‌ଇ ସହ ଅନୁବନ୍ଧିତ ହୋଇଛୁ। ଛାତ୍ରୀଛାତ୍ରଙ୍କର ସର୍ବାଙ୍ଗୀନ ବିକାଶ ଲାଗି ଶିକ୍ଷା ବ୍ୟବସ୍ଥା କରାଯାଇଛି। ଛାତ୍ରୀଛାତ୍ର ବର୍ତ୍ତମାନର ସମୟ ସହ ତାଳଦେଇ କିଭଳି ଶିକ୍ଷଣ ପ୍ରକ୍ରିୟାରେ ନିଜକୁ ପ୍ରକୃତରେ ସାମିଲ କରିପାରିବେ ତାକୁ ବିଚାର କରାଯାଇଛି। ଗୁଣାତ୍ମକ ଶିକ୍ଷାଦାନକୁ ସର୍ବଦା ପ୍ରାଥମିକତା ଦିଆଯାଇଛି। ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ସୁଲଭ ମୂଲ୍ୟରେ ଶିକ୍ଷା ଯୋଗାଇ ଦେବା ନେଇ ଯୋଜନା ରଖାଯାଇଛି। ଶିକ୍ଷା ବାଦ୍ ଅନ୍ୟ ଦିଗଗୁଡ଼ିକୁ ମଧ୍ୟ ବିଚାର କରାଯାଇଛି। ସ୍କୁଲରେ ଅତ୍ୟାଧୁନିକ ସୁବିଧା ସୁଯୋଗ ସହ ଶିକ୍ଷା ପ୍ରଦାନ କରାଯିବ। ଛାତ୍ରୀଛାତ୍ରଙ୍କୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ଅତ୍ୟାଧୁନିକ ଶିକ୍ଷା ସହ ମଧ୍ୟ ଜଡିତ କରାଯିବ ବୋଲି ସେ ମତ ରଖିଛନ୍ତି।

# କ୍ୱିକ୍ ହିଲ୍ ପକ୍ଷରୁ ସୁରକ୍ଷା ପଦକ୍ଷେପ

Quick Heal
Security Simplified

**ଭୁବନେଶ୍ୱର,୧୫-୨:** ଆଇଟି ସୁରକ୍ଷା ଏବଂ ଡାଟା ସଂରକ୍ଷଣ ସୁବିଧା ପ୍ରଦାନ କରୁଥିବା କମ୍ପାନୀ କ୍ୱିକ ହିଲ୍ ଟେକ୍ନୋଲୋଜି ପକ୍ଷରୁ ଆନୁଆଲ ଥ୍ରେଟ୍ ରିପୋର୍ଟ ୨୦୨୦ ପ୍ରକାଶ ପାଇଛି। ଭାରତୀୟ ଉପଭୋକ୍ତାମାନେ ଅନଲାଇନରେ ସାଇବର ଅପରାଧୀଙ୍କ ଦ୍ୱାରା ସବୁଠାରୁ ସହଜ ଉପାୟରେ ଠକେଇର ଶିକାର ହେଉଥିବା ଏହି ରିପୋର୍ଟରେ କୁହାଯାଇଛି। କ୍ୟାଲେଣ୍ଡର ବର୍ଷର ଥ୍ରେଟ ଡାଟାକୁ ନେଇ କ୍ୱିକ୍ ହିଲ ପକ୍ଷରୁ ଏଭଳି ଅଧ୍ୟୟନ କରାଯାଇଛି। ୨୦୧୯ରେ ଜ୍ଞାତ ବା ଅଜ୍ଞାତରେ ଭାରତୀୟଙ୍କ ଲାଗି ଆସିଥିବା ପ୍ରାୟ ୧ ବିଲିୟନ ବିପଦକୁ କ୍ୱିକ ହିଲ ଠାବ କରିବା ସହ ଅଟକାଇ ପାରିଛି ବୋଲି କହିଛି। ଦୈନିକ ଭିତ୍ତିରେ ଏଭଳି ୨.୯ ନିୟୁତ ମାମଲା ସାମ୍ନାକୁ ଆସିଛି। ଦିଲ୍ଲୀ ଏନ୍‌ସିଆର୍ ଏବଂ ମହାରାଷ୍ଟ୍ରର ଗ୍ରାହକମାନେ ସବୁଠାରୁ ଅଧିକ ଟାର୍ଗେଟରେ ଏହି ସମୟରେ ରହିଛନ୍ତି। ଉଭୟ ସହରରେ ଯଥାକ୍ରମେ ୩୮ ନିୟୁତ ଏବଂ ୨୫ ନିୟୁତ ମାମଲା ସାମ୍ନାକୁ ଆସିଛି। ଅଧିକ ଅନଲାଇନ ବିପଦ ରହିଥିବା ଅନ୍ୟ ରାଜ୍ୟଗୁଡିକ ମଧ୍ୟରେ ପଶ୍ଚିମବଙ୍ଗ, କର୍ଣ୍ଣାଟକ ଏବଂ ଗୁଜରାଟ ରହିଛନ୍ତି। ଦିଲ୍ଲୀରେ ୨୪ ଲକ୍ଷ ଥ୍ରେଟ ମାମଲା ସାମ୍ନାକୁ ଆସିଛି। ଏହାବାଦ ମୁମ୍ବାଇ, ବେଙ୍ଗାଲୁରୁ, କୋଲକାତା ଏବଂ ପୁଣେ ଭଳି ସ୍ଥାନରେ ସାଇବର ଅପରାଧ ଘଟିବାର ଅଧିକ ସମ୍ଭାବନା ରହିଥିବା ରିପୋର୍ଟରେ କୁହାଯାଇଛି। ସାଇବର ଠକେଇ ଲାଗି ଅପରାଧୀମାନେ ଏବେ ବିଭିନ୍ନ ଉପାୟ ଅବଲମ୍ବନ କରିଛନ୍ତି। ଏହା ବିରୋଧରେ ସଚେତନତା ଏବଂ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଥିବା କ୍ୱିକ ହିଲ ଟେକ୍ନୋଲୋଜିର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଏବଂ ସିଟିଓ ସଞ୍ଜୟ କାଟକର କହିଛନ୍ତି।

# ସିଣ୍ଡିକେଟ ବ୍ୟାଙ୍କର ତୃତୀୟ ତ୍ରୈମାସ ଫଳାଫଳ

**ଭୁବନେଶ୍ୱର,୧୫-୨:** ସିଣ୍ଡିକେଟ ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ବ୍ୟାଙ୍କ ୫ ଲକ୍ଷ କୋଟି ଟଙ୍କାର କାରବାର ହାସଲ କରିବାକୁ ସକ୍ଷମ ହୋଇଛି। ବ୍ୟାଙ୍କର ନେଟ ଲାଭ ୪୩୫ କୋଟି ଟଙ୍କା ରହିଛି। ନେଟ୍ ସୁଧଜନିତ ଆୟ ୧୬% ବୃଦ୍ଧି ଘଟି ୧୮୭୧ କୋଟି ଟଙ୍କା ରହିଛି। କାସା ଜମାରେ ୮.୧୩% ବୃଦ୍ଧି ଘଟିଥିବାବେଳେ କଷ୍ଟ ଟୁ ଇନକମ୍ ୫୨.୦୬% ରହିଛି। ଏହି ସମୟରେ ନେଟ୍ ଏନ୍‌ପିଏ ୫.୯୪% ରହିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ASTROLOGY

ଘରେ ବସି ଫୋନ୍‌ରେ ସବୁ ସମସ୍ୟାର ସମାଧାନ
ଯଦି ଅଛି ସମାଧାନ ତେବେ କାହିଁକି ହେଉଛନ୍ତି ବିବ୍ରତ
ଗୁରୁଜୀ ବଙ୍ଗାଲି ତାନ୍ତ୍ରିକ
ଆମ ପାଖରେ ବିଦ୍ୟା ଅଛି ମିଛ ପ୍ରତିଶ୍ରୁତି ନୁହେଁ ଶକ୍ତି ଚମତ୍କାର ଦେଖନ୍ତୁ 7 ଘଣ୍ଟାରେ ଗ୍ୟାରେଣ୍ଟିଡ, ପ୍ରେମ ବିବାହ, ବଶୀକରଣ କରାଇବା/ଭାଙ୍ଗିବା, ଯାଦୁ ଟୋନା, ସଉତୁଣୀ, ଶତ୍ରୁ ସମସ୍ୟା, ବିବାହ ପାଇଁ ଘର ଲୋକଙ୍କୁ ରାଜି କରାଇବା, ସ୍ୱାମୀ ସ୍ତ୍ରୀ ଶାଶୁ ବୋହୂଙ୍କ ମନୋମାଳିନ୍ୟ, କୋର୍ଟ କଚେରି, ଜମିବାଡ଼ି ବିବାଦ, ସନ୍ତାନ ନ ହେବା, ରୋଗରେ ଔଷଧ କାମ ନ କରିବା, କେହି କିଛି ଖୁଆଇ ପିଆଇଦେବା କିମ୍ବା ଉପରି ପ୍ରଭାବ, ବ୍ୟବସାୟ ବନ୍ଧନ ଭଳି ସମସ୍ୟାର ସମାଧାନ ଅଛି ଆମ ନିକଟରେ। ନିରାଶ ମାତା ଭଉଣୀ ନିଶ୍ଚୟ ଫୋନ୍ କରନ୍ତୁ।
9917255848
9761318693

BUSINESS
ଖାଲିଥିବା ଜମି ଓ ଛାତ ଉପରେ Tower Vision ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 40,000,00- 70,000,00/- ପାଆନ୍ତୁ ଓ ମାସକୁ ଭଡା 35,000 - 650000/- ଟଙ୍କା ପାଆନ୍ତୁ। + Agreement ଆଜି ହିଁ ସଂମ୍ପର୍କ କରନ୍ତୁ
Phase-4 Gurugram Haryana 122015
08794551889

FINANCE
NAB ଋଣ ଲିମିଟେଡ୍ ଆଣିଛି ସବୁ ସମସ୍ୟାର ସମାଧାନ 0% ସୁଧ 50% ଛାଡରେ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
Plot No 428/74, Shahnajaf Rd, Lucknow, Uttar Pradesh 226001
9410319710
7579455687

ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲି: ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS

ଶ୍ରୀରାମ ଟାୱାର ପ୍ରାଇଭେଟ୍ ଲିମିଟେଡ୍
ଦ୍ୱାରା ଆପଣଙ୍କର ଖାଲି ପଡ଼ିଥିବା ଜମି, ଛାତ, କ୍ଷେତ ପ୍ଲଟ୍‌ରେ Digital Tower ଲଗାନ୍ତୁ।
ଅଗ୍ରିମ- 50,00,000/-
+ ଭଡ଼ା- 50,000/-
+ 20 ବର୍ଷ କୋର୍ଟ ଏଗ୍ରିମେଣ୍ଟ
TOLL FREE : 1800-102-1344

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲୋକଙ୍କ ଭରସା)
ଶ୍ରୀରାମ ଫାଇନାନ୍ସ
କାମ ଆମର ବିଶ୍ୱାସ ଆପଣଙ୍କର
ଲୋନ
ଲୋନ ପାଆନ୍ତୁ, ଉଜ୍ଜ୍ୱଳ ଭବିଷ୍ୟତ ବନାନ୍ତୁ
• ସମ୍ପତ୍ତି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାରକାର୍ଡ଼ ଋଣ • ବ୍ୟକ୍ତିଗତ ଋଣ • ବିପିଏଲ ଋଣ
2% ସୁଧ | 50% ଛାଡ଼
ମହିଳା, ସିପାହି, କୃଷକ, ଛାତ୍ରଛାତ୍ରୀମାନଙ୍କ ପାଇଁ ବିଶେଷ ରିହାତି
083074-68262

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

FINANCE
CAPITAL ଋଣ ସରକାରୀ ସୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
9499411272

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ହିନ୍ଦୁସ୍ତାନ ଟାୱାର୍
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
7838639856
8929313996

FINANCE

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ-60,00,000) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ- କୌଣସି ଟାୱାର୍/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ)।
ମୋ. 9411277198

ଭାରତର ନଂ.1 କମ୍ପାନୀ
1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲି: REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଢେଙ୍କାନାଳ, ରବିବାର, ୧୬ ଫେବୃଆରୀ, ୨୦୨୦





“ ଦୁଇ ତିନୋଟି ଗେମ୍‌ର ପ୍ରଦର୍ଶନକୁ ଭିତ୍ତିକରି ବୁମ୍‌ରାଙ୍କ ସାମର୍ଥ୍ୟ ଉପରେ ପ୍ରଶ୍ନ ଉଠାଇବା ଉଚିତ୍ ନୁହେଁ।

–ମହମ୍ମଦ ସାମି, ଭାରତୀୟ ପେସ୍ ବୋଲର

“ ଆଷ୍ଟ୍ରୋ ଟର୍ଫ ପିଚ୍‌ରେ ଅଭ୍ୟାସ ଯୋଗୁ ଦକ୍ଷିଣ ଆଫ୍ରିକାର ବାଉନ୍‌ସ ପିଚ୍‌ରେ ମୁଁ ଭଲ ଖେଳିପାରିଥିଲି।

–ଯଶସ୍ୱୀ ଜୈସ୍ୱାଲ, ଭାରତୀୟ ୧୯ ବର୍ଷରୁ କମ୍ କ୍ରିକେଟର



## ସଂକ୍ଷେପରେ

### ଏଫ୍‌ଆଇଏଚ୍ ପ୍ରୋ ଲିଗ୍: ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍ ପାଇଁ ନିଶାନ୍ତ ଜଜ୍



**ଭୁବନେଶ୍ୱର, ୧୫।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଚଳିତ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ଭାରତୀୟ ଦଳ ଆସନ୍ତା ୨୧ ଓ ୨୨ରେ ଅଷ୍ଟ୍ରେଲିଆ ବିପକ୍ଷରେ ୨ଟି ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ୨ଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଲାଗି ଓଡ଼ିଶାର ନିଶାନ୍ତ ଜ୍ୟୋତି ମହାନ୍ତିଙ୍କୁ ଟାଇମିଂ ଓ ସ୍କୋରିଂ ଜଜ୍ ଭାବେ ନିଯୁକ୍ତ କରାଯାଇଛି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ନିଶାନ୍ତଙ୍କୁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବର୍ତ୍ତମାନ ଇଷ୍ଟକୋଷ୍ଟ ରେଲ୍‌ୱେରେ କାର୍ଯ୍ୟରତ ନିଶାନ୍ତ ଏଥିପୂର୍ବରୁ ଜଜ୍, ଅମ୍ପାୟର ଓ ଟେକ୍‌ନିକାଲ ଅଫିସିଆଲ ଭାବେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳତାର ସହିତ ଦାୟିତ୍ୱ ତୁଲାଇସାରିଛନ୍ତି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଥିବାରୁ ହକି ଓଡ଼ିଶା ସମ୍ପାଦକ ପ୍ରତାପ ଶତପଥୀ ଏହି ଅବସରରେ ନିଶାନ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ୟୁରୋପିଆନ ପ୍ରତିଯୋଗିତାରୁ ମାଞ୍ଚେଷ୍ଟର ସିଟି ବାସନ୍ଦ

**ନିଓନ(ସୁଇଜରଲାଣ୍ଡ), ୧୫।୨(ଏଏଫ୍‌ପି):** ମାଞ୍ଚେଷ୍ଟର ସିଟି ଫୁଟବଲ ଦଳକୁ ୟୁରୋପିଆନ ପ୍ରତିଯୋଗିତାରୁ ଆଗାମୀ ୨ ବର୍ଷ ପାଇଁ ବାସନ୍ଦ କରାଯାଇଛି। ଦଳ ଆର୍ଥିକ ଫେୟାର ପ୍ଲେ ନିୟମ ଭଙ୍ଗ କରିଥିବା ୟୁଫା ପକ୍ଷରୁ ଘୋଷଣା କରାଯାଇଛି। ବାସନ୍ଦାଦେଶ ସହ ୩୦ ନିୟୁତ ୟୁରୋ (୩୨.୫ ନିୟୁତ ଡଲାର) ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଛି। ସେମାନେ ଏହି ଦଣ୍ଡାଦେଶକୁ କୋର୍ଟ ଅଫ୍ ଆର୍ବିଟ୍ରାଶନ ସ୍ପୋର୍ଟ୍ସ (ସିଏଏସ୍)ରେ ଚ୍ୟାଲେଞ୍ଜ କରିବେ। ଦଳ ଚଳିତ ସିଜନରେ ଚାମ୍ପିୟନଶିପ ଲିଗ୍‌ରେ ରିୟଲ ମାଡ୍ରିଡ୍ ସହ ପ୍ରିକ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳିବ। ଆଉଜୁଡିକାଟୋରି ଚାମ୍ବରର ହସ୍ତଗତ ହୋଇଥିବା ସମସ୍ତ ପ୍ରମାଣରୁ ଜଣାପଡ଼ିଛି ମାଞ୍ଚେଷ୍ଟର ସିଟି ୟୁଫା କ୍ଲବ ଲାଇସେନ୍ସିଂ ଓ ଫାଇନାଲସିଆଲ ଫେୟାର ପ୍ଲେ ନିୟମ ଭଙ୍ଗ କରିଛି। କ୍ଲବ ତଦନ୍ତ ପ୍ରକ୍ରିୟାରେ ମଧ ସାହାଯ୍ୟ କରାଯାଇ ନ ଥିଲା।

# ଭାରତକୁ ଅଗ୍ରଣୀ ଦେଲେ ଦ୍ରୁତ ବୋଲର

**ହାମିଲଟନ, ୧୫।୨(ପି.ଟି.)**

ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ଏକାଦଶ ବିପକ୍ଷ ୩ ଦିନିଆ ଅଭ୍ୟାସ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତୀୟ ଦଳ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଛି।

## ଅଭ୍ୟାସ ମ୍ୟାଚ୍



ଉଇକେଟ୍ ହାସଲ ପରେ ମହମ୍ମଦ ସାମି ଖୁସି ମନାଉଛନ୍ତି।

ଶନିବାର ଦ୍ୱିତୀୟ ଦିବସରେ ଭାରତୀୟ ଦ୍ରୁତ ବୋଲରମାନେ ଦମ୍‌ଦାର ପ୍ରଦର୍ଶନ କରିବା ପରେ ଓପନରମାନେ ମଧ ଉନ୍ନତ ପ୍ରଦର୍ଶନ କରିଛନ୍ତି। ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ଉମେଶ ଯାଦବଙ୍କ ସମେତ ନବଦୀପ ସଇନି ପ୍ରଭାବୀ ପ୍ରଦର୍ଶନ କରି ଘରୋଇ ଦଳକୁ ବଡ଼ ସ୍କୋର ହାସଲ କରିବାର ସୁଯୋଗ ଦେଇନାହାନ୍ତି ଓ ଭାରତକୁ ପ୍ରଥମ ଇନିଂସରେ ଅଗ୍ରଣୀ କରାଇଛନ୍ତି।

ଟସ୍ ଜିତି ଭାରତ ଶୁକ୍ରବାର ପ୍ରଥମ ଇନିଂସରେ ହନୁମା ବିହାରୀଙ୍କ ଶତକ ଓ ଚେତେଶ୍ୱର ପୂଜାରାଙ୍କ ଲଢୁଆ ବ୍ୟାଟିଂ ବଳରେ ୭୮.୫ ଓଭରରେ ୨୬୩ ରନ କରି ଅଲ ଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ଏକାଦଶ ୭୪.୨ ଓଭରରେ ୨୩୫ ରନ କରି ଆଉଟ ହୋଇଛି। ଫଳରେ ଭାରତ ୨୮ ରନରେ ଅଗ୍ରଣୀ ହାସଲ କରିଛି। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୭ ଓଭରରେ କୌଣସି ଉଇକେଟ ନ ହରାଇ ଦ୍ରୁତ ୫୯ ରନ ସଂଗ୍ରହ କରିଛି। ଫଳରେ ମୋଟ ଉପରେ ଭାରତ ୧୦ ଉଇକେଟ ହାତରେ ରଖି ୮୭ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ପୃଥ୍ୱୀ ଶ ୨୫ ବଲରୁ ୫ ଚୌକା ଓ ୧ ଛକା ସହ ୩୫ ଓ ମୟଙ୍କ ଅଗ୍ରୱାଲ ୧୭ ବଲରୁ ୪ ଚୌକା ଓ ୧ ଛକା ସହ ୨୩ ରନ କରି ଅପରାଜିତ ରହିଛନ୍ତି। ଅନ୍ତିମ ଅଧଘଣ୍ଟାରେ ପୃଥ୍ୱୀ ଓ ମୟଙ୍କ ଧୂଆଁଧାର ବ୍ୟାଟିଂ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ସ୍କଟ କୁଗେଲେଜିନ ଓ ବ୍ଲେୟାର ଟିକ୍‌ନରଙ୍କ ବଲ୍‌ରେ ଏହି ଦୁଇ ଓପନର ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ଯାଇ କେତୋଟି ଛକା ଓ ଚୌକା ମାରିଥିଲେ।

ପ୍ରଥମ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ପ୍ରାରମ୍ଭିକ ଝଟକା ଖାଇଥିଲା। ଭାରତୀୟ ଦ୍ରୁତ ବୋଲରଙ୍କୁ ସମ୍ମୁଖୀନ ହେବାରେ ବିଫଳ ହୋଇଥିଲେ ଘରୋଇ ଦଳର ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ। ୨ ରନ କରିଥିବା ବେଳେ ଓପନର ୱିଲ ୟଙ୍ଗ ବୁମ୍‌ରାଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଏହାପରେ ଟିମ୍ ସିଫର୍ଟ (୯ ରନ) ନିରାଶ କରିଥିଲେ। ଅନ୍ୟତମ ଓପନର ରାଚିନ ରବୀନ୍ଦ୍ର ୩୪ ରନ କରି ଉମେଶ ଯାଦବଙ୍କ ବଲ୍‌ରେ ପ୍ୟାଭିଲିୟନ ଫେରିଥିଲେ। ୨୦ ରନ କରିଥିବା ବେଳେ ଫିନ୍ ଆଲିନ ବୁମ୍‌ରାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଦଳ ତରଫରୁ ସର୍ବାଧିକ ରନ୍ ସଂଗ୍ରହ କରିଥିଲେ ହେନେରୀ କୁପର। ସେ ୪୦ ରନ କରିଥିବା ବେଳେ ସାମିଙ୍କ ବଲ୍‌ରେ ମୟଙ୍କଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଟମ୍ ବ୍ରୁସ୍ ୩୧ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଡେନ କ୍ଲେଭର ୧୩ ରନ କରି ସଇନିଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅଧିନାୟକ ଡାରିଲ ମିଚେଲ ୩୨ ରନ କରିଥିବା ବେଳେ ପୃଥ୍ୱୀଙ୍କୁ କ୍ୟାଚ୍ ଦେଇଥିଲେ। ଜେମ୍ସ ନିଶାମ ୧ ରନ ସଂଗ୍ରହ କରିଥିଲେ। ଇଶ୍ ସୋଧି ୧୪ ରନ କରି ପୂଜାରାଙ୍କୁ କ୍ୟାଚ୍ ଦେଇ ଶେଷ ଉଇକେଟ ଭାବେ ଅଭିଜ୍ଞ ସ୍ପିନର ଅଶ୍ୱିନଙ୍କ ଦ୍ୱାରା ଆଉଟ ହୋଇଥିଲେ। ସ୍କଟ କୁଗେଲେଜିନ ୧୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ସାମି ସର୍ବାଧିକ ୩, ବୁମ୍‌ରା, ଉମେଶ ଓ ସଇନି ଦୁଇଟି ଲେଖାଏ ଓ ଅଶ୍ୱିନ ଗୋଟିଏ ଉଇକେଟ ହାସଲ କରିଥିଲେ।

### ସଂକ୍ଷିପ୍ତ ସ୍କୋର:

**ଭାରତ ପ୍ରଥମ ଇନିଂସ:** ୭୮.୫ ଓଭରରେ ୨୬୩ ଅଲଆଉଟ। **ନ୍ୟୁଜିଲାଣ୍ଡ ଏକାଦଶ ପ୍ରଥମ ଇନିଂସ: ୭୪.୨ ଓଭରରେ ୨୩୫ ଅଲଆଉଟ** (କୁପର- ୪୦, ରବୀନ୍ଦ୍ର- ୩୪, ମିଚେଲ- ୩୨, ବ୍ରୁସ୍- ୩୧, ଆଲିନ- ୨୦, ସାମି- ୩/୧୭, ବୁମ୍‌ରା- ୨/୧୮, ଉମେଶ- ୨/୪୯, ସଇନି- ୨/୫୮, ଅଶ୍ୱିନ- ୧/୪୬)। **ଭାରତ ଦ୍ୱିତୀୟ ଇନିଂସ-** ୭ ଓଭରରେ ୫୯/୦ (ପୃଥ୍ୱୀ-୩୫*, ମୟଙ୍କ- ୨୩*)।

# ୨୦ କି.ମି. ଚାଲିରେ ଭାୱାନାଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

**ରାଞ୍ଚି, ୧୫।୨(ପି.ଟି.)**



ଭାରତୀୟ ଭାୱାନା ଜାଟ୍ ୨୦ କିଲୋମିଟର ଚାଲି ଇଭେଣ୍ଟରେ ଜାତୀୟ ରେକର୍ଡ ଭଙ୍ଗ କରିବା ସହ ୨୦୨୦ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପରେ ରାଜସ୍ଥାନ ଆଥ୍‌ଲେଟ୍ ୨୦ କି.ମି. ଦୂରତାକୁ ୧ ଘଣ୍ଟା ୨୯ ମିନିଟ୍ ୫୪ ସେକେଣ୍ଡରେ ଶେଷ କରି ଏହି ସଫଳତା ପାଇଛନ୍ତି। ଅଲିମ୍ପିକ୍ସ ଲାଗି ଏହି ଇଭେଣ୍ଟରେ ୧:୩୧.୦୦ କ୍ୱାଲିଫାଇଂ ଟାଇମିଂ ଧାର୍ଯ୍ୟ କରାଯାଇଥିଲା। ଏହି ଇଭେଣ୍ଟରେ ପ୍ରିୟଙ୍କା ଗୋସ୍ୱାମୀ ଅଳ୍ପକେ ଅଲିମ୍ପିକ୍ସ ଯୋଗ୍ୟତାରୁ ବଞ୍ଚିତ ହୋଇଛନ୍ତି। ତାଙ୍କୁ ରେସ୍ ଶେଷ କରିବା ପାଇଁ ୧:୩୧.୩୬ ଘଣ୍ଟା ଲାଗିଥିଲା। ଭାୱାନାଙ୍କ ପ୍ରଦର୍ଶନରେ ଚମତ୍କାର ଉନ୍ନତି ଆସିଛି। ଗତବର୍ଷ ଏଠାରେ ଅନୁଷ୍ଠିତ ଜାତୀୟ ଓପନ ଚାମ୍ପିୟନଶିପବେଳେ ଭାୱାନା ୧:୩୮.୩୦ ସେ. ଟାଇମିଂ ହାସଲ କରିଥିଲେ। ଗତବର୍ଷ ଅଗଷ୍ଟରେ ପୁଣେଠାରେ ଆୟୋଜିତ ସର୍ବଭାରତୀୟ ଆନ୍ତଃ ରେଲୱେ ଆଥ୍‌ଲେଟିକ୍ସ ଚାମ୍ପିୟନଶିପରେ ଭାୱାନା ୧:୩୬.୧୭ ସେ.ରେ ରେସକୁ ଶେଷ କରିଥିଲେ। ବର୍ତ୍ତମାନ ଜୟପୁରଠାରେ କୋଚ୍ ଗୁର୍ମୁଖ ସିହାଗଙ୍କ ସହ ଟ୍ରେନିଂ କରୁଥିବା ଭାୱାନା ଏପର୍ଯ୍ୟନ୍ତ କୌଣସି ଜୁନିୟର କିମ୍ବା ସିନିୟର ବର୍ଗର ଅନ୍ତର୍ଜାତୀୟ ଇଭେଣ୍ଟରେ ଭାଗ ନେଇନାହାନ୍ତି। ଏପରି କି ସେ କଦାପି ସାଇର ଜାତୀୟ କ୍ୟାମ୍ପରେ ସ୍ଥାନ ଭାଗ ନେଇ ନ ଥିଲେ। ସେ ସିନିୟର ବର୍ଗରେ ୨୦୧୬ରେ ଜାତୀୟ ଆନ୍ତଃ ରାଜ୍ୟ ଚାମ୍ପିୟନଶିପ୍ କ୍ୟାରିୟର ଆରମ୍ଭ କରିଥିଲେ। ସ୍ୱପ୍ନ ସତ ହେଲା ଭଳି ଲାଗୁଛି। ମୁଁ ଟ୍ରେନିଂବେଳେ ୧:୨୭.୦୦ ସେ. ଟାଇମିଂ ହାସଲ କରୁଛି। ଯଦି ପରିସ୍ଥିତି ଭଲ ରୁହେ, ତେବେ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିପାରିବି ମୋର ବିଶ୍ୱାସ ଥିଲା। ମୋ କୋଚ୍‌ଙ୍କ ସହ ଗତ କିଛି ମାସ ହେଲା କଠିନ ପରିଶ୍ରମର ଏହା ଫଳ ବୋଲି ଭାରତୀୟ ରେଲ୍‌ୱେରେ ଟିଟିଇ ଭାବେ କାର୍ଯ୍ୟରତ ଭାୱାନା କହିଛନ୍ତି। ପୂର୍ବରୁ କେ. ଟି. ଇର୍ଫାନ (ପୁରୁଷ ୨୦ କି. ମି. ଚାଲି ରେସ), ଅବିନାଶ ସାବଲେ (ପୁରୁଷ ୩ ହଜାର ମି. ଷ୍ଟିପଲ ଚେଜ), ମିକ୍ସଡ୍ ୪ ଗୁଣା ୪୦୦ ମି. ରିଲେ ଦଳ ଓ ନୀରଜ ଚୋପ୍ରା (ପୁରୁଷ ଜାଭେଲିନ) ଆଦି ଟ୍ରାକ-ଫିଲ୍ଡ ଆଥ୍‌ଲେଟ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି।

# ବିଶ୍ୱକପ୍‌ରୁ ଓହରିଲେ ଚାଇନିଜ ଜିମ୍ନାଷ୍ଟ

**ମେଲବୋର୍ନ, ୧୫।୨**

## କରୋନା ଭାଇରସ ଭୟ

ଚାଇନିଜ ଜିମ୍ନାଷ୍ଟିକ୍ସ ଦଳ ଅଷ୍ଟ୍ରେଲିଆର ମେଲବୋର୍ନଠାରେ ଆଗାମୀ ସପ୍ତାହରେ ହେବାକୁଥିବା ବିଶ୍ୱକପ୍‌ରୁ ଓହରିଯାଇଛନ୍ତି। କରୋନା ଭାଇରସ ଯୋଗୁ ଅଷ୍ଟ୍ରେଲିଆନ ସରକାର ଚାଇନିଜ ଯାତ୍ରୀଙ୍କ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଚଳିତମାସ ଆରମ୍ଭରୁ ଲାଗିଥିବା ପ୍ରତିବନ୍ଧକର ସମୟ ସୀମାକୁ ଆଉ ଗୋଟିଏ ସପ୍ତାହ ପାଇଁ ବୃଦ୍ଧି କରାଯାଇଛି। ଏଥିଯୋଗୁ ଚଳିତମାସ ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବିଶ୍ୱକପ୍‌ରେ ଚାଇନିଜ ଆଥ୍‌ଲେଟ୍ ଭାଗନେବା ସମ୍ଭବ ନୁହେଁ। ଏହି ଇଭେଣ୍ଟ ଟୋକିଓ ଅଲିମ୍ପିକ୍ସ ଲାଗି କ୍ୱାଲିଫାଇଂ ପଏଣ୍ଟ ପ୍ରଦାନ କରିବ। ମୁଁ ଚାଇନିଜ ଜିମ୍ନାଷ୍ଟିକ୍ସ ଆସୋସିଏଶନ ଓ ଏହାର ସଭାପତିଙ୍କ ସହ ନିୟମିତ ଯୋଗାଯୋଗରେ ଅଛି। କୌଣସି ଆଥ୍‌ଲେଟ କିମ୍ବା ଅଫିସିଆଲ ଭାଇରସ ସଂକ୍ରମଣ ଶିକାର ହୋଇ ନ ଥିବା ସେ ମୋତେ କହିଛନ୍ତି। ଏହାସତ୍ତ୍ୱେ ଆମେ ସରକାରଙ୍କ ନିଷ୍ପତ୍ତିକୁ ସମ୍ମାନ ଦେବୁ ବୋଲି ଜିମ୍ନାଷ୍ଟିକ୍ସ ଅଷ୍ଟ୍ରେଲିଆ ସିଇଓ କିଟି ଚିଲର କହିଛନ୍ତି।

# ବାସନ୍ଦାଦେଶରୁ ବର୍ତ୍ତିଲେ ଉମର ଆକ୍‌ମଲ

**କରାଚୀ, ୧୫।୨(ପି.ଟି.):** ପାକିସ୍ତାନ ବ୍ୟାଟ୍ସମ୍ୟାନ ଉମର ଆକ୍‌ମଲ ଅଳ୍ପକେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ବାସନ୍ଦାଦେଶରୁ ବର୍ତ୍ତି ଯାଇଛନ୍ତି। ସେ ଲାହୋରସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ଠାରେ ଫିଟ୍‌ନେସ ଟେଷ୍ଟବେଳେ ଟ୍ରେନରଙ୍କ ସହ ଖରାପ ବ୍ୟବହାର କରିଥିଲେ। ଏହି ଘଟଣା ଗତ ମାସରେ ଘଟିଥିଲା। ମୁଖ୍ୟ କୋଚ୍ ମିଶବା ଉଲ ହକ୍‌ଙ୍କ ନୂଆ ନିୟମ ଅନୁଯାୟୀ ପ୍ରତ୍ୟେକ କେନ୍ଦ୍ର ଓ ଘରୋଇ ଚୁକ୍ତିବଦ୍ଧ ଖେଳାଳିଙ୍କୁ ଏନ୍‌ସିଏଠାରେ ଫିଟ୍‌ନେସ ଟେଷ୍ଟର ସମ୍ମୁଖୀନ ହେବା ବାଧ୍ୟତାମୂଳକ। ଜୁନିୟର ଆକ୍‌ମଲଙ୍କ ଖରାପ ବ୍ୟବହାର ସମ୍ପର୍କରେ ମୁଖ୍ୟ କୋଚ୍ ଓ ମୁଖ୍ୟ ଚୟନକର୍ତ୍ତା ମିଶବାଙ୍କୁ ରିପୋର୍ଟ କରାଯାଇଥିଲା। ସେ ବୋର୍ଡକୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସିନିୟର ଅଫିସିଆଲ ଓ ପୂର୍ବତନ ଓପନର ହାରୁନ ରଶିଦଙ୍କ ନେତୃତ୍ୱରେ ତଦନ୍ତ କମିଟି ଗଠନ ହେବା ପରେ ଉମରଙ୍କୁ ବାସନ୍ଦାଦେଶ କିମ୍ବା ବଡ଼ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯିବା ନେଇ ଆଶା କରାଯାଉଥିଲା।

# ଶ୍ରୀନିବାସଙ୍କୁ ଡକାଇଲେ କ୍ରୀଡ଼ାମନ୍ତ୍ରୀ ରିଜିଜୁ





ଶ୍ରୀନିବାସ ଗୋଡ଼ା

**ନୂଆଦିଲ୍ଲୀ, ୧୫।୨:** ପାରମ୍ପରିକ କ୍ରୀଡ଼ା କମ୍ବାଲ ଜକିର ଦ୍ରୁତତମ ଧାବକ ଶ୍ରୀନିବାସ ଗୋଡ଼ାଙ୍କୁ ପେଶାଦାର କ୍ରୀଡ଼ାବିତ ହେବାର ସୁଯୋଗ ମିଳିଛି। ସେ ଏବେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର କୋଚ୍‌ଙ୍କ ନେତୃତ୍ୱରେ ଟ୍ରାଏଲ୍ସର ସମ୍ମୁଖୀନ ହେଉଛନ୍ତି। କର୍ଣ୍ଣାଟକର ଶ୍ରୀନିବାସଙ୍କୁ ସାଇ କୋଚ୍ ଡକାଇଛନ୍ତି। ସାଧାରଣରେ ଅଲିମ୍ପିକ୍ସ ଆଥ୍‌ଲେଟଙ୍କ ଷ୍ଟାଣ୍ଡାର୍ଡ ସମ୍ପର୍କରେ ଅଧିକ ଜଣା ନାହିଁ। ଅଲିମ୍ପିକ୍ସରେ ଆଥ୍‌ଲେଟଙ୍କ ଶକ୍ତି ଓ ଧର୍ଯ୍ୟର ପରୀକ୍ଷା ହୁଏ। ଏବେ ଦେଶରେ କୌଣସି ପ୍ରତିଭାଶାଳୀ ଆଥ୍‌ଲେଟ ସୁଯୋଗରୁ ବଞ୍ଚିତ ରହିବେ ନାହିଁ ବୋଲି ଆଶ୍ୱସନା ଦେଇଛନ୍ତି କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ଟୁଇଟ୍ କରିଛନ୍ତି। ପାରମ୍ପରିକ କ୍ରୀଡ଼ା କମ୍ବାଲ ପ୍ରତିଯୋଗିତାରେ ୧୪୫ ମିଟର ଦୌଡ଼ରେ ୧୩.୬୨ ସେକେଣ୍ଡ ଟାଇମିଂ ହାସଲ କରି ରାତାରାତି ସେନସେଶନ ପାଲଟି ଯାଇଥିଲେ। ତାଙ୍କୁ ବିଶ୍ୱର ଦ୍ରୁତତମ ଧାବକ ଉସେନ ବୋଲ୍ଟଙ୍କ ସହ ତୁଳନା କରାଯାଇଥିଲା। ୧୦୦ ମି. ଦୌଡ଼ରେ ବୋଲ୍ଟ ୯.୫୮ ଟାଇମିଂ ହାସଲ କରିଥିଲେ, ଯାହାକି ବିଶ୍ୱ ରେକର୍ଡ। କିନ୍ତୁ ଗୌଡ଼ା ସମାନ ଦୂରତାକୁ କମ୍ବାଲ ପ୍ରତିଯୋଗିତାରେ ୯.୫୫ ସେ. ଟାଇମିଂ ହାସଲ କରିଥିଲେ।

# ୨୫ ଜଣିଆ ସମ୍ଭାବ୍ୟ ଦଳରେ ଲିଲିମା, ଦୀପଗ୍ରେସ, ନମିତା



ଲିଲିମା ମିଞ୍ଜ



ଦୀପ ଗ୍ରେସ୍ ଏକ୍କା



ନମିତା ଟୋପ୍ପୋ

**ନୂଆଦିଲ୍ଲୀ, ୧୫।୨(ପି.ଟି.)**

ରବିବାରଠାରୁ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ବେଙ୍ଗାଲୁରୁ କ୍ୟାମ୍ପସରେ ଆରମ୍ଭ ହେବାକୁଥିବା ଜାତୀୟ ସିନିୟର ମହିଳା ପ୍ରଶିକ୍ଷଣ ଶିବିର ପାଇଁ ହକି ଇଣ୍ଡିଆ ଏକ ୨୫ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛି। ଏହି ସମ୍ଭାବ୍ୟ ଦଳରେ ଓଡ଼ିଶାର ଅଭିଜ୍ଞ ଡିଫେଣ୍ଡର ଦୀପ୍ ଗ୍ରେସ୍ ଏକ୍କା, ମିଡ୍‌ଫିଲ୍ଡର ନମିତା ଟପ୍ପୋ ଓ ଲିଲିମା ମିଞ୍ଜ୍ ସ୍ଥାନ ପାଇଛନ୍ତି। ୨୭ ଦିନ ଧରି ଚାଲିବାକୁ ଥିବା ଏହି ଟ୍ରେନିଂ ଓ କଣ୍ଡିଶନିଂ କ୍ୟାମ୍ପରେ ଯୋଗ ଦେବା ପାଇଁ ଖେଳାଳିମାନେ ଭାରତୀୟ ମହିଳା କୋଚ୍ ଜୋଏର୍ଡ ମାରିଜନେଙ୍କୁ ରିପୋର୍ଟ କରିବାକୁ କୁହାଯାଇଛି। ଆଗକୁ ଜୁନରେ ଷଷ୍ଠ ମହିଳା ଏସିଆନ ଚାମ୍ପିୟନଶିପ୍ ଟ୍ରଫି ଓ ଜୁଲାଇ- ଅଗଷ୍ଟରେ ୨୦୨୦ ଅଲିମ୍ପିକ୍ସ ଭଳି ମେଗା ଇଭେଣ୍ଟ ଆୟୋଜନ ହେବାକୁ ଯାଉଛି। ପ୍ରସ୍ତୁତି ପାଇଁ ଏହି ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଉଛି। ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ଫିଟ୍‌ନେସକୁ ଅଗ୍ରାଧିକାର ଦିଆଯିବ। ଟ୍ରେନିଂ ସେସନରେ କଠିନ ପରିଶ୍ରମର ଆବଶ୍ୟକତା ରହିଛି। ତେଣୁ ଖେଳାଳିଙ୍କୁ

## ଜାତୀୟ ସିନିୟର ମହିଳା କ୍ୟାମ୍ପ

ଦକ୍ଷତା ସହିତ ଫିଟ୍‌ନେସ ଉପରେ ଅଧିକ ଧ୍ୟାନ ଦେବାକୁ ହେବ ବୋଲି ସେ କହିଛନ୍ତି। ଚଳିତ ବର୍ଷ ଭାରତୀୟ ମହିଳା ଦଳ ବେଶ୍ ଭଲ ପ୍ରଦର୍ଶନ କରିଛି। ପ୍ରାୟ ସବୁ ଟୁର୍ଣ୍ଣାମେଣ୍ଟରେ ମହିଳା ଦଳ ଆଶାନୁରୂପ ପ୍ରଦର୍ଶନ କରିବାରେ ସଫଳ ହୋଇଛି। ଦଳ ଏଫ୍‌ଆଇଏଚ୍ ମହିଳା ସିରିଜ ଫାଇନାଲ୍ସ ହିରୋଶିମା ୨୦୧୯, ଜାପାନରେ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ, ଭୁବନେଶ୍ୱରରେ ଖେଳାଯାଇଥିବା ଏଫ୍‌ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟରରେ ଦଳ ବିଜୟୀ ହୋଇଥିଲା। ଏଥିସହିତ ସ୍ପେନ୍, ମାଲେସିଆ, କୋରିଆ ଓ ଇଂଲଣ୍ଡ ଗସ୍ତରେ ମଧ ଦଳ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ନ୍ୟୁଜିଲାଣ୍ଡ ଗସ୍ତରୁ ଭାରତୀୟ ଦଳ ନୂଆବର୍ଷ ଆରମ୍ଭ କରିଥିଲା। ବିଶ୍ୱର ୭ ନମ୍ବର ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ୪ ଓ ବ୍ରିଟେନ ବିପକ୍ଷରେ ଭାରତ ଗୋଟିଏ ମ୍ୟାଚ୍ ଖେଳିଥିଲା।

**ସମ୍ଭାବ୍ୟ ଦଳ: ଗୋଲକିପର–** ସବିତା, ରଜନୀ ଏଟିମାର୍ପୁ, ବିଚ୍ଛୁ ଦେବୀ ଖରିୟାମ୍। ଡିଫେଣ୍ଡର୍ସ– ଦୀପ ଗ୍ରେସ୍ ଏକ୍କା, ରିନା ଖୋଖାର, ସାଲିମା ଟେଟେ, ମନପ୍ରୀତ କୌର, ଗୁରଜିତ କୌର, ନିଶା। **ମିଡ୍‌ଫିଲ୍ଡର୍ସ–** ନିକ୍କି ପ୍ରଧାନ, ମୋନିକା, ନେହା ଗୋଏଲ, ଲିଲିମା ମିଞ୍ଜ, ସୁଶୀଳା ଚାନୁ ପୁଖରାମ୍ବାମ, ସୋନିକା, ନମିତା ଟପ୍ପୋ। **ଫରୱାର୍ଡ୍ସ–** ରାନୀ, ଲାଲରେମସିଆମି, ବନ୍ଦନା କାଟାରିଆ, ନବଜୋତ କୌର, ନବନୀତ କୌର, ରାଜବିନ୍ଦର କୌର, ଜ୍ୟୋତି, ଶର୍ମିଳା ଦେବୀ, ଉଦୀତା।

# ଟି୨୦ ସିରିଜ୍ ବରାବର କଲା ଇଂଲଣ୍ଡ

**ଡର୍ବାନ, ୧୫।୨**

ସ୍ଥାନୀୟ କିଙ୍ଗ୍ସମେଡ ଷ୍ଟାଡିୟମରେ ଅନୁଷ୍ଠିତ ହାଇ ସ୍କୋରିଂ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଇଂଲଣ୍ଡ ୨ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇ ଦେଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୧–୧ର ବରାବର ସ୍ଥିତିରେ ପହଞ୍ଚିଛି। ବିଜୟୀ ଦଳ ପାଇଁ ଅଲରାଉଣ୍ଡର ପ୍ରଦର୍ଶନ କରିଥିବା ମୋଇନ ଅଲିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ରେ ବିବେଚିତ କରାଯାଇଛି। ଆସନ୍ତା ରବିବାର ସେଞ୍ଚୁରିୟାନଠାରେ ସିରିଜ୍‌ର ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କ ମିଳିତ ଉଦ୍ୟମ ଯୋଗୁ ଧାର୍ଯ୍ୟ ୨୦ ଓଭରରେ ୭ ଉଇକେଟ ହରାଇ ୨୦୪ ରନ୍ କରିଥିଲା। ଦଳ ପାଇଁ ବେନ ଷ୍ଟୋକ୍ସ ୪୭*, ଜାସନ ରୟ ୪୦, ମୋଏନ ଅଲି ୩୯, ଜନି ବେୟାରଷ୍ଟୋ ୩୫ ଓ ଅଧିନାୟକ ଇଆନ ମୋର୍ଗାନ ୨୭ ରନ୍ କରିଥିଲେ।



ଦ୍ରୁତ ଅର୍ଦ୍ଧଶତକୀୟ ଇଂନିସ ଅବସରରେ କ୍ୱିଣ୍ଟନ ଡି' କକ୍।

ଘରୋଇ ଦଳ ପକ୍ଷରୁ ବୋଲିଂରେ ଲୁଙ୍ଗି ଏନ୍‌ଗିଡି ୩ ଓ ଆଣ୍ଡିଲେ ଫେଲୁକ୍ୱାୟୋ ୨ ଉଇକେଟ ହାତେଇଥିଲେ। ଜବାବରେ ଅଧିନାୟକ କ୍ୱିଣ୍ଟନ ଡିକକ୍‌ଙ୍କ ବିସ୍ଫୋରକ ୬୫ ଓ ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ଜବରଦସ୍ତ ଉଦ୍ୟମ ସତ୍ତ୍ୱେ ଦଳ ନିର୍ଦ୍ଧାରିତ ୨୦ ଓଭର ଖେଳି ୭ ଉଇକେଟ ହରାଇ ୨୦୨ ରନ୍ କରି ବିଜୟ ଲକ୍ଷ୍ୟଠାରୁ ୩ ରନ୍ ଦୂରରେ ରହିଯାଇଥିଲା। ଅଧିନାୟକ ଡିକକ୍ ୨୨ ବଲରେ ୨୯୫ ଷ୍ଟ୍ରାଇକ ରେଟ୍‌ରେ ୬୫ ରନ୍ କରିଥିଲେ। ତାଙ୍କ ଇନିଂସରେ ଥିଲା ୮ ଛକା ଓ ୨ ଚୌକା। ଏହା ବ୍ୟତୀତ ରାସି ଭାନଡର ଡୁସେନ ୪୩*, ତେମ୍ବା ବାଭୁମା ୩୧, ଡ୍ୱେନ ପ୍ରିଟୋରିଅସ ୨୫ ଓ ଡେଭିଡ ମିଲର ୨୧ ରନ୍ କରିଥିଲେ। ଦଳକୁ ଜିତିବା ପାଇଁ ଅନ୍ତିମ ଓଭରରେ ଦରକାର ଥିଲା ୧୫ ରନ୍। ଟମ କୁରାନଙ୍କ ପ୍ରଥମ ବଲକୁ ମିସ କରିଥିଲେ ପ୍ରିଟୋରିଅସ। ଦ୍ୱିତୀୟ ବଲରେ ଛକା, ତୃତୀୟ ବଲରେ ଚୌକା ଓ ଚତୁର୍ଥ ବଲରେ ୨ ରନ୍ ଆଦାୟ କରିଥିଲେ ପ୍ରିଟୋରିଅସ। ଫଳରେ ଦଳକୁ ଅନ୍ତିମ ଦୁଇ ବଲରେ ଜିତିବା ଲାଗି ୩ ରନ୍ ଦରକାର ଥାଏ। ମାତ୍ର ଦୁଇ ବଲରେ ଦୁଇ ଉଇକେଟ ନେଇ ଦକ୍ଷିଣ ଆଫ୍ରିକା ହାତରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ କୁରାନ। ବିଜୟୀ ଦଳ ଲାଗି କୁରାନ, କ୍ରିସ ଜୋର୍ଡାନ ଓ ମାର୍କ ଉଡ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିବାବେଳେ ମୋଏନ ଗୋଟିଏ ଉଇକେଟ ନେଇଥିଲେ।

“ ନ୍ୟୁଜିଲାଣ୍ଡରେ କ୍ୱାଲିଟି କ୍ରିକେଟ ଖେଳାଳି ସୃଷ୍ଟି କରିବା ପଛରେ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଯଥେଷ୍ଟ ଅବଦାନ ରହିଛି।
–ଗାଭିନ ଲାର୍ସେନ, ନ୍ୟୁଜିଲାଣ୍ଡ ଚୟନକର୍ତ୍ତା



“ ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ମିଡଲ ଅର୍ଡରରେ ସ୍ଥିର ପ୍ରଦର୍ଶନ ଅତ୍ୟନ୍ତ ଜରୁରୀ।
–ସ୍ମୃତି ମନ୍ଧାନା, ଓପନିଂ ବ୍ୟାଟ୍ସୱମ୍ୟାନ



## ସଂକ୍ଷେପରେ

### ପ୍ରମୋଦ ଭଗତଙ୍କୁ ଡବଲ୍ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୫।୨(କ୍ରୀଡ଼ା ପ୍ରତିନିଧି):** ବ୍ରାଜିଲର ସାଓ ପାଓଲୋଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପରେ ଓଡ଼ିଶାର ପ୍ରମୋଦ ଭଗତ୍ ୨ଟି ସ୍ୱର୍ଣ୍ଣ ପଦକ ଜିତି ଦେଶ ତଥା ରାଜ୍ୟ କ୍ରୀଡ଼ା ପାଇଁ ଗୌରବ ଆଣିଛନ୍ତି। ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସରେ ପ୍ରମୋଦ ଏହି ଦୁଇଟି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ସେ ଭାରତର ମନୋଜ ସରକାରଙ୍କୁ ୨୨-୨୦, ୨୩-୨୧ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ସେହିପରି ପୁରୁଷ ଡବଲ୍ସରେ ସେ ଓ ମନୋଜ ସରକାର ଚାଇନା ଯୋଡି ଚେନ ଜିଆଓୟୁ ଓ ଗାଓ ୟୁୟାଙ୍ଗଙ୍କୁ ୨୧-୧୧, ୨୧-୭ରେ ହରାଇ ଟାଇଟଲ ହାସଲ କରିଛନ୍ତି। ଏହି ବିଶ୍ୱସ୍ତରୀୟ ସଫଳତା ପାଇଁ ପ୍ରମୋଦଙ୍କୁ ଅଭିନନ୍ଦନର ଶୁଅ ଛୁଟିଛି।

### ଆଇସିସି ମହିଳା ଟି୨୦ ବିଶ୍ୱକପ୍ ୱାର୍ମଅପ୍‌ରେ ଆଜି ପାକିସ୍ତାନକୁ ଭେଟିବ ଭାରତ

**ବ୍ରିସବେନ୍, ୧୫।୨:** ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଆସନ୍ତା ୨୧ରୁ ଅଷ୍ଟ୍ରେଲିଆରେ ଆରମ୍ଭ ହେବ। ଉଦ୍‌ଘାଟନ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଭାରତ ପରସ୍ପରକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ତେବେ ଟୁର୍ନାମେଣ୍ଟର ମୁଖ୍ୟ ପର୍ଯ୍ୟାୟ ପୂର୍ବରୁ ପ୍ରତ୍ୟେକ ଦଳ ୨ଟି ଲେଖାଏ ୱାର୍ମଅପ୍ ମ୍ୟାଚ୍ ଖେଳିବେ ବୋଲି ଜଣାପଡ଼ିଛି। ଏହିକ୍ରମରେ ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହାର ପ୍ରଥମ ୱାର୍ମଅପ୍ ମ୍ୟାଚ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ରବିବାର ସ୍ଥାନୀୟ ଆଲାନ ବର୍ଡର ଫିଲ୍ଡରେ ସକାଳ ୯ଟା ୩୦ରେ ଏହି ମ୍ୟାଚ୍ ଖେଳାଯିବ। ୱାର୍ମଅପ୍ ମ୍ୟାଚ୍ ଗୁଡ଼ିକ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ନିକଟରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଭାରତକୁ ନେଇ ଅନୁଷ୍ଠିତ ହୋଇଥିବା ଟି୨୦ ତ୍ରି-ରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାରତୀୟ ଦଳ ରନର୍ସଅପ୍ ହୋଇଥିଲା। ଭାରତ ଏହାର ୨ୟ ୱାର୍ମଅପ୍ ମ୍ୟାଚ୍‌ରେ ଆସନ୍ତା ୧୮ରେ ୱେଷ୍ଟଇଣ୍ଡିଜକୁ ଭେଟିବ।

# ରଣଜୀ ଟ୍ରଫି: ଦୁଇ ବର୍ଷ ପରେ କ୍ୱାର୍ଟରରେ ଓଡ଼ିଶା



କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଥିବା ଓଡ଼ିଶା ରଣଜୀ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍।

**କଟକ ଅଫିସ,୧୫।୨**

ରଣଜୀ ଟ୍ରଫିର କ୍ୱାର୍ଟରରେ ପ୍ରବେଶ କରିଛି ଓଡ଼ିଶା ଦଳ। ୨ବର୍ଷର ବ୍ୟବଧାନ ପରେ ରାଜ୍ୟ କ୍ରିକେଟକୁ ଏହି ସଫଳତା ମିଳିଛି। ଗତ ୨୦୧୬-୧୭ ସିଜିନରେ ଓଡ଼ିଶା ଶେଷଥର ନିମନ୍ତେ କ୍ୱାର୍ଟର ଫାଇନାଲ ରାଉଣ୍ଡରେ ଦେଖିବାକୁ ମିଳିଥିଲା। ବାରବାଟୀ ଷ୍ଟାଡିୟମରେ ଝାଡ଼ଖଣ୍ଡ ବିପକ୍ଷରେ ଖେଳାଯାଇଥିବା ଟୁର୍ନାମେଣ୍ଟର ଅନ୍ତିମ ଲିଗ୍ ମ୍ୟାଚ୍ ଡ୍ର ରହିବା ସତ୍ତ୍ୱେ ଓଡ଼ିଶା ଏଲିଟ୍ ଗ୍ରୁପ-ସି' ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ଏହି ଗ୍ରୁପରୁ ଜମ୍ମୁ-କଶ୍ମୀର ସର୍ବାଧିକ ପଏଣ୍ଟ ହାସଲ କରି ଅନ୍ୟତମ ଦଳ ଭାବେ କ୍ୱାର୍ଟର ଖେଳିବାକୁ ଯୋଗ୍ୟତା କରିଛି।

ଦେବାଶିଷ ସାମନ୍ତରାୟଙ୍କ ୧୫୬ରନର ଇନିଂସ ସହାୟତାରେ ଓଡ଼ିଶା ପ୍ରଥମ ଇନିଂସରେ ସମସ୍ତ ଉଇକେଟ ହରାଇ ୪୩୬ରନ କରିଥିଲା । ଜବାବରେ ଝାଡ଼ଖଣ୍ଡ ଶୁକ୍ରବାର ଖେଳର ଷ୍ଟମ୍ପ ଅପସାରଣ ସୁଦ୍ଧା ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରି ୯ ଉଇକେଟ ବିନିମୟରେ ୩୫୫ରନ କରିଥିଲା । ଦଳୀୟ ସ୍କୋରରେ ମାତ୍ର ୧ରନ ଯୋଡ଼ି ହୋଇଥିବା ବେଳେ ଝାଡ଼ଖଣ୍ଡର ଅନ୍ତିମ ଉଇକେଟ ପତନ ଘଟିଥିଲା। ୨୧ରନ କରିଥିବା ଅଜୟ ଯାଦବଙ୍କୁ ସୂର୍ଯ୍ୟକାନ୍ତ ପ୍ରଧାନ କ୍ଲିନ୍ ବୋଲ୍ଡ କରି ଝାଡ଼ଖଣ୍ଡ ଇନିଂସର ପରିସମାପ୍ତି ଘଟାଇଥିଲେ। ପ୍ରଥମ ଇନିଂସରେ ଓଡ଼ିଶା ୮୦ରନର ଅଗ୍ରଣୀ ହାସଲ କରିଥିଲା। ଅନୁରାଗ ଷଡ଼ଙ୍ଗୀ ଆହତ ଥିବା ଯୋଗୁଁ ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି ଶାନ୍ତନୁ ମିଶ୍ରଙ୍କ ସହ ଓଡ଼ିଶାର ଦ୍ୱିତୀୟ ଇନିଂସ ବ୍ୟାଟିଂରେ ଓପନିଂ ଭାର ସମ୍ଭାଳିଥିଲେ। ଶାନ୍ତନୁଙ୍କୁ ୧୪ରନରେ ଝାଡ଼ଖଣ୍ଡର ସଫଳ ମିଡ଼ିୟମ ପେସ୍ ବୋଲର ଆଶିଷ କୁମାର ଏଲ୍‌ବିଡବ୍ଲ୍ୟୁ କରିଥିଲେ। ଦ୍ୱିତୀୟ ଉଇକେଟରେ ଅଧିନାୟକ ଶୁଭ୍ରାଂଶୁ ଓ ଦେବାଶିଷ ସାମନ୍ତରାୟ ୧୫୫ରନ ସଂଗ୍ରହ କରିଥିଲେ, ତେବେ ଚଳିତ ସିଜିନରେ ଏଯାବତ୍ ଆଖିଦୃଶିଆ ପ୍ରଦର୍ଶନ କରି ପାରି ନ ଥିବା ଶୁଭ୍ରାଂଶୁ ଏଠାରେ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟରର ୫ମ ଶତକ ହାସଲ କରିଥିଲେ । ୧୫୭ବଲ ସମ୍ମୁଖୀନ ହୋଇ ୧୪ଟି ଚୌକା ଓ ଗୋଟିଏ ଛକା ବଳରେ ଶୁଭ୍ରାଂଶୁ ଅପରାଜିତ ଶତକୀୟ ଇନିଂସ ଖେଳିଛନ୍ତି। ଦେବାଶିଷ ୧୧୮ବଲରୁ ୬୪ରନରେ ଅପରାଜିତ ଥିଲେ। ଗୋଟିଏ ଉଇକେଟ ହରାଇ ଓଡ଼ିଶା ୧୮୭ରନ କରିଥିବା ବେଳେ ଇନିଂସ ଘୋଷଣା କରିଥିଲା। ମ୍ୟାଚ୍ ଡ୍ର ଅଭିମୁଖେ ଗତି କରୁଥିବାରୁ ଉଭୟ ଦଳର ଅଧିନାୟକଙ୍କ ସହମତିରେ ମ୍ୟାଚ୍‌କୁ ବନ୍ଦ ରଖାଯାଇଥିଲା।

### ଚଳିତ ସିଜନରେ ଓଡ଼ିଶାର ପ୍ରଦର୍ଶନ

- ଛତିଶଗଡ଼ ବିପକ୍ଷରେ ଇନିଂସ ଓ ୩ ରନରେ ବିଜୟୀ।
- ସର୍ଭିସେସ୍ ବିପକ୍ଷରେ ଇନିଂସ ଓ ୩୧ ରନରେ ବିଜୟୀ।
- ଉତ୍ତରାଖଣ୍ଡ ବିପକ୍ଷରେ ୧୦ ଉଇକେଟ୍‌ରେ ବିଜୟୀ।
- ପ୍ରଥମ ଇନିଂସ ପଛୁଆ ଭିତ୍ତିରେ ତ୍ରିପୁରା ବିପକ୍ଷରେ ଡ୍ର।
- ହରିୟାଣା ବିପକ୍ଷରେ ୧ ଉଇକେଟ୍‌ରେ ବିଜୟୀ।
- ଜମ୍ମୁ ଓ କଶ୍ମୀରଠାରୁ ୪ ଉଇକେଟ୍‌ରେ ପରାସ୍ତ।
- ଆସାମ ବିପକ୍ଷରେ ଇନିଂସ ଓ ୩ ରନରେ ବିଜୟୀ।
- ମହାରାଷ୍ଟ୍ରଠାରୁ ୧୦ ଉଇକେଟ୍‌ରେ ପରାସ୍ତ।
- ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଝାଡ଼ଖଣ୍ଡ ବିପକ୍ଷରେ ଡ୍ର।

### କ୍ୱାର୍ଟର ଫାଇନାଲ କାର୍ଯ୍ୟସୂଚୀ

**ପ୍ରଥମ କ୍ୱାର୍ଟର:** ଗୁଜରାଟ ବନାମ ଗୋଆ
ସ୍ଥାନ: ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଷ୍ଟାଡିୟମ, ଭାଲ୍‌ସାଜ।
**ଦ୍ୱିତୀୟ କ୍ୱାର୍ଟର:** ଓଡ଼ିଶା ବନାମ ବେଙ୍ଗଲ
ସ୍ଥାନ: ଡ୍ରିମ୍ସ, କଟକ।
**ତୃତୀୟ କ୍ୱାର୍ଟର:** କର୍ଣ୍ଣାଟକ ବନାମ ଜମ୍ମୁ କଶ୍ମୀର
ସ୍ଥାନ: ଗାନ୍ଧୀ ମେମୋରିଆଲ ସାଇନ୍ସ କଲେଜ ଗ୍ରାଉଣ୍ଡ, ଜମ୍ମୁ।
**ଚତୁର୍ଥ କ୍ୱାର୍ଟର:** ସୌରାଷ୍ଟ୍ର ବନାମ ଆନ୍ଧ୍ର
ସ୍ଥାନ: ସିଏସ୍‌ଆର୍ ଶର୍ମା କଲେଜ ଗ୍ରାଉଣ୍ଡ, ଓନ୍‌ଗୋଲେ।
(ସମସ୍ତ ମ୍ୟାଚ୍ ଫେବୃୟାରୁ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ)

### ଡ୍ରିମ୍ସରେ କ୍ୱାର୍ଟର ମୁକାବିଲା

ଆସନ୍ତା ୨୦ରୁ ଚଳିତ ରଣଜୀ ଟ୍ରଫିର କ୍ୱାର୍ଟର ଫାଇନାଲ ରାଉଣ୍ଡ ଆରମ୍ଭ ହେବ। ଏଲିଟ୍‌ଗ୍ରୁପ-ଏ ଆଣ୍ଡ ବି'ରେ ଦ୍ୱିତୀୟ ସ୍ଥାନରେ ରହିଥିବା ଶକ୍ତିଶାଳୀ ବେଙ୍ଗଲ ଦଳକୁ କ୍ୱାର୍ଟରରେ ଭେଟିବ ଓଡ଼ିଶା। ଟାଙ୍ଗୀ ସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ।

### ଓସିଏ ପକ୍ଷରୁ ଆର୍ଥିକ ପୁରସ୍କାର

ରାଜ୍ୟ ରଣଜୀ ଦଳର ଏହି ସଫଳତା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଆର୍ଥିକ ପୁରସ୍କାର ରାଶି ଘୋଷଣା କରିଛନ୍ତି ସମ୍ପାଦକ ସଞ୍ଜୟ ବେହେରା। ଦଳର ପ୍ରତ୍ୟେକ ଖେଳାଳି, କୋଚ୍ ଓ ସହକାରୀ ଷ୍ଟାଫ୍‌ଙ୍କୁ ୫୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ।

### କ୍ୱାର୍ଟର ଖେଳିବେନି ରାଜେଶ

ଦଳର ସଫଳପୂର୍ଣ୍ଣ ପେସ୍ ବୋଲର ରାଜେଶ ମହାନ୍ତି ଦଳରୁ ବାଦ୍ ପଡ଼ିଛନ୍ତି। ଗତ ମହାରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ବୋଲିଂ କରୁଥିବା ବେଳେ ସେ ଆହତ ହୋଇଥିଲେ। ଏବେ ଯାଏଁ ସେ ଫିଟ୍ ହୋଇ ନଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ଆସନ୍ତା କ୍ୱାର୍ଟର ମୁକାବିଲାରେ ଏହି ତାରକା ପେସ୍ ବୋଲରଙ୍କ ଅନୁପସ୍ଥିତି ଓଡ଼ିଶା ଅନୁଭବ କରିବ।

### 'ଫାଇନାଲ୍ ଆମ ଲକ୍ଷ୍ୟ'

ଚଳିତ ସିଜିନରେ ଆମେ ଭଲ ପ୍ରଦର୍ଶନ କରିବୁ ବୋଲି ଆଶା ଥିଲା ଓ ଏହା ପୂରଣ ହୋଇଛି। ଦଳଗତ ପ୍ରଦର୍ଶନ ଭଲ ରହିଛି। ବୋଲରମାନେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଏବେ ଫାଇନାଲ ଆମ ଲକ୍ଷ୍ୟ। କ୍ୱାର୍ଟରରେ ପ୍ରବେଶ କରିବା ପରେ ପ୍ରତ୍ୟେକ ଖେଳାଳିଙ୍କ ମନୋବଳ ଅଧିକ ଶକ୍ତ ହୋଇଛି।
–ଶୁଭ୍ରାଂଶୁ ଶେଖର ସେନାପତି, ଅଧିନାୟକ

### 'ପ୍ରତ୍ୟେକ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି'



ଲିଗ୍ ପର୍ଯ୍ୟାୟରେ ଦଳର ଉତ୍‌ଥାନ ପତନ ଦେଖିବାକୁ ମିଳିଲା। କିଛି ମ୍ୟାଚ୍‌ରେ ପରାଜୟ ହେବା ସତ୍ତ୍ୱେ ଦଳର ପ୍ରଦର୍ଶନ ଅତ୍ୟନ୍ତ ଖରାପ ଦେଖିବାକୁ ମିଳିନି। ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ଖେଳାଳି ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଅଧିନାୟକ ଶୁଭ୍ରାଂଶୁ ଫାଇନାଲ ମ୍ୟାଚ୍‌ରେ ଶତକ ହାସଲ କରିବା ପରେ ଦଳର ବ୍ୟାଟିଂ ଲାଇନଅପ ଦୃଢ଼ ହୋଇଛି ବୋଲି ମୁଁ ଭାବୁଛି। କ୍ୱାର୍ଟର ଫାଇନାଲକୁ ନେଇ ଆମେ ପ୍ରସ୍ତୁତ ଅଛୁ।
–ରଶ୍ମିରଞ୍ଜନ ପରିଡ଼ା, କୋଚ୍

## ଆଫ୍ରିଦୀଙ୍କ ପଞ୍ଚମ କନ୍ୟା ସନ୍ତାନ



**ଇସଲାମାବାଦ,୧୫।୨**

ପାକିସ୍ତାନର ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦୀଙ୍କ ଘର ପଞ୍ଚମ ଥର ବାପା ହେବାର ସୁଃଖ ପାଇଛନ୍ତି। ଏ ନେଇ ସେ ନିଜେ ସୂଚନା ଦେଇଛନ୍ତି। ପଞ୍ଚମ କନ୍ୟାର ବାପା ହୋଇଥିବାରୁ ସେ ନିଜକୁ ଭାଗ୍ୟବାନ ବୋଲି ମନେ କରୁଛନ୍ତି। ଟୁଇଟ୍‌ରେ ଶେୟାର କରିଥିବା ଫଟୋ ଆଫ୍ରିଦୀ ଜଣେ ଶିଶୁ କନ୍ୟାଙ୍କୁ ହାତରେ ଧରିଥିବାବେଳେ ସ୍ତ୍ରୀ ନାଦିଆ ପାଖରେ ଛିଡ଼ା ହୋଇଛନ୍ତି। ଅନ୍ୟ ୪ ଝିଅ ଅକ୍‌ସା, ଅଂଶା, ଅଜୱା ଓ ଅସମାରା ମଧ୍ୟ ଫଟୋରେ ଅଛନ୍ତି। ଏହି ଫଟୋ ସୋସିଆଲ ମିଡିଆରେ ବହୁ ପ୍ରଶଂସକ ଶୁଭେଚ୍ଛା ଜଣାଇଥିବାବେଳେ କିଛି ସମାଲୋଚନା କରିଛନ୍ତି।

## ସେମିରେ ହାରିଲା ଭାରତ

**ମାନିଲା (ଫିଲିପାଇନ୍ସ), ୧୫।୨ (ପି.ଟି.)**

ଭାରତୀୟ ପୁରୁଷ ଦଳ ଏଠାରେ ଚାଲିଥିବା ଏସିଆନ ଟିମ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ସେମିଫାଇନାଲରୁ ବିଦାୟ ନେଇଛି। ଦଳ ୨-୩ରେ ଦୁଇଥର ଚାମ୍ପିୟନ ଇଣ୍ଡୋନେସିଆଠାରୁ ପରାସ୍ତ ହୋଇଛି। ତେବେ ଏସିଆନ ଗେମ୍ସ ଚାମ୍ପିୟନ ଜୋନାଟାନ କ୍ରିଷ୍ଟିଙ୍କ ବିପକ୍ଷରେ ଲକ୍ଷ୍ୟ ସେନ୍ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ସିଙ୍ଗଲ୍ସରେ ବିଶ୍ୱର ୩୧ନମ୍ବର ମାନ୍ୟତାପ୍ରାପ୍ତ ଲକ୍ଷ୍ୟ ବିଶ୍ୱର ୭ ନମ୍ବର ଖେଳାଳି ଜୋନାଟାନଙ୍କୁ ୨୧-୧୮, ୨୨-୨୦ରେ ହରାଇ ଦେଇଥିଲେ। ଆନ୍ଥୋନୀ ଜିନ୍‌ଟିଙ୍ଗଙ୍କ ବିପକ୍ଷ ପ୍ରଥମ ସିଙ୍ଗଲ୍ସର ଓପନିଂ ଗେମ୍‌ରେ ୬-୨୧ରେ ପଛୁଆ ଥିବା ଅବସ୍ଥାରେ ବି. ସାଇ ପ୍ରଣୀଥ ମ୍ୟାଚରୁ ଓହରି ଯାଇଥିଲେ। ଡବଲ୍ସ ଯୋଡ଼ି ଏମ୍. ଆର୍. ଅର୍ଜ୍ଜୁନ ଏବଂ ଧ୍ରୁବ କାପିଲା ଲଢୁଆ ପ୍ରଦର୍ଶନ କରି ତିନିଥର ବିଶ୍ୱ ଚାମ୍ପିୟନ ତଥା ଦ୍ୱିତୀୟ ର୍‍ୟାଙ୍କିଙ୍ଗପ୍ରାପ୍ତ ମହମ୍ମଦ ଅହସାନ ଏବଂ ହେଣ୍ଡ୍ରା ସେଟିୱାନ ଯୋଡ଼ିଙ୍କଠାରୁ ୧୦-୨୧, ୨୧-୧୪, ୨୧-୨୩ରେ ପରାଜିତ ହୋଇଥିଲେ। ଏହାଦ୍ୱାରା ଇଣ୍ଡୋନେସିଆ ୨-୧ରେ ଅଗ୍ରଣୀ ଲାଭ କରିନେଇଥିଲା। ପରେ ତୃତୀୟ ସିଙ୍ଗଲ୍ସରେ ୨୦୧୮ ସାରଲରଲକ୍ସ ଓପନ ଚାମ୍ପିୟନ ଶୁଭଙ୍କର ଦେ ବିଶ୍ୱର ୨୦ ନମ୍ବର ଖେଳାଳି ଶେସାର ହିରେନ୍ ରୁସ୍ତାଭିଟୋଙ୍କ ବିପକ୍ଷରେ ୨୧-୧୭, ୨୧-୧୫ରେ ଚମକପ୍ରଦ ବିଜୟ ହାସଲ କରିବା ଦ୍ୱାରା ଭାରତ ପୁଣି ମୁକାବିଲାକୁ ୨-୨ ସ୍ତରକୁ ନେଇଆସିଥିଲା। ମାତ୍ର ନିର୍ଣ୍ଣାୟକ ଡବଲ୍ସରେ ଚିରାଗ ଶେଟ୍ଟି ଏବଂ ଲକ୍ଷ୍ୟ ବିଶ୍ୱର ନମ୍ବର ୱାନ ଯୋଡ଼ି ମାର୍କସ ଫର୍ନାଲ୍‌ଡି ଜିଡିଅନ ଏବଂ କେଭିନ୍ ସଞ୍ଜୟ ସୁକାମୁଲ୍‌ଜୋ ଯୋଡ଼ିଙ୍କ ଉଚିତ ମୁକାବିଲା କରି ନ ପାରି ମାତ୍ର ୨୪ ମିନିଟ୍‌ରେ ୨୧-୬, ୨୧-୧୩ରେ ହାରିଯାଇଥିଲେ। ସେମିଫାଇନାଲରେ ହାରି ଭାରତ ଏହି ପ୍ରତିଯୋଗିତାରେ ଦ୍ୱିତୀୟ ଥର ପାଇଁ ବ୍ରୋଞ୍ଜ ହାସଲ କରିପାରିଛି।

## ଚିନାପ୍ପା, ଘୋଷାଲ ଚାମ୍ପିୟନ

**ଚେନ୍ନାଇ, ୧୫।୨ (ପି.ଟି.)**




ଟ୍ରଫି ସହ ସୌରଭ ଘୋଷାଲ ଓ ଜ୍ୟୋତ୍ସ୍ନା ଚିନାପ୍ପା।

ଜ୍ୟୋତ୍ସ୍ନା ଚିନାପ୍ପା ଓ ସୌରଭ ଘୋଷାଲ ଯଥାକ୍ରମେ ଜାତୀୟ ସିନିୟର ସ୍କ୍ୱାଶ୍ ଚାମ୍ପିୟନଶିପ୍ ମହିଳା ଓ ପୁରୁଷ ଟାଇଟଲ ହାସଲ କରିଛନ୍ତି। ସ୍ଥାନୀୟ ଆଇଏସଏ କୋର୍ଟଠାରେ ଅନୁଷ୍ଠିତ ୭୭ତମ ଜାତୀୟ ସିନିୟର ଚାମ୍ପିୟନଶିପ୍‌ରେ ଚିନାପ୍ପା ଓ ଘୋଷାଲ ଯଥାକ୍ରମେ ସେମାନଙ୍କର ୧୮ତମ ଏବଂ ୧୩ତମ ଟାଇଟଲ ବିଜୟୀ ହୋଇଛନ୍ତି। ଭାରତୀୟ ମହିଳା ସ୍କ୍ୱାଶରେ ଚିନାପ୍ପା ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଖେଳାଳି। ଫାଇନାଲରେ ସେ ତନ୍‌ଭି ଖାନ୍ନାଙ୍କୁ ୮-୧୧, ୧୧-୬, ୧୧-୪, ୧୧-୭ରେ ହରାଇ ଦେଇଥିଲେ। ଗତବର୍ଷ ପୁଣେଠାରେ ଟାଇଟଲ ଜିତି ଭୁବନେଶ୍ୱରୀ କୁମାରଙ୍କ ରେକର୍ଡକୁ ଭଙ୍ଗ କରିଦେଇଥିଲେ। ଭୁବନେଶ୍ୱରୀ ୧୬ଥର ଜାତୀୟ ଚାମ୍ପିୟନ ହୋଇ ପାରିଥିଲେ। ଚିନ୍ନାପା ୨୦୦୦ରେ ପ୍ରଥମ ଜାତୀୟ ଟାଇଟଲ ହାସଲ କରିଥିଲେ। ଏହାପରଠାରୁ ସେ ମାତ୍ର ଦୁଇଟି ମ୍ୟାଚରେ ପରାଜିତ ହୋଇଛନ୍ତି, ତାହା ପୁଣି ଫାଇନାଲରେ। ସେହିପରି ପୁରୁଷ ବିଭାଗରେ ଘୋଷାଲ ତାଙ୍କ ପ୍ରାଧାନ୍ୟ ଅବ୍ୟାହତ ରଖିଛନ୍ତି। ଫାଇନାଲରେ ସେ ଯୁବ ଖେଳାଳି ଦ୍ୱିତୀୟ ସିଡ୍ ଅଭିଷେକ ପ୍ରଧାନଙ୍କୁ ୧୧-୬, ୧୧-୫, ୧୧-୬ରେ ହରାଇ ଦେଇଥିଲେ। ଟାଇଟଲ ମୁକାବିଲାରେ ଅଭିଜ୍ଞତାସମ୍ପନ୍ନ ନମ୍ବର ୱାନ ଖେଳାଳି ଘୋଷାଲ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ କୌଣସି ସୁଯୋଗ ନ ଦେଇ ବିଜୟ ହାସଲ କରିଥିଲେ।

## ସ୍ୱର୍ଣ୍ଣ ହରାଇବେ ଉସ୍ତ୍ୟୁଗୋଭ୍

**ମସ୍କୋ, ୧୫।୨ (ଏଏଫ୍‌ପି):** ଡୋପ୍ ଟେଷ୍ଟରେ ବିଫଳ ହେବା ପରେ ରୁଷୀୟ ବାଇଥଲେଟ୍ ଏଭଜେନି ଉସ୍ତ୍ୟୁଗୋଭ ସସ୍‌ପେଣ୍ଡ ହୋଇଛନ୍ତି। ଫଳରେ ୨୦୧୪ ୱିଣ୍ଟର ଅଲିମ୍ପିକ ରିଲେରେ ସେ ଯେଉଁ ପଦକ ପାଇଥିଲେ ତାହା ପ୍ରତ୍ୟାହାର କରିନିଆଯିବ। ଇଣ୍ଟରନ୍ୟାଶନାଲ ବାଇଥ୍ଲନ ୟୁନିୟମ (ଆଇବିୟୁ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ୩୪ ବର୍ଷୀୟ ଏହି ଆଥଲେଟ ଆହୁରି ମଧ୍ୟ ଭାଙ୍କୋଭରଠାରେ ୨୦୧୦ ଅଲିମ୍ପିକ ୧୫ କିମି ମାସ୍ ଷ୍ଟାର୍ଟ ଟାଇଟଲ ଜିତିଥିଲେ। ୬ ବର୍ଷ ପୂର୍ବେ ସୋଚି ୱିଣ୍ଟର ଗେମ୍ସ ପରେ ସେ ଅବସର ନେଇଥିଲେ। ୨୦୧୪ରେ ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରେ ଏକ ପ୍ରକାର ଷ୍ଟେରଏଡ୍ ଠାବ କରାଯାଇଥିଲା। ଫଳତଃ ୨୦୧୩-୧୪ ସିଜନରେ ତାଙ୍କର ସମସ୍ତ ଫଳାଫଳରୁ ରଦ୍ଦ କରାଯାଇଛି। ଆଇବିୟୁ ଆହୁରି ମଧ୍ୟ ସ୍ୱେତଲାନା ସ୍ଲେପ୍ଟସୋଭାଙ୍କ ୨୦୧୩-୧୪ ଫଳାଫଳକୁ ଅବୈଧ ଘୋଷଣା କରିଛି। ଏହି ଆଥଲେଟ ଜଣକ ଅନ୍ୟ ଏକ ଷ୍ଟେରଏଡ୍ ଓଷ୍ଟାରିନ୍ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ମସ୍କୋ ଡୋପ୍ ଟେଷ୍ଟ ଲାବରେଟୋରିରେ କେତେକ ଡାଟା ଟ୍ୟାମ୍ପରିଂ ହୋଇଥିବା ଅଭିଯୋଗକୁ ନେଇ ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ରୁଷିଆକୁ ୨୦୨୦ ଅଲିମ୍ପିକ୍ସରୁ ବାସନ୍ଦ କରିଛି।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ନାରାୟଣ ସାହୁ
ଗ୍ରାମ: ରାଜନଗର, ଆଠଗଡ, କଟକ
ତିରୋଧାନ: ୨୬।୦୨।୨୦୧୯
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ସତ୍ୟନିଷ୍ଠା ଓ ପରୋପକାରିତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ବନ୍ଧୁ ପରିବାରବର୍ଗ ।
ଧ-୬୩୨୨୫

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଲୋଭବତୀ ନାୟକ
ଆବିର୍ଭାବ: ୧୯୪୫
ତିରୋଧାନ: ୦୬।୦୨।୨୦୨୦
ଆପଣଙ୍କ ଭଲପାଇବା, ସ୍ନେହ, ଶ୍ରଦ୍ଧା ଆମପାଇଁ ସବୁଦିନ ଆଦର୍ଶ ହୋଇ ରହିଥାଉ। ଆଜି ଏକାଦଶାହରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଦେଇ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ:
ସ୍ୱାମୀ, ଦିଅର, ଯା, ପୁଅ, ବୋହୂ, ଝିଅ, ଜ୍ୱାଇଁ, ପୁତୁରା, ପୁତୁରା ବୋହୂ, ଭଣଜା, ଭାଣିଜୀ, ଭଣଜା ବୋହୂ, ନାତି, ନାତୁଣୀ, ନାତୁଣୀ ବୋହୂ, ବନ୍ଧୁ ଓ ପରିବାରବର୍ଗ ।
ସୌଜନ୍ୟ- ଓଡ଼ିଶା ସମବାୟ ସମିତି କର୍ମଚାରୀ ସଂଘ
ଧ-୧୪୫୬୫

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ମୁରଲୀଧର ବେହୁରା
ଇ-୭, ବି.ଜେ.ବି ନଗର, ଭୁବନେଶ୍ୱର
ତିରୋଧାନ:ତା. ୨୧।୦୨।୨୦୦୬ରିଖ
"ପୁଣ୍ୟତୋୟା"
ସମୟର ସୁଅରେ ଇତିମଧ୍ୟରେ ଚଉଦ ବର୍ଷ ବିତିଗଲାଣି। ଏବେ ମଧ୍ୟ ଆପଣଙ୍କ ଉପସ୍ଥିତି ଆମେ ଅନୁଭବ କରିପାରୁଛୁ। ଆପଣଙ୍କର ସ୍ମୃତି ଅମଳିନ। ଆପଣଙ୍କର ଆଶୀର୍ବାଦ ଆମର କାମ୍ୟ, ପାଥେୟ।
-:ଚରଣାଶ୍ରିତ:-
କନ୍ୟା, ପୁତ୍ର ଏବଂ ପରିବାରବର୍ଗ ।
ଧ-୧୬୬୬୫

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ପ୍ରଭାତୀ ମହଲା
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ୧୯।୦୯।୧୯୬୯
ତିରୋଧାନ: ୦୬।୦୨।୨୦୨୦
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣୀ ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନଃ ଶୋଷୟତି ମାରୁତଃ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପାର୍ଥନା।
-:ଶ୍ରଦ୍ଧାଞ୍ଜଳି ସହ:-
ଆତ୍ମୀୟସ୍ୱଜନ ଓ ଧରିତ୍ରୀ ପରିବାରବର୍ଗ
ଧ-୧୬୭୪୭

**ଦ୍ୱାଦଶାହ ଉପଲକ୍ଷେ**



ଁକାଞ୍ଚନବାଳା ଦାଶ
ସ୍ୱାମୀ-ପ୍ରଫୁଲ୍ଲ କୁମାର ଦାଶ
ପୂର୍ବତନ ରେଲ ଶ୍ରମିକ ନେତା
କୁଦିଆରୀ, ଜଟଣୀ
ଆବିର୍ଭାବ : ୦୪.୧୦.୧୯୪୦
ତିରୋଧାନ : ୦୫.୦୨.୨୦୨୦
ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଅଟଳେ ଆମ ଜୀବନର ଚଲାପଥରେ ପାଥେୟ ହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାର - ସ୍ୱାମୀ- ପ୍ରଫୁଲ୍ଲ, ପୁତ୍ର- ମୁନା, ବୁନା, ଝିଅ-ମିନି,କୁନି,ପନି, ଯାଆ- ଗୋଲାପ, ଟିକିନା, ବୋହୂ-ବେବି, ଝୁନି, ଜ୍ୱାଇଁ- ବିଷ୍ଣୁ, କେଦାର, କାଶୀ, ରଫି, ପୁତୁରା-ରୁନା, ଟୁନା, ଲୁନା, ଜିନା, ସମସ୍ତ ଝିଆରି, ପୁତୁରାବୋହୂ, ନାତିନାତୁଣୀମାନେ
ଧ-୧୬୭୪୮

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ସଂକ୍ଷେପରେ

### ଡକାୟତି: ଫେରାର ଅଭିଯୁକ୍ତା ଗିରଫ

ଅନୁଗୋଳ ଅଫିସ୍, ୧୫।୨- ଅନୁଗୋଳ ଏଫ୍‌ସିଆଇ ରାସ୍ତାରେ ଦଳବଦ୍ଧ ଆକ୍ରମଣ କରି ଅନୁଗୋଳ ସହରର ଅକ୍ଷୟ କୁମାର ଦାସଙ୍କଠାରୁ ସଶସ୍ତ୍ର ଡକାୟତି ଘଟଣାରେ ଫେରାର ଥିବା ଜଣେ ମହିଳା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ତାଳଚେର ଥାନା କଣ୍ଡାଳ ଅଞ୍ଚଳର ଶୋଭା ନାଏକ(୨୯)। ଅନୁଗୋଳ ବସ୍‌ଷ୍ଟାଣ୍ଡରୁ ପୋଲିସ ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମାଝି ତାଙ୍କୁ ଗିରଫ କରିଛନ୍ତି। ପୂର୍ବରୁ ଏହି ଘଟଣାରେ ୬ ଜଣ ଗିରଫ ହୋଇଥିଲେ। ସୂଚନାଯୋଗ୍ୟ, ୨୦୧୮ରେ ଅନୁଗୋଳର ଏଫସିଆଇ-କୁରୁଡୁଳ ରାସ୍ତାରେ ଅମଲାପଡ଼ାର ଅକ୍ଷୟ ଅନୁଗୋଳକୁ ଆସୁଥିବାବେଳେ ବିଳମ୍ବିତ ରାତିରେ ଏହି ଡକାୟତି ଗ୍ୟାଙ୍ଗ ତାଙ୍କୁ ଅଟକାଇ ମାଡ଼ ମାରିବା ସହ ଲୁଟପାଟ କରିଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା କରି ସୁଷମା ନାଏକ, କାହ୍ନା ନାଏକ, ବିଲୁ ଖାଁ, ସୁନୀଲ ନାଏକ, ଦୁଃଖବନ୍ଧୁ ନାଏକ ଓ ଅଜିତ୍ ନାଏକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

### ନାବାଳିକାଙ୍କୁ ଅସଦବ୍ୟବହାର, ଅଭିଯୁକ୍ତ ଗିରଫ

ଅନୁଗୋଳ ଅଫିସ୍, ୧୫।୨- ଜଣେ ନାବାଳିକାଙ୍କୁ ଅସଦବ୍ୟବହାର କରିବା ଅଭିଯୋଗରେ ଅନୁଗୋଳ ଥାନା ପୋଲିସ ଅନିଲ ବେହେରା(୨୩)ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏ ନେଇ ନଂ. ୧୩୪/୨୦ରେ ଏକ ମାମଲା ରୁଜୁ ହୋଇଛି। ଅନିଲ ସମ୍ପୃକ୍ତା ନାବାଳିକାଙ୍କୁ ପ୍ରେମ ନିବେଦନ ସହ ଅସଦବ୍ୟବହାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅନୁଗୋଳ ଏସ୍‌ଆଇ ସ୍ୱର୍ଣ୍ଣମୟୀ ଷଣ୍ଢ ଅନିଲଙ୍କୁ ଗିରଫ କରିବା ସହ ପୋକ୍ସୋ ମାମଲାରେ କୋର୍ଟଚାଲାଣ କରିଛନ୍ତି।

# ନୋଡାଲ ସେଣ୍ଟରରେ ପହଞ୍ଚିଲା ପ୍ରଶ୍ନପତ୍ର



ବୈଠକରେ ଜିଲା ଶିକ୍ଷା ଅଧିକାରୀ ଓ ଅନ୍ୟମାନେ।

## ୧୯ରୁ ମାଟ୍ରିକ ପରୀକ୍ଷା

ଅନୁଗୋଳ ଅଫିସ୍, ୧୫।୨

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବ। ଅନୁଗୋଳ ଜିଲାରେ ଏହି ପରୀକ୍ଷାର ସୁପରିଚାଳନା ପାଇଁ ଶନିବାର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପରୀକ୍ଷା ତଥା ମୂଲ୍ୟାୟନ ବ୍ୟବସ୍ଥାରେ କିଛିଟା ପରିବର୍ତ୍ତନ କରାଯାଇଛି। ଓଏମ୍‌ଆର୍ ବଦଳରେ ଅବଜେକ୍ଟିଭ୍ ବୁକ୍‌ଲେଟ୍‌ର ବ୍ୟବସ୍ଥା କରାଯାଇଛି। ଜିଲା ଶିକ୍ଷା ଅଧିକାରୀ କଳ୍ପନା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା, ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମଧୁସ୍ମିତା ନନ୍ଦ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିଳ୍ପୀ ଦେଙ୍କ ସହ ୮୫ଟି ବିଦ୍ୟାଳୟରେ ହୋଇଥିବା ସେଣ୍ଟରର ସୁପରିଣ୍ଟେଣ୍ଡେଣ୍ଟମାନେ ଉପସ୍ଥିତ ଥିଲେ।

ମାଟ୍ରିକ୍ ପରୀକ୍ଷା ପାଇଁ ନୋଡାଲ ସେଣ୍ଟରଗୁଡ଼ିକରେ ପ୍ରଶ୍ନପତ୍ର ପହଞ୍ଚିବା ପରେ କଡ଼ା ସୁରକ୍ଷା ମଧ୍ୟରେ ତାହାକୁ ରଖାଯାଇଛି। ସେଣ୍ଟର ବାହାରେ ପୋଲିସ ମୁତୟନ କରାଯାଇଛି। ବୋର୍ଡ ନିର୍ଦ୍ଦେଶ ଅନୁଯାୟୀ ୧୬ଟି ଡେସ୍‌ପାଚ୍ ଟିମ୍ ଦ୍ୱାରା ପରୀକ୍ଷା ଦିନ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି। ଜିଲାରେ ୮ଟି ବ୍ଲକରେ ୮ଟି ନୋଡାଲ କେନ୍ଦ୍ର କରାଯାଇଛି। ଅନ୍ୟପକ୍ଷରେ ପରୀକ୍ଷାକୁ କିପରି ସୁପରିଚାଳନା କରାଯିବ ସେ ନେଇ ଶନିବାର ବୈଠକରେ ଆଲୋଚନା କରାଯାଇଥିଲା। ପରୀକ୍ଷା ଆରମ୍ଭଠାରୁ ମୂଲ୍ୟାୟନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ବିବରଣୀ ସମ୍ପର୍କରେ ଜିଲାରେ ହୋଇଥିବା ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟମାନଙ୍କୁ ଅବଗତ କରାଯାଇଥିଲା। ଏପରି କି ପରୀକ୍ଷା କେନ୍ଦ୍ରଗୁଡ଼ିକର ସୁରକ୍ଷା, ଦିବ୍ୟାଙ୍ଗମାନଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା, ପାନୀୟ ଜଳ, ବାଳିକା, ବାଳକମାନଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା, ଫାଷ୍ଟଏଡ, ଉତ୍ତମ ଆଲୋକ ବ୍ୟବସ୍ଥା ତଥା ପିଲାମାନଙ୍କ ପରୀକ୍ଷା ପାଇଁ ସମସ୍ତ ଅନୁକୂଳ ବାତାବରଣ ପ୍ରତି ଯତ୍ନବାନ ହେବାକୁ ଜିଲା ଶିକ୍ଷା ଅଧିକାରୀ ବେହେରା ସୁପରିଣ୍ଟେଣ୍ଡେଣ୍ଟମାନଙ୍କୁ ଅବଗତ କରିଥିଲେ। ପରୀକ୍ଷା ସୁପରିଚାଳନା ସମୟରେ ପ୍ରଶ୍ନପତ୍ର ଖୋଲିବା ସମୟରୁ ପରୀକ୍ଷା ଶେଷ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଉପରେ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ପ୍ରଶ୍ନପତ୍ର ଗ୍ରହଣ କରିବା ତଥା ଉତ୍ତର ବୁକ୍‌ଲେଟ୍ ପ୍ୟାକିଂ କରି ଡେସ୍‌ପାଚ ଟିମ୍‌ଙ୍କୁ ଠିକ୍ ସମୟରେ ପ୍ରଦାନ କରିବା ପ୍ରତି ଅଧିକ ଦୃଷ୍ଟି ଦେବାକୁ କୁହାଯାଇଥିଲା। ସ୍ଥାନୀୟ ଲୋକମାନଙ୍କ ଚାପ ପଡ଼ିଲେ ବି କପିକୁ ଆଦୌ ପ୍ରଶୟ ନ ଦେବାକୁ ଜିଲା ଶିକ୍ଷା ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ବୋର୍ଡ ପକ୍ଷରୁ ଜାରି କରାଯାଇଥିବା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଜିଲା ଶିକ୍ଷା ଅଧିକାରୀ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଜିଲାରେ ମୋଟ ୮୫ଟି ପରୀକ୍ଷା କେନ୍ଦ୍ରରେ ୧୭ ହଜାର ୪୯୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରୁ ୧୬,୩୩୨ ଜଣ ରେଗୁଲାର, ୨୮୯ ଜଣ ଏକ୍ସରେଗୁଲାର, ୨୫୪ (ସିସି), ୬୧୧ ଏସ୍‌ସିଏସ୍‌ଟି ଓ ୬ ଜଣ ମଧ୍ୟମାରେ ପରୀକ୍ଷା ଦେବେ।

## ଆକ୍ରମଣ ଅଭିଯୋଗ, ୩ କୋର୍ଟଚାଲାଣ

ଅନୁଗୋଳ ଅଫିସ୍, ୧୫।୨

ଅନୁଗୋଳ ଥାନା ଅନ୍ତର୍ଗତ କୁମଣ୍ଡରେ ଗଣ୍ଡଗୋଳ ଓ ଆକ୍ରମଣ କରିବା ଅଭିଯୋଗରେ ୩ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଆକ୍ରମଣର ଶିକାର ହୋଇଥିବା ତେନ୍ତୋଲୋଇ ଅଞ୍ଚଳର ଧନଞ୍ଜୟ ନାଏକଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୩୫/୨୦ରେ ମାମଲା ରୁଜୁ କରଛି। ଗିରଫ ଅଭିଯୁକ୍ତମାନେ ହେଲେ କୁମଣ୍ଡର ସଞ୍ଜୟ ବେହେରା, ସରୋଜ ବେହେରା ଓ ଯମୁନା ବେହେରା। ଘଟଣାରୁ ଜଣାପଡିଛି, ଯମୁନାଙ୍କୁ ଧନଞ୍ଜୟ ବିବାହ କରିଥିଲେ। ପରେ ଧନଞ୍ଜୟ ବିବାହିତ ଜାଣି ଯମୁନା ତାଙ୍କ ବାପ ଘରକୁ ଚାଲି ଆସିଥିଲେ। ଯମୁନାଙ୍କୁ ନେବା ପାଇଁ ଧନଞ୍ଜୟ ଆସିଥିବାବେଳେ ସମ୍ପୃକ୍ତ ୩ ଜଣ ତାଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା।

## ଲୁଟ୍ ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ୍, ୧୫।୨:** ଅନୁଗୋଳ କୁଇଓ ଜଙ୍ଗଲ ରାସ୍ତାରେ ଗତବର୍ଷ ଘଟିଥିବା ଏକ ଡକାୟତି ଘଟଣାରେ ପୋଲିସ ଶନିବାର କୁଇଓ ଅଞ୍ଚଳର ସୁନୀଲ ସେଠୀ(୨୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ରାଧାରମଣପଡାର ଏମ୍. ଡି. ସାଜିଦଙ୍କୁ ଆକ୍ରମଣ କରି ସୁନୀଲ ତାଙ୍କଠାରୁ ୧୦ ହଜାର ଟଙ୍କା ଲୁଟ୍ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୯୪୦/୧୯ରେ ମାମଲା ରୁଜୁ କରି କରିଥିଲା। ସୁନୀଲ ଅନୁଗୋଳକୁ ଆସିଥିବା ଖବରପାଇ ଏସ୍‌ଆଇ ସତ୍ୟରଞ୍ଜନ ଲେଙ୍କା ତାଙ୍କୁ ଗିରଫ କରିଥିଲେ। ତାଙ୍କଠାରୁ ଲୁଟ୍ ଟଙ୍କା ଓ ମାରଣାସ୍ତ୍ର ଜବତ କରାଯାଇଛି।

# ଜାତୀୟ ସମରକଳାରେ ଅନୁଗୋଳକୁ ୩ ପଦକ



ପଦକ ହାସଲ କରିଥିବା କ୍ରୀଡ଼ାବିତ।

ଅନୁଗୋଳ ଅଫିସ୍, ୧୫।୨

ଚଳିତମାସ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଏକ ଭାରତ ଶ୍ରେଷ୍ଠ ଭାରତ ଜାତୀୟ ସମରକଳା ପ୍ରତିଯୋଗିତା ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଅନୁଗୋଳ ଜିଲାକୁ ୧ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ମିଳିଛି। ଯଦୁନାଥ ସଂସ୍କୃତ ମହାବିଦ୍ୟାଳୟର ଚିତ୍ତରଞ୍ଜନ ମହନ୍ତ ରୌପ୍ୟ ପଦକ ହାସଲ କରିଥିବାବେଳେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ନମିତା ମିଶ୍ର ଓ ଶ୍ରଦ୍ଧାଞ୍ଜଳି ସ୍ୱାଇଁ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗୀମାନେ ରାଜ୍ୟ ସହସମ୍ପାଦକ ଦୁଷ୍ୟନ୍ତ କୁମାର ନାଥଙ୍କ ତତ୍ତ୍ୱାବଧାନରେ ଜିଲା ପାଇଁ ଗୌରବ ଆଣିଛନ୍ତି। ପ୍ରତିଯୋଗୀମାନେ ସଫଳତା ହାସଲ କରିଥିବାରୁ ଅନୁଗୋଳ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଅଷ୍ଟପ୍ରହର ନାମଯଜ୍ଞ

କଣିହାଁ, ୧୫।୨(ଡି.ଏନ.ଏ.)

କଣିହାଁ ବ୍ଲକ ସାନତ୍ରିବିଡା ପଞ୍ଚାୟତ ଧୋବାପାଳ ଗ୍ରାମରେ ୩ ଦିନ ଧରି ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର କଳସ ଯାତ୍ରା, ଶୁକ୍ରବାର ଅହୋରାତ୍ର ନାମଯଜ୍ଞ ହୋଇଥିଲା। ଅନୁଗୋଳ ଜିଲା ଅଞ୍ଚଳର ୧୫ଟି ମହିଳା ନାମ ସଂକୀର୍ତ୍ତନ ମଣ୍ଡଳୀ ସହ ଆଖପାଖ ଅଞ୍ଚଳର ନାମ ଦଳ ଯୋଗ ଦେଇଥିଲେ। ଗ୍ରାମ ପରିଚାଳନା ସଭାପତି ବିଦ୍ୟାଧର ସାହୁ ଓ ତାଙ୍କ ପତ୍ନୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଶନିବାର ନଗର କୀର୍ତ୍ତନ ସହ ହରିହାଟ ବ୍ୟବସ୍ଥା ହୋଇଥିଲା। ଗ୍ରାମ ସମ୍ପାଦକ ବିଦ୍ୟାଧର ସାହୁ, ତାପସ ରଞ୍ଜନ ସାହୁ, ନିର୍ମଳ ସାହୁ ପ୍ରମୁଖ ସହଯୋଗ କରିଥିଲେ।




# ଚୋରା କୋଇଲା ଟ୍ରକ୍ ଜବତ

**ତାଳଚେର,୧୫।୨(ନି.ପ୍ର.):** ତାଳଚେରସ୍ଥିତ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଏମ୍‌ସିଏଲ୍‌ର କୋଲ୍ କରିଡର ରାସ୍ତାରେ ଚଢ଼ାଉ କରାଯାଇ ଦୁଇଟି ଚୋରା କୋଇଲା ବୋଝେଇ ଟ୍ରକ୍ (ନଂ. ଓଆର୦୬ଏଫ-୬୩୩୦, ଓଡି୦୪ଏମ- ୪୫୯୫) ଜବତ କରାଯାଇଛି। ସେଥିରେ ୫୦ ଟନ୍ ଚୋରା କୋଇଲା ଥିଲା। ଏହି କୋଇଲା ଭୁବନେଶ୍ୱରୀ ଖଣି ଭିତରୁ ଆସି ଯାଜପୁର ଯାଉଥିବା ତଦନ୍ତ ବେଳେ ଜଣାପଡିଛି। ଚଢ଼ାଉ ବେଳେ ଦୁଇଟି ଗାଡ଼ିର ଚାଳକ ଓ ହେଲପର ଫେରାର ହୋଇଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ବାରମ୍ବାର ଏସ୍‌ଟିଏଫ୍ ଚଢ଼ାଉ ପରେ ମଧ୍ୟ ତାଳଚେରରେ ଚୋରା କୋଇଲା କାରବାରକୁ ରୋକାଯାଇପାରୁ ନାହିଁ। କେତେଜଣ ଅସାଧୁ ଅଫିସର, ଖଣି କର୍ମଚାରୀ, ସିକ୍ୟୁରିଟି ଗାର୍ଡଙ୍କ ମେଣ୍ଟ ଦ୍ୱାରା ଏହି କାରବାର ବର୍ଷ ବର୍ଷ ଧରି ଅନାୟାସରେ ଚାଲିଥିବା ଆଲୋଚନା ହେଉଛି। ଏହାକୁ ରୋକିବାକୁ ହେଲେ କୋଲ୍ କରିଡର ରାସ୍ତାର ବିଭିନ୍ନ ସ୍ଥାନରେ ଚେକ୍‌ଗେଟ ସ୍ଥାପନ କରାଯିବାକୁ ସାଧାରଣରେ ମତ ପ୍ରକାଶ ପାଉଛି।




## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଖମାର,୧୫।୨-

ପାଲଲହଡା ଉପଖଣ୍ଡ ଖମାର ଥାନା ଭାଲୁକି ନିକଟରେ ଶନିବାର ରାତି ୮ଟାରେ ଏକ ବାଇକ୍ ଭାରସାମ୍ୟ ହରାଇ ଅଟୋକୁ ଧକ୍କା ଦେଇଛି। ଏଥିରେ ବାଇକ୍ ଚାଳକ ଖମାର ଥାନା ଓଡ଼ଶ ଗ୍ରାମର ଗୋଲେଖ ବେହେରା(୩୫)ଙ୍କ ମୃତ୍ୟୁ ହୋଇଛି। ଗୋଲେଖ କୌଣସି କାର୍ଯ୍ୟରେ ଭାଲୁକି ଢାବା ଛକରୁ ଅରକିଲ ରାସ୍ତା ଦେଇ ନିଜ ବାଇକ୍‌ରେ ଯାଉଥିବାବେଳେ ଏକ ଅଟୋକୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଖମାର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପାଲଲହଡା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଗୋଲେଖ କିଛିଦିନ ପୂର୍ବରୁ ପାଲଲହଡା ଉପଖଣ୍ଡରେ ଥିବା ୧୦୮ ଆମ୍ବୁଲାନ୍ସରେ ହେଲପର ଭାବେ କାର୍ଯ୍ୟରତ ଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ